

ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia
RNI No. ODIODI / 2014 / 56157 www.amrutadunia.org

Vol.13, Issue.125, Monday, 24 August 2026, Puri, Pages - 23, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୫, ସୋମବାର, ୨୪ ଅଗଷ୍ଟ ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା



# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol.13, Issue.125, Monday, 24 August 2026, Puri, Pages - 23, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୫, ସୋମବାର, ୨୪ ଅଗଷ୍ଟ ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା





# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନିତ କରିବା ପାଇଁ ଇଚ୍ଛୁକ ଥିଲେ

selfiedunia96@gmail.com

କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



Vol.13, Issue.125, Monday, 24 August 2026, Puri, Pages - 23, Rs. 9/-

ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୫, ସୋମବାର, ୨୪ ଅଗଷ୍ଟ ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା


### ବଙ୍ଗୋପସାଗରରେ ସୃଷ୍ଟିହେଲା ଲଘୁଚାପ

## ପ୍ରବଳ ବର୍ଷିବ, ୫ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

- ନବରଙ୍ଗପୁରରେ ସୋମବାର ସ୍କୁଲ ଛୁଟି
- ଭଦ୍ରକର ୩ ବ୍ଲକରେ ୮୯ ସ୍କୁଲ ବନ୍ଦ



ଭୁବନେଶ୍ୱର(ବ୍ୟୁରୋ)

ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଛି ଗୋଟିଏ ଲଘୁଚାପ କ୍ଷେତ୍ର। ଏଥିଯୋଗୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ହୋଇପାରେ ଭୀଷଣ ବର୍ଷା। ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଆଜି ଓ ଆସନ୍ତାକାଲି ସକାଳ ୮.୩୦ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷାର ଆଶଙ୍କା କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର। ବର୍ଷାକୁ ଦୃଷ୍ଟିରେ ରଖି ସାରା ରାଜ୍ୟକୁ ଆଲର୍ଟ ଜାରି କରାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଭୀଷଣ ବର୍ଷା। ଆଶଙ୍କାରେ ଆସନ୍ତାକାଲି ସକାଳ ୮.୩୦ ଯାଏ ରାଜ୍ୟର ୫ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଅନୁଗୁଳ, ଢେଙ୍କାନାଳ, କଟକ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ପାଇଁ ଏହି ରେଡ ୱାର୍ଣ୍ଣିଂ ଜାରି ହୋଇଛି। ଅର୍ଥାତ ଏହି ଜିଲ୍ଲାଗୁଡ଼ିକରେ ଭୀଷଣରୁ ଅତି ଭୀଷଣ ବର୍ଷା ହୋଇପାରେ। ଏଠାରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ରେକର୍ଡ ହେବାର ଆଶଙ୍କା ରହିଛି। ସେହିପରି ମାଲକାନଗିରି, ରାୟଗଡା, କୋରାପୁଟ, କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଓ ନୟାଗଡରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ଆଶଙ୍କା ଥିବାରୁ ଏହି ସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହାବାଦ ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଗଞ୍ଜାମ ଓ ଗଜପତି ପାଇଁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ବିକ୍ଷିପ୍ତ ବର୍ଷା ହୋଇପାରେ। ୨୪ ତାରିଖ ସକାଳ ୮ଟା ୩୦ରୁ ୨୫ ତାରିଖ ୮.୩୦ ଯାଏ ରାଜ୍ୟର କୌଣସି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇନାହିଁ। କିନ୍ତୁ ପଶ୍ଚିମ ଓଡ଼ିଶାର ଏକାଧିକ ଜିଲ୍ଲାକୁ ଅରେଞ୍ଜ ଆଲର୍ଟରେ ରଖାଯାଇଛି। ବାକି ରାଜ୍ୟର ସମସ୍ତ ଜିଲ୍ଲା ୟେଲୋ ୱାର୍ଣ୍ଣିଂ ମଧ୍ୟରେ ରହିଛନ୍ତି। ୨୫ ତାରିଖ ସକାଳ ୮.୩୦ ପରେ ବର୍ଷାର ପ୍ରକୋପ କମିବ। କିନ୍ତୁ ସୁନ୍ଦରଗଡ଼ ଜିଲ୍ଲାରେ ୨୭ ତାରିଖ ସକାଳ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିପାରେ। ଏପରି ଭାବେ ୩୦ ତାରିଖ ଯାଏ ରାଜ୍ୟର ଅନେକ ସ୍ଥାନରେ ବିକ୍ଷିପ୍ତ ବର୍ଷା ଲାଗି ରହିପାରେ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପଟେ ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ଶନିବାର ଠାରୁ ପ୍ରବଳ ବର୍ଷା ଲାଗି ରହିଛି। ଅନ୍ୟପକ୍ଷରେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ନବରଙ୍ଗପୁର ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ■ ପୃଷ୍ଠା-୧୫

## ଆଣ୍ଟି ବାୟୋଟିକ୍ ଉପରେ ଲାଗିବ ଅଙ୍କୁଶ

- ଖୁବ୍ ଶୀଘ୍ର ଲାଗୁ ହେବାକୁ ଯାଉଛି ଡିଜିଟାଲ ପ୍ରେସ୍କ୍ରିପସନ୍
- 'ଆରୋଗ୍ୟ ସେତୁ ୨.୦'ରେ ଲଞ୍ଚ ହେବ ଏକ ସ୍ୱତନ୍ତ୍ର ଆପ୍
- କେଉଁ ରୋଗୀ କେତେଥର ଆଣ୍ଟି ବାୟୋଟିକ୍ ନେଉଛନ୍ତି ରହିବ ରେକର୍ଡ
- ଅନାବଶ୍ୟକ ଔଷଧ ସେବନରୁ ରୋଗୀଙ୍କୁ ମିଳିବ ସୁରକ୍ଷା



ଭୁବନେଶ୍ୱର(ବ୍ୟୁରୋ)

ଜ୍ୱର, ଥଣ୍ଡା କି ସାମାନ୍ୟ ସଂକ୍ରମଣ। ଅନେକ ସମୟରେ ଡାକ୍ତରଙ୍କ ପରାମର୍ଶରେ ତ କେତେବେଳେ ନିଜ ଇଚ୍ଛାରେ ଲୋକ ନେଇ ଥାଆନ୍ତି ଆଣ୍ଟି ବାୟୋଟିକ୍। ଆଗକୁ ଅନାବଶ୍ୟକ ଆଣ୍ଟି ବାୟୋଟିକ୍ ସେବନରୁ ସାଧାରଣ ରୋଗୀଙ୍କୁ ମିଳିବ ମୁକ୍ତି। ଦେଶ ସହ ରାଜ୍ୟରେ ଖୁବଶୀଘ୍ର ଲାଗୁ ହେବ ଡିଜିଟାଲ ପ୍ରେସ୍ କ୍ରିପସନ୍। ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ ବା ଏବିଡ଼ିଏମରେ 'ଆରୋଗ୍ୟ ସେତୁ ୨.୦'ରେ ଲଞ୍ଚ ହେବ ଏକ ସ୍ୱତନ୍ତ୍ର ଆପ୍। ଯେଉଁଥିରେ ଡାକ୍ତର କେଉଁ ରୋଗୀଙ୍କୁ କେଉଁ ଔଷଧ ଲେଖିଲେ, କେତେ ଦିନ ପାଇଁ ଦେଲେ ତାର ଡିଜିଟାଲ୍ ରେକର୍ଡ ରହିପାରିବ। ବିଶେଷ କରି ଆଣ୍ଟି ବାୟୋଟିକ୍ ପ୍ରେସକ୍ରାଇବ୍ କରାଯାଉଥିଲେ, ରୋଗୀ କେତେ ଥର ନେଇଛନ୍ତି, ସେତଥ୍ୟ ମିଳିପାରିବ। ଯାହାର ଗୋଟିଏ ଉଦ୍ଦେଶ୍ୟ ରହିବ, ଆବଶ୍ୟକତା ଥିଲେ ଆଣ୍ଟିବାୟୋଟିକ୍, ନହେଲେ ନା। ଦେଶରେ ମୋବାଇଲ ସହ ଡିଜିଟାଲ ବ୍ୟବହାର ବଢୁଥିବାରୁ ଏକାସଙ୍ଗେ ଲଞ୍ଚ ହେବ ଡିଜିଟାଲ ପ୍ରେସକ୍ରିପସନ୍। ଯେଉଁଥିରେ ସ୍କାନ ଆଣ୍ଡ ସେୟାର ସୁବିଧା ରହିବ। ଗୋଟିଏ ସ୍କାନରୁ ସବୁ ଜାଣିହେବ। ଫଳରେ ଆବଶ୍ୟକତା ନଥିଲେ ଡାକ୍ତର ରୋଗୀଙ୍କୁ ଆଣ୍ଟିବାୟୋଟିକ୍ ଲେଖିପାରିବେ ନାହିଁ। ସାଧାରଣ ସଂକ୍ରମଣରେ ବି କଡ଼ା ଆଣ୍ଟି ବାୟୋଟିକ୍ ଲେଖାଯାଉଥିବାରୁ ରୋଗୀ ଆର୍ଥିକ ଓ ଶାରୀରିକ ସ୍ତରରେ କ୍ଷତି ସହୁଛନ୍ତି। କମୁଛି ରୋଗ ପ୍ରତିରୋଧକ ଶକ୍ତି। ପୂର୍ବରୁ କାମ କରୁଥିବା ଔଷଧର ପ୍ରଭାବ କମିପାରେ। ସେହିପରି ଗୁରୁତର ସଂକ୍ରମଣର ଚିକିତ୍ସା ଜଟିଳ ହେବା ସହ ଚିକିତ୍ସା ଖର୍ଚ୍ଚ ବି ବଢ଼ିପାରେ। ଡିଜିଟାଲ୍ ପ୍ରେସକ୍ରିପସନ ଦ୍ୱାରା ଚିକିତ୍ସାର ପୁରୁଣା ରେକର୍ଡ ସହଜରେ ମିଳିପାରିବ। ରୋଗୀଙ୍କ ପୂର୍ବ ଚିକିତ୍ସା ଏବଂ ଔଷଧ ଇତିହାସ ଜଣାପଡ଼ିଲେ ପରବର୍ତ୍ତୀ ଚିକିତ୍ସା ନିଷ୍ପତ୍ତି ନେବା ଅଧିକ ସହଜ ହେବ। ଯାହାକୁ ଉଭୟ ରୋଗୀ ଓ ଭେଷଜ ବିଜ୍ଞାନୀ ସ୍ୱାଗତ କରିଛନ୍ତି। 'ମନ୍ କି ବାତ୍'ରେ ପିଏମ୍ ମୋଦିଙ୍କ 'ୱାନ୍ ନେସନ ୱାନ୍ ହେଲ୍ଥ' ଅଭିଯାନ ଆହ୍ୱାନ ପରେ ଏବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଡିଜିଟାଲ ପ୍ରେସକ୍ରିପସନ୍ ନେଇ ପ୍ରସ୍ତୁତି ଆରମ୍ଭ କରିଛି। ଏହା କେବଳ ସ୍ୱାସ୍ଥ୍ୟସେବାର ଆଧୁନିକୀକରଣ ନୁହେଁ, ବରଂ ଅନାବଶ୍ୟକ ଔଷଧ ସେବନରୁ ରୋଗୀଙ୍କୁ ସୁରକ୍ଷା ଦେବାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ବି ହେବ।

## ସ୍ତ୍ରୀର ତଣ୍ଟି କାଟି ହତ୍ୟା

ଗଞ୍ଜାମ(ଅମୃତ ମିଡ଼ିଆ)

ଗଞ୍ଜାମ ଜିଲ୍ଲା ଗାଙ୍ଗପୁର ଥାନା ଅଞ୍ଚଳରେ ଚାଞ୍ଚଲ୍ୟ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ପରେ ଉଗ୍ର ରୂପ ନେଲା ବିବାଦ। ଅଭିଯୋଗ ଅନୁସାରେ, ଧାରୁଆ ଅସ୍ତ୍ରରେ ସ୍ତ୍ରୀଙ୍କ ତଣ୍ଟି କାଟି ହତ୍ୟା କରିଛି ସ୍ୱାମୀ । ମୃତକ ହେଉଛନ୍ତି ନାହାଡ଼ା ଗାଁର ନମିତା ପ୍ରଧାନ। କୌଣସି ଏକ କଥାକୁ ନେଇ ନମିତା ଓ ତାଙ୍କ ସ୍ୱାମୀ ସୁଜିତ ପ୍ରଧାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । ଏହାପରେ ସୁଜିତ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ନମିତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଘଟଣାରେ ନମିତାଙ୍କ ମୃତ୍ୟୁ ହୋଇଥିବା ବେଳେ ଖବର ପାଇ ଗାଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି । ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଅନ୍ୟପଟେ, ହତ୍ୟା ପରେ ଅଭିଯୁକ୍ତ ସ୍ୱାମୀ ସୁଜିତ ପ୍ରଧାନ ଘଟଣାସ୍ଥଳରୁ ଫେରାର ଥିବା ଜଣାପଡ଼ିଛି। ତାଙ୍କୁ ଧରିବା ପାଇଁ ପୁଲିସ ଖୋଜାଖୋଜି ଜାରି ରଖିଛି ।

### ସୂଚନା ଅଧିକାର ଆଇନ ଖୋଲିଦେଲା ଗୁମର

## ଖାଲିପଡ଼ିଛି ୮.୨୩ ଲକ୍ଷ ସରକାରୀ ପଦବି

### ଗୃହ ମନ୍ତ୍ରଣାଳୟରେ ୧,୧୦,୮୮୫ଟି ପଦ ଫାଙ୍କା



ନୂଆଦିଲ୍ଲୀ

ଦେଶରେ ବେକାରୀ ସମସ୍ୟା ହୁହୁ ବଢ଼ିବାରେ ଲାଗିଥିବା ବେଳେ ଚାକିରି ଖଣ୍ଡେ ପାଇଁ ଯୁବଗୋଷ୍ଠୀ ଦୌଡ଼ି ଦୌଡ଼ି ହତାଶ ହେଉଛନ୍ତି। ଦେଶରେ ସରକାରୀ ଚାକିରି ମଧ୍ୟ ସାତ ସପନ। ସରକାରୀ ଚାକିରି ପାଇବା ବେଶ କଷ୍ଟକର। ୧୦୦ ପଦବୀ ପାଇଁ ଚାକିରି ବାହାରିଲେ ଆବେଦନକାରୀଙ୍କ ସଂଖ୍ୟା ନ କହିବା ଭଲ। ଲକ୍ଷଲକ୍ଷ ପିଲା ସରକାରୀ ଚାକିରି ଖଣ୍ଡେ ପାଇଁ କରୁଛନ୍ତି ସଂଘର୍ଷ। ଠିକଣା ସମୟରେ ନିଯୁକ୍ତି ବି ହେଉନି। ଏପରି ସ୍ଥିତିରେ ସୂଚନା ଅଧିକାର ଆଇନ ଖୋଲି ଦେଇଛି ସବୁ ଗୁମର। କେନ୍ଦ୍ର ସରକାରଙ୍କ ବିଭିନ୍ନ ବେସାମରିକ ପ୍ରତିଷ୍ଠାନରେ ଖାଲି ପଡ଼ିଛି ୮.୨୩ ଲକ୍ଷରୁ ଅଧିକ ମଞ୍ଜୁରୀପ୍ରାପ୍ତ ପଦ। ଖାଲି ପଡ଼ିଥିବା ପଦ କେବଳ ସରକାରୀ ବ୍ୟାଙ୍କ କିମ୍ବା ସରକାରୀ ଉଦ୍ୟୋଗରେ ସୀମିତ ନାହିଁ, ବରଂ ରେଳବାଇ, ପ୍ରତିରକ୍ଷା ଓ ଗୃହ ମନ୍ତ୍ରଣାଳୟ ଭଳି ବୃହତର ପ୍ରତିଷ୍ଠାନ ଠାରୁ ଆରମ୍ଭ କରି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ବା ପିଏମଓ ଯାଏ ଲମ୍ବିଛି। ଅର୍ଥାତ ସବୁ ସରକାରୀ ବିଭାଗରେ ଖାଲି ପଡ଼ିଛି ପୁଳାପୁଳା ପଦ। ମୋଟ ୩୯,୨୩,୨୧୨ଟି ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ୨୦୨୪ ମାର୍ଚ୍ଚ ୧ ତାରିଖ ସୁଦ୍ଧା ୩୦,୯୯,୫୫୬ ଜଣ କର୍ମଚାରୀ ନିଯୁକ୍ତି ହୋଇଛନ୍ତି। ଅର୍ଥାତ୍ ୮,୨୩,୬୫୬ଟି ପଦ ଖାଲି ପଡ଼ିଛି। ଏହା ସମୁଦାୟ ମଞ୍ଜୁରୀପ୍ରାପ୍ତ କର୍ମଚାରୀ ପଦର ପ୍ରାୟ ୨୧%। ସରକାର ନିଜେ ମଞ୍ଜୁର କରିଥିବା ପ୍ରତି ୫ଟି ପଦ ମଧ୍ୟରୁ ଗୋଟିଏରୁ ଅଧିକ ପଦରେ କୌଣସି କର୍ମଚାରୀ ନାଥିବା ଆରଟିଆ ଜରିଆରେ ମିଳିଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ମଧ୍ୟପ୍ରଦେଶର ନୀମଚରେ ରହୁଥିବା ଆରଟିଆଇ କର୍ମୀ ଚନ୍ଦ୍ର ଶେଖର ଗୌର ଦାଖଲ କରିଥିବା ଆରଟିଆଇ ଆବେଦନର ଜବାବରେ ଖୋଦ ସରକାର କେତେ ସଂଖ୍ୟକ ପଦବୀ ଖାଲି ପଡ଼ିଛି, ତା'ର ତଥ୍ୟ ଦେଇଛନ୍ତି। ଆରଟିଆଇ ତଥ୍ୟ ଅନୁସାରେ, ରାଷ୍ଟ୍ରପତି ଅଫିସରେ ୮୦୩ଟି ମଞ୍ଜୁରୀପ୍ରାପ୍ତ ପଦ ଥିବାବେଳେ ମାତ୍ର ୫୧୬ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଏଠାରେ ୨୮୭ଟି ପଦ ଖାଲି ରହିଛି, ଯାହା ମଞ୍ଜୁରୀପ୍ରାପ୍ତ ପଦର ୩୫.୭୪%। ସେହିପରି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ୪୪୧ଟି ମଞ୍ଜୁରୀପ୍ରାପ୍ତ ପଦରୁ ୩୧୫ ଜଣଙ୍କୁ ନିଯୁକ୍ତି ମିଳିଛି। ୧୨୬ଟି ପଦ ଖାଲି ରହିଛି ଅର୍ଥାତ୍ ୨୮.୫୭ ■ ପୃଷ୍ଠା-୧୫

## ଇମ୍ରାନ ଖାନ୍ଙ୍କ ଚିକିତ୍ସା ପାଇଁ ଏକାଠି ହେଲେ ୨୨ ପୂର୍ବତନ କ୍ୟାପ୍ଟେନ

ନୂଆଦିଲ୍ଲୀ



ଇମ୍ରାନ ଖାନଙ୍କ ପାଇଁ ଏକାଠି ହେଲେ ୨୨ ପୂର୍ବତନ କ୍ୟାପଟ୍ଟେନ। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ୧୯୯୨ ବିଶ୍ୱକପ୍ ବିଜେତା କ୍ୟାପଟ୍ଟେନ୍ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟ ଓ ଚିକିତ୍ସାକୁ ନେଇ ପୁଣି ଥରେ ଏକାଠି ହୋଇଛନ୍ତି ବିଶ୍ୱ କ୍ରିକେଟର ୨୨ ଜଣ ପୂର୍ବତନ ଅଧିନାୟକ। ଭାରତର ସୁନିଲ ଗାଭାସ୍କର, କପିଲ ଦେବ ଓ ଦିଲୀପ ଭେଙ୍ଗସରକରଙ୍କ ସମେତ ୯ଟି ଦେଶର ପୂର୍ବତନ କ୍ୟାପଟ୍ଟେନମାନେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫଙ୍କୁ ଚିଠି ଲେଖି ଇମ୍ରାନଙ୍କୁ ଉପଯୁକ୍ତ ଚିକିତ୍ସା ଓ ମାନବିକ ବ୍ୟବହାର ନିଶ୍ଚିତ କରିବାକୁ ଅପିଲ୍ କରିଛନ୍ତି। ଏହି ୨୨ ଜଣଙ୍କ ମଧ୍ୟରେ ଆଲାନ ବର୍ଡର, ଗ୍ରେଗ୍ ଚାପେଲ, ଇଆନ୍ ଚାପେଲ, ଷ୍ଟିଭ୍ ୱ୍, ଆଡାମ ଗିଲକ୍ରିଷ୍ଟ, ମାଇକେଲ ଆଥରଟନ, ଆଲାଷ୍ଟେୟାର କୁକ୍, ନାସେର ହୁସେନ, କ୍ଲାଇଭ୍ ଲୟଡ୍, ଅର୍ଜୁନ ରଣତୁଙ୍ଗା ଓ ଜନ୍ ରାଇଟଙ୍କ ଭଳି ନାମୀ କ୍ରିକେଟର ରହିଛନ୍ତି। ଗତ ଫେବ୍ରୁଆରୀରେ ୧୪ ଜଣ ପୂର୍ବତନ କ୍ୟାପଟ୍ଟେନ୍ ଇମ୍ରାନଙ୍କ ଚିକିତ୍ସା ନେଇ ଏଭଳି ଅପିଲ୍ କରିଥିଲେ। ଏଥର ଆଉ ୭ ଜଣ ଏଥିରେ ସାମିଲ ହୋଇ ସଂଖ୍ୟା ୨୨ରେ ପହଞ୍ଚିଛି। ପାକିସ୍ତାନ ସୁପ୍ରିମକୋର୍ଟ ଅଗଷ୍ଟ ୧୮ରେ ଇମ୍ରାନ ଖାନଙ୍କୁ ଇସଲାମାବାଦର ଶିଫା ଇଣ୍ଟରନ୍ୟାସନାଲ ହସ୍ପିଟାଲକୁ ନେଇ ଏକ ବିଶେଷଜ୍ଞ ମେଡିକାଲ ବୋର୍ଡ ଦ୍ୱାରା ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦେଇଥିଲେ।

### ସେ କହିଲେ...



"ସଂରକ୍ଷଣ ଏମିତି ଗୋଟିଏ ଜିନିଷ ନୁହେଁ, ଯାହା କାହାର ଦାବିରେ ବନ୍ଦ ହୋଇଯିବ। ଏହା ଦୟାରେ କାହାକୁ ଦିଆଯାଉ ନାହିଁ।" ସଂରକ୍ଷଣ ହେଉଛି ସମ୍ବିଧାନରେ ଥିବା ଗୋଟିଏ ବ୍ୟବସ୍ଥା। ଏହା ଇଚ୍ଛାଧୀନ ଭାବେ ଦିଆଯାଉଥିବା କୌଣସି ସରକାରଙ୍କ ଅନୁଗ୍ରହ ନୁହେଁ। ସମାଜରେ ଭେଦଭାବର ସାମ୍ନା କରୁଥିବା ଲୋକଙ୍କୁ ମୁଖ୍ୟସ୍ରୋତକୁ ଆଣିବା ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିଲା। ସମ୍ବିଧାନ ଏହି ସଂପ୍ରଦାୟକୁ ଚିହ୍ନଟ କରିଛି ଓ ସେମାନଙ୍କ ବିକାଶ ପାଇଁ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି। ସମାଜରେ ଏବେ ବି ସାମାଜିକ ବୈଷମ୍ୟର ଘଟଣା ଘଟୁଛି।

**ଚିରାଗ ପାଶୱାନ**
କେନ୍ଦ୍ରମନ୍ତ୍ରୀ

### ବଦଳୁଛି ରାଜ୍ୟ ପୋଲିସର ଛବି

## ଖାକି ପୋଷାକର ମର୍ଯ୍ୟାଦା ନେଇ ପ୍ରଶ୍ନବାଚୀ

**ରାଜ୍ୟ ପୋଲିସର ଛବିକୁ ଖରାପ କରୁଛନ୍ତି ଜଣଙ୍କ ପରେ ଜଣେ ପୋଲିସ ବାବୁ। ଭୁଲି ଯାଉଛନ୍ତି ବର୍ଦ୍ଦି ପଣିଆକୁ, ଆଇନ କାନୁନର ପାଠକୁ। କେଉଁଠି ମହିଳାଙ୍କୁ ସୁରକ୍ଷା ଦେବା ନାଁରେ ଦୁଷ୍କର୍ମ ତ ଆଉ କେଉଁଠି ଲଭ୍- ସେକ୍ସ- ଧୋକାର ସଂଗୀନ ଅଭିଯୋଗରେ ଛନ୍ଦି ହେଉଛନ୍ତି। ରକ୍ଷକ ହୋଇ ଭକ୍ଷକ ସାଜୁଛନ୍ତି। ଏଭଳି ଦିନକୁଦିନ ପୋଲିସର ଛବି ବଦଳିଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଅପରାଧୀମାନେ ଆଉ ଡରୁନାହାନ୍ତି କି ଭଲଲୋକମାନେ ଆଇନକୁ ହାତକୁ ନେବାକୁ ପଛାଉନାହାନ୍ତି। ଅବସ୍ଥା ଏଭଳି ହେଲାଣି, କାହାରିକୁ ବିଶ୍ୱାସ କରିବା କାଠିକର ହେଲାଣି।**



- ହରଡ଼ଘଣାରେ ଶରଣକୂଳର ପୂର୍ବତନ ଆଇଆଇସି
- ବାରିପଦା ଟାଉନ ଥାନାର ଏସ୍ଆଇଙ୍କ ଚିନ୍ତା ବଢ଼ିଲା
- ଅପହରଣ ମାମଲାରେ ଖଣ୍ଡପଡ଼ାର ପୂର୍ବତନ ଏସ୍ଡିପିଓ

ଭୁବନେଶ୍ୱର (ବ୍ୟୁରୋ)

ପୋଲିସ ବାବୁ ବନୁଛନ୍ତି ଅପରାଧୀ। ଖାକି ବର୍ଦ୍ଦିର ମର୍ଯ୍ୟାଦାକୁ ଦଳିମକଚି ଭୁଲି ଯାଉଛନ୍ତି ଆଇନ କାନୁନର ପାଠ। କେଉଁଠି ସୁରକ୍ଷା ଆଳରେ ଶୋଷଣ ତ ଆଉ କେଉଁଠି ଲଭ୍ ସେକ୍ସ ଧୋକାର ସଂଗୀନ ଅଭିଯୋଗ। ଯାହାଙ୍କ ଚରିତ୍ରକୁ ନେଇ ଏବେ ଉଠିଛି ନାନା ପ୍ରଶ୍ନ। ଜଣେ ହେଲେ ନୟାଗଡ଼ ଶରଣକୂଳର ପୂର୍ବତନ ଆଇଆଇସି ସୁଜିତ କୁମାର ଦାସ, ଅନ୍ୟ ଜଣେ ବାରିପଦା ଟାଉନ ଥାନାର ସବ ଇନ୍ସପେକ୍ଟର ପ୍ରଭାତ ନାୟକ। ଥାନାରେ ଥିଲାବେଳେ ଅଖଣ୍ଡ କ୍ଷମତାର ଉପଭୋଗ କରୁଥିଲେ ଉଭୟେ। ହେଲେ ଏବେ ୨ ବାବୁଙ୍କୁ ବଢ଼ିଛି ମହାବିପଦ। ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗ ଆଧାରରେ ଥାନାରେ ମାମଲା ରୁଜୁ ପରଠୁ ଗାୟବ ନିଲମ୍ବିତ ଆଇଆଇସି ସୁଜିତ ଦାସ।

ସୁଜିତଙ୍କ ବିରୋଧରେ ଲାଗିଛି ଦୁଷ୍କର୍ମ, ଚେନ ଛିନତାଇ, ଡିଜିଟାଲ୍ ପ୍ରମାଣ ନଷ୍ଟ ନେଇ ସଂଗୀନ ଦଫା। ଯେଉଁଥିରେ ତାଙ୍କୁ ୧୦ ବର୍ଷରୁ ଆଜୀବନ ସଜାର ଆଶଙ୍କା ରହିଛି। ତେବେ ଗିରଫଦାରୀ ଏଡାଇବାକୁ ଆଗୁଆ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଜିତ। କୋର୍ଟ ତାଙ୍କୁ ଅନ୍ତରୀଣ ସୁରକ୍ଷା ମଧ୍ୟ ଦେଇଥିଲେ। ହେଲେ ପୁରା ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ପକ୍ଷରୁ ସମସ୍ତ ପ୍ରମାଣ ଦାଖଲ ପରେ ଏବେ ସବୁ ସୁରକ୍ଷା ହଟାଇ ଦେଇଛନ୍ତି ହାଇକୋର୍ଟ। ତେଣୁ ଫେରାର୍ ସୁଜିତଙ୍କ ପାଇଁ ବଢ଼ିଛି ଗିରଫଦାରୀ ଭୟ।

ସେହିଭଳି ବାରିପଦା ଟାଉନ ଥାନାରେ କାର୍ଯ୍ୟରତ ସବ ଇନ୍ସପେକ୍ଟର ହେଉଛନ୍ତି ପ୍ରଭାତ ନାୟକ। ଜଣେ ମହିଳାଙ୍କ ଅଭିଯୋଗ ଅନୁସାରେ ପୋଲିସ ଏସ୍ଆଇ ପ୍ରଭାତ ତାଙ୍କୁ ବିବାହ ପ୍ରତିଶୃତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ ପ୍ରତାରଣା ସହ ଆଉ ବିବାହ କରିବେନି ବୋଲି କହୁଛନ୍ତି। ଏଭଳି ଅଭିଯୋଗ ପରେ ମୟୂରଭଞ୍ଜ ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ପ୍ରଭାତଙ୍କ ବିରୋଧରେ ବାରିପଦା ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ଏହି ମାମଲାରେ ଏସ୍ଆଇ ପ୍ରଭାତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୋଲିସ।

କେବଳ ସୁଜିତ କି ପ୍ରଭାତ ନୁହନ୍ତି। ଏଭଳି ସଂଗୀନ ମାମଲାରେ ପୂର୍ବରୁ ଖଣ୍ଡପଡାର ପୂର୍ବତନ ଏସ୍ଡିପିଓ ମଦନମୋହନ ପ୍ରଧାନଙ୍କ ନାଁ ବି ଯୋଡ଼ି ହୋଇଛି। ସେହିଭଳି କମିଶନରେଟ୍ ପୋଲିସରେ କାର୍ଯ୍ୟରତ ଥିବା ପୋଲିସ ଏସ୍ଆଇ ସ୍ନେହ ମଞ୍ଜରୀଙ୍କୁ ଗୁଣ୍ଡା ସାହୁ ଅପହରଣ ମାମଲାରେ ବଲାଙ୍ଗୀର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଆଇନର ପାଠ ପଢ଼ି କାହିଁକି ଏମାନେ ଭୁଲିଯାଉଛନ୍ତି ଖାକି ବର୍ଦ୍ଦିର ମର୍ଯ୍ୟାଦାକୁ ? ଆଇନଶୃଙ୍ଖଳା ବିଭାଗରେ ରହି ବି କାହିଁକି ଭିଆଉଛନ୍ତି ଏଭଳି ବେଆଇନ କାର୍ଯ୍ୟ ? ■ ପୃଷ୍ଠା-୧୫




ରାଷ୍ଟ୍ରୀୟ ଗୀତ
ବନ୍ଦେ ମାତରମ୍

ବନ୍ଦେ ମାତରମ୍ ବନ୍ଦେ ମାତରମ୍
ସୁଜଳାଂ ସୁଫଳାଂ ମଳୟଜଶୀତଳାମ୍,
ଶସ୍ୟଶ୍ୟାମଳାଂ ମାତରମ୍। ବନ୍ଦେ ମାତରମ୍।।୧।।

ଶୁଭ୍ରଜ୍ୟୋତ୍ସ୍ନା ପୁଲକିତଯାମିନୀମ୍,
ଫୁଲ୍ଲକୁସୁମିତ ଦ୍ରୁମଦଳ ଶୋଭିନୀମ୍,
ସୁହାସିନୀଂ ସୁମଧୁରଭାଷିଣୀମ୍,
ସୁଖଦାଂ ବରଦାଂ ମାତରମ୍ । ବନ୍ଦେ ମାତରମ୍।।୨।।

କୋଟି-କୋଟି କଣ୍ଠ କଳ-କଳ ନିନାଦ କରାଳେ,
କୋଟି-କୋଟି ଭୁଜୈର୍ଧୃତ ଖରକରବାଳେ,

କେ ବଲେ ମା ତୁମି ଅବଲେ,
ବହୁବଳଧାରିଣୀଂ ନମାମି ତାରିଣୀମ୍
ରିପୁଦଳବାରିଣୀଂ ମାତରମ୍। ବନ୍ଦେ ମାତରମ୍।।୩।।

ତୁମି ବିଦ୍ୟା ତୁମି ଧର୍ମ, ତୁମି ହୃଦି ତୁମି ମର୍ମ,
ତ୍ୱଂ ହି ପ୍ରାଣାଃ ଶରୀରେ, ବାହୁତେ ତୁମି ମା ଶକ୍ତି,

ହୃଦୟେ ତୁମି ମା ଭକ୍ତି, ତୋମାରେଇ ପ୍ରତିମା ଗଡ଼ି ମନ୍ଦିରେ-ମନ୍ଦିରେ।

ବନ୍ଦେ ମାତରମ୍।।୪।।

ତ୍ୱଂ ହି ଦୁର୍ଗା ଦଶପ୍ରହରଣଧାରିଣୀ,
କମଳା କମଳଦଳବିହାରିଣୀ,
ବାଣୀ ବିଦ୍ୟାଦାୟିନୀ, ନମାମି ତ୍ୱାଂ,
ନମାମି କମଳାଂ ଅମଳାଂ ଅତୁଳାଂ
ସୁଜଳାଂ ସୁଫଳାଂ ମାତରମ୍। ବନ୍ଦେ ମାତରମ୍।।୫।।

ଶ୍ୟାମଳାଂ ସରଳାଂ ସୁସ୍ମିତାଂ ଭୂଷିତାଂ,
ଧରଣୀଂ ଭରଣୀଂ ମାତରମ୍। ବନ୍ଦେ ମାତରମ୍।।୬।।

**ଭାରତ ସ୍ୱାଧୀନ ହେବାର ୮୦ ବର୍ଷ ବିତିଗଲାଣି। ଅଖଣ୍ଡ ଭାରତ ଇଂରେଜମାନଙ୍କ କବଳରୁ ମୁକ୍ତ ହେବା ପରେ ପାକିସ୍ତାନ ଓ ହିନ୍ଦୁସ୍ତାନ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ ଦୁଇଭାଗ ହୋଇଥିଲା। ପାକିସ୍ତାନ ଏକ ମୁସ୍‌ଲିମ୍ ରାଷ୍ଟ୍ର ଭାବେ ନିଜକୁ ପ୍ରତିପାଦନ କରିଥିବା ବେଳେ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ରର ମାନ୍ୟତା ଲାଭ କରିଥିଲା। ୧୯୭୬ ମସିହାରେ ଭାରତୀୟ ସମ୍ବିଧାନର ୪୨ତମ ସଂଶୋଧନରେ 'ଧର୍ମନିରପେକ୍ଷ' ଶବ୍ଦକୁ ଯୋଡ଼ାଯାଇଥିଲା। ସବୁ ଧର୍ମର ଲୋକମାନେ ଏଠାରେ ଶାନ୍ତିରେ ଭାଇଚାରା ଆଧାରରେ ରହିପାରିବେ ବୋଲି ମୋହର ମରାଗଲା। ହେଲେ ବ୍ୟବସ୍ଥାଗତ ତ୍ରୁଟି ଓ ଦେଶ ବିଭାଜନକାରୀ ଶକ୍ତିଙ୍କ ପ୍ରାଦୁର୍ଭାବ ବୃଦ୍ଧି ଯୋଗୁଁ ଏବେ ଭାରତର ଅସ୍ତିତ୍ୱ ବିପଦରେ ପଡ଼ିଛି। ମାଟି ମା' ପାଇଁ କାନ୍ଦୁଥିବା ଓ ଦେଶ ପାଇଁ ବଳିଦାନ ଦେଇଥିବା ବ୍ୟକ୍ତିଙ୍କ ପରିବାରକୁ ଏହା ବିଶେଷ ଆଘାତ ଦେଇଛି। ଦେଶ ଓ ଜାତିର ବିକାଶରେ ବାଧକ ସାଜିଥିବା ଶକ୍ତିକୁ ଦୃଢ଼ ହସ୍ତରେ ଦମନ କରାଯିବାର ଆବଶ୍ୟକତା ରହିଛି। ଜାତୀୟ ଗୀତ, ସଙ୍ଗୀତ, ସମ୍ବିଧାନକୁ ଅପମାନିତ କରୁଥିବା ଶକ୍ତି ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଏହାକୁ ନେଇ ରାଜନୀତି କରି ଭୋଟ ବ୍ୟାଙ୍କ ପ୍ରସ୍ତୁତ ଭଳି ହୀନ କାର୍ଯ୍ୟ କରୁଥିବା ଶକ୍ତି, ବ୍ୟକ୍ତିଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯିବା ବି ଭୁଲ ହେବନି।**

# ଜାତୀୟ ଗୀତକୁ ନେଇ ବିବାଦ

**ସୁଶାନ୍ତ କୁମାର ଦାସ**

ଦେଶର ଜାତୀୟ ଗୀତ 'ବନ୍ଦେ ମାତରମ' ଗାନକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହି ଗୀତ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ୧୮୭୫ ମସିହାରେ ଲେଖାଯାଇଥିଲା ଓ ୧୮୮୨ ମସିହାରେ ଆନନ୍ଦ ମଠ ନାମକ ଉପନ୍ୟାସରେ ସ୍ଥାନିତ କରାଯାଇଥିଲା। ଦେଶ ସ୍ୱାଧୀନତା କ୍ଷେତ୍ରରେ ଏହି ଗୀତର ମାହାତ୍ମ୍ୟ ବେଶ ରହିଥିଲା। ଏବେ ଆମ ଦେଶ ଭାରତ ଏହି ଗୀତର ୧୫୦ ବର୍ଷ ପୂରଣ କରିଥିବା ବେଳେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ସରକାରଙ୍କ ତରଫରୁ ନଭେମ୍ବର ୭, ୨୦୨୫ରୁ ୨୦୨୬ ମସିହା ମଧ୍ୟରେ ଏହି ଗୀତର ୧୫୦ ବର୍ଷ ପର୍ତ୍ତି ଉପଲକ୍ଷେ ଉତ୍ସବ ପାଳନ କରାଯାଉଛି। ସମ୍ବିଧାନ ସ୍ୱୀକୃତ ଏହି ଜାତୀୟ ଗୀତକୁ ଅବମାନନା କରିବା କେବେହେଲେ ଗ୍ରହଣୀୟ ନୁହେଁ। ସାମ୍ବିଧାନିକ ଉତ୍ତରଦାୟିତ୍ୱ ସମସ୍ତ ରାଜନୈତିକ ଦଳ ଭିତରେ ରହିବା ଓ ଦେଶମାତୃକା ଲାଗି ନିଜକୁ ଉତ୍ସର୍ଗକରିବା ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଜରୁରୀ ହୋଇପଡ଼ିଛି। ଏହାକୁ ନେଇ ରାଜନୀତି କରିବା ଆଦୌ ଗ୍ରହଣୀୟ ନୁହେଁ।



## କଂଗ୍ରେସ ଆଭିମୁଖ୍ୟକୁ ଶାହାଙ୍କ ବିରୋଧ

ସରକାରୀ କାର୍ଯ୍ୟକ୍ରମରେ 'ବନ୍ଦେ ମାତରମ'ର ୬ଟି ଷ୍ଟାଞ୍ଜା ଗାନ କରିବାକୁ ସରକାର କରିଥିବା ନିୟମକୁ ମାନିବାକୁ କେତେକ ରାଜନୈତିକ ଦଳ ବିରୋଧ କରୁଛନ୍ତି। ୬ ଷ୍ଟାଞ୍ଜା ବଦଳରେ କଂଗ୍ରେସ ୧୯୩୭ରେ ଅନୁମୋଦନ ପ୍ରାପ୍ତ 'ବନ୍ଦେ ମାତରମ'ର କେବଳ ପ୍ରମୁଖ ୨ଟି ଷ୍ଟାଞ୍ଜା ଗାନ କରିବାକୁ ନିଷ୍ପତ୍ତି ନେଇଛି। ଏହାକୁ ନେଇ ବିବାଦ ଉପୁଜିଛି। କଂଗ୍ରେସ ଉପରେ ଜୋରଦାର ବର୍ଷିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। କଂଗ୍ରେସ ତୁଷ୍ଟୀକରଣ ରାଜନୀତିରେ ମାତିଛି ଓ ଭାରତର ସ୍ୱାଧୀନତା ପାଇଁ ବଳିଦାନ ଦେଇଥିବା ଲୋକଙ୍କୁ ଅପମାନିତ କରୁଛି। କଂଗ୍ରେସ ପୁଣି ବିଭାଜନର ତ୍ରୁଟିକୁ ଦୋହରାଉଥିବା ଅମିତ ଶାହ ଅଭିଯୋଗ କରିଛନ୍ତି। କଂଗ୍ରେସ ୧୯୩୭ରେ ବନ୍ଦେ ମାତରମକୁ ଦୁଇ ଭାଗରେ ବିଭକ୍ତ କରିଥିଲା ବୋଲି ଶାହା କହିଛନ୍ତି। ମୁସଲିମ ତୁଷ୍ଟୀକରଣ ପାଇଁ କଂଗ୍ରେସ ଏପରି କରିଥିବାରୁ ଭାରତ ବିଭାଜନର ମୂଳଦୁଆ ପଡ଼ିଥିଲା ବୋଲି ମଧ୍ୟ ସେ କହିବାକୁ ପଛାଇ ନାହାନ୍ତି। ଏହା ହିଁ ଦେଶ ବିଭାଜନର ମୂଳଦୁଆ ପକାଇଥିଲା ଓ ଦୁଇ ରାଷ୍ଟ୍ର ଥିଓରୀକୁ ମୁଜଭୂତ କରିଥିଲା। ଏହାପରେ ଦେଶ ବିଭାଜନ ହୋଇଥିଲା ଓ ପାକିସ୍ତାନ ଜନ୍ମ ନେଇଥିଲା।

## 'ସ୍ୱାଧୀନତା ସଂଗ୍ରାମୀଙ୍କୁ ଅପମାନ'

କଂଗ୍ରେସ ୱାର୍କିଂ କମିଟି ବୁଧବାର ନିଷ୍ପତ୍ତି ହୋଇଛି ଯେ, ଦଳର ସମସ୍ତ କାର୍ଯ୍ୟକ୍ରମରେ ବନ୍ଦେ ମାତରମର ୨ଟି ଷ୍ଟାଞ୍ଜା ଗାନ କରାଯିବ। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଅମିତ ଶାହ କହିଛନ୍ତି ଯେ, ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତିରେ ନରେନ୍ଦ୍ର ମୋଦି ସରକାର ଐତିହାସିକ ଭୁଲକୁ ସୁଧାରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ଜାତୀୟ ଗୀତକୁ ସଂପୂର୍ଣ୍ଣ ଗାନ କରାଯାଉଛି। ଏଥିସହ ଜାତୀୟ ଏକତାକୁ ମଧ୍ୟ ମଜଭୂତ କରିବାକୁ ସରକାର ଚାହୁଁଛନ୍ତି। ଶାହାଙ୍କ କହିବା କଥା ଯେ, ସରକାର ସମସ୍ତ ସରକାରୀ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଗୀତ ଗାନ କରିବାକୁ ନେଇଥିବା ନିଷ୍ପତ୍ତିକୁ ଆଇନଗତ ସୁରକ୍ଷା ଦିଆଯାଇଛି। ହେଲେ କଂଗ୍ରେସ ଏହାକୁ ଅଣଦେଖା କରିବାକୁ ଚାହୁଁଥିବା ସେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, କଂଗ୍ରେସର ଏହି ନିଷ୍ପତ୍ତି କେବଳ ତୁଷ୍ଟୀକରଣ ନୀତିକୁ ସ୍ପଷ୍ଟ କରୁଛି। ଦଳ ଏପରି କରି କେବଳ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଅମର ସୃଷ୍ଟିକୁ ଅପମାନ କରୁନାହିଁ, ବରଂ ଦେଶ ପାଇଁ ନିଜ ଜୀବନର ବଳିଦାନ ଦେଇଥିବା ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କୁ ମଧ୍ୟ ଅପମାନିତ କରୁଛି। ଅନେକ ସ୍ୱାଧୀନତା ସଂଗ୍ରାମୀ 'ବନ୍ଦେ ମାତରମ', ନାରା ଦେଇ ଫାଶୀ ଖୁଣ୍ଟରେ ଝୁଲିଥିଲେ। ଆଉ ଅନେକ ସ୍ୱାଧୀନତା ସଂଗ୍ରାମୀ ବର୍ଷ ବର୍ଷ ଧରି ଜେଲ୍‌ରେ ରହି ଦେଶର ସ୍ୱାଧୀନତା ପାଇଁ ସଂଗ୍ରାମ କରିଥିଲେ। କଂଗ୍ରେସ ଏବେ ସଂସଦୀୟ ଆଇନକୁ ପ୍ରତ୍ୟାଖ୍ୟାନ କରି ୧୯୩୭ ମସିହାରେ ଦଳ ପକ୍ଷରୁ ପାରିତ ହୋଇଥିବା ପ୍ରସ୍ତାବକୁ ଅନୁସରଣ କରୁଛି। ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ପୁଣିଥରେ ଦେଶରେ ପୂରା ଶକ୍ତିର ସହ ତୁଷ୍ଟୀକରଣ ରାଜନୀତି ଆପଣାଇଥିବା ଶାହା ଅଭିଯୋଗ କରିଛନ୍ତି। ହେଲେ କଂଗ୍ରେସ ଦଳ ଏହାର ପ୍ରାରମ୍ଭିକ ପଦଗୁଡ଼ିକ ଗାନ କରିବାର ଅଭ୍ୟାସକୁ ରବୀନ୍ଦ୍ରନାଥ ଠାକୁରଙ୍କ ପରାମର୍ଶ କ୍ରମେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ସମେତ ସ୍ୱାଧୀନତା ଆନ୍ଦୋଳନର ନେତାମାନଙ୍କ ଦ୍ୱାରା ନିଆଯାଇଥିବା ଏକ ଐତିହାସିକ ୧୯୩୭ ନିଷ୍ପତ୍ତିର ଉଦ୍ଧାର କରି ସମର୍ଥନ କରେ। ବିରୋଧୀ ଦଳ ଯୁକ୍ତି କରନ୍ତି ଯେ, ଏହି ଗୀତଟି ସମଗ୍ର ଦେଶର ଏବଂ ନିର୍ବାଚନ ସମୟରେ ଦଳୀୟ ମେରୁକରଣ ଏବଂ ରାଜନୈତିକ ସ୍ୱାର୍ଥ ପାଇଁ ଜାତୀୟ ପ୍ରତୀକଗୁଡ଼ିକୁ ଅପବ୍ୟବହାର କରାଯାଉଛି। କେବଳ ରାଜନୀତି କରିବା ଲାଗି ଏସବୁର ବ୍ୟବହାର ଅନୁଚିତ। ଦେଶରେ ଅନେକ ସମସ୍ୟା ରହିଛି, କିନ୍ତୁ ସେସବୁର ସମାଧାନ କରାନଯାଇ ରାଜନୀତି କରାଯାଉଛି ବୋଲି କଂଗ୍ରେସ ଅଭିଯୋଗ ବାଢ଼ିଛି।

## ଜାତୀୟ ଗୀତକୁ ବିରୋଧ କାହିଁକି

'ବନ୍ଦେ ମାତରମ' ଗୀତରେ କେତେକ ଆପତ୍ତିଜନକ ଶବ୍ଦ ରହିଥିବା ଅଭିଯୋଗ



କରାଯାଇଛି। ଗୀତର ଶେଷ ଭାଗରେ ଯେହେତୁ ମା' ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗାଙ୍କ ବନ୍ଦନା କରାଯାଇଛି, ତାକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଆପତ୍ତି ଉଠାଯାଇଛି। ଭାରତ ଏକ ଧର୍ମ ନିରପେକ୍ଷ ଦେଶ ହୋଇଥିବା ବେଳେ ଏହି ଗୀତର ଶେଷ ଭାଗରେ ଥିବା ହିନ୍ଦୁ ଦେବୀଙ୍କ ବନ୍ଦନାକୁ ଅନ୍ୟ ଧର୍ମାବଲମ୍ବୀମାନେ ସହଜରେ ଗ୍ରହଣ କରିବା ଓ ଗାନ କରିବାକୁ ଶ୍ରେୟ ମଣୁନାହାନ୍ତି ବୋଲି କୁହାଯାଉଛି। ବିଜେପିର ଦାବି ରହିଛି ଯେ, ୧୯୩୭ ମସିହାରେ କଂଗ୍ରେସ ଦ୍ୱାରା ଗୀତର ପରବର୍ତ୍ତୀ ଅଂଶଗୁଡ଼ିକୁ (ଯେଉଁଥିରେ ହିନ୍ଦୁ ଦେବଦେବୀଙ୍କ ପ୍ରତିଛବି ରହିଛି) ବାଦ୍ ଦିଆଯିବା ନିଷ୍ପତ୍ତି ମୁସଲିମ୍ ଲିଗକୁ ଖୁସି କରିବା ପାଇଁ ନିଆଯାଇଥିଲା, ଯାହା ଭାରତ ବିଭାଜନର ମଞ୍ଜି ବୁଣିଥିଲା। ଏହି ବିବାଦକୁ ନେଇ ଏବେ କଂଗ୍ରେସ, ଏଆଇଏମ୍‌ଆଇଏମ୍ ଭଳି ରାଜନୈତିକ ଦଳଗୁଡ଼ିକ ବିରୋଧ କରିଆସୁଛନ୍ତି। ଫଳରେ ଏହା ଏକ ରାଜନୈତିକ ଡିବେଟ୍‌ର ମାହୋଲ ତିଆରି କରିଛି।

## ମୁଖ୍ୟ ପ୍ରସଙ୍ଗରୁ ଧ୍ୟାନ ହଟାଇବା ଲାଗି ପ୍ରୟାସ

ନୂତନ ଭାରତରେ ଦେଶପ୍ରେମ ଏବଂ ଜାତୀୟ ସଂହତିର ଏକ ବାଧ୍ୟତାମୂଳକ ମାନଦଣ୍ଡ ଭାବରେ 'ବନ୍ଦେ ମାତରମ୍'ର ସମ୍ପୂର୍ଣ୍ଣ ପାଠକୁ ଏକ ସ୍ୱତନ୍ତ୍ର ରୂପ ଦିଆଯାଇଥାଏ। କଂଗ୍ରେସ ଏହାର ସ୍ଥିତିକୁ ସମର୍ଥନ କରି ଦର୍ଶାଇଛି ଯେ, ୧୯୩୭ ମସିହାର ଏହି ନିଷ୍ପତ୍ତିକୁ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସର୍ଦ୍ଦାର ପଟେଲ, ସୁଭାଷ ଚନ୍ଦ୍ର ବୋଷ ଏବଂ ରବୀନ୍ଦ୍ରନାଥ ଠାକୁରଙ୍କ ଭଳି ସ୍ୱାଧୀନତା ପୂର୍ବବର୍ତ୍ତୀ ପ୍ରମୁଖ ବ୍ୟକ୍ତିବିଶେଷ ପ୍ରସ୍ତୁତ ଏବଂ ଅନୁମୋଦନ କରିଥିଲେ। ଗତ ୯୦ ବର୍ଷରୁ ଅଧିକ ସମୟ ଧରି ପ୍ରଥମ ଦୁଇଟି ପଦକୁ ମାନକ ଭାବେ ଗାନ କରାଯାଇଆସୁଛି, କାରଣ ଏହା ଜନସାଧାରଣଙ୍କୁ ଏକାଠି କରିଥାଏ। ଅନ୍ୟପକ୍ଷରେ, ପରବର୍ତ୍ତୀ ପଦଗୁଡ଼ିକ ଧାର୍ମିକ ପ୍ରତିଛବିକୁ ନେଇ ଐତିହାସିକ ଭାବରେ ବହୁମୁଖୀ ବିତର୍କକୁ ଆମନ୍ତ୍ରିତ କରିଥିଲା। ବିରୋଧୀ ଦଳ ଶାସକ ଦଳ ଉପରେ ସାଂସ୍କୃତିକ ପ୍ରତୀକଗୁଡ଼ିକୁ ଅସ୍ତ୍ର ଭାବରେ ବ୍ୟବହାର କରିବା ଏବଂ ଦେଶର ମହଙ୍ଗା ମାଡ଼, ବେରୋଜଗାର ଓ ଜାତୀୟ ସୁରକ୍ଷା ଭଳି ଜରୁରୀ ଆର୍ଥିକ ତଥା ଶାସନଗତ ପ୍ରସଙ୍ଗରୁ ଜନସାଧାରଣଙ୍କ ଦୃଷ୍ଟି ହଟାଇବା ପାଇଁ 'ବନ୍ଦେ ମାତରମ୍'କୁ ନେଇ କୃତ୍ରିମ ବିବାଦ ସୃଷ୍ଟି କରୁଥିବା ଅଭିଯୋଗ ଆଣିଛନ୍ତି। ଏଭଳି ରାଜନୈତିକ ଗୋଟିଚାଳନାକୁ କେବେହେଲେ ବରଦାସ୍ତ କରାଯାଇ ନପାରେ। ଦେଶ ଆଗରେ ଏବେ ଅନେକ ଚ୍ୟାଲେଞ୍ଜ ରହିଥିବା ବେଳେ ମୋଦୀ ସରକାର ଭୋଟ ବ୍ୟାଙ୍କ ହାତେଇବା ଲାଗି ଏଭଳି ହୀନ ପ୍ରୟାସ କରୁଛି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଭଳି ରାଜନୈତିକ ଚକ୍ରବ୍ୟୂହ ଭିତରେ ଜାତୀୟ ଗୀତ ତା'ର ମାନ୍ୟତା ହରାଇବା ନିଶ୍ଚିତ ଭାବେ ପରିତାପର ବିଷୟ। ଏଭଳି ସ୍ଥିତିରୁ ମୁକୁଳିବା ଲାଗି ଏକ ଜାତୀୟ ବିତର୍କ୍‌ର ଆବଶ୍ୟକତା ରହିଛି। ସମ୍ବିଧାନ ସ୍ୱୀକୃତ ଜାତୀୟ ଗୀତ 'ବନ୍ଦେ ମାତରମ'ର ଅପମାନ ଭାରତୀୟଙ୍କ ଲାଗି ଏକ ଅପମାନ ସଦୃଶ ହୋଇଥିଲେ ହେଁ ରାଜନୀତିର ମାୟାଜାଲ ଭିତରେ ଛନ୍ଦିହୋଇ ପଡ଼ିଛି କହିଲେ ଅତ୍ୟୁକ୍ତି ହେବନାହିଁ।

## ଯୁବପିଢ଼ିକୁ ନେଇ ବିଜେପିର ବଡ଼ ଯୋଜନା

'ବନ୍ଦେ ମାତରମ୍ ?'ର ଇତିହାସ ଓ ଜାତୀୟ ଗୁରୁତ୍ୱକୁ ନେଇ ଯୁବପିଢ଼ି ମଧ୍ୟରେ ସଚେତନତା ସୃଷ୍ଟି କରିବ ବିଜେପି । ଦଳୀୟ କର୍ମୀଙ୍କ ମାଧ୍ୟମରେ ଦେଶବ୍ୟାପୀ ଅଭିଯାନ କରାଯିବ । ସମ୍ପୂର୍ଣ୍ଣ ୬ ପଦ ବିଶିଷ୍ଟ 'ବନ୍ଦେ ମାତରମ୍ ?'ର ଇତିହାସ, ଅର୍ଥ ଓ ସ୍ୱାଧୀନତା ସଂଗ୍ରାମ ସହ ଏହାର ସମ୍ପର୍କ ବିଷୟରେ ଲୋକଙ୍କୁ ଅବଗତ କରାଯିବ ବୋଲି ଦଳ କହିଛି । ରାଜନୈତିକ ସୁବିଧା କିମ୍ବା ଭୋଟ୍ ?ବ୍ୟାଙ୍କ ରାଜନୀତି ପାଇଁ 'ବନ୍ଦେ ମାତରମ୍ ?'ର ସମ୍ମାନ ସହ କୌଣସି ସାଲିସ୍ ? କରାଯିବ ନାହିଁ ବୋଲି ବିଜେପି ସ୍ପଷ୍ଟ କରିଛି । ଏହାକୁ ଦେଶର ସମ୍ମାନ ଓ ସ୍ୱାଧୀନତା ସଂଗ୍ରାମର ଐତିହ୍ୟ ସହ ଜଡ଼ିତ ପ୍ରସଙ୍ଗ ବୋଲି ଦଳ ଦର୍ଶାଇଛି । ବିଜେପି ଅଧ୍ୟକ୍ଷ କହିଛନ୍ତି, ୧୯୪୭ରେ ଦେଶର ସ୍ୱାଧୀନତା ସମୟର ଜୟଘୋଷ 'ବନ୍ଦେ ମାତରମ୍ ?' ଥିଲା । ଏବେ ୨୦୪୭ର 'ବିକଶିତ ଭାରତ'ର ସଂକଳ୍ପ ସହ ମଧ୍ୟ 'ବନ୍ଦେ ମାତରମ୍ ?'କୁ ଯୋଡ଼ି ଦଳ ଏହାର ଜାତୀୟ ଗୁରୁତ୍ୱକୁ ଆହୁରି ଜୋରଦାର କରିବାକୁ ଚାହୁଁଛି ।









### ଧୋଇଗଲା ୨୦ ଫୁଟର ରାସ୍ତା

## ଝରିଗାଁ-ଡାବୁଗାଁ ମୁଖ୍ୟ ରାସ୍ତାରେ ଯାତାୟାତ ବନ୍ଦ



**ଝରିଗାଁ(ଅମୃତ ମିଡିଆ):** ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ ଲଗାଣ ବର୍ଷା ଯୋଗୁ ଝରିଗାଁ ବ୍ଲକ କୁଟ୍ରିଛାପର ପଞ୍ଚାୟତ ଅନ୍ତର୍ଗତ ଚିକିଲି ନଦୀର ସୁରକ୍ଷା ପାଚେରୀ ସହ ପ୍ରାୟ ୨୦ ଫୁଟ ରାସ୍ତା ଧୋଇ ଯାଇଛି। ସେହିଭଳି ନଦୀ ନିକଟରେ ଥିବା ଗଛଗୁଡିକ ମୂଳରୁ ଉପାଡ଼ି ହୋଇଯାଇଛି। ସେହିପରି କାର୍ଲାମାଲଠାରୁ କେବିଡ଼ି ଓ କେବିଡ଼ିଠାରୁ ବରପାଣି ଗ୍ରାମ ଯିବା ରାସ୍ତାରେ ଥିବା ନାଳ ନିକଟରେ ମଧ ପ୍ରାୟ ୧୦ ଫୁଟର ରାସ୍ତା ବର୍ଷା ପାଣିରେ ଧୋଇ ଯିବା ଫଳରେ ରେଖାମାଲ ଗ୍ରାମ ସହ ଢେପଗୁଡ଼ା କୁର୍ଲୁ ଭଟ୍ଟା, ଧୁମାମ, କେବିଡ଼ି, ଗଇଁଚଚରା, କରାଡଙ୍ଗରି, ବରପାଣି, କାଳିଆପାଣି ଗ୍ରାମର ଲୋକମାନଙ୍କ ପାଇଁ ଯାତାୟାତରେ ସମସ୍ୟା ଦେଖାଦେଇଛି। ସେହିଭଳି ଝରିଗାଁ-ଡ଼ାବୁଗାଁ ମୁଖ୍ୟ ରାସ୍ତାର ରାମସା ଗ୍ରାମ ନିକଟରେ ଥିବା ନଦୀର ଆପ୍ରୋଜ ରାସ୍ତା ବର୍ଷାପାଣିରେ ଧୋଇହୋଇଛି। ଫୁପୁଗାଁ ପୋଲ ଉପର ଦେଇ ବର୍ଷା ପାଣି ପ୍ରଭାବିତ ହେଉଥିବା ଯୋଗୁ ଝରିଗାଁ-ଡାବୁଗାଁ ରାସ୍ତାରେ ଯାତାୟାତ ସମ୍ପର୍ଣ୍ଣ ବନ୍ଦ ହୋଇଯାଇଛି। ସେହିଭଳି ବଡନୀ ଗ୍ରାମଠାରୁ ରାମସା ଗ୍ରାମ ରାସ୍ତା ଆଣ୍ଠୁଏ ଉପରେ ବର୍ଷା ପାଣି ବହୁଥିବା ଯୋଗୁ ଯାତାୟାତ ସମସ୍ୟା ଦେଖାଦେଇଥିଲା। ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ ଝରିଗାଁ ବ୍ଲକର ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହୋଇ ପଡ଼ିଥିବାବେଳେ ବିଭିନ୍ନ ନଦୀ ପାର୍ଶ୍ୱରେ ହୋଉଥିବା ଧାନଚାଷ ନଷ୍ଟ ହେବା ଚାଷୀ ଆଶଙ୍କା କରୁଛନ୍ତି।

### କେବେ ମିଳିବ ରାଇଘରକୁ ଆମ୍ବୁଲାନ୍ସ

## ଜରୁରୀ କ୍ଷେତ୍ରରେ ସମସ୍ୟା ପାଇଁ ଛଟପଟ ରୋଗୀ



**ରାଇଘର(ଅମୃତ ମିଡିଆ):** ୨୦୨୬-ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଲୋକଙ୍କ ସମସ୍ୟାର ସମାଧାନ ନିମନ୍ତେ ସରକାର ପକ୍ଷରୁ ୧୦୮,୧୦୨ ମାଗଣା ଆମ୍ବୁଲାନ୍ସ ସେବା କାର୍ଯ୍ୟକାରୀ କରିଛନ୍ତି କିନ୍ତୁ ମେଡିକାଲ ପରିସରରେ ହଠାତ୍ ଜରୁରୀ ସେବା ପାଇବା ନିମନ୍ତେ ପ୍ରତେକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆମ୍ବୁଲାନ୍ସ ମଧ ରହୁଛି । ନବରଙ୍ଗପୁର ଜିଲ୍ଲା ଛତିଶଗଡ ସୀମାନ୍ତ ରାଇଘର ବ୍ଲକରେ ୨୬ ଗୋଟି ପଞ୍ଚାୟତ ନିମନ୍ତେ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନଆରଏଚଏମ୍) ଯୋଜନାରେ ଗୋଟିଏ ଆମ୍ବୁଲାନ୍ସ ରହିଥିଲା । ଉକ୍ତ ଆମ୍ବୁଲାନ୍ସ ଦୀର୍ଘ ୧୫ ବର୍ଷରୁ ଉର୍ଦ୍ଧ୍ୱ ହେବ ନିୟୋଜିତ ରହି ବର୍ତ୍ତମାନ ସମୟରେ ଉକ୍ତ ଗାଡି ଖତ ଖାଉଛି ଫଳରେ ଜରୁରୀ କ୍ଷେତ୍ରରେ ନାନା ସମସ୍ୟା ସମ୍ମୁଖୀନ ଚିତ୍ର ସାମ୍ନାକୁ ଆସୁଛି । ଅତି ଜରୁରୀ କ୍ଷେତ୍ରରେ ଆମ୍ବୁଲାନ୍ସକୁ ଅପେକ୍ଷା କରି ରୋଗୀ ସମ୍ପର୍କୀୟ ନାନା ସମସ୍ୟା ସମ୍ମୁଖୀନ ହେଉଛନ୍ତି । ଗରିବ ଶ୍ରେଣୀର ଲୋକେ ନାନା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ତେଣୁ ରାଜ୍ୟ ସରକାର ଉପାନ୍ତ ରାଇଘର ବ୍ଲକରେ ଗୋଟିଏ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ଦାବି ହୋଇଛି । ଦୀର୍ଘ ବର୍ଷରୁ ଏହି ଦାବୀ ହୋଇ ଆସୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଏଥି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବୀ ହୋଇଛି। ସବିଶେଷ ଖବରରୁ ପ୍ରକାଶ ଯେ -ରାଇଘର ବ୍ଲକ ୨୪ କିମି ଦୂର ହାଟଭରଣ୍ଡି ଠାରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଛଅ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି କ୍ଷ ରାଇଘର ବ୍ଲକ ସଦର ମହକୁମାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି । ଏହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅନେକ ପଞ୍ଚାୟତର ଜନସାଧାରଣ ନିର୍ଭର କରୁଥିବା ଯୋଗୁଁ ଏଠାରେ ଜରୁରୀ ସେବା ନିମନ୍ତେ ଗୋଟିଏ ଆମ୍ବୁଲାନ୍ସ ରହିଥିଲା । ଅଧିକାଂଶ ସମୟରେ ୧୦୮,୧୦୨ ମାଗଣା ଆମ୍ବୁଲାନ୍ସ ବ୍ୟସ୍ତ ରହୁ ଥିବା ବେଳେ ସେହି ସମୟରେ ଜରୁରୀ ସେବା ନିମନ୍ତେ ଗୋଟିଏ ମେଡିକାଲରୁ ଅନ୍ୟ ମେଡିକାଲ ସ୍ଥାନାନ୍ତରିତ କରିବା ସମୟରେ ମେଡିକାଲରେ ଥିବା ଆମ୍ବୁଲାନ୍ସ ହିଁ ସେବା ଯୋଗାଇ ଆସୁଛି । ଏଥି ସହ ସଦର ମହକୁମା ଠାରେ ମଧ ବିଭିନ୍ନ ଦୁର୍ଘଟଣା ଶିକାର ଆହାତ ବ୍ୟକ୍ତି ବିଶେଷଙ୍କୁ ଉଦ୍ଧାର କରି ଆସୁଥିଲା ବର୍ତ୍ତମାନ ସମୟରେ ଦୀର୍ଘ ବର୍ଷ ହେବ ଏହି ଗାଡି ନିୟୋଜିତ ହୋଇଥିବା ବେଳେ ଗାଡିର ସ୍ଥିତି ଠିକ୍ ନାହିଁ ଫଳରେ ଖତ ଖାଉଛି ଆମ୍ବୁଲାନ୍ସ ଗାଡି । ଦୀର୍ଘ ବର୍ଷ ମଧରେ ଖରାପ ସ୍ଥିତିରେ ମଧ ଏହି ଆମ୍ବୁଲାନ୍ସ ରୋଗୀ ନେବା ଆଣିବା ଚାଲିଥିଲା । ଗାଡି ସଜାଡ଼ି ସଜାଡ଼ି ଦିନ ସରୁଥିବା ବେଳେ ନୂତନ ଆମ୍ବୁଲାନ୍ସ ନିୟୋଜିତ କରିବା ନିମନ୍ତେ ବିଭିନ୍ନ ମହଲରେ ଦାବୀ ହୋଇ ଆସୁଥିଲା କିନ୍ତୁ ଆଜି ପର୍ଯ୍ୟନ୍ତ ନୂତନ ଭାବେ ଆମ୍ବୁଲାନ୍ସ ଗାଡି ମିଳି ପାରିଲା ନାହିଁ । ଅତି ଜରୁରୀ କ୍ଷେତ୍ରରେ ରୋଗୀ ଆମ୍ବୁଲାନ୍ସକୁ ଅପେକ୍ଷା କରି କରି ଛଟପଟ ହେଉଥିବା ଦେଖିବାକୁ ମିଳୁଛି । ତେଣୁ ରାଇଘର ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ନୂତନ ଆମ୍ବୁଲାନ୍ସ ଯୋଗାଇ ଦେବାକୁ ସବୁ ମହଲରେ ଦାବୀ ହେଉଛି। ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ଜିଲ୍ଲା ପ୍ରଶାସନ ସ୍ଥାନିୟ ମନ୍ତ୍ରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସବୁ ମହଲରେ ଦାବୀ ହୋଇଛି ।

## ହରିଶଙ୍କରରେ ବୋଲବମ ଭିଡ଼ ମଧରେ ଜୁଆ ଆସର

### ଭକ୍ତିର ପରିବେଶକୁ କଳଙ୍କିତ କରୁଛନ୍ତି ଦୁର୍ବୃତ୍ତ



**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ:** ବୋଲବମ ପାଇଁ ରବିବାର ହରିଶଙ୍କରରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିବା ବେଳେ, ଏହି ଭିଡ଼କୁ ସୁଯୋଗ କରି କିଛି ଦୁର୍ବୃତ୍ତ ଖୋଲାଖୋଲି ଜୁଆ ଖେଳ ଚଳାଇଥିବା ଅଭିଯୋଗ ଆସିଛି। ହଜାର ହଜାର କାଉଡ଼ିଆ ଶ୍ରଦ୍ଧା ଓ ଭକ୍ତିର ସହ ହରିଶଙ୍କରରେ ପହଞ୍ଚିଥିବା ବେଳେ, ପବିତ୍ର ପରିବେଶକୁ ଆଡ଼ କରି ଜୁଆ ଆସର ଚଳାଇବା ଘଟଣା ଅନେକ ପ୍ରଶ୍ନ ଉଠାଇଛି। ଭକ୍ତିର ଭିଡ଼ ନା ଦୁର୍ବୃତ୍ତଙ୍କ ପାଇଁ ସୁଯୋଗ ? ଶ୍ରଦ୍ଧାଳୁମାନେ ଦୂରଦୂରାନ୍ତରୁ ଆସି ପବିତ୍ର ହରିଶଙ୍କର ମନ୍ଦିରରେ ଜଳାଭିଷେକ କରିବାକୁ ଧାଡ଼ି ଲଗାଉଥିବା ବେଳେ, ସେହି ସମୟରେ ଜୁଆ ଖେଳ ଚାଲିବା ପ୍ରଶାସନର ନଜରଦାରିକୁ ନେଇ ମଧ ସନ୍ଦେହ ସୃଷ୍ଟି କରିଛି। ଏତେ ଭିଡ଼ ମଧରେ ଦୁର୍ବୃତ୍ତମାନେ ଏଭଳି ଭାବେ ଜୁଆ ଖେଳାଇବାକୁ ସାହସ କଲେ କିପରି—ତାହା ଏବେ ବଡ଼ ପ୍ରଶ୍ନ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏଭଳି କାର୍ଯ୍ୟକଳାପ ଯୋଗୁଁ ଶ୍ରଦ୍ଧାଳୁଙ୍କ ମଧରେ ଅସୁରକ୍ଷା ଓ ବିଶୃଙ୍ଖଳାର ଆଶଙ୍କା ବଢୁଛି। ପବିତ୍ର ଧାର୍ମିକ ସ୍ଥଳକୁ ଭକ୍ତି ଓ ଆଧାତ୍ମିକତାର କେନ୍ଦ୍ର ଭାବେ ରଖିବା ପରିବର୍ତ୍ତେ ଯଦି ଜୁଆଡ଼ି ଓ ଦୁର୍ବୃତ୍ତଙ୍କ ଆଡ଼ାରେ ପରିଣତ କରାଯାଏ, ତେବେ ଏହାଠାରୁ ଲଜ୍ଜାଜନକ ଘଟଣା ଆଉ କ'ଣ ହୋଇପାରେ ? ଘଟଣା ସମ୍ପର୍କରେ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଜୁଆ ଖେଳରେ ସମ୍ପୃକ୍ତ ଲୋକମାନେ ଫେରାର ହୋଇଯାଇଥିଲେ।

## ରାଜ୍ୟସ୍ତରୀୟ ମଞ୍ଚରେ ରାଇଘର ଓ ନବରଙ୍ଗପୁରର ଗୌରବ



**ରାଇଘର(ଅମୃତ ମିଡିଆ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ କାର୍ଯ୍ୟରତ ଶିକ୍ଷକ ଭାରତୀୟ ସଂଶୃତି ଜ୍ଞାନ ପରୀକ୍ଷାରେ ତାରିଖ: ୨୩. ୦୮. ୨୦୨୬ ଯୁଗ ଶକ୍ତି ଗାୟତ୍ରୀ ଭବନ, ରସୁଲଗଡ଼, ଭୁବନେଶ୍ୱର ଠାରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ସଫଳତା ହାସଲ ଅର୍ଜନ କରିଛନ୍ତି। (ବି. ଏସ. ଜି. ପି.) ର ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ-୨୦୨୫ ଉତ୍ସାହ ଓ ଗରିମାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନବରଙ୍ଗପୁର ଜିଲ୍ଲାର ଦୁଇଜଣ ପ୍ରତିଭାବାନଙ୍କ ସଫଳତା ଜିଲ୍ଲା ପାଇଁ ଗୌରବ ଆଣିଛି। ରାଇଘର ବ୍ଲକର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ଯୋଡ଼ିଙ୍ଗାର ସହକାରୀ ଶିକ୍ଷକ ଶ୍ରୀ ପବିତ୍ର କୁମାର ରାଉତଙ୍କୁ ଶିକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଓ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ପ୍ରତି ନିଷ୍ଠା ପାଇଁ ଶିକ୍ଷକ ସମ୍ମାନ-୨୦୨୫ରେ ସମ୍ମାନିତ କରାଯାଇଥିଲା। ସେହିପରି ନବରଙ୍ଗପୁର ବ୍ଲକର ବିଦ୍ୟାର୍ଥୀ ଡିଗ୍ରୀ କଲେଜର ଛାତ୍ରୀ ସୁଶ୍ରୀ ଚେତନା ରାଣୀ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାରେ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛନ୍ତି। ତାଙ୍କର ଏହି ସଫଳତା ନବରଙ୍ଗପୁର ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି। ଭାରତୀୟ ସଂସ୍କୃତି, ନୈତିକ ମୂଲ୍ୟବୋଧ, ମାନବୀୟ ଚେତନା ଓ ଉତ୍ତମ ଚରିତ୍ର ଗଠନରେ ଏଭଳି ପରୀକ୍ଷାର ଗୁରୁତ୍ୱ ରହିଛି। ଶ୍ରୀ ରାଉତଙ୍କ ଶିକ୍ଷକ ସମ୍ମାନ ଏବଂ ସୁଶ୍ରୀ ଚେତନା ରାଣୀଙ୍କ ରାଜ୍ୟସ୍ତରୀୟ ସଫଳତା ଜିଲ୍ଲାର ଶିକ୍ଷକ, ଅଭିଭାବକ ଓ ଶିକ୍ଷାର୍ଥୀ ମହଲରେ ଆନନ୍ଦ ଓ ଗର୍ବର ପରିବେଶ ସୃଷ୍ଟି କରିଛି। ଏହି ସଫଳତା ପାଇଁ ଉଭୟଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ନବରଙ୍ଗପୁର ଜିଲ୍ଲାର ଜିଲ୍ଲା ସଂଯୋଜକ ଶ୍ରୀଯୁକ୍ତ ଉପେନ୍ଦ୍ର ନାଗ, ସହ ସଂଯୋଜକ ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀଯୁକ୍ତ ମନୋଜ ପଟ୍ଟନାୟକ ଓ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା (ବି. ଏସ. ଜି. ପି.) ର ଜିଲ୍ଲା ସଂଯୋଜକ ଶ୍ରୀଯୁକ୍ତ ପ୍ରକାଶ ସାମଲ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶ ଥାଉକି ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଗତ ବର୍ଷ ନବରଙ୍ଗପୁର ଜିଲ୍ଲାରେ ମୋଟ ୪୮ ଟି ବିଦ୍ୟାଳୟରେ ୧୪୭୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ଚଳିତ ବର୍ଷ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାର ଜିଲ୍ଲା ସଂଯୋଜକ ପ୍ରକାଶ ସାମଲ ସୂଚନା ଦେଇଛନ୍ତି।

## ମାଣ୍ଡିଆ ଚା' ଓ ପକୁଡ଼ିରେ ଶ୍ରଦ୍ଧାଳୁଙ୍କ ସେବା

**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ :** ପାରମ୍ପରିକତା ଓ ସେବାର ନିଆରା ଉଦାହରଣ ସୃଷ୍ଟି କରି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଛକଠାରେ ୱାଇସିଡିଏ ଏବଂ କେକେପିସିଏଲ, ଖପ୍ରାଖୋଲର ମିଳିତ ଉଦ୍ୟମରେ ଶ୍ରଦ୍ଧାଳୁ ଓ ସାଧାରଣ ଲୋକଙ୍କ ପାଇଁ ନିଃଶୁଳ୍କ ଖାଦ୍ୟପାନୀୟ ବଣ୍ଟନ କରାଯାଇଛି। ୱାଇସିଡିଏ ସଂସ୍ଥାର ଶ୍ରୀ ଅନ୍ନ ଯୋଜନାର ବ୍ଲକ ସଂଯୋଜକ ଉମେଶ ଗୁପ୍ତାଙ୍କ ନେତୃତ୍ୱରେ ଏହି ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ହରିଶଙ୍କର ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ, କାଉଡ଼ିଆଙ୍କ ସମେତ ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ଜନସାଧାରଣଙ୍କୁ ସଂସ୍ଥା ପକ୍ଷରୁ ମାଣ୍ଡିଆରେ ପ୍ରସ୍ତୁତ ଗରମାଗରମ ଚା' ଓ ମାଣ୍ଡିଆ-ବନ୍ଧାକୋବି ପକୁଡ଼ି ନିଃଶୁଳ୍କ ଭାବେ ପରିବେଷଣ କରାଯାଇଥିଲା। ସକାଳ ୮ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିଥିବା ଏହି ସେବା କାର୍ଯ୍ୟକ୍ରମରେ ଶତାଧିକ ଲୋକ ଉପକୃତ ହୋଇଥିଲେ। ବିଶେଷକରି ଦୂରଦୂରାନ୍ତରୁ ହରିଶଙ୍କର ଦର୍ଶନ ଓ କାଉଡ଼ି ଯାତ୍ରାରେ ଆସିଥିବା ଶ୍ରଦ୍ଧାଳୁମାନେ ଏହି ସେବାକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ମାଣ୍ଡିଆ ଭଳି ପୌଷ୍ଟିକ ଓ ପାରମ୍ପରିକ ଶସ୍ୟର ପ୍ରଚାର ସହ ଶ୍ରଦ୍ଧାଳୁଙ୍କ ସେବାକୁ ଏକାଠି କରିଥିବା ୱାଇସିଡିଏର ଏହି ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା ସାଉଁଟିଛି। କାର୍ଯ୍ୟକ୍ରମରେ ଖପ୍ରାଖୋଲ ବ୍ଲକ ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ, ତସିଲଦାର ସତ୍ୟସୁନ୍ଦର ରାଉତ ରାଏ, ଏମପି ନମିନି ସନ୍ତୋଷ ଭଏସାଲ, ୱାଇସିଡିଏ ପ୍ରୋଗ୍ରାମ ମେନେଜର ସୁବ୍ରତା ଜେନା , ଶୋଭମୟ ଦାସ, ସର୍ବେଶ୍ୱର ଗଡ଼ତିଆ, କେକେପିସିଏଲ୍ ସିଇଓ ଗଣେଶ ବନଛୋର ମାଧବ ଚନ୍ଦ୍ର ଖର୍ଶେଲ ଓ ଜୟରାମ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଭୋଜରାଜ ବରିହା, ଫକୀର ସାହୁ, ସଦାନନ୍ଦ ବାଗ,ବାସନ୍ତୀ ମୁଣ୍ଡା, ରତ୍ନାବତୀ ମାଝୀ, କସ୍ତୁରୀ ମାଝୀ, ଉମ୍ବୁରୁଧର ସାହୁ, ପୁରଞ୍ଜନ ସେଠ, ଶିବାପୁଟେଲ ପୁରନ୍ଦର ବନଛୋର,ଜିବରଧନ ମଲ୍ଲିକ, ଚୁଡାମଣି ମଲ୍ଲିକ, ତୁଳସୀରାମ ନିଆଲ, ପ୍ରମୋଦ ବାଗ, ମନୋଜ ଶବର, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସହଯୋଗ କରିଥିଲେ।



## 'ଆଗର ନୂଆଁଖାଇ ଏବର ନୂଆଁଖାଇ' ଶୀର୍ଷକ ଆଲୋଚନାଚକ୍ର



**ସିନାପାଲି(ଅମୃତ ମିଡିଆ):** ନୂଆପଡ଼ା ଜିଲ୍ଲା ସିନାପାଲିର ସାମୁହିକ ନୂଆଁଖାଇ ଭେଟଘାଟ ପରିବାର ତରଫରୁ 'ଆଗର ନୂଆଁଖାଇ ଆଉ ଏଭର ନୂଆଁଖାଇ' ଶୀର୍ଷକରେ ଏକ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି । ନୂଆଁଖାଇକୁ ଅଧିକ ଭବ୍ୟ ଓ ଅଡ଼ମ୍ବରପୂର୍ଣ୍ଣ କରିବାକୁ ଗଣପର୍ବ ନୂଆଁଖାଇ ପୂର୍ବରୁ ଭେଟଘାଟ ପରିବାର ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏହି କ୍ରମରେ ଭେଟଘାଟ ପରିବାର ଦ୍ୱାରା ରବିବାର ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ କମିଟିର ଉପଦେଷ୍ଟା ନୀଳମଣି ମେହେରଙ୍କ ଅଧ୍ୟକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ନାଗରିକ କମିଟି ସଭାପତି ଡ଼ମ୍ବରୁଧର ମେହେର ଓ ସମ୍ମାନିତ ଅତିଥି ଭାବରେ ଦିବାକର ଖମାରୀ, ନନ୍ଦକୁମାର ପାତ୍ର, ନବୀନ ଚନ୍ଦ୍ର ମେହେର, ବିଜୟ କୁମାର ସାହୁ, କାପସି ଝାକର ନରୋତ୍ତମ ମାଝୀ, ସିନାପାଲି ଝାକର ଶରତ ମାଝୀ, ରୁପେଶ ଚନ୍ଦ୍ର ମେହେର, ସୁନନ୍ଦା ମେହେର ଯୋଗଦେଇଥିବା ବେଳେ ଆଲୋଚକ ଭାବରେ ରବୀନ୍ଦ୍ରନାଥ ଯୋଷୀ, ସତ୍ୟବ୍ରତ ଗହୀର ଓ ବୈଷ୍ଣବ ମେହେର ଯୋଗଦେଇ ଆଗର ଏବଂ ଏଭର ନୂଆଁଖାଇର ବିଭିନ୍ନ ମହତ୍ୱପୂର୍ଣ୍ଣ ଦିଗ ବିଷୟରେ ଆଲୋଚନା ରଖିଥିଲେ। ଅନ୍ୟମାନଙ୍କ ମଧରେ ତପନ ସା, ଅରିଗଞ୍ଜନ ଯୋଷୀମଧ ନିଜ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭରେ ରଶ୍ମିରଂଜନ ସା ଅତିଥି ପରିଚୟ ଦେଇଥିବା ବେଳେ କମିଟିର ସଭାପତି ତ୍ରିନାଥ ମେହେର ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ କ୍ଷ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ । ଶେଷରେ କମିଟିର ଉପସଭାପତି ବିଦ୍ୟାଧର ସା ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମରେ ଅଂଚଳ ଓ ଅଂଚଳ ବାହାରୁ ଶତାଧିକ ସଂସ୍କୃତିପ୍ରେମୀ ଯୋଗ ଦେଇଥିଲେ କ୍ଷ କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ନୂଆଁଖାଇ ଭେଟଘାଟର ସମସ୍ତ କାର୍ଯ୍ୟକ୍ରମ ଆୟୋଜନରେ ମୁଖ୍ୟ ସ୍ପନ୍ସର ବିଜୟଲକ୍ଷ୍ମୀ ଟ୍ରାଭେଲ୍ସ ଖଡ଼ିଆଳ ଓ ଏସ.ଏସ.କେ.ପି ମିଡିଆ ସିନାପାଲି, କୋ ସ୍ପନ୍ସର ବ୍ଲୁ ବେଲ୍ ପବ୍ଲିକ ସ୍କୁଲ, ଗମ୍ଭାରୀଗୁଡା ଓ ଷ୍ଟୁଡେଣ୍ଟ୍ ହେଲ୍ପଲାଇନ, ସିନାପାଲି ଏବଂ ଏସୋସିଏଟ ସ୍ପନ୍ସର ଭବାନୀ କିରାନା ଷ୍ଟୋର ସିନାପାଲି, ପ୍ରିନ୍ସେସ ବ୍ୟୁଟି ପାର୍ଲର ଏଣ୍ଡ ସ୍ପା ସିନାପାଲି , ଶ୍ରୀତ୍ କମ୍ପ୍ୟୁଟର୍ ଖଡ଼ିଆଳ ଓ ନ୍ୟୁ ଶ୍ରୀ ରେଷ୍ଟୁରାଣ୍ଟ ସିନାପାଲି ସହଯୋଗ କରୁଛନ୍ତି ।

### ନିଶାର ନିର୍ମମ ପରିଣତି

## ସ୍ୱାମୀ-ସ୍ତ୍ରୀ କଳହ ପରେ ସ୍ୱାମୀଙ୍କ ଆତ୍ମହତ୍ୟା



**ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ:** ନିଶା ସେବନର ଭୟାବହ ପରିଣତି ପୁଣି ଥରେ ଏକ ପରିବାରର ହସଖୁସିକୁ ଛାରଖାର କରିଦେଇଛି। ସ୍ୱାମୀ-ସ୍ତ୍ରୀଙ୍କ ମଧରେ କଳହ ପରେ ଜଣେ ୩୬ ବର୍ଷୀୟ ବ୍ୟକ୍ତି ଫାଶୀ ଲଗାଇ ଜୀବନ ହାରାଇଥିବା ଭଳି ଦୁଃଖଦ ଘଟଣା ଖପ୍ରାଖୋଲ ଥାନା ଅନ୍ତର୍ଗତ ଧଣ୍ଡାମୁଣ୍ଡା ପଞ୍ଚାୟତର ବନ୍ଦେପଦର ଗ୍ରାମରେ ଘଟିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ବନ୍ଦେପଦର ଗ୍ରାମର ସୁଶୀଲ ଭଇଁସାଲ (୩୬) ଶୁକ୍ରବାର ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିଥିଲେ। ଏହାପରେ ସ୍ତ୍ରୀ ଓ ତିନି ଛୁଆଙ୍କ ସହ ତାଙ୍କର କଳହ ହୋଇଥିବା ଜଣାପଡ଼ିଛି। ପରିସ୍ଥିତି ଅଣାୟତ୍ତ ହେବାରୁ ସ୍ତ୍ରୀ ଓ ତିନି ଛୁଆ ଘରୁ ବାହାରି ପଡ଼ୋଶୀଙ୍କ ଘରକୁ ଚାଲିଯାଇଥିଲେ।ଶନିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ସୁଶୀଲଙ୍କ ସ୍ତ୍ରୀ ପଡ଼ୋଶୀଙ୍କ ନିକଟରେ ଗୁହାରି କରି ସ୍ୱାମୀଙ୍କୁ ବୁଝାଇବା ସହ ଘରର କବାଟ ଖୋଲିବାକୁ କହିଥିଲେ। ଏହାପରେ ପଡ଼ୋଶୀମାନେ ସିଡ଼ି ଲଗାଇ ପାଚେରୀ ଭିତରକୁ ଜଣେ ବ୍ୟକ୍ତିଙ୍କୁ ପଠାଇଥିଲେ। ଭିତରକୁ ଯାଇ ସେ ସୁଶୀଲଙ୍କୁ ଏକ ଶାଢ଼ୀରେ ଫାଶୀ ଲଗାଇ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ଘଟଣା ସମ୍ପର୍କରେ ଖପ୍ରାଖୋଲ ପୁଲିସକୁ ଖବର ଦିଆଯିବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଶବକୁ ଖପ୍ରାଖୋଲ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ଅଣାଯାଇଥିଲା। ବ୍ୟବଚ୍ଛେଦ ପରେ ପୁଲିସ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଗ୍ରାମବାସୀଙ୍କ ମଧରେ ଚର୍ଚ୍ଚା ଅନୁଯାୟୀ, ଶୁକ୍ରବାର ରାତିରେ ହିଁ ସୁଶୀଲ ଫାଶୀ ଲଗାଇଥିବା ସନ୍ଦେହ କରାଯାଉଥିବା ବେଳେ ଶନିବାର ଅପରାହ୍ନ ପ୍ରାୟ ୪ଟା ସମୟରେ ଘଟଣା ସମ୍ପର୍କରେ ସମସ୍ତେ ଜାଣିବାକୁ ପାଇଥିଲେ। ଏନେଇ ଖପ୍ରାଖୋଲ ଥାନାରେ ୟୁଡି କେସ୍ ନଂ-୮/୨୦୨୬ ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଏଏସ୍ଆଇ ରବୀନ୍ଦ୍ର କୁମ୍ଭାର କରୁଥିବା ସୂଚନା ମିଳିଛି। ନିଶା କେବଳ ଜଣେ ବ୍ୟକ୍ତିଙ୍କୁ ନଷ୍ଟ କରେନାହିଁ, ଏହାର କୁପରିଣାମ ସାରା ପରିବାରକୁ ଭୋଗିବାକୁ ପଡ଼େ। ନିଶାସକ୍ତ ଅବସ୍ଥାରେ ଘରେ କଳହ, ମାଡ଼ପିଟ ଓ ଅଶାନ୍ତି ସୃଷ୍ଟି ହେବା ଏବେ ଅନେକ ପରିବାରର ଦୁଃଖଦ ବାସ୍ତବତା। ନିଶା ମଣିଷର ବିବେକ, ଧୈର୍ଯ୍ୟ ଓ ନିଷ୍ପତ୍ତି ନେବାର କ୍ଷମତାକୁ କ୍ଷୀଣ କରିଦିଏ। ଏହାର ଶିକାର ହୁଅନ୍ତି ନିରୀହ ପରିବାର ସଦସ୍ୟମାନେ। ବନ୍ଦେପଦରର ଏହି ଘଟଣା ନିଶା ବିରୋଧରେ ସମାଜ ପାଇଁ ଏକ ତୀବ୍ର ସତର୍କବାଣୀ। ଜଣେ ବ୍ୟକ୍ତିଙ୍କ ନିଶା ଅଭ୍ୟାସ ଯଦି ଏକ ପରିବାରର ଶାନ୍ତି ଛଡ଼ାଇ ନେଉଛି, ତେବେ ନିଶା ନିୟନ୍ତ୍ରଣ ଓ ନିଶାମୁକ୍ତି ଅଭିଯାନ କେବଳ ସରକାରୀ କାର୍ଯ୍ୟକ୍ରମରେ ସୀମିତ ନ ରହି, ଗାଁରୁ ଗାଁକୁ ଏହାର ପ୍ରଭାବୀ ପ୍ରତିରୋଧ ଆବଶ୍ୟକ।

## କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟରେ ସ୍ପେସ୍ ଲ୍ୟାବ୍ ଉଦ୍‌ଘାଟିତ




**ବରଗଡ଼(ଅମୃତ ମିଡିଆ):** ଛାତ୍ରଛାତ୍ରୀଙ୍କ ମଧରେ ଅନୁଭବାତ୍ମକ ଶିକ୍ଷା ତଥା ମହାକାଶ ବିଜ୍ଞାନ ପ୍ରତି ଆଗ୍ରହ ବୃଦ୍ଧି ଲକ୍ଷ୍ୟରେ କ୍ରିଷ୍ଣା ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ରେ ନୂତନ ସ୍ପେସ୍ ଲ୍ୟାବ୍ ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ପୂର୍ବତନ ଇସ୍ରୋ ବୈଜ୍ଞାନିକ, ଏରୋସ୍ପେସ୍ ବିଶେଷଜ୍ଞ ତଥା ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ସହକର୍ମୀ ପ୍ରଫେସର ଏଲାଙ୍ଗୋଭନ ରାଜଗୋପାଳନ ଏହି ସ୍ପେସ୍ ଲ୍ୟାବ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ରିଷ୍ଣା ବିକାଶ ସମୂହର ଚେୟାରମ୍ୟାନ୍ ଶ୍ରୀ ଡି. ମୁରଲୀ କ୍ରିଷ୍ଣା, ବିକାଶ ସମୂହର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟର ଏକାଡେମିକ୍ ପ୍ରିନ୍ସିପାଲ୍ ଶ୍ରୀ ଶିଶିର ପ୍ରସାଦ ରାଉଳ, ନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଶ୍ରୀ ଚିତ୍ତରଞ୍ଜନ ପତି, ସି.ଏଚ୍.ଜି.ଏସ୍.ଏ. ଅଧ୍ୟକ୍ଷ ଶ୍ରୀ ନାରାୟଣ ରଥ, ବିକାଶ ଶିକ୍ଷାନୁଷ୍ଠାନ ସମୂହର ପିପୁଲ୍ ଏଣ୍ଡ କଲଚର୍ ହେଡ୍ ଶ୍ରୀ ଅଶ୍ୱିନୀ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ମନୋଜ କୁମାର ତ୍ରିପାଠୀଙ୍କ ସମେତ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରେ ଶ୍ରୀ ଦାଶୀ ମୁରଲୀ କ୍ରିଷ୍ଣା ଉପସ୍ଥିତ ସମାବେଶକୁ ସମ୍ବୋଧିତ କରିଥିଲେ। ଏହାପରେ ପ୍ରଫେସର ରାଜଗୋପାଳନ ଇସ୍ରୋର ଅଭିଜ୍ଞତା ବାଣ୍ଟିବା ସହ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ, ଗବେଷଣା ଓ ନବସୃଜନ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଏକ ଆଲୋଚନାତ୍ମକ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀମାନେ ମହାକାଶ ବିଜ୍ଞାନ, ରକେଟ୍, ଉପଗ୍ରହ ଏବଂ ଏରୋସ୍ପେସ୍ ପ୍ରଯୁକ୍ତି ସମ୍ପର୍କରେ ଉତ୍ସାହର ସହ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ପ୍ରଫେସର ରାଜଗୋପାଳନ ସେସବୁ ପ୍ରଶ୍ନର ଉତ୍ତର ଦେଇ ଛାତ୍ରଛାତ୍ରୀଙ୍କ ଜିଜ୍ଞାସାକୁ ଉତ୍ସାହିତ କରିଥିଲେ। ନୂତନ ସ୍ପେସ୍ ଲ୍ୟାବ୍ ଛାତ୍ରଛାତ୍ରୀଙ୍କ ଶିକ୍ଷା, ବୈଜ୍ଞାନିକ ଅନୁସନ୍ଧାନ, ପରୀକ୍ଷଣ ଓ ନବସୃଜନ ପାଇଁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ବିକାଶ ଆବାସିକ ବିଦ୍ୟାଳୟର ବିଜ୍ଞାନ ବିଭାଗର ମୁଖ୍ୟ ଶିକ୍ଷକ ଶ୍ରୀ ବିନୀତ କୁମାର ଦୋରା ସହଯୋଗ କରିଥିଲେ।

## ସମ୍ପାଦକୀୟ...

# ଗରିବଙ୍କୁ ଆରକ୍ଷଣ...

ଭାରତ ଏକ କୃଷିପ୍ରଧାନ ଦେଶ । ଏମିତି କଥା ଆମେ ଅବଶ୍ୟ ଆମ ପିଲାବେଳରୁ ଶୁଣି ଆସିଛୁ । ତେବେ ଅସୁବିଧା କେଉଁଠି ? ଏମିତି ବି ଆମେ ଶୁଣିଛୁ ଯେ ଚାଷ କାମ ଯାହାର କେତେ ସୁଖ ତାହାର । ଅଥଚ ସେଇ କୃଷିପ୍ରଧାନ ଦେଶ ଭାରତରେ ସମାଜର ଅଧିକାଂଶ ଲୋକ ଏବେ ଅଭାବ ଅସୁବିଧାରେ କାଳାତିପାତ କରୁଛନ୍ତି । ଦି ବେଳା ମୁଠାଏ ଖାଇବା ପାଇଁ ମଧ୍ୟ ସେମାନେ କରୁଛନ୍ତି ଅହରହ ସଂଗ୍ରାମ । ଏଭଳି କିଛି ଦୁଃସ୍ଥିତିରେ ଗତି କରୁଛି ଆମର ଦେଶ । ଦେଶର ବିଭିନ୍ନ ଭାଗ..ପୂର୍ବରୁ ପଶ୍ଚିମ..ଉତ୍ତରରୁ ଦକ୍ଷିଣ.. ସବୁଆଡେ ଦୃଶ୍ୟମାନ ଦାରିଦ୍ର୍ୟର ଝଲକ । ତା'ରି ଭିତରେ ଏବେ ବି ସଙ୍ଘର୍ଷ କରୁଛି ଭାରତ । ନିଜକୁ ବିକଶିତ କରିବା ପାଇଁ । ବିଶ୍ୱର ବିକଶିତ ଦେଶ ତାଲିକାରେ ନିଜକୁ ସାମିଲ୍ କରିବା ପାଇଁ ବର୍ତ୍ତମାନ କେନ୍ଦ୍ରରେ ଆସୀନ ଏନଡିଏ ସରକାର ତା'ର ସମସ୍ତ ବୁଦ୍ଧିବଳ ଲଗାଇ ଦେଇଛି । ତଥାପି ହଟାଇପାରୁନି ଗରିବୀ । ଆଜି ବି ଭାରତର ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶାରେ କେବିକେ ଭଳି ଅନେକ ଅଞ୍ଚଳ ରହିଛି ଯେଉଁଠାରେ ଅତି ସ୍ପଷ୍ଟ ଭାବରେ ବାରି ହୋଇପଡେ ଗରିବୀର ଚିତ୍ର । ଗରିବୀ ଦୂର ପାଇଁ ଉଭୟ କେନ୍ଦ୍ରସରକାର ଏବଂ ରାଜ୍ୟ ସରକାର ସେମାନଙ୍କ ସାଧ୍ୟମତେ ସମସ୍ତ ପ୍ରକାର ଉଦ୍ୟମ ଜାରି ରଖିଛନ୍ତି ତଥାପି ସମ୍ପୂର୍ଣ୍ଣ ଦୂର ହୋଇପାରୁନି ସମସ୍ୟା । ସେଥିପାଇଁ ତ ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ମୁଣ୍ଡ ଟେକୁଛି ଗଣଆନ୍ଦୋଳନ, ବିକ୍ଷୋଭ, ବିଦ୍ରୋହ ଆଦି ସମସ୍ୟା । ତଥାପି ଦୂର ହେଉନି କାରଣ ଭାରତରେ ଭରି ରହିଛି ବିଭିନ୍ନ ସମସ୍ୟା । ବିଶେଷକରି ଗରିବୀ ଭଳି ଅତି ଗମ୍ଭୀର ସମସ୍ୟା ମୁଣ୍ଡ ଟେକିଛି । ଯାହା ପଛରେ ଏକ ପ୍ରମୁଖ କାରଣ ହେଉଛି ବେକାରୀ ସମସ୍ୟା । ଆଜିର ସମୟରେ ଭାରତ ସରକାର ଦେଶରୁ ନା ଗରିବୀ ଦୂର କରିବାରେ ସଫଳ ହୋଇଛନ୍ତି ନା ବେକାରୀ । ପ୍ରଥମେ ବେକାରୀ ଦୂର ହେଲେ ତା'ପରେ ଯଇ ଗରିବୀ ହେବ ଦୂର । ଗରିବୀ ସୃଷ୍ଟି ପଛରେ ଆହୁରି ମଧ୍ୟ କାରଣ ରହିଛି । ଯାହାହେଉ...ବେକାରୀ ସମସ୍ୟା ଯେ ଗରିବୀ ପଛରେ ପ୍ରମୁଖ କାରଣ ବୋଲି କୁହାଯାଇପାରେ । ଜାତୀୟ ସର୍ଭେକ୍ଷଣ ସଂସ୍ଥା ପିଏଲଏଫ୍ଏସ୍‌ର ଏକ ସର୍ଭେ ଅନୁଯାୟୀ ଭାରତରେ ଏବେ ବେକାରୀ ପ୍ରତିଶତ ହେଉଛି ୫.୧ ଯାହାକି ଭାରତ ପାଇଁ ଅତି ଚିନ୍ତାର ବିଷୟ । ସେଭଳି କ୍ଷେତ୍ରରେ ଦେଶରେ ଗରିବୀ ହାର ବି ଅଧିକ ରହିପାରେ । ଦେଶରୁ ଗରିବୀ ଦୂର ପାଇଁ ଉଭୟ କେନ୍ଦ୍ରସରକାର ଏବଂ ରାଜ୍ୟ ସରକାର ସେମାନଙ୍କ ନିଜ ନିଜ ସ୍ତରରେ ସବୁପ୍ରକାର ଉଦ୍ୟମ ଜାରି ରଖିଛନ୍ତି ତଥାପି ଗରିବୀ ଭଳି ଏକ ମହାକାୟ ପୁରାତନ ଭାରତୀୟ ବ୍ୟାଧିକୁ ସମ୍ପୂର୍ଣ୍ଣ ରୂପେ ଦୂର କରିବାରେ ସଫଳ ହୋଇପାରୁନି ଭାରତ ସରକାର । ସେଥିପାଇଁ ତ ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ସମୟରେ ମୁଣ୍ଡ ଟେକୁଛି ଗଣଆନ୍ଦୋଳନ, ବିକ୍ଷୋଭ,ବିଦ୍ରୋହ ଆଦିରଣସମସ୍ୟା ।ତଥାପି ବି ସମସ୍ୟା ଦୂରହେଉନି । ତେବେ ଏନଡିଏ ସରକାର ଅମଳରେ ସମ୍ପୂର୍ଣ୍ଣ ନ ହେଲେ ବି ଅନେକାଂଶରେ ଦୂର ହୋଇପାରିଛି ଦେଶର ସେହି ବେକାରୀ ସମସ୍ୟା ଯାହାର ହାର ବର୍ତ୍ତମାନ ଦେଶରେ ଏବେ ସମୁଦାୟ ପାଞ୍ଚ ପ୍ରତିଶତ ମାନେ ୫% । ତେବେ ଭାରତର ସମୁଦାୟ ୧୪୦ କୋଟି ଜନତାଙ୍କ ମଧ୍ୟରୁ ଆନୁମାନିକ ପ୍ରାୟ କୋଡ଼ିଏ କୋଟିରୁ ଅଧିକ ଲୋକ ଏବ ବି ରହିଛନ୍ତି ଗରିବୀ ସୀମାରେଖା ତଳେ ଯାହାକି ଅତି ଚିନ୍ତାର ବିଷୟ । ସେଥିପାଇଁ ଏବେ ମାତିଛନ୍ତି ଜେନ ଜି ... ଅତ୍ୟାଧୁନିକ ଯୁବଗୋଷ୍ଠୀ । ଦିଲ୍ଲୀର ଯନ୍ତରମନ୍ତରରେ ଏବେ ଏକ ନୂଆ ଆନ୍ଦୋଳନ ମୁଣ୍ଡ ଟେକିଛି । ଆରକ୍ଷଣ ବିରୋଧୀ ଆନ୍ଦୋଳନ । ଜାତି ଭିତ୍ତିରେ ନୁହେଁ ବରଂ ଆର୍ଥିକ ସ୍ଥିତି ଆଧାରରେ ଆରକ୍ଷଣ ଦେବାକୁ ଜିଦ୍‌ରେ ଅଡ଼ିବସିଛନ୍ତି ଆନ୍ଦୋଳନକାରୀ ।

# କରୁଣାର ସାଗର



ଅମତୁସ୍ ଶାଫି



ମହତ କରମ କରେ ଯେ ମହାନ ହୁଅଇ ମହୀମଣ୍ଡଳେ
ସ୍ୱର୍ଣ୍ଣାକ୍ଷରେ ଲେଖାହୁଏ ତା'ର ନା ପୂଜାପାଏ କାଳେ କାଳେ ॥

ଈଶ୍ୱର ମଣିଷକୁ ଧରାପୃଷ୍ଠରେ ସର୍ବକୃଷ୍ଟ ପ୍ରାଣୀରୂପେ ଗଢିଛନ୍ତି । ମଣିଷ ଓ ପଶୁ ମଧ୍ୟରେ କେବଳ ଜ୍ଞାନର ମାତ୍ର ଫରକ ରହିଛି । ସମଗ୍ର ବିଶ୍ୱ ମହାମାନବ ଜଗତଗୁରୁ ପୈଗମ୍ବର ମହମ୍ମଦଙ୍କର ଏବେ ୧୫୦୧ତମ ଜୟନ୍ତୀ ପାଳନ କରୁଛି । ସକଳ ଧର୍ମର ପବିତ୍ର ଧର୍ମପୁସ୍ତକରେ ମହମ୍ମଦଙ୍କ ଆବିର୍ଭାବର ଭବିଷ୍ୟତବାଣୀ ଉଲ୍ଲେଖ ରହିଛି । ସେ ସମଗ୍ର ବିଶ୍ୱ ପାଇଁ ଜଗତଗୁରୁ ଏବଂ କରୁଣାର ସାଗର ହୋଇଆସିଥିଲେ । ସେ ଇସଲାମିକ କ୍ୟାଲେଣ୍ଡର ଅନୁଯାୟୀ ୧୨ ରବିଉଲ୍ ଅୱଲ, ଇଂରାଜୀ ବର୍ଷ ୨୦ ଅପ୍ରେଲ ୫୭୦ ମସିହାରେ ଆରବ ଦେଶର ମକ୍କା ସହରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ବାପଙ୍କ ନାମ ଅବ୍ଦୁଲ୍ଲାଃ ଏବଂ ମାଁଙ୍କ ନାମ ଆମିନା ଥିଲା । ସେ ଜଣେ ସର୍ବଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ସେ ଏକାଧାରରେ ଜଣେ ଧର୍ମପ୍ରାଣ ମହର୍ଷି, ଧର୍ମ ପ୍ରବର୍ତ୍ତକ, ସୁଦକ୍ଷ ଶାସକ, ବିଜ୍ଞ ବିଚାରପତି, ପ୍ରବୀଣ ରାଜନୀତିଜ୍ଞ, ଦକ୍ଷ ସେନାପତି ଏବଂ ଜଣେ ମହାନ ସମାଜ ସଂସ୍କାରକ ।

ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ, ଲେଖକ ତଥା ଶ୍ୱେତ ଜାତୀୟତାବାଦୀ ମାଇକେଲ ଏଚ. ହାର୍ଟ ତାଙ୍କ ବିଶ୍ୱ ପ୍ରସିଦ୍ଧ ପୁସ୍ତକ ଦି ୧୦୦-ଏ ର୍‌ୟାଙ୍କିଙ୍ଗ ଅଫ୍ ଦି ମୋଷ୍ଟ ଇନଫ୍ଲୁଏନ୍ସିଆଲ୍ ପର୍ସନ ଇନ୍ ହିଷ୍ଟ୍ରିରେ ସେ ଇତିହାସରେ ସବୁଠାରୁ ପ୍ରଭାବଶାଳୀ୧୦୦ ବ୍ୟକ୍ତି ବିଶେଷଙ୍କ ତାଲିକାରେ ମହାମାନବ ଜଗତଗୁରୁ ପୈଗମ୍ବର ମହମ୍ମଦଙ୍କୁ ସର୍ବଶ୍ରେଷ୍ଠ ବ୍ୟକ୍ତି ଭାବେ ଦର୍ଶାଇଛନ୍ତି । ମାଇକେଲ ଏଚ. ହାର୍ଟଙ୍କ ମତରେ ମହମ୍ମଦଙ୍କ ନେତୃତ୍ୱ ଆଧ୍ୟାତ୍ମିକ ଏବଂ ଅଲୌକିକକୁ ମିଶ୍ରଣ କରିଥିଲା । ଯାହା ତାଲିକାଭୁକ୍ତ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଏକ ଅନନ୍ୟ ମିଶ୍ରଣ ଥିଲା । ଏବଂ ଏହା ତାଙ୍କୁ ସର୍ବୋଚ୍ଚ ସଫଳତା ପ୍ରଦାନ କରିଥିଲା ।

ଭାରତୀୟ ବିଦ୍ୱାନ ପ୍ରଫେସର କେ.ଏସ୍.ରାମକ୍ରିଷ୍ଣ ରାଓଙ୍କ ମତରେ ମହମ୍ମଦଙ୍କ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ସତ୍ୟତାକୁ ଜାଣିପାରିବା ଅତ୍ୟନ୍ତ କଷ୍ଟକର । ମୁଁ କେବଳ ତାର ଗୋଟିଏ ଝଲକ ପାଇପାରୁଛି । ମହମ୍ମଦ ହେଉଛନ୍ତି ଧର୍ମପ୍ରବର୍ତ୍ତକ,ମହମ୍ମଦ ହେଉଛନ୍ତି ବୀରପୁରୁଷ, ମହମ୍ମଦ ବ୍ୟବସାୟୀ, ମହମ୍ମଦ ରାଜନୀତିଜ୍ଞ, ମହମ୍ମଦ ହିଁ ବକ୍ତା, ମହମ୍ମଦ କ୍ରୀତଦାସଙ୍କର ସଂରକ୍ଷକ, ମହମ୍ମଦ ନାରୀଜାତିର ମୁକ୍ତିଦାତା, ମହମ୍ମଦ ନ୍ୟାୟାଧୀଶ, ମହମ୍ମଦ ହିଁ ସନ୍ଥ ।ନ୍ତ ରାଷ୍ଟ୍ର ପିତା ମହାତ୍ମା ଗାନ୍ଧୀ କୁହନ୍ତି; ମୁଁ ସେହି ବ୍ୟକ୍ତିଙ୍କ ଜୀବନଚରିତ୍ର ଜାଣିବା ପାଇଁ ଉତ୍ସୁକ ହେଲି ଯିଏ ଆଜି କୋଟି କୋଟି ଲୋକଙ୍କ ହୃଦୟରେ ନିଜର ଅଖଣ୍ଡ ପ୍ରଭାବ ବିସ୍ତାର କରିଛନ୍ତି...ପୂର୍ବାପେକ୍ଷା ମୋର ଅଧିକ ହୃଦ୍‌ବୋଧ ହେଲା ଯେ ଏହା ତରବାରୀ ନଥିଲା ଯାହା ତତ୍କାଳୀନ ଜୀବନଧାରାରେ ଇସଲାମ ପାଇଁ ସ୍ଥାନ ନିରୂପଣ କରିଥିଲା । ଏହା ଥିଲା ଈଶ୍ୱରଦୂତଙ୍କର ସରଳତା, ନିଜ ପ୍ରତି ନଗଣ୍ୟ ଭାବ, ବଚନ ପ୍ରତି ନିଷ୍ଠାପରତା, ମିତ୍ର ଓ ଅନୁଗତମାନଙ୍କ ପ୍ରତି ଗଭୀର ଅନୁରାଗ,ତାଙ୍କ ସାହସ ଓ ନିର୍ଭୀକତା ଏବଂ ଈଶ୍ୱରଙ୍କ ପ୍ରତି ଓ ନିଜ ମିଶନ ପ୍ରତି ତାଙ୍କର ପୂର୍ଣ୍ଣ ବିଶ୍ୱାସ ।

ଭାରତର କୋକିଳ କଣ୍ଠୀ, କବିୟିତ୍ରୀ,ନାରୀନେତ୍ରୀ,ବାଗ୍ମୀ ତଥା ଦେଶର ପ୍ରଥମ ମହିଳା ରାଜ୍ୟପାଳ ସରୋଜିନୀ ନାଇଡୁ ଇସଲାମ ବିଷୟରେ ତଥା ମହମ୍ମଦଙ୍କ ପ୍ରଭାବଶାଳୀ ଆଦର୍ଶ ବିଷୟରେ କୁହନ୍ତି; ନ୍ତଏହା ପ୍ରଥମ ଧର୍ମ ଥିଲା ଯାହା ଗଣତନ୍ତ୍ରର ପ୍ରଚାର ଏବଂ ଅଭ୍ୟାସ କରିଥିଲା । କାରଣ ମସଜିଦରେ ଯେତେବେଳେ ପ୍ରାର୍ଥନା କରାଯାଇଥାଏ । ଏବଂ ଉପାସକମାନେ ଏକାଠି ହୁଅନ୍ତି, ସେତେବେଳେ ଦିନକୁ ପାଂଚ ବେଳା ପ୍ରଜା ଓ ରାଜା ଆଣ୍ଠୁମାଡ଼ି ଉଚ୍ଚସ୍ୱରରେ ଏକେଶ୍ୱରବାଦର ମହାନତା ଗାନ କରନ୍ତି । ମୁଁ ବାରମ୍ବାର ଇସଲାମର ଏହି ଅବିଭାଜ୍ୟ ଏକତା ଦ୍ୱାରା ଆନ୍ଦୋଳିତ ହୋଇଛି । ଯାହା ମଣିଷକୁ ସହଜାତ ଭାବରେ ଭାଇଭାଇ କରିଥାଏ ।ଭାରତୀୟ ଐତିହାସିକ ଏମ.ଏନ.ରାୟ କୁହନ୍ତି; ପ୍ରତ୍ୟେକ ଈଶ୍ୱରଦୂତ ନିଜର ଯଥାର୍ଥ ଦାବୀକୁ ସିଦ୍ଧ କରିବା ପାଇଁ ଚମତ୍କାରିତା ପ୍ରଦର୍ଶନ କରନ୍ତି । ସେ ଦୃଷ୍ଟିରୁ ମହମ୍ମଦ ଯେତେଦୂର ସମ୍ଭବ ତାଙ୍କ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଈଶ୍ୱରଦୂତମାନଙ୍କ ମଧ୍ୟରେ ସବୁଠାରୁ ମହାନ ରୂପେ ମାନ୍ୟତା ପାଇବା ଉଚିତ୍ । ଇସଲାମର ପ୍ରସାର ହିଁ ସବୁ ଚମତ୍କାରଗୁଡ଼ିକ ଅପେକ୍ଷା ବଡ଼ ଚମତ୍କାର ।

ବିଦେଶୀ ଐତିହାସିକ ସର୍ ଉଇଲିୟମ ମୁର କୁହନ୍ତି; ତାଙ୍କର ସମସ୍ତ ଆଚରଣଗୁଡ଼ିକ ଯଥାର୍ଥ ଓ ନ୍ୟାୟସଙ୍ଗତ ଥିଲା ଏବଂ ବୟସ ବଢିବା ସହିତ ତାଙ୍କର ସମ୍ମାନିତ ବ୍ୟକ୍ତିତ୍ୱ ତାଙ୍କ ପାଇଁ 'ଅଲ୍-ଅମିନ୍' ଅର୍ଥାତ୍ 'ବିଶ୍ୱସନୀୟ'ଉପାଧି ଅର୍ଜନ କରିଥିଲେ । ବିଦେଶୀ ସମାଜବାଦୀ,ଥିଓସୋଫିଷ୍ଟ, ମହିଳା ଅଧିକାର ଓ ଗୃହ ନିୟମ କର୍ମୀ, ଶିକ୍ଷାବିତ ତଥା ଭାରତୀୟ ଜାତୀୟତାବାଦର ପ୍ରଚାରକ ଆନି ବେସାନ୍ତ ମହମ୍ମଦଙ୍କ ବିଷୟରେ କୁହନ୍ତି; ଯିଏ ସେହି ମହାନ ଆରବୀୟ ଈଶ୍ୱରଦୂତଙ୍କ ଜୀବନୀ ଓ ଚରିତ୍ରର ଅଧ୍ୟୟନ କରିଛି, ଯିଏ ଏହା ଜାଣିଛି ଯେ ସେ କିଭଳି ଶିକ୍ଷା ଦେଇଛନ୍ତି ଏବଂ କିଭଳି ଜୀବନଯାପନ କରିଛନ୍ତି ତା' ମନରେ ସେହି ସର୍ବଶକ୍ତିମାନ ସର୍ବୋଚ୍ଚ କର୍ତାଙ୍କର ଜଣେ ମହାନ ଈଶ୍ୱରଦୂତଙ୍କ ପ୍ରତି ଭକ୍ତିଭାବ ବ୍ୟତୀତ ଅନ୍ୟ କୌଣସି ଭାବନା ସୃଷ୍ଟି ହେବା ଅସମ୍ଭବ ।

ଆସନ୍ତୁ ସଭିଏ ମିଳିମିଶି ସେଇ ମହାମାନବ ପୈଗମ୍ବର ମହମ୍ମଦଙ୍କ ପବିତ୍ର ଆଦର୍ଶରେ ଅନୁପ୍ରାଣିତ ହୋଇ ମାନବକୁ ତାର ଉଚିତ ଅଧିକାର ଦେବା । ଅଖଣ୍ଡ ଭାରତର ମହାନତାକୁ ବଜାୟ ରଖିବା । ବିଶ୍ୱଶାନ୍ତି ଓ ବିଶ୍ୱଭାଇଚାରା ପ୍ରତିଷ୍ଠା କରିବାରେ ମିଳିତ ପ୍ରୟାସ କରିବା । ଏହା ହିଁ ଆମର କାମନା ।

କେରଙ୍ଗ-ଖୋର୍ଦ୍ଧା
୯୪୩୭୬୪୫୬୬୭

## ଅମିତ ଶାହଙ୍କ ଛବି, ରାହୁଲଙ୍କ ପ୍ରଶ୍ନ ଓ ଗଣତନ୍ତ୍ରର ଆଇନା

# ପ୍ରଶ୍ନ ଯେତେ କଠୋର, ଉତ୍ତର ମଧ୍ୟ ସେତେ ସ୍ପଷ୍ଟ ହେଉ



ସୌଭାଗ୍ୟ ରଞ୍ଜନ ମହାନ୍ତି

ଦିଲ୍ଲୀର ରାଜନୈତିକ ପରିବେଶରେ ଏବେ ଗୋଟିଏ ପ୍ରଶ୍ନ ବାରମ୍ବାର ଶୁଣିବାକୁ ମିଳୁଛି—ପୁଲିସ କାର୍ଯ୍ୟାନୁଷ୍ଠାନର ଦାୟିତ୍ୱ କାହାର, ନିଷ୍ପତ୍ତି କେଉଁ ସ୍ତରରେ ହୁଏ ଏବଂ ଯଦି କୌଣସି ନିରୀହ ଛାତ୍ର ଗୁରୁତର ଆହତ ହୁଏ, ତେବେ ତାଙ୍କ ନ୍ୟାୟ ପାଇଁ ଦ୍ୱାର କେଉଁଠାରେ ଖୋଲିବ ? ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରଶ୍ନକୁ ନେଇ କେନ୍ଦ୍ର ସରକାର ଓ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଘେରିଛନ୍ତି । ଜୁଲାଇ ୨୦ ତାରିଖର ଦିଲ୍ଲୀ ଛାତ୍ର ଆନ୍ଦୋଳନରେ ଗୁଳିର ଛର୍ରା ଲାଗି ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଅଭିଯୋଗକୁ ନେଇ ରାହୁଲ ଗାନ୍ଧୀ ଏଫଆଇଆର ଦାବି କରିଥିଲେ ଏବଂ ଅଗଷ୍ଟ ୨୧ରେ ପାର୍ଲାମେଣ୍ଟ ଷ୍ଟ୍ରିଟ୍ ? ପୁଲିସ ଥାନା ବାହାରେ ଧାରଣା ମଧ୍ୟ ଦେଇଥିଲେ । ପରବର୍ତ୍ତୀ ସମୟରେ ଦିଲ୍ଲୀ ପୁଲିସ ଏହି ଅଭିଯୋଗ ସମ୍ପର୍କରେ ମାମଲା ରୁଜୁ କରିଥିବା ଖବର ଆସିଛି । ଏହି ଘଟଣାରେ ରାହୁଲ ଗାନ୍ଧୀଙ୍କ ପକ୍ଷରୁ ଉଠାଯାଇଥିବା ପ୍ରଶ୍ନକୁ ଯଦି ଦେଖାଯାଏ, ତାହାର ମୂଳରେ ରହିଛି ଜବାବଦେହିତା । ଜଣେ ବିରୋଧୀ ନେତା ଭାବେ ସେ ସରକାରଙ୍କୁ ପଚାରିବାର ସମ୍ପୂର୍ଣ୍ଣ ଅଧିକାର ରଖନ୍ତି—କିଏ ଆଦେଶ ଦେଲା, କାହାର ନିର୍ଦ୍ଦେଶରେ ବଳପ୍ରୟୋଗ ହେଲା, ପୁଲିସ କାହିଁକି ଅଭିଯୋଗ ଗ୍ରହଣ କଲା ନାହିଁ ଏବଂ ଜଣେ ଯୁବକଙ୍କ ଶରୀରରେ ଏତେ ଛର୍ରା କିପରି ପହଞ୍ଚିଲା ? ରାହୁଲ ଗାନ୍ଧୀଙ୍କ ଯୁକ୍ତି ହେଉଛି, ଦିଲ୍ଲୀ ପୁଲିସ ଗୃହ ମନ୍ତ୍ରଣାଳୟ ଅଧୀନ ଥିବାରୁ ଗୃହମନ୍ତ୍ରୀଙ୍କୁ ଏହାର ରାଜନୈତିକ ଓ ପ୍ରଶାସନିକ ଜବାବଦେହିତା ବିଷୟରେ ଉତ୍ତର ଦେବାକୁ ହେବ । ଏହି ପ୍ରଶ୍ନକୁ ଅବହେଳା କରିବା ମଧ୍ୟ ଗଣତନ୍ତ୍ରର ପରମ୍ପରା ନୁହେଁ । ବିରୋଧୀ ଦଳର କାମ ହେଉଛି ସରକାରଙ୍କୁ ପ୍ରଶ୍ନ କରିବା, ଦୁର୍ବଳଙ୍କ ପକ୍ଷରେ ସ୍ୱର ଉଠାଇବା ଏବଂ ପ୍ରଶାସନର ଜବାବଦେହିତା ଦାବି କରିବା । ଯଦି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି, ତେବେ ତାଙ୍କ ଅଭିଯୋଗର ନିରପେକ୍ଷ ତଦନ୍ତ ହେବା ଦରକାର—ଏହି ଦାବିକୁ କେବଳ ରାଜନୈତିକ ବିରୋଧ ବୋଲି ଖାରଜ କରିଦେବା ଠିକ୍ ? ନୁହେଁ । କିନ୍ତୁ ଏହି ଘଟଣାର ଅନ୍ୟ ପଟ ମଧ୍ୟ ସମାନ ଗୁରୁତ୍ୱର । ଅମିତ ଶାହଙ୍କ ବିରୋଧରେ ରାହୁଲ ଗାନ୍ଧୀ ଯେଉଁ ରାଜନୈତିକ ଅଭିଯୋଗ କରୁଛନ୍ତି, ତାହାକୁ ଆଇନଗତ ପ୍ରମାଣ ସହିତ ପୃଥକ କରି ଦେଖିବା ଆବଶ୍ୟକ । ଗୃହମନ୍ତ୍ରୀ ଗୃହ ମନ୍ତ୍ରଣାଳୟର ରାଜନୈତିକ ମୁଖ୍ୟ ହୋଇଥିଲେ ମଧ୍ୟ ପ୍ରତ୍ୟେକ ପୁଲିସ କର୍ମଚାରୀଙ୍କ ପ୍ରତ୍ୟେକ କାର୍ଯ୍ୟ ପାଇଁ ସେ ବ୍ୟକ୍ତିଗତ ଭାବେ ଆଦେଶ ଦେଇଥିଲେ ବୋଲି ପ୍ରମାଣ ନଥିଲେ ତାଙ୍କୁ ସିଧାସଳଖ ଦୋଷୀ କହିବା ମଧ୍ୟ ନ୍ୟାୟସଙ୍ଗତ ନୁହେଁ । ରାହୁଲ ଗାନ୍ଧୀ ପ୍ରଶ୍ନ କରିପାରନ୍ତି, ସନ୍ଦେହ ଉଠାଇପାରନ୍ତି, ତଦନ୍ତ ଦାବି କରିପାରନ୍ତି; କିନ୍ତୁ ଅନ୍ତିମ ଦୋଷ ନିର୍ଦ୍ଧାରଣ କରିବାର ଅଧିକାର ତଦନ୍ତ ଓ ଆଇନ ପ୍ରକ୍ରିୟାର । ଏହା ହେଉଛି ଗଣତନ୍ତ୍ରର ମୌଳିକ ନୀତି । ସେହିପରି ଅମିତ ଶାହଙ୍କ ପକ୍ଷରେ ଥିବା ଲୋକଙ୍କ ମଧ୍ୟ ଏକ ଦୃଢ଼ ଯୁକ୍ତି ରହିଛି—ଦେଶର ଗୃହମନ୍ତ୍ରୀଙ୍କୁ କେବଳ ରାଜନୈତିକ ଅଭିଯୋଗ ଆଧାରରେ ଦୋଷୀ ଘୋଷଣା କରାଯାଇପାରେ ନାହିଁ । ଯଦି ପୁଲିସ କହୁଛି ଯେ ତାଙ୍କ କର୍ମଚାରୀ ଛର୍ରା ବନ୍ଧୁକ ବ୍ୟବହାର କରିନାହାନ୍ତି, ତେବେ ସେହି ଦାବିକୁ ମଧ୍ୟ ତଦନ୍ତରେ ପରୀକ୍ଷା କରିବା ଦରକାର । ରାଜନୈତିକ ମଞ୍ଚରେ ଅଭିଯୋଗ ଓ ପ୍ରତିଅଭିଯୋଗ ଚାଲିପାରେ, କିନ୍ତୁ ଆଇନର ମଞ୍ଚରେ ପ୍ରମାଣ ହିଁ ଶେଷ କଥା । ଏଠାରେ ଆଉ ଗୋଟିଏ ବିଷୟ ମନେ ରଖିବା ଦରକାର । ରାହୁଲ ଗାନ୍ଧୀ ଯେତେବେଳେ ଅମିତ ଶାହଙ୍କ ଛବି ଦେଖାଇ ପୁଲିସ ଓ ଗୃହ ମନ୍ତ୍ରଣାଳୟର ଜବାବଦେହିତା ନେଇ ପ୍ରଶ୍ନ କରିଥିଲେ, ସେତେବେଳେ ଏହାକୁ ଶାବ୍ଦିକ ଭାବେ "ଥାନାରେ ଅମିତ ଶାହଙ୍କ ଫଟୋ ଟଙ୍ଗାଯାଇଛି" ବୋଲି ପ୍ରଚାର କରିବା ତଥ୍ୟକୁ ବିକୃତ କରିପାରେ । ସାମ୍ବାଦିକତାର ଦାୟିତ୍ୱ ହେଉଛି ଘଟଣାକୁ ରାଜନୈତିକ ଉତ୍ତେଜନାର ଚଷ୍ମାରେ ନୁହେଁ, ତଥ୍ୟର ଆଲୋକରେ ଦେଖିବା । ରାହୁଲଙ୍କ ପ୍ରଶ୍ନରେ ଯଦି ଗଣତନ୍ତ୍ରର ସ୍ୱର ରହିଛି, ତେବେ ଅମିତ ଶାହଙ୍କ ପକ୍ଷରେ ମଧ୍ୟ ନ୍ୟାୟର ଏକ ସରଳ ନୀତି ରହିଛି—ପ୍ରମାଣ ବିନା ଦୋଷାରୋପ ନୁହେଁ । ଏହି ଦୁଇଟି କଥା ପରସ୍ପର ବିରୋଧୀ ନୁହେଁ; ବରଂ ଏକ ସୁସ୍ଥ ଗଣତନ୍ତ୍ରର ଦୁଇଟି ଆବଶ୍ୟକ ସ୍ତମ୍ଭ । ବିରୋଧୀ ପ୍ରଶ୍ନ କରିବେ, ସରକାର ଉତ୍ତର ଦେବ; ପୁଲିସ ତଦନ୍ତ କରିବ, ଅଦାଲତ ଆଇନ ଅନୁଯାୟୀ ନିଷ୍ପତ୍ତି ନେବ—ଏହି ହେଉଛି ସଠିକ୍ ପଥ । ଏହି ଘଟଣାରେ ରାହୁଲ ଗାନ୍ଧୀଙ୍କ ଧାରଣାକୁ ସମର୍ଥନ କରୁଥିବାମାନେ କହିପାରନ୍ତି ଯେ ଜଣେ ଆହତ ଛାତ୍ରଙ୍କ ଅଭିଯୋଗକୁ ଗମ୍ଭୀରତାର ସହ ନେବା ପାଇଁ ରାଜନୈତିକ ଚାପ ଆବଶ୍ୟକ ହୋଇଥିଲା । ତାଙ୍କ ଧାରଣାର ବିପକ୍ଷମାନେ କହିପାରନ୍ତି ଯେ ଏକ ଚାଲୁ ତଦନ୍ତକୁ ରାଜନୈତିକ ଧାରଣାରେ ରଙ୍ଗ ଦେବା ଅନୁଚିତ । ଦୁଇ ପକ୍ଷର ଯୁକ୍ତି ଶୁଣିବା ହିଁ ଜନତାର ବୁଦ୍ଧିମତା । କାରଣ ଗଣତନ୍ତ୍ରର ସୌନ୍ଦର୍ଯ୍ୟ କେବଳ ନିଜ ପସନ୍ଦର ନେତାଙ୍କୁ ସମର୍ଥନ କରିବାରେ ନୁହେଁ; ବିପକ୍ଷ ନେତାଙ୍କ ପ୍ରଶ୍ନ ଶୁଣିବାର ସାହସରେ ମଧ୍ୟ ରହିଛି । ଆଜି ଯଦି ରାହୁଲ ଗାନ୍ଧୀ ସରକାରଙ୍କୁ ପଚାରୁଛନ୍ତି, ତେବେ ଆସନ୍ତାକାଲି ଅନ୍ୟ କୌଣସି ବିରୋଧୀ ନେତା ଅନ୍ୟ ପ୍ରସଙ୍ଗରେ ପ୍ରଶ୍ନ କରିବେ । ସରକାର ବଦଳିପାରେ, ନେତା ବଦଳିପାରନ୍ତି, କିନ୍ତୁ ଜବାବଦେହିତାର ନୀତି ବଦଳିବା ଉଚିତ ନୁହେଁ । ଅମିତ ଶାହଙ୍କ ପାଇଁ ମଧ୍ୟ ଏହି ଘଟଣା ଏକ ସୁଯୋଗ—ସ୍ପଷ୍ଟ ତଥ୍ୟ, ତଦନ୍ତର ପରିଣାମ ଏବଂ ପ୍ରଶାସନିକ ପ୍ରକ୍ରିୟାକୁ ଜନସାଧାରଣଙ୍କ ସମ୍ମୁଖରେ ରଖି ଅଭିଯୋଗର ଉତ୍ତର ଦେବା । ରାହୁଲ ଗାନ୍ଧୀଙ୍କ ପାଇଁ ମଧ୍ୟ ଏହା ଏକ ପରୀକ୍ଷା—ସେ ଯେଉଁ ଅଭିଯୋଗ ଉଠାଉଛନ୍ତି, ତାହାକୁ ରାଜନୈତିକ ଭାଷଣରୁ ଆଗକୁ ନେଇ ନିରପେକ୍ଷ ତଦନ୍ତ ଓ ଆଇନଗତ ପ୍ରକ୍ରିୟାରେ ପହଞ୍ଚାଇବା । ରାଜନୀତିର ଉତ୍ତାପରେ ସତ୍ୟ କେବେ ହରାଇଯିବା ଉଚିତ ନୁହେଁ । ଜଣେ ଆହତ ଯୁବକଙ୍କ ଶରୀରର ଯନ୍ତ୍ରଣା କୌଣସି ଦଳର ସମ୍ପତ୍ତି ନୁହେଁ; ତାହା ମାନବିକତାର ପ୍ରଶ୍ନ । ସେହିପରି ଜଣେ ଗୃହମନ୍ତ୍ରୀଙ୍କ ପଦମର୍ଯ୍ୟାଦା ମଧ୍ୟ ରାଜନୈତିକ ଆକ୍ରମଣରେ ଅନ୍ୟାୟଭାବେ କ୍ଷୁଣ୍ଣ ହେବା ଉଚିତ ନୁହେଁ । ଏକ ପଟେ ପ୍ରଶ୍ନ କରିବାର ଅଧିକାର, ଅନ୍ୟ ପଟେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାର ସୁଯୋଗ—ଏହି ଦୁଇଟି ମିଶିଲେ ହିଁ ଗଣତନ୍ତ୍ର ସୁଦୃଢ଼ ହୁଏ । ତେଣୁ ଅମିତ ଶାହଙ୍କ ଛବି ନେଇ ଉଠିଥିବା ରାଜନୈତିକ ବିବାଦକୁ କେବଳ ଦଳୀୟ ଚଷ୍ମାରେ ନଦେଖି ଏକ ବଡ଼ ପ୍ରଶ୍ନ ଭାବେ ଦେଖିବା ଆବଶ୍ୟକ—ଭାରତୀୟ ଗଣତନ୍ତ୍ରରେ ଶକ୍ତି କେତେ ଜବାବଦେହୀ ଏବଂ ବିରୋଧୀ ସ୍ୱର କେତେ ସୁରକ୍ଷିତ ? ରାହୁଲ ଗାନ୍ଧୀଙ୍କ ପ୍ରଶ୍ନର ଉତ୍ତର ଯଦି ତଥ୍ୟରେ ମିଳେ, ତେବେ ସେହି ଉତ୍ତରକୁ ସ୍ୱୀକାର କରିବା ଦରକାର; ଅମିତ ଶାହଙ୍କ ବିରୋଧରେ ଅଭିଯୋଗ ଯଦି ପ୍ରମାଣିତ ନହୁଏ, ତେବେ ତାଙ୍କୁ ଦୋଷୀ କହିବାରୁ ମଧ୍ୟ ବିରତ ହେବା ଦରକାର । ଏହି ସନ୍ତୁଳନ ହିଁ ସତ୍ୟ ସାମ୍ବାଦିକତା, ଏହି ସନ୍ତୁଳନ ହିଁ ଗଣତନ୍ତ୍ରର ମର୍ଯ୍ୟାଦା । ରାଜନୀତିରେ ଜିତିବା ପାଇଁ ଶବ୍ଦର ଯୁଦ୍ଧ ହୋଇପାରେ, କିନ୍ତୁ ନ୍ୟାୟର ମଞ୍ଚରେ ଜିତିବାକୁ ପଡ଼େ ସତ୍ୟକୁ । ଆଜି ଦେଶର ନାଗରିକ ରାହୁଲଙ୍କୁ ମଧ୍ୟ ପଚାରିବେ—ଆପଣଙ୍କ ପ୍ରଶ୍ନର ପ୍ରମାଣ କେଉଁଠି ? ଅମିତ ଶାହଙ୍କୁ ମଧ୍ୟ ପଚାରିବେ—ଆପଣଙ୍କ ଅଧୀନସ୍ଥ ବ୍ୟବସ୍ଥାରେ ଯଦି ଅନ୍ୟାୟ ହୋଇଛି, ତେବେ ନିରପେକ୍ଷ ତଦନ୍ତ କେବେ ହେବ ? ଏହି ଦୁଇ ପ୍ରଶ୍ନର ମଧ୍ୟରୁ ଯେଉଁ ଉତ୍ତର ସତ୍ୟକୁ ନିକଟ କରିବ, ଭାରତୀୟ ଜନତା ଶେଷରେ ସେହି ଉତ୍ତରକୁ ହିଁ ଗ୍ରହଣ କରିବେ । କାରଣ ଲୋକତନ୍ତ୍ରରେ ନେତା ଅସ୍ଥାୟୀ, କିନ୍ତୁ ଜନତାର ଅଧିକାର ସ୍ଥାୟୀ; ରାଜନୈତିକ ଅଭିଯୋଗ ଆସିବ ଓ ଯିବ, କିନ୍ତୁ ନ୍ୟାୟ ପାଇଁ ଉଠିଥିବା ଜନସ୍ୱର ସବୁବେଳେ ଇତିହାସରେ ରହିଯିବ ।

୯୪୩୭୯୯୪୩୭୯

# ବୋଲବମ୍ ଓ ନିଶା 'ବିଶ୍ୱାସର ପଥଯାତ୍ରା'



ଡାକ୍ତର ସମ୍ରାଟ କର

ବର୍ତ୍ତମାନ ଶ୍ରାବଣ ମାସରେ ମାନସିକଧାରୀ, ଶିବ ଭକ୍ତ, ନିଜ ସଂକଳ୍ପ, ମାନସିକ ପ୍ରାର୍ଥନା ଜଣାଇବା ପାଇଁ ବୋଲବମ୍ ଯାତ୍ରାରେ ଯାଉଛନ୍ତି । ଭକ୍ତି ସମର୍ପଣର ଏକ କଷ୍ଟକର ନୈବେଦ୍ୟ କମ ବଡ଼ କଥା ନୁହେଁ । ତେବେ ଅନେକ କ୍ଷେତ୍ରରେ ଦେଖାଯାଉଛି ତଥା ବିଭିନ୍ନ ଫଟୋ ସବୁ ପ୍ରଦର୍ଶିତ ହେଉଛି ଯାହା ବୋଲବମ୍ ଯାତ୍ରାରେ ଯାଉଥିବା କାଉଡିଆମାନେ ବିଭିନ୍ନ ପ୍ରକାର ନିଶା ସେବନ କରୁଛନ୍ତି । କେତେକ କ୍ଷେତ୍ରରେ ବାଟରେ ହିଁ ସେମାନଙ୍କ ଜୀବନ ଚାଲିଯାଉଛି ଏବଂ ନିଶାଗ୍ରସ୍ତ ପ୍ରେମୀଯୁଗଳଙ୍କ ଅନୈତିକ କାର୍ଯ୍ୟ ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଛି । ତେବେ ପ୍ରଶ୍ନ ଉଠୁଛି ବୋଲବମ ଯାତ୍ରା ସମୟରେ ସେମାନେ ଏପରି ନିଶା ସବୁ କାହିଁକି ବ୍ୟବହାର କରନ୍ତି । ଶିବ ଭକ୍ତ ହୋଇଥିବାରୁ, କେହି କେହି ଗଞ୍ଜେଇ ଶିବଙ୍କ ପ୍ରସାଦ କହି ଗ୍ରହଣ କରନ୍ତି । ଏହି ବାହାନାରେ ଭାଙ୍ଗ ପରେ ମଦ, ଏପରିକି ବଟିକା ଓ ଡ୍ରଗ୍ସ ମଧ୍ୟ ବ୍ୟବହାର ହେଲାଣି । ଏସବୁ ପଛରେ ଗୋଟିଏ କଥା ଏକ ଲମ୍ବା ପଥରେ ଯାତ୍ରା କରିବାକୁ ଥିବାରୁ ଦୀର୍ଘ କଷ୍ଟ ଜନିତ କାରଣ ବାହାନାରେ କେହିକେହି ଭାଙ୍ଗ ବା ଗଞ୍ଜେଇର ସାହାରା ନେଇ ପାରନ୍ତି । କିନ୍ତୁ ବିଜ୍ଞାନ ସମ୍ମତ ଏହାର କିଛି କାରଣ ନଥାଏ । କାରଣ ଆମ ଶରୀରରେ ଥିବା ଜୀବକୋଷଗୁଡ଼ିକ ସମାନ ଫଳ ଦେଖାଇବା ପାଇଁ ପ୍ରତିଥର ଅଧିକ ନିଶା ମାତ୍ରା ଦରକାର କରିଥାନ୍ତି । ଏହାକୁ ଜୀବକୋଷଗୁଡ଼ିକର 'ନିଶା ଆସକ୍ତି ଭାବ' କୁହାଯାଏ । କେତେକ ନିଶା ଅଛି, ଯାହାକୁ ଥରଟିଏ ବ୍ୟବହାର କଲେ ମଧ୍ୟ ଜୀବକୋଷରେ ଆସକ୍ତିଭାବ ସୃଷ୍ଟି ହୋଇଥାଏ । ନିଶାସେବନ ଦ୍ୱାରା ମସ୍ତିଷ୍କରେ ଥିବା ସ୍ନାୟୁବିକ ରସ ଡୋପାମିନ୍, ସେରୋଟନିନ୍, ନରଆଡ୍ରେନାଲିନ୍ ଆଦିର ସାମୟିକ ବିଶୃଙ୍ଖଳା ହୁଏ । ଏହା ମସ୍ତିଷ୍କରେ ଥିବା ପୁରସ୍କାର କେନ୍ଦ୍ର ଉତ୍ତେଜିତ କରେ ଓ ମନକୁ ଆନନ୍ଦ ଦିଏ । ମାତ୍ର ଯେଉଁମାନଙ୍କର ଏହି ବିଶୃଙ୍ଖଳା ଅଧିକ ତଥା ଚିରସ୍ଥାୟୀ ହୋଇଥାଏ, ମାନସିକ ସମସ୍ୟା ବାହାରେ । କାଉଡିଆରେ ଯାଉଥିବା ଯୁବ ବର୍ଗଙ୍କ ଭିତରେ ବିଭିନ୍ନ ସମୟରେ ଯେଉଁ ହିଂସାତ୍ମକ ଘଟଣା ସବୁ ଦେଖାଯାଏ ଏହା ପଛର କାରଣ ହେଉଛି ଅତ୍ୟଧିକ ନିଶା ସେବନର ପରବର୍ତ୍ତୀ ଶାରୀରିକ ପ୍ରଭାବ । ନିଶା ବ୍ୟବହାର ଦ୍ୱାରା କେତେକ ସୁପ୍ତ ମାନସିକ ରୋଗ ଯଥା-ସିଜୋଫ୍ରେନିଆ, ମାନିଆ ଓ ମାନସିକ ବିଷାଦ ଆଦି ରୋଗ ଜାଗ୍ରତ ହୋଇପାରେ । ମନୁଷ୍ୟ ନିଜର ହିତାହିତ ଜ୍ଞାନ ହରାଇ ବସେ ଓ ସ୍ଥାନ, କାଳ ପାତ୍ରର ମର୍ଯ୍ୟାଦା ବୁଝିବାକୁ ଅକ୍ଷମ ହୋଇପଡ଼େ । ଜଣେ ଯଦି ଏହି ସମୟରେ କାଉଡିଆ ଯାତ୍ରାରେ ଯାଉଥାଏ ତେବେ ସେ ଏକ ପ୍ରକାର ପୂର୍ବ ରୋଗରେ ପ୍ରଭାବିତ ହୋଇ ତାଙ୍କର ହଠାତ୍ ମାନସିକ ବିକୃତି ଆରମ୍ଭ ହୋଇପାରେ । କୌଣସି ଅଭାବନୀୟ ଘଟଣା ମଧ୍ୟ ଏହି ବର୍ଗର ମାନସିକ ପୀଡ଼ିତଙ୍କଠାରେ ଦେଖାଯାଏ । ଦୌଡ଼ିବାକୁ ଆରମ୍ଭ କରିବା, ଅନ୍ୟ ମାନଙ୍କ ସହ ଯୁକ୍ତିତର୍କ କରିବା ହେଉଛି ପ୍ରମୁଖ କାରଣ । ବିଭିନ୍ନ ଦାତବ୍ୟ ସଂଗଠନମାନେ ଏହି ଶିବ ଭକ୍ତଙ୍କ କଲ୍ୟାଣ ସେବା ନିମିତ୍ତ ବିଭିନ୍ନ ସେବା କାର୍ଯ୍ୟ ନିର୍ବାହ କରୁଛନ୍ତି । ସେମାନେ ଏ ସମ୍ପର୍କରେ ଯଦି ସଚେତନ କରନ୍ତେ ଏହା ଖୁବ ପ୍ରେରଣାଦାୟୀ ହୋଇପାରନ୍ତା । ନିଜ ମାନସିକ ସଂକଳ୍ପ ହେଉଛି ଏକ ମାନସିକ ଭାବନାର, ନିଜ ଇପ୍ସିତ ଇଚ୍ଛାର ପ୍ରତିରୂପ । ଜଣେ କୌଣସି ଦେବାଦେବୀଙ୍କୁ ନିଜର ସବୁକିଛି ସମର୍ପଣ କରି ଚାହୁଁଥିବା ଭାବନାର ପରିପୂରଣ ପାଇଁ ପ୍ରାର୍ଥନା କରିବା ହେଉଛି ସମସ୍ତଙ୍କର ବ୍ୟକ୍ତିଗତ ଜୀବନର ଏକ ସ୍ୱାଭାବିକ ରୂପ । ଆମ ହିନ୍ଦୁ ଆଧ୍ୟାତ୍ମିକ ଚେତନାରେ ବିଶେଷକରି ଦିନକୁ ଦିନ ଅନେକ ଓଡ଼ିଆ ଭାଇ-ଭଉଣୀ, ବୟସ୍କ ପିଲାମାନେ ମଧ୍ୟ ଏହି ଯାତ୍ରାରେ ଅଂଶ ଗ୍ରହଣ କରୁଛନ୍ତି । ମାନସିକତାର ଏ ବହୁତ ବଡ଼ ବିଶ୍ୱାସ ଜଣକୁ ନିଜ ଜୀବନକୁ ଆହୁରି ଆଗେଇ ନେବା ପାଇଁ, କଷ୍ଟକର ମୁହୂର୍ତ୍ତକୁ ସାମ୍ନା କରିବା ପାଇଁ ଜୀବନ ସଞ୍ଜିବନୀ ପାଇବାର ଏକ ବହୁତ ବଡ଼ ବିଶ୍ୱାସର ପଥ ଯାତ୍ରା । ଏହି ପଥ ଯାତ୍ରା ଭକ୍ତି ସମର୍ପଣ, ନିଷ୍ଠା, ସାତ୍ତ୍ୱିକ ଚେତନାର ପ୍ରେରଣା ହେଉ । ନିଶା, ଅନ୍ଧବିଶ୍ୱାସ, ହିଂସାର, ଅସାମାଜିକତାର ବିରୁଦ୍ଧରେ ସଂକଳ୍ପର, ପ୍ରାର୍ଥନାର ଯାତ୍ରା ହେଉ ।

**ମାନସିକରୋଗ ବିଶେଷଜ୍ଞ,**
**ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ,**
**ଦୂରଭାଷ : ୯୧୩୨୪୩୩୩୩୩**

## ଜ୍ଞାନାମୃତ

# ସହଜ ବାଟ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନୈକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ । ବାବାଙ୍କ ଖାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା । ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା । ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ । ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛ୍ନ୍ତି । ପତ୍ନୀଙ୍କ୍ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ୍ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ । ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ । ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ । ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା । କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା । ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ । ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ । ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ । ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିଷୟରେ ପଚାରିବାରୁ ସ୍ତ୍ରୀ ଲୋକ ଜଣଙ୍କ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ । ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରିବାରୁ ସେ ବାବାଙ୍କ ଉପରେ ତାଙ୍କର ବିଶ୍ୱାସ ଥିବା କଥା କହିବାରୁ ବାବା ତାଙ୍କ ଉତ୍ତରରେ ପ୍ରୀତ ହୋଇ ମହିଳାଙ୍କୁ ରାସ୍ତା ଦେଖାଇଲେ ।





# ବିପଦସଙ୍କୁଳ ଅବସ୍ଥାରେ ନଦୀ ପାର ହେଉଛନ୍ତି ଛାତ୍ରୀଛାତ୍ର



**ମହାକାଳପଡ଼ା(ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ନଦୀ, ନାଳ ଘେରା ଜମ୍ବୁ ପଞ୍ଚାୟତକୁ ଦୀର୍ଘ ବର୍ଷଧରି ଡଙ୍ଗାରେ ଲୋକମାନେ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି । ବିଶେଷ କରି ନଦୀପାର ହୋଇ ଛାତ୍ରୀଛାତ୍ରମାନେ ଉଚ୍ଚ ବିଦ୍ୟାଳୟକୁ ପଢିବା ପାଇଁ ଯିବାଆସିବା କରୁଥିବା ଦେଖିବାକୁ ମିଳୁଛି । ବର୍ଷା, ଝଡ଼ ତୋଫାନ ବେଳେ ଯାତ୍ରୀ ହେଉକି ଛାତ୍ରୀଛାତ୍ରମାନେ ବିପଦପୂର୍ଣ୍ଣ ଘାଟପାର ହେଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ପୂର୍ବ ସରକାରଙ୍କ ସମୟରେ ଏହି ଜମ୍ବୁ ପଞ୍ଚାୟତ ସଂଲଗ୍ନ ଗୋବରୀ ନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଶହେ କୋଟି ଟଙ୍କା ବ୍ୟୟରେ ୨୦୧୬ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଜନା ପ୍ରସ୍ତୁତ କରିଥିଲେ । ସେଥିପାଇଁ ପ୍ରାଥମିକ ସର୍ଭେ ଅନୁସାରେ ପଦକ୍ଷେପ ଗ୍ରହଣ କରିଥିଲେ । ହେଲେ ସରକାର ବଦଳିବା ପରେ ଯୋଜନା ଫାଇଲରେ ରହିଗଲା ବୋଲି କୁହାଯାଉଛି । ଏହି ଗୋବରୀ ନଦୀ ସମୁଦ୍ର ନିକଟରେ ଅବସ୍ଥିତ ଯୋଗୁ ପ୍ରଖର ଗଭୀର ଅନ୍ତଃସ୍ରୋତ ପ୍ରବାହିତ ହୋଇଥାଏ । ଏହି ସେତୁ ନିର୍ମାଣ ହେଲେ ଜମ୍ବୁ ପଞ୍ଚାୟତର ୧୦ ହଜାର ଜନସାଧାରଣଙ୍କ ମେଡିକାଲ, ତହସିଲ ଓ ଜିଲା ଆଦି ସ୍ଥାନକୁ ଗମନାଗମନ ସୁବିଧା ହେବ ବୋଲି କୁହାଯାଉଛି ।

# ପୋଲ ଉପରେ ୩ ଫୁଟର ପାଣି, ଯାତାୟାତ ବାଧାପ୍ରାପ୍ତ



**ନବରଙ୍ଗପୁର(ଅମୃତ ମିଡିଆ):** ରାଜ୍ୟରେ ଲଗାଣ ବର୍ଷା । ଫଳରେ ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଦହଣା -ଡ଼ଙ୍ଗରଭେଜା ମଝିରେ ଥିବା ବାଙ୍ଗିରି ପୋଲ ଉପରେ ତିନି ଫୁଟର ପାଣି ପ୍ରବାହିତ ହେଉଛି । ରାସ୍ତା ଉପରେ ୩ ଫୁଟ ଉଚ୍ଚର ପାଣି ଚାଲୁଥିବାରୁ ଜିଲ୍ଲା ମୁଖ୍ୟାଳୟ ସହିତ ତିନୋଟି ପଞ୍ଚାୟତର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏହି ରାସ୍ତା ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟ ଓ ଜିଲ୍ଲା ମୁଖ୍ୟାଳୟକୁ ସଂଯୋଗ କରୁଥିବା ଏକ ମାତ୍ର ମୁଖ୍ୟ ରାସ୍ତା । ପୋଲ ଉପରେ ପାଣି ପ୍ରବାହିତ ହେବା ଦ୍ୱାରା ଜରୁରୀ କାର୍ଯ୍ୟ ଠପ୍ ହୋଇଛି । ଲୋକେ ପୋଲ ପାରି ହୋଇ ନପାରି ଭୟରେ ପୋଲର ଉଭୟ ପାର୍ଶ୍ୱରେ ଛିଡା ହୋଇ ରହିଛନ୍ତି । ଏନେଇ ତୁରନ୍ତ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକେ ପ୍ରଶାସନକୁ ଦାବି କରିଛନ୍ତି ।

## ସାତକୋଶିଆ ଗାଁ ବିସ୍ଥାପନର ତଦନ୍ତ ନିର୍ଦ୍ଦେଶ

# ୬ ସପ୍ତାହ ମଧ୍ୟରେ ରିପୋର୍ଟ ହେବ ଦାଖଲ




**ଅନୁଗୁଳ(ଅମୃତ ମିଡିଆ) :** ଅନୁଗୁଳ ସାତକୋଶିଆ ଗାଁ ବିସ୍ଥାପନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ରାଜ୍ୟ ସରକାର । ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରୁ ଗ୍ରାମଗୁଡ଼ିକର ବିସ୍ଥାପନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତା ଓ ଜଙ୍ଗଲ ଅଧିକାର ଉଲ୍ଲଂଘନ ଅଭିଯୋଗର ଯାଞ୍ଚ ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି । ଓଡ଼ିଶା ମାନବାଧିକାର କମିଶନଙ୍କ ସୁପାରିଶ ଆଧାରରେ ଏହି ପଦକ୍ଷେପ ନିଆଯାଇଛି । କମିଶନ ପ୍ରାଥମିକ ତଦନ୍ତରେ ପ୍ରକ୍ରିୟାଗତ ତ୍ରୁଟି ଓ ଥଇଥାନ ନିୟମାବଳୀର ଉଲ୍ଲଂଘନ ହୋଇଥିବା ଦର୍ଶାଇଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗଠିତ ଏହି କମିଟିରେ ଜଙ୍ଗଲ, ଆଇନ ଏବଂ ଏସଟି/ଏସସି ବିକାଶ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଘଞ୍ଚଉଇର ପୂର୍ବତନ ସଦସ୍ୟ ସଚିବ ତଥା ଅବସରପ୍ରାପ୍ତ ଓଋଝ ଅଧିକାରୀ ଅନୁପ ନାୟକ ସ୍ୱତନ୍ତ୍ର ବିଶେଷଜ୍ଞ ଭାବେ ରହିଛନ୍ତି । ଭୁରୁକୁଣ୍ଡି, ଅସନବାହାଲ, କଟରଙ୍ଗ, ଟୁଲୁକା, ଟିକରପଡ଼ା ଓ ଗୋପାଳପୁର ଗ୍ରାମର ବିସ୍ଥାପନ ପ୍ରକ୍ରିୟା ଏହି ତଦନ୍ତରେ ଅନ୍ତର୍ଭୁକ୍ତ ହେବ । ରାଇଗୋଡ଼ା ଗ୍ରାମକୁ ନିୟମାନୁଯାୟୀ ସଠିକ୍ ଭାବେ ସ୍ଥାନାନ୍ତର କରାଯାଇଥିବାରୁ ଏହାକୁ ତଦନ୍ତ ପରିସରରୁ ବାଦ୍ ଦିଆଯାଇଛି । କମିଟିକୁ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢୁଛି

# ଘର ଭିତରେ ପାଣି; ଖଟିଆ, ପଟା ପକାଇ ବସୁଛନ୍ତି



**ଜଳେଶ୍ୱର(ଅମୃତ ମିଡିଆ):** ସୁବର୍ଣ୍ଣରେଖା ବନ୍ୟାରେ ବାଲେଶ୍ୱର ଜିଲ୍ଲାଜଳେଶ୍ୱର ବ୍ଲକ୍ର ବାଇଗଣବାଡ଼ିଆ ପଞ୍ଚାୟତର ଆକନା, ଛୋଟଖାନପୁର, କଣ୍ଡାପାଳ, କାଳିକାପୁର ଓ ବାଇଗଣବାଡ଼ିଆ ଗାଁ ସର୍ବାଧିକ ପ୍ରଭାବିତ ହୋଇଛି । ୫ ନମ୍ବର ଓ୍ୱାର୍ଡ ଅଧୀନ ଛୋଟଖାନପୁର ଗାଁର ମାହାନାସାହିର ୯୦ରୁ ଊର୍ଦ୍ଧ୍ୱ ପରିବାର ଦୟନୀୟ ସ୍ଥିତିରେ ଅଛନ୍ତି । ସେମାନଙ୍କ ଦୁର୍ଦ୍ଦଶା ଆଖିରେ ନ ଦେଖିଲେ ବିଶ୍ୱାସ କରିହେବନି । ଗ୍ରାମର ରବୀନ୍ଦ୍ର ନାଥ ଗିରିଙ୍କ କହିବା କଥା; ୧୮ ତାରିଖରେ ନଦୀର ଜଳସ୍ତର ବଢ଼ିବ ବୋଲି ଗ୍ରାମବାସୀ ସୂଚନା ପାଇଥିଲେ । କିନ୍ତୁ ୧୯ ତାରିଖ ରାତି ବେଳକୁ ଗାଁ ଭିତରେ ବନ୍ୟାପାଣି ପଶିବ ବୋଲି କେହି କଳ୍ପନା ବି କରିନଥିଲେ । ହଠାତ୍ ଘର ଭିତରେ ପାଣି ପଶିଲା । ଧାନଚାଉଳ, ଆସବାବପତ୍ର, ଜରୁରି ସାମଗ୍ରୀ ବନ୍ୟାପାଣିରେ ଭାସିଗଲା ଏବଂ ଭିଜି ନଷ୍ଟ ହୋଇଗଲା । ଗତକାଲିଠାରୁ ପାଣି କମିଛି, ହେଲେ ଲୋକଙ୍କ ସମସ୍ୟା ବଢ଼ିଯାଇଛି । ଚୁଲିରେ ପାଣି ଜମି ରହିଥିବା ବେଳେ ୪ ଦିନ ହେଲା ରୋଷେଇ ହୋଇପାରୁନି । ବନ୍ୟା ପୀଡ଼ିତ ପରିବାର କାଦୁଅ ପଚପଚ ଘରେ ବିପଦସଙ୍କୁଳ ଅବସ୍ଥାରେ ମୁଣ୍ଡ ଗୁଞ୍ଜିବାକୁ ବାଧ ହୋଇଛନ୍ତି । କିଏ ଖଟ ଉପରେ ତ କିଏ ପଟା ପକାଇ ୪ ଦିନ ହେଲା ଘରେ ନିଜ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି । ବିପନ୍ନଙ୍କୁ ରନ୍ଧାଖାଦ୍ୟ ଦିଆଯାଉଥିବା ପ୍ରଶାସନ କହୁଥିଲେ ବି ଏଠାକାର ଅଧିକାଂଶ ପରିବାର ଏଥିରୁ ବଞ୍ଚିତ ଅଛନ୍ତି । ସେହିପରି ଗାଁ ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ପାର୍ଶ୍ୱରେ ଗୋରୁଗାଈ ୪ ଦିନ ହେଲା ବନ୍ଧା ହୋଇଛନ୍ତି । ସେମାନଙ୍କ ପାଇଁ ଖାଦ୍ୟ ସଙ୍କଟ ଦେଖାଦେଇଛି । ସୁବର୍ଣ୍ଣରେଖା ନଦୀର ଅପରପାର୍ଶ୍ୱରେ ଥିବା ଆକନା ଗାଁରେ ମଧ୍ୟ ସମାନ ଅବସ୍ଥା । ପଡ଼ାଗ୍ରାମ ପାଳଚମ୍ପିର ଅଧିବାସୀଙ୍କ ପାଇଁ ୨୦ ତାରିଖ ଥିଲା କାଳରାତି । ୨୦୦୮ ମସିହା ବନ୍ୟା ପରେ ଏହା ସବୁଠାରୁ ବଡ଼ ବନ୍ୟା ଥିଲା । ବନ୍ୟା ଘରଦ୍ୱାର, ଚାଷବାସ ସବୁକିଛି ଉଜାଡ଼ିଦେଲା ବୋଲି କହିଛନ୍ତି ଗ୍ରାମବାସୀ । କ୍ଷୟକ୍ଷତି ଆକଳନ ପୂର୍ବକ ଅବିଳମ୍ବେ ଘରଭଙ୍ଗା ସହାୟତା, ବାସହରା ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ଧରଣୀଧର ଦାସ, ଜନାର୍ଦ୍ଦନ ଅଣ୍ଡିଆ, ତଅପୋଇ ରଣା, ଲିପକ ଜେନା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୌରହରି ପ୍ରଧାନ, ଜୀବନକୃଷ୍ଣ ପ୍ରଧାନ ପ୍ରମୁଖ ଜଳେଶ୍ୱର ବିଡିଓଙ୍କୁ ନିବେଦନ କରିଛନ୍ତି ।

# ଭୁଲ୍ ଇଞ୍ଜେକ୍ସନ ନେଲା ଜୀବନ

**ଭଦ୍ରକ(ଅମୃତ ମିଡିଆ):** ଭୁଲ୍ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ଅଭିଯୋଗ । ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଛି । ଭଦ୍ରକ ଜିଲ୍ଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଦେଖାଦେଇଛି । ସୂଚନା ଅନୁସାରେ, ତିହିଡି ବ୍ଲକ ବଉଳପାଳ ଗ୍ରାମର ମାୟାଧର ସେଠୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ପରିବାର ଲୋକେ ତୁରନ୍ତ ତିହିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡ୍ୟୁଟିରେ ଥିବା ଡାକ୍ତର ରୋଗୀଙ୍କୁ ଚିକିତ୍ସା ଯୋଗାଇବା ସହ ଏକାଧିକ ଇଞ୍ଜେକ୍ସନ୍ ଦେଇଥିବା ପରିବାର ପକ୍ଷରୁ କୁହାଯାଇଛି । ତେବେ ଚିକିତ୍ସା ଚାଲିଥିବା ବେଳେ ହଠାତ୍ ମାୟାଧରଙ୍କ ମୃତ୍ୟୁ ହୋଇଥିଲା । ଏହାପରେ ପରିବାର ଲୋକେ ଚିକିତ୍ସାରେ ଅବହେଳା ଏବଂ ଭୁଲ ଇଞ୍ଜେକ୍ସନ୍ ଦିଆଯାଇଥିବା ଅଭିଯୋଗ କରି ମେଡିକାଲ ପରିସରରେ ପ୍ରତିବାଦ କରିଥିଲେ । ଘଟଣାକୁ ନେଇ ପରିବାର ପକ୍ଷରୁ ତିହିଡି ଥାନାରେ ଲିଖିତ ଅଭିଯୋଗ ଦାଖଲ କରାଯାଇଛି । ଅଭିଯୋଗ ପାଇବା ପରେ ପୋଲିସ ମୃତଦେହ ଜବତ କରିଛି । ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି । ତେବେ ଏହି ଘଟଣାରେ ଆଉ ଏକ ଅଭିଯୋଗ ସାମ୍ନାକୁ ଆସିଛି । ରୋଗୀଙ୍କ ପ୍ରେସକ୍ରିପସନ୍ ମେଡିକାଲ ପକ୍ଷରୁ ଅନ୍ୟତ୍ର ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ସେମାନଙ୍କ ସନ୍ଦେହ ଆହୁରି ବଢ଼ିଥିବା କହିଛନ୍ତି ।



# ୩ କିଲୋମିଟର ଖଟିଆରେ ବୁହାହେଲେ ଗର୍ଭବତୀ



**ତେନ୍ତୁଳିଖୁଣ୍ଟି(ଅମୃତ ମିଡିଆ):** ସ୍ୱାଧୀନତା ର ୮୦ ବର୍ଷ ପରେ ମଧ୍ୟ ଗାଁକୁ ପକ୍କା ରାସ୍ତା ଖଣ୍ଡେ ନିର୍ମାଣ ହୋଇପାରିଲାନି । ଫଳରେ ପାହାଡିଆ କାଦୁଅ ରାସ୍ତାରେ ୩ କିଲୋମିଟର ଦୂର ଖଟିଆରେ ବୁହା ହେଲେ ଗର୍ଭବତୀ । ଏହାପରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇଥିଲା । ହେଲେ ଗର୍ଭବତୀ ତେନ୍ତୁଳିଖୁଣ୍ଟି ହସ୍ପିଟାଲ କୁ ଅଣାଯାଉଥିବା ବେଳେ ଅଧା ବାଟରେ ଆମ୍ବୁଲାନ୍ସ ଭିତରେ ଛୁଆ ଜନ୍ମ ହୋଇଛି । ଏଭଳି ଦୃଶ୍ୟ ତେନ୍ତୁଳିଖୁଣ୍ଟି ସଦର ପଂଚାୟତ ଅନ୍ତର୍ଗତ ବରଡାଯୋଡି ଗ୍ରାମରେ ଦେଖିବାକୁ ମିଳିଛି । ନବରଙ୍ଗପୁରଜିଲ୍ଲା ତେନ୍ତୁଳିଖୁଣ୍ଟି ସଦର ପଂଚାୟତ ଅନ୍ତର୍ଗତ ବରାଡାଯୋଡି ଗ୍ରାମର ପୂରନ ଯାନୀଙ୍କ ପତ୍ନୀ ମଇନା ଯାନୀଙ୍କ ଆଜି ଭୋର ସକାଳୁ ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଥିଲେ । ଏହାପରେ ପରିବାର ଲୋକ ଆଶା କର୍ମୀ ରାଧିକା ନାୟକଙ୍କୁ ଖବର ଦେଇଥିଲେ । ଖବର ପାଇ ଆଶା କର୍ମୀ ବରଡାଯୋଡି ଗ୍ରାମସ୍ଥିତ ଗର୍ଭବତୀଙ୍କ ଘରକୁ ଯାଇ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ବରଡାଯୋଡି ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସଟି ଡ଼ାଇକ ୧ ଗାଁ ପର୍ଯ୍ୟନ୍ତ ପହଂଚି ଅଟକି ଯାଇଥିଲା । ଗର୍ଭବତୀଙ୍କ ପରିବାର ଏବଂ ଗ୍ରାମବାସୀଙ୍କ ସହଯୋଗରେ ଗର୍ଭବତୀଙ୍କୁ ଖଟିଆରେ ବୋହି ଡ଼ାଇକ ୧ ପର୍ଯ୍ୟନ୍ତ ଆଣିବା ପରେ ଆମ୍ବୁଲାନ୍ସ ସେବା ମିଳିଥିଲା ।ତେବେ ତେନ୍ତୁଳିଖୁଣ୍ଟି ହସ୍ପିଟାଲକୁ ଅଣାଯାଉଥିବା ବେଳେ ଅଧା ବାଟ ଚିଙ୍ଗଡିସୋର ଗ୍ରାମ ନିକଟରେ ଗର୍ଭବତୀ ମହିଳା ଜଣଙ୍କ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା ଖବର ମିଳିଛି । ଉଭୟ ପୁତ୍ର ସନ୍ତାନ ଓ ଗର୍ଭବତୀଙ୍କୁ ତେନ୍ତୁଳିଖୁଣ୍ଟି ହସ୍ପିଟାଲକୁ ଆଣିବା ପରେ ଆବଶ୍ୟକ ଚିକିତ୍ସା ପରେ ଉଭୟ ମା ଓ ପୁତ୍ର ସନ୍ତାନ ସୁସ୍ଥ ରହିଥିବା ଡାକ୍ତରଖାନା ସୂତ୍ରରୁ ସୂଚନା ମିଳିଛି । ପ୍ରକାଶ ଥାଉକି ଡ଼ାଇକ ୧ ରୁ ୩ କିଲୋମିଟର ଦୂର ବରାଡାଯୋଡି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ହୋଇନି । ଏମିତିକି ତେନ୍ତୁଳିଖୁଣ୍ଟି ସଦର ପଂଚାୟତ ଅନ୍ତର୍ଗତ ସିନ୍ଧିଗୁଡା ଗ୍ରାମ ଠାରୁ ବରାଡାଯୋଡି ଗ୍ରାମ ପର୍ଯ୍ୟନ୍ତ ମଧ୍ୟ ପକ୍କା ରାସ୍ତା ନିର୍ମାଣ ହୋଇନି । ଫଳରେ ବରଡ଼ାଯୋଡି ଗ୍ରାମବାସୀ ବର୍ଷ ବର୍ଷ ଧରି ରୋଗୀ ତଥା ଗର୍ଭବତୀଙ୍କୁ ଖଟିଆରେ ବୋହି ସିନ୍ଧିଗୁଡା ଗାଁ କିମ୍ବା ଡ଼ାଇକ ୧ ପର୍ଯ୍ୟନ୍ତେ ଆଣିବା ପରେ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇପାରୁଛି । ସ୍ୱାଧୀନତା ୮୦ ବର୍ଷ ପରେ ମଧ୍ୟ ଆଜି ରୋଗୀ ଓ ଗର୍ଭବତୀ ଖଟିଆରେ ବୁହା ହେବା ଘଟଣା ସଭ୍ୟ ସମାଜ ପାଇଁ ଦୁଃଖର ବିଷୟ ହୋଇଛି ।

## ନିମ୍ନମାନର କାମ ଧୋଇନେଲା ବନ୍ଧ ହିଡ଼



**ଅମରପାଲି(ଅମୃତ ମିଡିଆ):** ବର୍ଷା ଆସିବାର କିଛି ଦିନ ମଧ୍ୟରେ ଧୋଇଗଲା ବନ୍ଧ ହିଡ଼ । ନିମ୍ନମାନର କାମ ଯୋଗୁ ବନ୍ଧ ଭାଙ୍ଗି ପୋଖରୀର ପାଣି ଗାଁ ଓ ଚାଷଜମିକୁ ମାଡ଼ିଯାଇଥିବା ଅଭିଯୋଗ ହୋଇଛି । ଏଭଳି ଘଟଣା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଗ୍ରାମପଞ୍ଚାୟତର ସାଲେପଦର ଗାଁର କିଆ ନାଳ ଉପରେ ନିର୍ମିତ ବନ୍ଧ ହିଡ଼ରେ ଦେଖିବାକୁ ମିଳିଛି । ମିଳିଥିବା ସୂଚନାନୁସାରେ, ସାଲେପଦର କିଆ ନାଳ ବନ୍ଧର ମାଟି କାମ ୨୦୨୫-୨୬ ଆର୍ଥିକ ବର୍ଷରେ ପଞ୍ଚମ ଏସ୍ଏଫସି ପାଣ୍ଠିରୁ ୧ ଲକ୍ଷ ୭୫ ହଜାର ୫୯୨ ଟଙ୍କା ବ୍ୟୟରେ କରାଯାଇଥିଲା । ତେବେ କାମ ଶେଷ ହେବାର କିଛି ଦିନ ମଧ୍ୟରେ ବର୍ଷାଜଳରେ ବନ୍ଧ ହିଡ଼ ଧୋଇଯାଇଛି । ଫଳରେ ପୋଖରୀର ପାଣି ଗାଁ ଓ ନିକଟସ୍ଥ ଚାଷଜମିକୁ ମାଡ଼ିଯାଇ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ମାଟି କାମ ସମୟରେ ଗୁଣାତ୍ମକ ମାଟି ବ୍ୟବହାର କରାନଯାଇ ରାସ୍ତାକଡ଼ରେ ପଡ଼ିଥିବା ପ୍ଲାଷ୍ଟିକ ମିଶ୍ରିତ ମାଟି ବ୍ୟବହାର କରାଯାଇଥିଲା । ଫଳରେ ହିଡ଼ଟି ସାମାନ୍ୟ ବର୍ଷାଜଳକୁ ମଧ୍ୟ ସହିପାରି ନ ଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି । ତେବେ ଏହି ଅଭିଯୋଗର ସତ୍ୟତା ବିଭାଗୀୟ ତଦନ୍ତ ପରେ ସ୍ପଷ୍ଟ ହେବ । ସରକାରୀ ଅର୍ଥରେ ହୋଇଥିବା ଏହି କାମର ଗୁଣାତ୍ମକ ମାନ ଯାଞ୍ଚ କରିବା ସହ ଘଟଣାର ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି । ଏଥିସହ ନଷ୍ଟ ହୋଇଥିବା ବନ୍ଧ ହିଡ଼ର ତୁରନ୍ତ ମରାମତି କରିବାକୁ ମଧ୍ୟ ଦାବି ହୋଇଛି ।

# କଲେଜ ଛାତ୍ରଙ୍କୁ ସଂଘବଦ୍ଧ ହତ୍ୟା, ୩ ଗିରଫ



**ଜୟପୁର(ଅମୃତ ମିଡିଆ):** କୋରାପୁଟ ଜିଲ୍ଲା ଜୟପୁର ସହରର କେଟିଏମ୍ ସୋ'ରୁମ୍ ନିକଟରେ ଗତ ୨୧ ତାରିଖ ଶୁକ୍ରବାର ଘଟିଥିବା ଚାଞ୍ଚଲ୍ୟକର ହତ୍ୟାକାଣ୍ଡର ପର୍ଦ୍ଦାଫାସ କରିଛି ଟାଉନ୍ ଥାନା ପୁଲିସ । ୧୯ ବର୍ଷୀୟ କଲେଜ ଛାତ୍ର ଦେବାଶିଷ କିଶାନ କୁଲଦୀପଙ୍କୁ ବାଟ ଓଗାଳି ଆକ୍ରମଣ ଓ ଛୁରାମାଡ଼ କରି ହତ୍ୟା କରିବା ଘଟଣାରେ ଶନିବାର ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଘଟଣାରେ ସଂପୃକ୍ତ ୨ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି । ଅଭିଯୁକ୍ତଙ୍କଠାରୁ ଗୋଟିଏ ଛୁରି, ଗୋଟିଏ ଲୁହା ଛଡ଼, ୨ଟି ବାଇକ୍ ଓ ମୋବାଇଲ୍ ଜବତ କରାଯାଇଛି । ସୂଚନାଯୋଗ୍ୟ, ଶୁକ୍ରବାର କେଟିଏମ୍ ସୋ'ରୁମ୍ ନିକଟରେ ପୂର୍ବାହ୍ନ ୧୧ଟାରେ ଜଣେ କଲେଜ ଛାତ୍ରଙ୍କୁ ଛୁରାମାଡ଼ ହୋଇଥିବା ନେଇ ଟାଉନ୍ ଥାନା ପୁଲିସ ସୂଚନା ପାଇଥିଲା । ଗୁରୁତର ଯୁବକଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ତାଙ୍କ ମୃତ୍ୟୁ ଘଟିଥିଲା । ଏ ନେଇ ଟାଉନ୍ ଥାନାରେ ମାମଲା ରୁଜୁ ହୋଇଥିଲା । ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା । ଏଥିସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରୁ ରକ୍ତ ନମୁନା ସଂଗ୍ରହ କରିଥିଲା । ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ପରେ ପୁଲିସ ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା । ଫୁଟେଜ୍ରୁ ହତ୍ୟାକାଣ୍ଡରେ ୫ ଜଣ ସମ୍ପୃକ୍ତ ଥିବା ପୁଲିସ ସୁରାକ୍ ପାଇଥିଲା । ଶନିବାର ସକାଳୁ ଗୁପ୍ତ ସୂଚନା ଆଧାରରେ ପୁଲିସ ପାରାବେଡ଼ା ନିକଟରେ ଚଢ଼ଉ କରି ଜଗା ହରିଜନଙ୍କୁ ଗିରଫ କରିଥିଲା । ତାଙ୍କୁ ପଚରାଉଚରା ପରେ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଓ ଲୁହାଛଡ଼ ଜବତ କରାଯାଇଥିଲା । ପରେ ଦିନେଶ କୁମାର ହରିଜନ ଓ ଚନ୍ଦ୍ରକାନ୍ତ ହରିଜନଙ୍କୁ ଗିରଫ କରାଯାଇଥିଲା । ଅନ୍ୟ ଦୁଇ ନାବାଳକଙ୍କୁ ଅଟକ ରଖି ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି । ତଦନ୍ତ ସମୟରେ ଘଟଣାରେ ବ୍ୟବହୃତ ୨ଟି ବାଇକ୍ ଓ ଅଭିଯୁକ୍ତଙ୍କ ମୋବାଇଲ୍ ମଧ୍ୟ ପୁଲିସ ଜବତ କରିଥିବା ନେଇ ଟାଉନ ଥାନା ପକ୍ଷରୁ ସୂଚନା ।

# ଜବରଦଖଲରେ ୫ଶହ କୋଟି ଟଙ୍କାର ସମ୍ପତ୍ତି



**ଅନୁଗୋଳ(ଅମୃତ ମିଡିଆ):** ସହରକୁ ଲାଗି ସରକାରୀ ଜମି । ସୁନା ପରି ଭାଉ । ଏଣୁ, ଏହା ଉପରେ ନଜର ପକାଇଛନ୍ତି କିଛି ଜମି ମାଫିଆ । ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ାର ପାଖାପାଖି ୪୦ ଏକର ଗୋଚର ଜମିକୁ କବ୍ଜା କରି ନେଇଛନ୍ତି । ଏହି ଜମିର ବଜାର ମୂଲ୍ୟ ପାଖାପାଖି ୫ଶହ କୋଟି ଟଙ୍କା ଆକଳନ କରାଯାଉଥିଲା ବେଳେ ଜବରଦଖଲକାରୀ ତାଲିକାରେ ବହୁ ପ୍ରଭାବଶାଳୀ ଲୋକ ରହିଛନ୍ତି । ଏଥିପାଇଁ ପ୍ରଶାସନ ସେମାନଙ୍କ ଦେହରେ ଟିପ ଦେବାକୁ ଡରୁଛି । ବଣ୍ଟପାଳ ବ୍ଲକ୍ ରାଣୀଗୋଡ଼ା ପଞ୍ଚାୟତର ରାଣୀଗୋଡ଼ା ଜଙ୍ଗଲ ମୌଜା ଖତିଆନ ନମ୍ବର ୫୪୭ରେ ପ୍ରାୟ ୪୧ ଏକର ୧୨ ଡେସିମିଲ ଜାଗା ରହିଛି । ସରକାରୀ ଖାତାରେ ଏହା ଗୋଚର ଜମି ଭାବେ ରହିଛି । ଅନୁଗୋଳ ପୌରପାଳିକାକୁ ଲାଗି ରହିଥିବା ଏହି ସରକାରୀ ଜାଗା ସହର ଓ ରେଳ ଷ୍ଟେସନ ମଝିରେ ରହିଛି । ଏହି ସରକାରୀ ଜାଗାରେ ପ୍ରଥମେ କିଛି ଲୋକ କୁଡ଼ିଆ କରି ରହିଥିଲେ । ପରେ ଏହା ଉପରେ କିଛି ପ୍ରଭାବଶାଳୀ ଲୋକଙ୍କ ନଜର ପଡ଼ିଥିଲା । ପ୍ରଥମେ କୁଡ଼ିଆ ଏବଂ ପରେ ବଡ଼ ବଡ଼ କୋଠା ନିର୍ମାଣ କଲେ । ରାତାରାତି ଘର କରି ଜାଗାକୁ ଜବରଦଖଲ କରିନେଲେ । ଏବେ ଏହି ଗୋଚର ଜମିରେ ବହୁ ଛାତଘର ସହ ଆଜବେଷ୍ଟସ ଛପର ଘର ରହିଛି । ଏଠାରେ ଘର ନିର୍ମାଣ କରି କିଛି ଲୋକ ଭଡ଼ା ଦେଇଥିଲା ବେଳେ ଆଉ କିଛି ଲୋକ ଘର କରି ଅନ୍ୟଙ୍କୁ ବିକି ଦେଇଛନ୍ତି । କିଛି ଚାକିରିଆ ମଧ୍ୟ ଏଠାରେ ଜମି ଜବରଦଖଲ କରି ଘର ନିର୍ମାଣ କରିଥିବା ଜଣାପଡ଼ିଛି । ଏହି ଗୋଚର ଜମିରୁ ଏବେ ଆଉ ୨ରୁ ୩ ଏକର ଜାଗା ପଡ଼ିଥିବା ବେଳେ ବାକି ସବୁଠି ଘର ଛିଡ଼ା ହୋଇଛି । ଜବରଦଖଲକାରୀମାନେ ନିଜ ପୈତୃକ ଜମି ଭାବେ ଏହାକୁ ବ୍ୟବହାର କରୁଛନ୍ତି । ପଞ୍ଚାୟତର ଜାଗା ଏମିତି ଜବରଦଖଲ ହେବା ପରେ ଏଠାରେ ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହେଉଛି । ଏଣୁ, ଗ୍ରାମବାସୀଙ୍କ ଭିତରେ ଅସନ୍ତୋଷ ବଢୁଛି । ଏପଟେ ପ୍ରଶାସନକୁ ବାରମ୍ବାର ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁନି । ଏଣୁ ବାଧ ହୋଇ ଲୋକମାନେ ଅଦାଲତର ଆଶ୍ରୟ ନେଇଥିଲେ । ଦବରଦଖଲ ହଟାଇବା ପାଇଁ ଅଦାଲତ ନିର୍ଦ୍ଦେଶ ଦେବା ପରେ ଘର ଭଙ୍ଗା ପ୍ରକ୍ରିୟା ଆରମ୍ଭ ହୋଇଥିଲା । କିନ୍ତୁ ୩/୪ଟି ଘର ଭାଙ୍ଗିବା ପରେ ଏହା ବନ୍ଦ ହୋଇଯାଇଛି । ଏନେଇ ଗ୍ରାମବାସୀ ନିର ସାହୁ କହିଛନ୍ତି, ସହର ପାଖରେ ଥିବାରୁ ଏହି ଜମି ଉପରେ ମାଫିଆଙ୍କ ନଜର ପଡ଼ିଛି । ଏଠାରେ ଜମି ଗୁଣ୍ଠ ୫୦ ଲକ୍ଷ ଟଙ୍କା ଉପରେ ରହିଥିବାରୁ କିଛି ପ୍ରଭାବଶାଳୀ ଲୋକ ଜମି ମାଡ଼ି ବସୁଛନ୍ତି । ଏମାନଙ୍କୁ ତୁରନ୍ତ ନ ହଟାଇଲେ ବାକି ଥିବା ୨/୩ ଏକର ଜାଗା ବି ମାଡ଼ି ବସିବେ ବୋଲି ସେ କହିଛନ୍ତି । ରାଣୀଗୋଡ଼ା ସରପଞ୍ଚ ପ୍ରକାଶ ଚନ୍ଦ୍ର ଦେହୁରୀ କହିଛନ୍ତି, ପଞ୍ଚାୟତର ଜମି ଜବରଦଖଲରେ ଥିବାରୁ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ଜାଗା ମିଳୁନି । ଏଥିପାଇଁ ବହୁ ପ୍ରକଳ୍ପ ଫେରିଯାଉଛି । ଏନେଇ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଉଦୟ ମହାପାତ୍ର କହିଛନ୍ତି, ସରକାରୀ ଜମିକୁ ନିଶ୍ଚିତ ଜବରଦଖଲ ମୁକ୍ତ କରାଯିବ । ଆଇନ ଅନୁସାରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି ।

# ବାଇକ୍ ଚକରେ ଫସିଗଲା ଓଢ଼ଣୀ, ମହିଳାଙ୍କ ମୃତ୍ୟୁ



**ଝରିଗାଁ(ଅମୃତ ମିଡିଆ):** ମା'ର ଅନୁପସ୍ଥିତି ପାଇଁ ଭୋ ଭୋ ହୋଇ କାନ୍ଦୁଛି ୧୨ ବର୍ଷୀୟ ଝିଅ ସୁହାନୀ । ମା' ଲୋ କୁଆଡ଼େ ଗଲୁ...କେବେ ଫେରିବୁ ? ତୋତେ ନଦେଖି ମୁଁ କେମିତି ବଞ୍ଚିବି କହୁଛି ସ୍କୁଲ ଛାତ୍ରୀ ସୁହାନୀ । ପରିବାର ଲୋକେ ଯେତେ ଯାହା ବୁଝାଇଲେ କିଛି ଶୁଣୁ ନାହିଁ । ଦିନ ସାରା ଆଖିରୁ ଗଡ଼ାଇ ଚାଲିଛି ଲୁହ । ଏକ ବାଇକ୍ ଦୁର୍ଘଟଣାରେ ମା'ର ମୃତ୍ୟୁ ପରେ ନାବାଳିକା ସୁହାନୀ ପାଢ଼ୀ ମା'ଙ୍କୁ ଝୁରି ହେଉଛି । ନବରଙ୍ଗପୁରଜିଲ୍ଲା ଝରିଗାଁରେ ଏହି ଅଭାବନୀୟ ପରିବେଶ ଦେଖିବାକୁ ମିଳିଛି । ବାଇକ୍ରେ ଓଢ଼ଣୀ ଫସିଯିବାରୁ ଦୁର୍ଘଟଣାରେ ଗୀତାଞ୍ଜଳି ପାତ୍ରଙ୍କର ମୃତ୍ୟୁ ଘଟିଛି । ପରିବାର ଲୋକଙ୍କ କହିବା ଅନୁସାରେ ଝରିଗାଁର ବାସିନ୍ଦା ଶିବ ରାମ ପାଢ଼ୀ ଏବଂ ତାଙ୍କର ପତ୍ନୀ ଗୀତାଞ୍ଜଳି ଏଲପିଜି ଗ୍ୟାସ୍ ପାଇଁ ର-କଣଉ କରିବା ପାଇଁ ଉମରକୋଟସ୍ଥିତ ଏକ ଗ୍ୟାସ୍ ଏଜେନ୍ସି ପାଖକୁ ଯାଉଥିଲେ । ଉଭୟ ସ୍ୱାମୀ-ସ୍ତ୍ରୀ ଆଜି ପୂର୍ବାହ୍ଣ ୧୧ଟାରେ ଘରୁ ବାହାରିଥିଲେ । ଯିବା ରାସ୍ତାରେ ମଧ୍ୟାହ୍ଣ ୧୨ଟାରେ ଏକମ୍ବା ଗ୍ରାମ ବିଦ୍ୟାଳୟ ନିକଟରେ ଗୀତାଞ୍ଜଳି ପିନ୍ଧିଥିବା ଓଢଣୀ ବାଇକର ପଛ ଚକରେ ଗୁଡେଇ ହୋଇଯାଇଥିଲା । ଫଳରେ ଗୀତାଞ୍ଜଳି ଚଳନ୍ତା ଗାଡ଼ିରୁ ମୁହଁମାଡି ତଳେ ପଡିଯାଇଥିଲେ । ଦୁର୍ଘଟଣାର ଶିକାର ହୋଇ ସ୍ତ୍ରୀ ତଳେ ପଡ଼ି ଛଟପଟ ହେଉଥିଲେ । ଏତିକି ବେଳେ ସେହି ରାସ୍ତା ଦେଇ ପ୍ରିୟରଞ୍ଜନ ମଲ୍ଲିକ ପହଞ୍ଚି ଥିଲେ । ସେ ଉଭୟଙ୍କୁ ଏକ ଅଟୋ ଯୋଗେ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଇ ଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଯାଇଥିଲା । କିନ୍ତୁ ମୁହଁରେ ଗଭୀର ଆଘାତ ସହ ନାକ ଓ କାନ ପଟୁ ରକ୍ତ ବନ୍ଦ ନହେବା ଯୋଗୁଁ ଉଭୟଙ୍କୁ କୋରାପୁଟ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା । ଆମ୍ବୁଲାନ୍ସ ଯୋଗେ ପରିବାର ଲୋକ କୋରାପୁଟ ଯିବା ସମୟରେ ଜୟପୁର ପହଞ୍ଚିବାର ୩ କିଲୋମିଟର ଦୂରରେ ଗୀତାଞ୍ଜଳି ଅଧିକ ଗୁରୁତର ଜଣାପଡ଼ିଥିଲେ । ଶେଷରେ ତାଙ୍କୁ ଜୟପୁରସ୍ଥିତ ଏକ ଘରେଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା, ଯେଉଁଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ ଖବର ପ୍ରସାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସମସ୍ତଙ୍କର ମୁହଁରେ ଏବେ ସୁହାନୀ ପାଇଁ ଚିନ୍ତା । ମା'ଙ୍କୁ ହରାଇଥିବା ସୁହାନୀ କେମିତି ବଡ଼ ହେବ ?

# ମାସେ ନପୂରୁଣୁ ଉଠିଗଲା ପିଚୁ, ଭାସିଗଲା ଟ୍ରାକ୍ଟର

## ରାସ୍ତା ନିର୍ମାଣରେ ଚରମ ଅବହେଳା



**ଖପ୍ରାଖୋଲ (ଅଶୋକ କୁମାର ବାଗ) :** ବିକାଶର ନାଁରେ ରାସ୍ତା ତିଆରି ହେଉଛି, କିନ୍ତୁ ରାସ୍ତାର ଆୟୁଷ ଯଦି ମାସେ ବି ନୁହେଁ, ତେବେ ଏହାକୁ ବିକାଶ କୁହାଯିବ ନା ସରକାରୀ ଅର୍ଥର ଅପଚୟ ? ଏଭଳି ଏକ ଗୁରୁତର ପ୍ରଶ୍ନ ଏବେ ଖପ୍ରାଖୋଲ ଅଞ୍ଚଳବାସୀଙ୍କ ମନରେ ଉଠିଛି । ଖପ୍ରାଖୋଲ ବ୍ଲକର ପିଏସ୍ ରାସ୍ତାରୁ ଭରୁଆମୁଣ୍ଡା ପର୍ଯ୍ୟନ୍ତ ପ୍ରାୟ ୨ କିଲୋମିଟର ରାସ୍ତା ଗତ ଜୁନ୍ ମାସରେ ନୂତନ ଭାବେ ନିର୍ମାଣ ହୋଇଥିଲା । କିନ୍ତୁ ରାସ୍ତା ନିର୍ମାଣର ମାସେ ନପୂରୁଣୁ ପିଚୁ ଉଠିଯାଇଥିବା ଅଭିଯୋଗ ସାମ୍ନାକୁ ଆସିଥିଲା । ଏନେଇ ଗତ ୩୦ ତାରିଖରେ 'ଅମୃତଦୁନିଆ' ଖବର କାଗଜରେ ଖବର ପ୍ରକାଶ ପାଇଥିଲା । ଖବର ପ୍ରକାଶ ପରେ ମଧ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଘଟଣାସ୍ଥଳକୁ ଯାଇ ରାସ୍ତାର ମାନ ଯାଞ୍ଚ କରିବା କିମ୍ବା ନିର୍ମାଣକାର୍ଯ୍ୟର ତଦାରଖ କରିବା ଦୂରର କଥା, ଯେପରି ଘଟଣାଟି ତାଙ୍କ କାନରେ ପହଞ୍ଚିନାହିଁ ଏଭଳି ଅଭିଯୋଗ କରୁଛନ୍ତି ସ୍ଥାନୀୟ ଲୋକେ । ଆହୁରି ଆଶ୍ଚର୍ଯ୍ୟର କଥା, ଖବର ପ୍ରକାଶ ପରେ ମଧ ସମ୍ପୃକ୍ତ ଠିକାଦାରଙ୍କ ପକ୍ଷରୁ ରାସ୍ତାର ତ୍ରୁଟି ସୁଧାରିବା ନେଇ କୌଣସି ତତ୍ପରତା ଦେଖାଯାଇନଥିବା ଅଭିଯୋଗ ହେଉଛି । ତେବେ ପ୍ରଶ୍ନ ଉଠୁଛି ସରକାରୀ ଅର୍ଥରେ ନିର୍ମିତ ରାସ୍ତାର ଗୁଣବତ୍ତା ଯାଞ୍ଚ କରିବା କାହାର ଦାୟିତ୍ୱ ? ଠିକାଦାରଙ୍କ କାମ ଉପରେ ବିଭାଗୀୟ ନଜରଦାରୀ କେଉଁଠି ? ଶନିବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଏହି ରାସ୍ତାରେ ବେନ୍ଦେର ପଞ୍ଚାୟତ ଲୋକଙ୍କ ପାଇଁ ପିଡିଏସ୍ ଚାଉଳ ବୋଝେଇ ଯାଉଥିବା ଏକ ଟ୍ରାକ୍ଟର ରାସ୍ତାର ମଝିଭାଗରେ ଭାସିଯାଇଥିବା ଦୃଶ୍ୟ ଦେଖିବାକୁ ମିଳିଥିବା ସୂଚନା ମିଳିଛି । ପ୍ରାୟ ୭୦ରୁ ୮୦ ପ୍ୟାକେଟ ଚାଉଳ ବୋଝେଇ ଏକ ଟ୍ରାକ୍ଟରର ଭାର ସମ୍ଭାଳି ପାରୁନଥିବା ରାସ୍ତାର ଅବସ୍ଥା ଯଦି ଏଭଳି, ତେବେ ଆଗାମୀ ଦିନରେ ଭାରୀ ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ କଲେ ରାସ୍ତାର ଅବସ୍ଥା କଣ ହେବ ସେନେଇ ସାଧାରଣ ଲୋକେ ଚିନ୍ତା ପ୍ରକାଶ କରିଛନ୍ତି । ମାସେ ନପୂରୁଣୁ ପିଚୁ ଉଠିଲା, ଖବର ପ୍ରକାଶ ପରେ ବି ଅଧିକାରୀଙ୍କ ନଜର ପଡ଼ିଲା ନାହିଁ, ଏବେ ଟ୍ରାକ୍ଟର ଭାସିଗଲା ତଥାପି କାହିଁକି ନିରବତା ଏହି ପ୍ରଶ୍ନ ଏବେ ଜନସାଧାରଣଙ୍କ ମଧ୍ୟରେ ଜୋର ଧରିଛି । ବିଭାଗୀୟ ଅଧିକାରୀଙ୍କ ଏଭଳି ନିରବତାକୁ ନେଇ ବୁଦ୍ଧିଜୀବୀ ମହଲରେ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି । ଲୋକଙ୍କ ଟଙ୍କାରେ ନିର୍ମିତ ରାସ୍ତାର ଗୁଣବତ୍ତା ନିଶ୍ଚିତ କରିବା ଯଦି ବିଭାଗର ଦାୟିତ୍ୱ, ତେବେ ଅଭିଯୋଗ ଓ ଗଣମାଧ୍ୟମରେ ଖବର ପ୍ରକାଶ ପରେ ମଧ୍ୟ ଯଦି ତଦନ୍ତ ହେଉନାହିଁ, ତେବେ ଅଧିକାରୀମାନେ କେବେ କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠିବେ । ଏହି ରାସ୍ତାର ନିର୍ମାଣରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେଉଁ ମାନଦଣ୍ଡରେ କାମ ହୋଇଛି, ନିର୍ମାଣ ପୂର୍ବରୁ ଓ ପରେ ଗୁଣବତ୍ତା ଯାଞ୍ଚ ହୋଇଥିଲା କି ନାହିଁ ଏବଂ ଏତେ କମ୍ ସମୟ ମଧ୍ୟରେ ପିଚୁ ଉଠିବାର ପ୍ରକୃତ କାରଣ କଣ ଏସବୁର ନିରପେକ୍ଷ ତଦନ୍ତ ହେବା ଜରୁରୀ । ନଚେତ ଆଜି ରାସ୍ତା ଭାସିଛି, କାଲି ଏହି ଅବହେଳା କାହାର ଜୀବନ ନେବ, ତାହା କହିହେବ ନାହିଁ । ରାସ୍ତା ଲୋକଙ୍କ ସୁବିଧା ପାଇଁ ନା ଠିକାଦାରଙ୍କ ସୁବିଧା ପାଇଁ ଏବେ ବିଭାଗୀୟ ଅଧିକାରୀମାନେ ଏହାର ଜବାବ ଦେବା ସହ ତୁରନ୍ତ ରାସ୍ତାର ଗୁଣବତ୍ତା ଯାଞ୍ଚ କରି ଆବଶ୍ୟକ ସୁଧାରମୂଳକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ବାରହା ଶିକାର ପାଇଁ ବିଦ୍ୟୁତଫାଶ

## ଜୀବନ ନେଉଛି ଅବୈଧ ଶିକାରଜାଲ



**ଖପ୍ରାଖୋଲ (ଅଶୋକ କୁମାର ବାଗ) :** ବାରହା ଶିକାର ପାଇଁ ଜମିରେ ବିଛାଯାଉଥିବା ବିଦ୍ୟୁତ ଫାଶ ଏବେ ଜଙ୍ଗଲୀ ଜୀବଙ୍କ ପାଇଁ ନୁହେଁ, ମଣିଷଙ୍କ ଜୀବନ ପାଇଁ ମଧ ଘାତକ ଫାନ୍ଦ ପାଲଟିଛି । ଶିକାରୀଙ୍କ ଲୋଭର ଶିକାର ହେଉଛନ୍ତି ନିରୀହ ଲୋକ । ଏଭଳି ଏକ ଭୟାବହ ଘଟଣା ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଅନ୍ତର୍ଗତ ଫୁଲକିମୁଣ୍ଡା ଗ୍ରାମରେ ଘଟିଛି । ସୂଚନା ଅନୁଯାୟୀ, ଫୁଲକିମୁଣ୍ଡା ଗ୍ରାମର ଲୋକନାଥ ମାଝୀ ନିଜ ସାଙ୍ଗଙ୍କ ସହ ଶୌଚ ପାଇଁ ଜମି ଆଡ଼କୁ ଯାଉଥିବା ସମୟରେ ଜମିରେ ବିଛାଯାଇଥିବା ବିଦ୍ୟୁତ ତାର ଫାଶରେ ପଡ଼ି ଯାଇଥିଲେ । ବାରହା ଶିକାର ପାଇଁ କେହି ଦୁର୍ବୃତ୍ତ ଏହି ମାରାତ୍ମକ ବିଦ୍ୟୁତ ଫାଶ ବିଛାଇଥିବା ଅଭିଯୋଗ ହୋଇଛି । ଫାଶରେ ପଡ଼ି ଲୋକନାଥ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକେ ତାଙ୍କୁ ତୁରନ୍ତ ଖପ୍ରାଖୋଲ ଡାକ୍ତରଖାନାକୁ ନେଇଥିଲେ । ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ପାଟଣାଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଘଟଣା ସମ୍ପର୍କରେ ଲୋକନାଥ ମାଝୀ ଲାଠୋର ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି । ବାରହା ଶିକାର ପାଇଁ ଜମିରେ ବିଦ୍ୟୁତ ତାର ବିଛାଇବା କେବଳ ବନ୍ୟଜନ୍ତୁ ଶିକାର ନୁହେଁ, ଏହା ମଣିଷର ଜୀବନକୁ ମଧ ମୃତ୍ୟୁମୁଖକୁ ଠେଲିଦେଉଥିବା ଏକ ଭୟଙ୍କର ଅପରାଧ । ରାତିର ଅନ୍ଧାରରେ ଜମିରେ ଲୁଚାଇ ରଖାଯାଉଥିବା ଏହି ମୃତ୍ୟୁର ଫାସ ଲୋକଙ୍କ ଜୀବନ ମଧ ନେଉଛି । ଶିକାରୀଙ୍କ ଅବିବେକୀ କାର୍ଯ୍ୟ ପାଇଁ ଯଦି ଜଣେ ନିରୀହ ମଣିଷର ଜୀବନ ଚାଲିଯାଏ, ତେବେ ଏହାର ଦାୟିତ୍ୱ କିଏ ନେବ ? ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା ପାଇଁ ନିୟମ ଥିବା ସତ୍ତ୍ୱେ ଯଦି ଖୋଲାଖୋଲି ବିଦ୍ୟୁତ ଫାସ ବିଛାଇ ଶିକାର ଚାଲିଥାଏ, ତେବେ ନିରୀହ ଲୋକଙ୍କ ସୁରକ୍ଷା କେଉଁଠି ? ଏହି ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ଅଭିଯୁକ୍ତଙ୍କୁ ଚିହ୍ନଟ କରି ଆଇନର କଠୋର ଧାରାରେ କାର୍ଯ୍ୟାନୁଷ୍ଠାନ ସହ ଏଭଳି ମୃତ୍ୟୁର ଫାଶ ବିଛାଇବାକୁ ରୋକିବା ପାଇଁ ପୁଲିସ ଓ ବନ ବିଭାଗର ତତ୍ପରତା ଜରୁରୀ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି । ବାରହା ଶିକାରର ଲୋଭରେ ମଣିଷ ଜୀବନକୁ ବିପଦରେ ପକାଉଥିବା ଏଭଳି ମୃତ୍ୟୁଫାସ ବିରୋଧରେ ପ୍ରଶାସନ କେବେ କଠୋର ପଦକ୍ଷେପ ନେବ ଏବେ ତାହା ହିଁ ବଡ଼ ପ୍ରଶ୍ନ ।

# ଡାକ୍ତରଙ୍କ ଘରେ ଡକାୟତି ଘଟଣା

## ଜଣେ ଗିରଫ ; ସ୍କୁଟି ଓ ଚୋରି ସୁନାମୁଦି ଜବତ



**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନା ପରିସରରେ ଥିବା ସରକାରୀ ଡାକ୍ତର ଅଜିତ ଦାସଙ୍କ ସରକାରୀ ବାସଭବନରେ ଘଟିଥିବା ବହୁଚର୍ଚ୍ଚିତ ଡକାୟତି ଘଟଣାରେ ଆଉ ଜଣେ ଅଭିଯୁକ୍ତକୁ ଧରିଛି ଧର୍ମଗଡ଼ ପୁଲିସ୍ । ସେ ହେଲେ କାସିବାହାଲ ଗ୍ରାମର ସୁଧୀର ତାଣ୍ଡି ଓରଫ ମୋଟୁ (୨୭) । ତାଙ୍କ ନିକଟରୁ ଡକାୟତିରେ ବ୍ୟବହୃତ ଏକ ସ୍କୁଟି ଏବଂ ଲୁଟ ହୋଇଥିବା ସୁନାମୁଦି ଜବତ କରି ଶନିବାର କୋର୍ଟ ଚାଲାଣ କରାଯାଇଛି । ସୂଚନା ଅନୁଯାୟୀ, ଗତ ୧୧ ଜୁଲାଇ ବିଳମ୍ବିତ ରାତିରେ ଚାରିଜଣ ଦୁର୍ବୃତ୍ତ ଡାକ୍ତର ଅଜିତ ଦାସଙ୍କ ବାସଭବନରେ ପଶି ତାଙ୍କୁ ବାନ୍ଧିଦେଇ ଘରୁ ଦୁଇଟି ସୁନା ଚେନ୍, ଦୁଇଟି ସୁନା ମୁଦି ପ୍ରାୟ ୮୦ ହଜାର ଟଙ୍କା ଲୁଟି ନେଇଥିଲେ । ଘଟଣାଟି ଧର୍ମଗଡ଼ ସହର ତଥା ଡାକ୍ତରଖାନା ପରିସରର ସୁରକ୍ଷା ବ୍ୟବସ୍ଥାକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ାଇଥିଲା । ଡାକ୍ତରଙ୍କ ଅଭିଯୋଗ ଆଧାରରେ ଧର୍ମଗଡ଼ ପୁଲିସ ମାମଲା ରୁଜୁ କରି ପୂର୍ବରୁ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକର ଭୁବନେଶ୍ୱରୀ ହରିଜନ (୧୯) ଓ କୁମାରୀ ହରିଜନ (୨୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲାଓ କାସିବାହାଲ ଗ୍ରାମର ସୁଧୀର ତାଣ୍ଡି ଓରଫ ମୋଟୁଙ୍କ ଏହି ଡକାୟତି ଘଟଣାରେ ସମ୍ପୃକ୍ତି ଥିବା ସୂଚନା ପୁଲିସ ପାଇବା ପରେ ତାଙ୍କୁ ଗିରଫ କରି ପଚରାଉଚରା କରିଥିଲା । ତଦନ୍ତ ସମୟରେ ଡକାୟତିରେ ବ୍ୟବହୃତ ଏକ ସ୍କୁଟି ଜବତ କରିଥିବା ବେଳେ ଲୁଟ ହୋଇଥିବା ସୁନାମୁଦି ମଧ୍ୟ ଉଦ୍ଧାର କରାଯାଇଛି ବୋଲି ତଦନ୍ତକାରି ପୁଲିସ ଅଧିକାରୀ ଲୋରିସ ପ୍ରଧାନ ସୂଚନା ଦେଇଛନ୍ତି । ଏହି ଘଟଣାରେ ଆହୁରି କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ନେଇ ପୁଲିସ ସନ୍ଦେହ କରୁଛି । ତେଣୁ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ସହ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି । ଲୁଟ ହୋଇଥିବା ଅନ୍ୟ ସାମଗ୍ରୀ ଓ ଟଙ୍କା ସମ୍ପର୍କରେ ମଧ୍ୟ ପୁଲିସ ଖୋଳତାଡ଼ କରୁଥିବା ଜଣାପଡ଼ିଛି । ଅନ୍ୟପଟେ, ଧର୍ମଗଡ଼ ପୋଲିସ ପକ୍ଷରୁ ସହରରେ ଚୋରି, ଡକାୟତି ଓ ଅନ୍ୟ ଅପରାଧ ରୋକିବା ପାଇଁ ରାତ୍ରିକାଳୀନ ପାଟ୍ରୋଲିଂକୁ ଗୁରୁତ୍ୱ ଦିଆଯାଉଛି ବୋଲି ଧର୍ମଗଡ଼ ଥାନା ଅଧିକାରୀ ସୁଜ୍ଞାନ କୁମାର ବାରିକ ସୂଚନା ଦେଇଛନ୍ତି ।

# ହରିଶଙ୍କରର ଗସ୍ତରେ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ



**ଖପ୍ରାଖୋଲ (ଅଶୋକ କୁମାର ବାଗ)** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ପ୍ରମୁଖ ପୁଣ୍ୟକ୍ଷେତ୍ର ତଥା ରାଜ୍ୟର ଅନ୍ୟତମ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ହରିଶଙ୍କରକୁ ଶନିବାର ଗସ୍ତ କରିଛନ୍ତି ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ । ମନ୍ତ୍ରୀଙ୍କ ଗସ୍ତକୁ ନେଇ ସ୍ଥାନୀୟ ପ୍ରଶାସନିକ ମହଲରେ ମଧ ଚଳଚଞ୍ଚଳତା ଦେଖାଦେଇଥିଲା । ଗସ୍ତର ପ୍ରାରମ୍ଭରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ସୁଭଦ୍ରା ଶକ୍ତି ପାନ୍ଥ ନିବାସରେ ପହଞ୍ଚି ବିଭାଗୀୟ ଅଧିକାରୀମାନଙ୍କ ସହ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । ବିଭାଗର କାର୍ଯ୍ୟକ୍ରମ, ଜନସାଧାରଣଙ୍କ ପାଇଁ ଚାଲିଥିବା ଯୋଜନା ଓ ଏହାର ସଫଳ ରୂପାୟଣ ନେଇ ଅଧିକାରୀମାନଙ୍କ ସହ ମତବିନିମୟ କରିଥିଲେ । ପରେ ମନ୍ତ୍ରୀ ହରିଶଙ୍କର ମନ୍ଦିର ପରିସରରେ ପହଞ୍ଚି ପ୍ରଭୁଙ୍କ ଦର୍ଶନ କରିବା ସହ ମନ୍ଦିରର ବିଭିନ୍ନ ପାର୍ଶ୍ୱ ବୁଲି ଦେଖିଥିଲେ । ଏହାପରେ ହରିଶଙ୍କରର ମନୋରମ ଝରଣା ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହ ପର୍ଯ୍ୟଟନସ୍ଥଳୀର ବିଭିନ୍ନ ଦିଗ ଅନୁଧାନ କରିଥିଲେ । ଏହି ଅବସରରେ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡାକ୍ତର ସାରଦା ପ୍ରସନ୍ନ ସିଂ ବରିହା, ଜିଲ୍ଲା ମତ୍ସ୍ୟ ଅଧିକାରୀ ରେଶ୍ମା ରାଣୀ ସିଂ, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ଖପ୍ରାଖୋଲ ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ପାଟଣାଗଡ଼ ଅତିରିକ୍ତ ତହସିଲଦାର ଅର୍ଜୁନ ମାଝୀ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ହରିଶଙ୍କର ଫାଣ୍ଡି ଅଧିକାରୀ ନାରାୟଣ ସାହୁ, ବିଭିଓ ଡାକ୍ତର ସ୍ୱପ୍ନେଶ୍ୱର ନାଏକଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ସେହିପରି ଭାଜପା ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ପଦ୍ମ କୁମାର ସିଂ ବରିହା, ଅଭୟ ତ୍ରିପାଠୀ, କାଳିଆ ସାହୁଙ୍କ ସମେତ ଅନ୍ୟମାନେ ମନ୍ତ୍ରୀଙ୍କ ଗସ୍ତ ସମୟରେ ଉପସ୍ଥିତ ଥିଲେ ।

# ୧୬୨ କେଜି ଗଂଜେଇ ସହିତ କାର୍ ଜବତ

## ନାବାଳକ ସହିତ ଜଣେ ଗିରଫ



**କଳାହାଣ୍ଡି (ଅମୃତ ମିଡ଼ିଆ) :** କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ରଜାମୁଣ୍ଡା ନିକଟ ଜାତୀୟ ରାଜପଥ ୫୯ରେ କଳାହାଣ୍ଡି ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାଏକଙ୍କ ନିର୍ଦ୍ଦେଶ ଅନୁଯାୟୀ,ଉପ-ଅବକାରୀ ଅଧୀକ୍ଷକ ସାଗରିକା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅବକାରୀ ନିରୀକ୍ଷକ ବିଜୟ ଭୂଷଣ ନାୟକ, ମ.ରାମପୁର ଅବକାରୀ ବିଭାଗ ଅଧିକାରୀ ଅଜିତ କୁମାର ନାୟକଙ୍କ ସମେତ ମ, ରାମପୁର ଅବକାରୀ ବିଭାଗ କର୍ମଚାରୀ ଚଢ଼ାଉ କରିଥିଲେ । ସେଥିରେ ଚୋରାଚାଲାଣ ହେଉଥିବା ୧ କ୍ୱିଣ୍ଟାଲ ୬୨କେଜି ଗଞ୍ଜେଇ ଓ ଦୁଇଟି ସ୍ମାର୍ଟ ମୋବାଇଲ ଫୋନ୍‌କୁ ଅବକାରୀ ବିଭାଗ ଜବତ କରିଥିବା ବେଳେ ବ୍ୟବହୃତ ହୋଇଥିବା ଏକ ଧଳା ରଙ୍ଗର ମାରୁତି ସୁଜୁକି କାର ଯାହାର ରେଜିଷ୍ଟ୍ରେସନ୍ ନମ୍ବର-ଓଆର -୦୨-ଏଡବ୍ଲୁ-୯୮୮୧ (ମୂଳ ନମ୍ବର -ସିଜି ୦୪ ଏଚଏ ୨୮୧୧) ରେ ବାପି ପ୍ରଧାନ (୨୬) ଓ ଜଣେ ନାବାଳକଙ୍କୁ କେସ ନମ୍ବର ୧୨୪/୨୬-୨୭ ଏନ୍ ଡି ପି ଏସ୍ ଅଧିନିୟମ ଅନୁସାରେ ଗିରଫ କରିଛି । ଉକ୍ତ ଗଂଜେଇଟି କନ୍ଧମାଳ ଜିଲ୍ଲାରୁ ବଲାଙ୍ଗୀର ଚୋରା ଚାଲାଣ କରୁଥିଲେ ବୋଲି ଅଭିଯୁକ୍ତ ବ୍ୟକ୍ତି ମାନେ ପ୍ରକାଶ କରିଥିଲେ । ଗିରଫ ଯୁବକ ହେଲେ ଫିରିଙ୍ଗିଆ ଥାନା ଅଂଚଳର ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡିଛି । ଚଢ଼ାଉ ସମୟରେ ମ. ରାମପୁର ଅବକାରୀ ବିଭାଗ ଅଧିକାରୀ ସମେତ ବାଳେଶ୍ୱର ଧଙ୍ଗଡ଼ାମାଝୀ, ସିମାଞ୍ଚଳ ମାଝୀ, ବିନତା କୁମାର, ଢୁଲେଶ୍ୱର ପ୍ରଧାନ, ଦୈତାରୀ ତାଣ୍ଡି, ପୃଥ୍ୱୀରାଜ ବାଗ, ସିଦ୍ଧନ୍ତ ପଟ୍ଟାନାୟକ ଉକ୍ତ ଚଢାଉରେ ସାମିଲ ଥିଲେ ।

# ହାତୀନଦୀରେ ବଢିଲା ବନ୍ୟା

## ଇନ୍ଦ୍ରାବତୀ ଜଳ ଭଣ୍ଡାର ହାତୀ ବ୍ୟାରେଜରୁ ଛଡ଼ାଗଲା ଚଳିତବର୍ଷର ପ୍ରଥମ ବନ୍ୟାଜଳ



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଲଗାଣ ବର୍ଷା ଯୋଗୁଁ କଳାହାଣ୍ଡି ଜିଲ୍ଲାର ହାତୀ ନଦୀରେ ବନ୍ୟା ପରିସ୍ଥିତି ଦେଖାଦେଇଛି । ଜୟପାଟଣା ଓ କଳମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଗତ ରାତିଠାରୁ ଜାରି ରହିଥିବା ପ୍ରବଳ ବର୍ଷାର ପ୍ରଭାବରେ ନଦୀର ଜଳସ୍ତର ବୃଦ୍ଧି ପାଇଛି । ଜଳଗ୍ରହଣ ଅଞ୍ଚଳରେ ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ମଙ୍ଗଳପୁର ସ୍ଥିତ ହାତୀ ବ୍ୟାରେଜର ୪ଗୋଟି ଗେଟ୍ ରୁ ବନ୍ୟାଜଳ ନିଷ୍କାସନ କରାଯାଇଛି । ବର୍ତ୍ତମାନ ଇନ୍ଦ୍ରାବତୀ ଜଳଭଣ୍ଡାରର ହାତୀ ବ୍ୟାରେଜରୁ ପ୍ରତି ସେକେଣ୍ଡରେ ପ୍ରାୟ ୪୧୨ କ୍ୟୁମେକ୍ସ ଜଳ ଛଡ଼ାଯାଉଥିବା ଜଣାପଡ଼ିଛି ।ଗତକାଲି ଠାରୁ ଇନ୍ଦ୍ରାବତୀ ଉପର ମୁଣ୍ଡ ଓ ଜୟପାଟଣା ଅଞ୍ଚଳରେ ପ୍ରାୟ ୨୮୦ ମି.ମି ବର୍ଷା ରେକର୍ଡ ହୋଇଥିବା ଜଣାଯାଇଛି । ଇନ୍ଦ୍ରାବତୀ ଜଳ ଭଣ୍ଡାରରେ ଜଳ ସ୍ତର ଅହେତୁକ ଭାବେ ବୃଦ୍ଧି ପାଉଥିବାରୁ ଇନ୍ଦ୍ରାବତୀ ପ୍ରକଳ୍ପରୁ ବିଦ୍ୟୁତ ଜେନେରେସନ ବନ୍ଦ କରି ଦିଆଯାଇଛି ଏବଂ ମଙ୍ଗଳପୁର ହାତୀ ବ୍ୟାରେଜର ୪ଗୋଟି ଗେଟ୍ ଖୋଲି ଦିଆଯାଇଛି । ଏହାର ପ୍ରଭାବରେ ଜୟପାଟଣା ସହରରେ ମଧ ବନ୍ୟା ଜଳ ପ୍ରବାହିତ ହେଉଥିବା ଖବର ଆସୁଥିବା ବେଳେ କଳମପୁର ବ୍ଲକର ବିରିପୁର, କର୍ମେଲ, ଟେମରା, ବାଲିଛଡ଼ା ସମେତ ହାତୀ ନଦୀ ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ଆଶଙ୍କା ବଢ଼ିଛି । ନଦୀକୂଳ ଓ ତଳିଆ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ ରହିବା ସହ ନଦୀ ମଧକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ସଚେତନ କରାଯାଇଛି । ପରିସ୍ଥିତି ଉପରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ପକ୍ଷରୁ ନଜର ରଖାଯାଇଥିବା ବେଳେ ଜଳସ୍ତର ବୃଦ୍ଧି ହେଲେ ତଳିଆ ଅଞ୍ଚଳବାସୀଙ୍କୁ ଆହୁରି ସତର୍କ କରାଯିବାର ସମ୍ଭାବନା ରହିଛି ।

# ଆଇଟିଡିଏ ପାଣ୍ଠି କାର୍ଯ୍ୟରେ ବ୍ୟାପକ ଅନିୟମିତତା ଅଭିଯୋଗ

## ସୂଚନାଫଳକ ବଦଳରେ କାନ୍ଥରେ ଲିଖନ କରି ଚାଲିଛି ପ୍ରକଳ୍ପ



**କଳାହାଣ୍ଡି (ଅମୃତ ମିଡ଼ିଆ-ପ୍ୟାରିଲାଲ ଦୁର୍ଗା) :** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଣ୍ଟିଆ ଧାନ ମଣ୍ଡି ଠାରେ ଏକ ସରକାରୀ ରାସ୍ତା ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆଦିବାସୀ ଉନ୍ନୟନ ସଂସ୍ଥା ଥୁଆମୁଲ ରାମପୁର ଆନୁକୂଲ୍ୟରେ ସଂପାଦିତ ହେଉଥିବା ଏହି ପ୍ରକଳ୍ପରେ ସରକାରୀ ଗାଇଡଲାଇନକୁ ସମ୍ପୂର୍ଣ ରୂପେ ଉଲଂଘନ କରାଯାଇଥିବା ଅଭିଯୋଗ ହୋଇଛି । ସୂଚନା ଫଳକ ବଦଳରେ କାନ୍ଥ ଲିଖନ ସୂଚନା ଅନୁଯାୟୀ, ସାଂସଦ ଆଞ୍ଚଳିକ ବିକାଶ ପାଣ୍ଠି ଯୋଜନାରେ ଖୁଣ୍ଟିଆ ଧାନମଣ୍ଡି ଠାରୁ ବିଜୁ ଏକ୍ସପ୍ରେସ ୱେ ଶ୍ରୀରାମପୁର ପର୍ଯ୍ୟନ୍ତ ଏକ କଂକ୍ରିଟ୍ ରାସ୍ତା ନିର୍ମାଣ ପାଇଁ ୩ ଲକ୍ଷ ଟଙ୍କାର ଅଟକଳ କରାଯାଇଛି । ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ପ୍ରକଳ୍ପ ସ୍ଥାନରେ ଜନସାଧାରଣଙ୍କ ଅବଗତି ପାଇଁ ଏକ ସ୍ଥାୟୀ ସିମେଣ୍ଟ ବୋର୍ଡ ର ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ । କିନ୍ତୁ ଏଠାରେ ସେହି ନିୟମକୁ ସମ୍ପୂର୍ଣ ବେଖାତିର କରାଯାଇଛି । ନୂତନ ସୂଚନା ଫଳକ ନିର୍ମାଣ ନକରି ସେହି ବାବଦକୁ ଆସିଥିବା ଅର୍ଥକୁ ହରିଲୁଟ୍ କରିବା ଉଦ୍ଦେଶ୍ୟରେ ଏକ ସରକାରୀ କାର୍ଯ୍ୟାଳୟ ର କାନ୍ଥ ଉପରେ କେବଳ ନୀଳ ରଙ୍ଗ ଦେଇ କାର୍ଯ୍ୟର ବିବରଣୀ ଲେଖି ଦିଆଯାଇଛି ଲେଖାଯାଇଥିବା ସୂଚନାକୁ ଅନୁଧାନ କଲେ ଏଥିରେ ଥିବା ବଡ଼ ଧରଣର ତ୍ରୁଟି ପଦାକୁ ଆସୁଛି । ଆର୍ଥକ ବର୍ଷ ୨୦୨୬-୨୭ ଏବଂ କାର୍ଯ୍ୟ ଆରମ୍ଭ ତାରିଖ ୦ ୧-୦୮-୨୦୨୬ ଦର୍ଶାଯାଇଥିବା ବେଳେ, କାର୍ଯ୍ୟ ଶେଷ ହେବାର କୌଣସି ନିର୍ଦ୍ଦିଷ୍ଟ ତାରିଖ ଏଥିରେ ଉଲ୍ଲେଖ କରାଯାଇନାହିଁ । ଏହି ସ୍ଥାନଟିକୁ ସମ୍ପୂର୍ଣ ଫାଙ୍କା ଛାଡ଼ି ଦିଆଯାଇଛି । ସରକାରୀ କାର୍ଯ୍ୟରେ ଏଭଳି ଅପୂର୍ଣ ଏବଂ ଦାୟିତ୍ୱହୀନ ସୂଚନା ପ୍ରଦାନ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାକୁ ସ୍ପଷ୍ଟ କରୁଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଅନ୍ୟପଟେ ନିର୍ମାଣ ହୋଇଥିବା କଂକ୍ରିଟ୍ ରାସ୍ତାର ସ୍ଥିତି ଅତ୍ୟନ୍ତ ଶୋଚନୀୟ ଏବଂ ନିମ୍ନମାନର ଦେଖାଯାଉଛି । ସଠିକ୍ ପରିମାଣର ସିମେଣ୍ଟ, ମେଟାଲ ଓ ଚିପ୍ସ ବ୍ୟବହାର କରାଯାଇନଥିବା ଯୋଗୁଁ ରାସ୍ତାର ଉପରିଭାଗ ଏବେଠାରୁ ଖସିବାକୁ ଲାଗିଲାଣି । ରାସ୍ତାର କୌଣସି ସଠିକ୍ ଫିନିସିଂ ହୋଇନଥିବା ବେଳେ ଏହାର ଉଭୟ ପାର୍ଶ୍ୱ ଅସଂପୂର୍ଣ ଅବସ୍ଥାରେ ପଡ଼ି ରହିଛି । ଏଭଳି ନିମ୍ନମାନର କାର୍ଯ୍ୟ ଏବଂ ସରକାରୀ ଅର୍ଥର ଅପବ୍ୟବହାରକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ୩ ଲକ୍ଷ ଟଙ୍କାର ପ୍ରକଳ୍ପରେ ଯଦି ସୂଚନା ଫଳକଟିଏ ଠିକ୍ ଭାବେ ତିଆରି ହୋଇପାରୁନାହିଁ, ତେବେ ରାସ୍ତା କାର୍ଯ୍ୟ କେତେ ସ୍ୱଚ୍ଛ ହୋଇଥିବ ତାହା ସହଜରେ ଅନୁମେୟ ବୋଲି ଜଣେ ସ୍ଥାନୀୟ ଗ୍ରାମବାସୀ କହିଛନ୍ତି । ଗ୍ରାମବାସୀମାନେ ଏହି ଘଟଣାର ତୁରନ୍ତ ଉଚ୍ଚସ୍ତରୀୟ ଭିଜିଲାନ୍ସ କିମ୍ବା ଜିଲ୍ଲାପାଳ ସ୍ତରୀୟ ତଦନ୍ତ କରିବା ସହ ଦୋଷୀ ଅଧିକାରୀ ଓ ସଂପୃକ୍ତ କାର୍ଯ୍ୟନିର୍ବାହୀ ସଂସ୍ଥା ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

## ବନ୍ଧୁକ ମୁନରେ ଗହଣା ବ୍ୟବସାୟୀଙ୍କଠାରୁ ଲୁଟ୍

# ନେଇଗଲେ ୫ କିଲୋ ରୁପା ଓ ୬୦ ଗ୍ରାମ ସୁନା

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା, ମୋରଡା ଥାନା ଅଞ୍ଚଳରେ ପୁଣିଥରେ ବନ୍ଧୁକ ମୁନରେ ଲୁଟ ଘଟଣାକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ନୂଆଝାଳିଆ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ପୋଖରୀ ନିକଟରେ ଜଣେ ଗହଣା ବ୍ୟବସାୟୀଙ୍କୁ ଭୟଭୀତ କରି ଲୁଟ କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, କୋଷ୍ଟା ଅଞ୍ଚଳର ଗହଣା ବ୍ୟବସାୟୀ ତପନ ପରିଡ଼ା ସାନମୁଣ୍ଡାବଣୀ ହାଟରେ ବ୍ୟବସାୟ ସାରି ନିଜ କାରରେ ଘରକୁ ଫେରୁଥିଲେ। ଏହି ସମୟରେ ନୂଆଗାଁ ପୋଖରୀ ନିକଟରେ ଦୁଇଟି ବାଇକରେ ଚାରିଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିବାର ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ତପନ ପରିଡ଼ାଙ୍କୁ ଭୟଭୀତ କରିବା ସହ ତାଙ୍କ ପାଖରେ ଥିବା ଗହଣା ଭର୍ତ୍ତି ବ୍ୟାଗ ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାର ସେ ଅଭିଯୋଗ କରିଛନ୍ତି। ତପନ ପରିଡ଼ାଙ୍କ କହିବା ଅନୁସାରେ, ବ୍ୟାଗରେ ପ୍ରାୟ ୫ କିଲୋଗ୍ରାମ ରୂପା ଓ ୬୦ ଗ୍ରାମ ସୁନା ରହିଥିଲା। ଏହା ସହ ବ୍ୟାଗ ଭିତରେ ତାଙ୍କ ମୋବାଇଲ ଫୋନ ମଧ୍ୟ ଥିବାର ସେ କହିଛନ୍ତି। ଲୁଟର ସମ୍ପୂର୍ଣ୍ଣ ମୂଲ୍ୟ କେତେ ତାହା ସ୍ପଷ୍ଟ ହୋଇନଥିଲେ ମଧ୍ୟ ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି। ଏହି ଘଟଣାକୁ ନେଇ ବ୍ୟବସାୟୀଠାରୁ ଆରମ୍ଭ କରି ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ଲୁଟେରାଙ୍କ ଦୁଇଟି ବାଇକ ମଧ୍ୟରୁ ଗୋଟିଏ ବାଇକ ଷ୍ଟାର୍ଟ ନ ହେବାରୁ ଘଟଣାସ୍ଥଳରେ ଗୋଟିଏ ବାଇକକୁ ଛାଡି ଦୁର୍ବୃତ୍ତମାନେ ପଳାଇଥିଲେ। ମୋରଡା ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚୋରି, ଲୁଟ୍ ଓ ଡକାୟତି ଭଳି ଘଟଣା ନେଇ ବାରମ୍ବାର ଅଭିଯୋଗ ଆସୁଛି। ଏଭଳି ଘଟଣାର ପୁନରାବୃତ୍ତି ହେଉଥିବାରୁ ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି।

## ବର୍ଦ୍ଧିତ ଚୋରି, ଲୁଟ୍ ନିୟନ୍ତ୍ରଣ ନିମନ୍ତେ ରାଇରଙ୍ଗପୁର ପୋଲିସର ନିଆରା ପ୍ରୟାସ

# ସୁନାଗହଣା ଦୋକାନୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ କଲେ ବୈଠକ

**ବାରିପଦା (ଅମୃତମିଡିଆ):** ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ ରାଇରଙ୍ଗପୁର ସହରର ସୁନାଗହଣା ଦୋକାନୀ ମାନଙ୍କୁ ନେଇ ରାଇରଙ୍ଗପୁର ଉପଖଣ୍ଡରେ ହେଉଥିବା ବର୍ଦ୍ଧିତ ଚୋରି, ଲୁଟ ଓ ଅପରାଧକୁ ରୋକିବା ପାଇଁ ଏକ ବୈଠକ କରିଛନ୍ତି। ବୈଠକରେ ସୁନା ଦୋକାନ ଗୁଡିକର ସୁରକ୍ଷା, ସିସିଟିଭି ଲଗାଇବା, ସନ୍ଦିଗ୍ଧ ବ୍ୟକ୍ତିଙ୍କ ଚିହ୍ନଟ ଏବଂ ଅସାମାଜିକ ବ୍ୟକ୍ତିଙ୍କ ପ୍ରତି ସନ୍ଦେହ ହେଲେ ଆବଶ୍ୟକ ସ୍ଥଳେ ପୋଲିସକୁ ତୁରନ୍ତ ସୂଚନା ଦେବା, ହେଲମେଟ ବା ମାସ୍କ ପିନ୍ଧି ଦୋକାନ ରେ



ପ୍ରବେଶ କରୁଥିବା ଗ୍ରାହକଙ୍କ ପ୍ରତି ସତର୍କ ରହିବା, ବିନା ପରିଚୟ ପତ୍ରରେ କିମ୍ବା ଅଜଣା ଅପରିଚିତ ଲୋକଙ୍କ ଠାରୁ ପୁରୁଣା ସୁନା, ରୁପା ନକିଣିବା, ରାତ୍ରୀ ସମୟରେ ଦୋକାନର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ସହ ବେଶୀ ରାତି ନକରି ନିର୍ଦ୍ଦିଷ୍ଟ ଏକ ସମୟରେ ଦୋକାନ ବନ୍ଦ କରିବା, ଅପ୍ରିତୀକର ପରିସ୍ଥିତିରେ ସୁରକ୍ଷା ପାଇଁ ପୋଲିସର ପରାମର୍ଶ ସହ ସନ୍ଦିଗ୍ଧ ଲୋକ ଦେଖିଲେ ତୁରନ୍ତ ସ୍ଥାନୀୟ ପୋଲିସ ଷ୍ଟେସନ କୁ ଜଣାଇବା ପାଇଁ ନିବେଦନ କରାଯାଇଛି। ଜରୁରୀକାଳୀନ ସହାୟତା ପାଇଁ ୧୧୨ ରେ କଲ କରି ପୋଲିସର ସାହାଯ୍ୟ ନେଇ ପାରିବେ ବୋଲି କହିଛନ୍ତି। ବୈଠକରେ ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ ଙ୍କ ସହ ରାଇରଙ୍ଗପୁର ସହରର ସୁନାଗହଣା ଦୋକାନୀ ସଞ୍ଜୟ କୁମାର ପରିଡ଼ା, ମନୋଜ ସୋନୀ, ଲୋକେଶ ସୋନୀ, ରାହୁଲ ସୋନୀ, କେଦାର ନାଥ ପରିଡା, ସନ୍ତୋଷ କର୍ମକାର, କିଶୋର କର୍ମକାର, ରାମେଶ୍ୱର ପରିଡ଼ା, ବୃହସ୍ପତି ପରିଡ଼ା, ଦୀପେଶ ସୋନୀ ପ୍ରମୁଖ ଉପସ୍ଥିତ ଥିଲେ. ସେହିପରି ରାଇରଙ୍ଗପୁର ସହରର ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହିତ ବୈଠକ ରେ ଉପରୋକ୍ତ ସମ୍ପର୍କୀତ ଆଲୋଚନା କରିଥିଲେ ରାଇରଙ୍ଗପୁର ଟାଉନ ଥାନା ଅଧିକାରୀ। ଚୋରି, ଲୁଟ ଓ ଅପରାଧ ରୋକିବା ପାଇଁ ବ୍ୟାଙ୍କ ଗୁଡ଼ିକ ରେ ଉନ୍ନତ ମାନର ସିସିଟିଭି, ସାଇରନ ସିଷ୍ଟମ ଏବଂ ସିକ୍ୟୁରିଟି ମୁତୟନ ପାଇଁ ପରାମର୍ଶ ଦେଇଥିଲେ। କିଭଳି ରାଇରଙ୍ଗପୁର ସହରରେ ଏସବୁ ଅପରାଧ ନିୟନ୍ତ୍ରଣ କରିହେବ ସେ ନେଇ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ବିବାହ ପରେ ଏସ୍ଆଇ ସ୍ୱାମୀଙ୍କ ନାଁରେ ଦୁଷ୍କର୍ମ ଏବଂ ନିର୍ଯାତନା ଅଭିଯୋଗ ଆଣିଲେ ମହିଳା

**ବାରିପଦା(ଅମୃତମିଡିଆ):** ବାରିପଦା ଟାଉନ ଥାନାରେ କାର୍ଯ୍ୟରତ ପୋଲିସ ସବ୍ ଇନ୍ସପେକ୍ଟର ପ୍ରଭାତ ନାୟକଙ୍କ ନାଁରେ ବାରିପଦା ଟାଉନ ଥାନାରେ ଜଣେ ମହିଳା ଲଭ ସେକ୍ସ ଧୋକ୍କା



ନେଇ ଏକ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଲାଗି ରହିଥିବା ବେଳେ ମାମଲାଟି ନୂଆ ମୋଡ଼ ଆସିଛି। ବିବାହ କରି ମଧ୍ୟ ସ୍ୱାମୀଙ୍କ ନାଁରେ ଦୁଷ୍କର୍ମ ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ମହିଳା ଜଣକ। ବିବାହର ଦୁଇ ମାସ ପରେ ମହିଳା ଜଣକ ନିଜ ସ୍ୱାମୀଙ୍କ ନାଁରେ ଲଭ, ସେକ୍ସ, ଧୋକ୍କା ଭଳି ସଂଘାତିକ ଅଭିଯୋଗ ଆଣିବା ଏପରିକି ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେବା ଘଟଣା ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଓ ଚକିତ କରିଛି। ସୂଚନା ଅନୁସାରେ ବିବାହ ପରେ ମଧ୍ୟ ଅଲଗା ଅଲଗା ରହୁଥିଲେ ସ୍ୱାମୀ-ସ୍ତ୍ରୀ। ଯାହା ସନ୍ଦେହକୁ ଆହୁରି ଘନୀଭୂତ କରିଛି। ସବ-ଇନିସ୍ପେକ୍ଟର ପ୍ରଭାତ କୁମାର ନାୟକଙ୍କ ସମେତ ଅନ୍ୟ ୭ଜଣଙ୍କ ନାମ ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି। ମହିଳାଙ୍କ ଲିଖିତ ଅଭିଯୋଗ ଆଧାର ରେ ବାରିପଦା ଟାଉନ ଥାନାରେ କେସ ନମ୍ବର - ୫୪୨/ ୨୬, ୬୯ ବିଏନଏସ ଜରିଆରେ ଏକ ଦୁଷ୍କର୍ମ ଜନିତ ମାମଲା ରୁଜୁ କରାଯିବା ସହ' ସବ-ଇନିସ୍ପେକ୍ଟରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଘଟଣା ପୁଙ୍ଖାନୁପୁଙ୍ଖ ତଦନ୍ତ ଜାରି ଜାରି ରହିଥିବା କହିଛନ୍ତି ବାରିପଦା ସଦର ଏସଡିପିଓ ପ୍ରଭାତ କୁମାର ମଲ୍ଲିକ। ସୂଚନା ମୁତାବକ ପ୍ରଭାତ ନାୟକଙ୍କ ସହ ପୁରୀ ଜିଲ୍ଲାର ଜନୈକା ଯୁବତୀଙ୍କ ସହ ପ୍ରଥମେ ସୋସିଆଲ ମିଡିଆରେ ପରିଚୟ ହୋଇଥିଲା ଏବଂ ପରେ ଏହା ପ୍ରେମର ରୂପ ନେଇ ବିବାହରେ ପରିଣତ ହୋଇଥିଲା। ଗତ ଜୁନ୍ ୧୨ ତାରିଖରେ ଏକ ମନ୍ଦିରରେ ହିନ୍ଦୁ ରୀତିନୀତି ଅନୁଯାୟୀ ଉଭୟଙ୍କର ବିବାହ ହୋଇଥିଲା। ଏହି ବିବାହରେ ଉଭୟ ପକ୍ଷର କିଛି ସମ୍ପର୍କୀୟ ମଧ୍ୟ ଉପସ୍ଥିତ ରହିଥିଲେ। ହେଲେ ବିବାହର ମାତ୍ର ୨ମାସ ପରେ ମହିଳା ଜଣକ ଏଭଳି ଅଭିଯୋଗ ଆଣିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଘଟଣାକୁ ନେଇ ମୁହଁ ଖୋଲିଛନ୍ତି ଅଭିଯୁକ୍ତ ସବ-ଇନସ୍ପେକ୍ଟର ପ୍ରଭାତ ନାୟକ। ପ୍ରଭାତଙ୍କ କହିବା କଥା, ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ପାରିବାରିକ ସମସ୍ୟାରେ ଲଭ, ସେକ୍ସ, ଧୋକ୍କା ଭଳି ସଂଘାତିକ କଥା କୋଉଠୁ ଆସିଲା ଏବଂ ଏଥିପାଇଁ ସେ ଦୁଃଖ ପ୍ରକାଶ କରିଛନ୍ତି। ଅନ୍ୟପଟେ ପ୍ରଭାତଙ୍କ ଓକିଲ ତାରାକାନ୍ତ ବେହେରା ମଧ୍ୟ ଏହାକୁ ନେଇ ନିଜର ପ୍ରତିକ୍ରିୟାରେ ଏତଲାରେ ଲେଖାଥିବା ଅଭିଯୋଗ ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ଦେଖିଲେ ଏହା ପ୍ରେମ ଓ ପ୍ରତାରଣା ସହିତ ଶାରୀରିକ ସମ୍ପର୍କର ମାମଲା ହେବନାହିଁ। କାରଣ ବାହାଘର ପରେ ସମସ୍ୟା ସୃଷ୍ଟି ହେଉଥିବାରୁ ଏହା ପାରିବାରିକ କଳହର ମାମଲା ହେବାକଥା। ତେଣୁ ଉପରିସ୍ଥ ଅଧିକାରୀଙ୍କ ଚାପ ଓ ଅନ୍ୟ ଷଡ଼ଯନ୍ତ୍ର କାରଣରୁ ଏଭଳି ମାମଲା କରାଯାଇଥିବାର କହିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ପ୍ରକୃତରେ ଏଠାରେ ଭୁଲ କାହାର ? ପ୍ରଭାତ ନାୟକ ଙ୍କର ନାଁ' ଅଭିଯୋଗକାରୀ ମହିଳାଙ୍କର, ନାଁ' ଆମର ଆଇନ ବ୍ୟବସ୍ଥାର ଯଦିଓ ଅଭିଯୋଗ ପରେ ଜିଲ୍ଲା ଏସପି ତୁରନ୍ତ ପଦକ୍ଷେପ ନେଇ ସମ୍ପୃକ୍ତ ଏସଆଇଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରିଛନ୍ତି, ତେବେ ଏଭଳି ଏକ ଚାଞ୍ଚଲ୍ୟକର ଘଟଣାର ମୋଡ଼ କୋଉ ଦିଗକୁ ଯାଉଛି ଏବଂ ଏହାର ଅନ୍ତ କ'ଣ ହେଉଛି ତାହା ଉପରେ ସମସ୍ତଙ୍କର ନଜର ରହିଛି।

# ଜ୍ୱରରେ ପୀଡ଼ିତ ୩ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କଲେ ପ୍ରଧାନଶିକ୍ଷକ

## ୨ଜଣ ସୁସ୍ଥ ହୋଇ ଫେରିଲେ; ମ୍ୟାଲେରିଆରେ ପୀଡ଼ିତ ଜଣେ ଛାତ୍ରଙ୍କ ଚିକିତ୍ସା ଜାରି

**ବାରିପଦା(ଅମୃତମିଡିଆ):** ମୟୂରଭଞ୍ଜ ଜିଲ୍ଲା,ଠାକୁରମୁଣ୍ଡା ବ୍ଲକ, ମହୁଲଡିହା ପଞ୍ଚାୟତ ଜାମୁନାଳିଆ ସେବାଶ୍ରମ ବିଦ୍ୟାଳୟରେ ଶନିବାର ଦିନ ହଠାତ ତିନିଜଣ ଛାତ୍ରଙ୍କୁ ଜ୍ୱର ହେବାର ଜାଣିବାପରେ ପ୍ରଧାନଶିକ୍ଷକ ନୟନ ପଣ୍ଡା ପୀଡିତ ଛାତ୍ରମାନଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ରକ୍ତ ନମୁନା ପରୀକ୍ଷା କରିବାପରେ ଜଣେ ଛାତ୍ର କୁଲୁ ମୁଣ୍ଡାରୀଙ୍କ ମ୍ୟାଲେରିଆ ପଜିଟିଭ ଥିବାର ଜଣାପଡିଥିଲା। ଏ ବାବଦରେ ପ୍ରଧାନଶିକ୍ଷକ ବ୍ଲକ ର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଏବଂ ପୀଡିତ ଛାତ୍ରଙ୍କ ଅଭିଭାବକ ଙ୍କୁ ଜଣାଇ ତାଙ୍କୁ ହସ୍ପିଟାଲ ରେ ଆଡ଼ମିସନ କରିଥିଲେ ଏବଂ ଛାତ୍ରଙ୍କ ଚିକିତ୍ସା ଚାଲିଥିଲା। ଛାତ୍ର ଙ୍କ ଭାଇ କପ୍ତିପଦା ରୁ ଘର ଭାଲିଆ ଡାଳ ଦେଇ



ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଂଚିଥିଲେ। ଅନ୍ୟ ଦୁଇଜଣ ଛାତ୍ର ଚିକିତ୍ସିତ ହୋଇ ସୁସ୍ଥ ହେବାପରେ ପ୍ରଧାନ ଶିକ୍ଷକ ସେମାନଙ୍କୁ ନେଇ ସ୍କୁଲରେ ଛାଡିଥିଲେ। ସୂଚନା ଅନୁସାରେ, ଜାମୁନାଳିଆ ସେବାଶ୍ରମରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ପ୍ରାୟ ୮ ବର୍ଷ ବୟସର ଏହି ମ୍ୟାଲେରିଆ ପୀଡିତ ଛାତ୍ର କୁଲୁ ମୁଣ୍ଡୁରି ଚିକିତ୍ସିତ ହେଉଥିବାବେଳେ ତାଙ୍କ ମା ମଧ୍ୟ ଆସି ଡାକ୍ତରଖାନାରେ ପହଂଚି ପୀଡିତ ଙ୍କ ପାଖରେ ଅଛନ୍ତି ଓ ପୀଡିତ ଛାତ୍ରଙ୍କର ମ୍ୟାଲେରିଆ ଚିକିତ୍ସା ଚାଲିଥିବାର ଜଣାପଡିଛି। ଏଥି ସହିତ ହଷ୍ଟେଲ ଅନ୍ତେବାସୀ ଛାତ୍ର ମାନଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥିବାର ଏବଂ ସମସ୍ତେ ସୁସ୍ଥ ଥିବାର ଜଣାପଡିଛି। ଆଜି ରବିବାର ଦିନ ମଧ୍ୟ ପ୍ରଧାନ ଶିକ୍ଷକ ନୟନ ପଣ୍ଡା ଏବଂ ପୀଡିତ ଛାତ୍ରଙ୍କ ମା ହସ୍ପିଟାଲ ରେ ପୀଡିତ ଛାତ୍ର ଙ୍କ ପାଖରେ ଥିବାର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ କୁମାର ଦାସ ସୂଚନା ଦେଇଥିବାବେଳେ ଏଥିନେଇ କୌଣସି ଅଧିକାରୀଙ୍କ ନିକଟରେ କେହି ଅଭିଯୋଗ କରିନଥିବାର ବିଡ଼ିଓ ସ୍ୱପ୍ନେଶ୍ୱର ବେହେରା ପ୍ରକାଶ କରିଛନ୍ତି।

# ବିଜେଡି ସୁପ୍ରିମୋ ନବୀନ ଦେଲେ ବଡ଼ ଦାୟିତ୍ୱ

## ମୟୂରଭଞ୍ଜ-୧ ବିଜୁ ଛାତ୍ର ଜନତା ଦଳ ସଭାପତି ହେଲେ ଆଭାସ ଦେ

**ବାରିପଦା(ଅମୃତମିଡିଆ):** ବିଜୁ ଛାତ୍ର ଜନତା ଦଳ ସଙ୍ଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ନବୀନ ପଟ୍ଟନାୟକ। ମୟୂରଭଞ୍ଜ-୧ ସାଙ୍ଗଠନିକ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ନୂତନ ସଭାପତି ଭାବେ ଯୁବ ନେତା ଆଭାସ ଦେଙ୍କୁ ନିଯୁକ୍ତି ଦେଇଛନ୍ତି। ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଏହି ଘୋଷଣା କରିଛନ୍ତି। ସଂଗଠନରେ ଆଭାସଙ୍କ ସକ୍ରିୟତା, ନିଷ୍ଠା ଓ ଛାତ୍ର ସମାଜରେ ଥିବା ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଦଳୀୟ ହାଇକମାଣ୍ଡ ତାଙ୍କ ଉପରେ ଏହି ଗୁରୁତ୍ୱପୂର୍ଣ୍ଣ ଭରସା କରିଛନ୍ତି। ଏହି ଘୋଷଣା ପରେ ସମଗ୍ର ଜିଲ୍ଲା ବିଜେଡି ଶିବିରରେ ଉତ୍ସାହର ଲହରୀ ଖେଳିଯାଇଛି। ନୂତନ ଦାୟିତ୍ୱ ପାଇବା ପରେ ଆଭାସ ଦେ ଦଳର ସୁପ୍ରିମୋ ନବୀନ



ପଟ୍ଟନାୟକ ଏବଂ ଶୀର୍ଷ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲ୍ଲାର ପ୍ରତ୍ୟେକ କଲେଜ ଓ ଶିକ୍ଷାନୁଷ୍ଠାନ ସ୍ତରରେ ଛାତ୍ର ସଂଗଠନକୁ ଅଧିକ ମଜଭୁତ କରିବା ସହ ଛାତ୍ରଛାତ୍ରୀଙ୍କ ସମସ୍ୟାର ସମାଧାନ ପାଇଁ ନିରନ୍ତର କାର୍ଯ୍ୟ କରିବେ ବୋଲି ଶ୍ରୀ ଦେ ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ନିଯୁକ୍ତି ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

## ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ

# ଦିଲୀପ ସଭାପତି ଓ ସୁନୀଲ ସମ୍ପାଦକ ମନୋନୀତ

ବାରିପଦା(ଅମୃତମିଡିଆ): ସ୍ଥାନୀୟ ଲାଲବଜାର ସ୍ଥିତ ଶିକ୍ଷକ ଭବନ ପରିସରରେ ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ଓ ପୂର୍ବତନ ସଭାପତି ଆରତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୂର୍ବତନ ସମ୍ପାଦକ ବିମଳ କୁମାର ଆଚାର୍ଯ୍ୟ ଜିଲ୍ଲା ସଂଘର ଗୌରବମୟ ସଂଘର୍ଷପୂର୍ଣ୍ଣ ଇତିହାସ ଉପରେ ଆଲୋକପାତ କରିବା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶିକ୍ଷକ ସମାଜର ସୁଖଦୁଃଖର ସାଥି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଙ୍ଗଠନିକ ସମ୍ପାଦକ ବଳରାମ ନାଥ, କୋଷାଧ୍ୟକ୍ଷ ଅଞ୍ଜନ ପାତ୍ର, ଉପଦେଷ୍ଟା ଶିବ ପ୍ରସାଦ ମହାପାତ୍ର ଉପସ୍ଥିତ ରହି ସଂଘୀୟ କାର୍ଯ୍ୟକଳାପ ଉପରେ ନିଜନିଜର ମତବ୍ୟକ୍ତ କରିଥିଲେ




ଓ ଦିଲ୍ଲୀପ କୁମାର ପାତ୍ର - ସଭାପତି, ରଞ୍ଜନ କୁମାର ବାରିକ - କାର୍ଯ୍ୟକାରୀ ସଭାପତି, ଗାୟତ୍ରୀ ବେହେରା - ଉପସଭାପତି, ଲଳିତ କୁମାର ବେହେରା, ଚନ୍ଦ୍ରାବତୀ ମହାନ୍ତ, ସବିତାରାଣୀ ବାଗ - ସାଙ୍ଗଠନିକ ସମ୍ପାଦକ, କ୍ଷେତ୍ରମୋହନ ପ୍ରଧାନ, ଦେବବ୍ରତ ବାରିକ ଓ ମନୋଜ କୁମାର ବାରିକ - ଜୋନାଲ ସମ୍ପାଦକ, କୋଷାଧ୍ୟକ୍ଷ - ପ୍ରଦୀପ କୁମାର ଦେ, ଚନ୍ଦ୍ରମୋହନ ବେହେରା - ଜିଲ୍ଲା ସଂଯୋଜକ ପ୍ରମୁଖ ଜିଲ୍ଲା ସଂଘର ନୂତନ କର୍ମକର୍ତ୍ତା ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ଓ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ଶିକ୍ଷକ ନେତା ଶମ୍ଭୁନାଥ ପାଣି, ଈଶ୍ୱର ଚନ୍ଦ୍ର ବେହେରା ଓ ରାମକୃଷ୍ଣ ସାହୁ ନିର୍ବାଚନ କାର୍ଯ୍ୟ ସମ୍ପାଦନ କରିଥିଲେ।

# ସାମାଜିକ ସୁରକ୍ଷାରୁ ବଂଚିତ ଦିନମଜୁରିଆ ଦମ୍ପତି

**ବାରିପଦା /ଉଦଳା(ଅମୃତମିଡିଆ):** ଯେ ହେଉଛି କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ମହୁଲପଙ୍ଖା ଗ୍ରାମର ଦୃଶ୍ୟ। ଏହି ଗ୍ରାମର ବାସିନ୍ଦା ମକର ପିଙ୍ଗୁଆ ଓ ତାଙ୍କର ସହଧର୍ମିଣି ମିଂଜାରି ପିଙ୍ଗୁଆ ଉଭୟେ ଦିନମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି। ଆଧାରକାର୍ଡ଼ରେ ଉଲ୍ଲେଖ ଥିବା ଜନ୍ମ ତାରିଖ ଅନୁସାରେ ମକରଙ୍କୁ



ବର୍ତ୍ତମାନ ବୟସ ୭୨ବର୍ଷ ଓ ମିଂଜାରିଙ୍କୁ ୬୬ବର୍ଷ ଛୁଇଁଲା। ବୟସ ଅଧିକ ହୋଇଯାଇଥିବାରୁ ଏହି ଦୁଇ ଦମ୍ପତି ଆଉ ଆଗଭଳି କାମ କରିପାରୁ ନାହାଁନ୍ତି। ଫଳରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଜଣାଇଛନ୍ତି। ଏତିକିବେଳେ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା ପାଇବାରୁ ଏହି ଦମ୍ପତି ବଂଚିତ ଥିବାର କହିଛନ୍ତି। ଏ ବାବଦରେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ୍ୟ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି। ତାଛଡ଼ା ଆଦିବାସି ଭାଇ ଭଉଣୀ ମାନଙ୍କର ସବୁପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି। ଯାହାର କାର୍ଯ୍ୟାଳୟ ଉଦଳାଠାରେ ରହିଛି। ଏହି ଆଦିବାସି ଦମ୍ପତିଙ୍କୁ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି। ବିଭାଗୀୟ କତୃପକ୍ଷ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବହୁ ସ୍ୱେଚ୍ଛାସେବି ଅନୁରୋଧ ଜଣାଇଛନ୍ତି।

# ପାଟଣା ରେଞ୍ଜରେ ଯୋଗଦେଲେ ନୂଆ ବନାଞ୍ଚଳ ଅଧିକାରୀ



**ବାରିପଦା /ସାହାରପଡ଼ା(ଅମୃତମିଡିଆ):** କେନ୍ଦୁଝର ଜିଲ୍ଲା, ପାଟଣା ବନାଞ୍ଚଳର ନୂତନ ରେଞ୍ଜର ଭାବେ ଆର୍ତ୍ତତ୍ରାଣ ମିର୍ଦ୍ଧା ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ପାଟଣା ବନାଞ୍ଚଳରେ ବନ ସୁରକ୍ଷା, ବନ୍ୟଜନ୍ତୁଙ୍କ ସୁରକ୍ଷା ଏବଂ ବିଭାଗୀୟ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି ଜଣାପଡ଼ିଛି। ପୂର୍ବରୁ ଅନ୍ୟତ୍ର କାର୍ଯ୍ୟରତ ଥିବା ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କୁ ପାଟଣା ରେଞ୍ଜର ଦାୟିତ୍ୱ ମିଳିବା ପରେ ବନ ବିଭାଗର କ୍ଷେତ୍ରସ୍ତରୀୟ କାର୍ଯ୍ୟକଳାପ ଅଧିକ ସକ୍ରିୟ ହେବ ବୋଲି ଆଶା ପ୍ରକାଶ ପାଇଛି। ବିଶେଷକରି ବିଭିନ୍ନ ବନପାଳ କାର୍ଯ୍ୟାଳୟର କାର୍ଯ୍ୟଧାରାକୁ ସୁଦୃଢ଼ କରିବା ସହ ଜଙ୍ଗଲରେ ଅବୈଧ ଗଛକଟା, ବନଜ ସମ୍ପଦର ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ନଜର ରହିବ। ପାଟଣା ବନାଞ୍ଚଳରେ ହାତୀ ସମେତ ବିଭିନ୍ନ ବନ୍ୟଜନ୍ତୁଙ୍କ ଗତିବିଧି ଏବଂ ମଣିଷ-ବନ୍ୟଜନ୍ତୁ ସଂଘର୍ଷ ଭଳି ସମ୍ବେଦନଶୀଳ ପ୍ରସଙ୍ଗ ମଧ୍ୟ ନୂତନ ରେଞ୍ଜରଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ। ଏଥିସହ ସ୍ଥାନୀୟ ଲୋକଙ୍କ ସହ ସମନ୍ୱୟ ରଖି ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷାକୁ ଅଧିକ ପ୍ରଭାବଶାଳୀ କରିବା ଉପରେ ଗୁରୁତ୍ୱ ରହିବ। ଦାୟିତ୍ୱ ଗ୍ରହଣ ଅବସରରେ ପାଟଣା ବନପାଳ ନିତ୍ୟାନନ୍ଦ ସେଠି, ସାହାରପଡା ବନପାଳ ଶ୍ରୀକାନ୍ତ ବେହେରାଙ୍କ ସମେତ ବିଭାଗୀୟ କର୍ମଚାରୀମାନେ ନୂତନ ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ। ପାଟଣା ବନାଞ୍ଚଳରେ ଦିନକୁ ଦିନ ବଢୁଥିବା ବନ ସୁରକ୍ଷାର ଚ୍ୟାଲେଞ୍ଜ ମଧ୍ୟରେ ନୂତନ ରେଞ୍ଜରଙ୍କ ଆଗମନକୁ ନେଇ ଆଶା ବଢ଼ିଛି। ଏବେ ତାଙ୍କ ନେତୃତ୍ୱରେ ପାଟଣା ରେଞ୍ଜରେ ବନ ସୁରକ୍ଷା ଓ ବନ୍ୟଜନ୍ତୁ ସୁରକ୍ଷା କେତେ ଦୃଢ଼ ହେଉଛି, ତାହା ଉପରେ ସମସ୍ତଙ୍କ ନଜର।

# ଚଢ଼ାଉ ବେଳେ କରଞ୍ଜିଆ ଅବକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର; ୪ ଗିରଫ

**ବାରିପଦା /କରଞ୍ଜିଆ(ଅମୃତମିଡିଆ):** କରଞ୍ଜିଆ ବ୍ଲକ, ଚଢେଇଭୋଳ ଅଞ୍ଚଳର ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏକ ଢାବାରେ ଅନ୍ୟ ଜିଲ୍ଲାରୁ ଚୋରାରେ ବିଦେଶୀ ମଦ ଆଣି ବିକ୍ରି କରାଯାଉଥିବା ନେଇ ଖବର ପାଇ କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଅବକାରୀ ବିଭାଗର ଅଧିକାରୀଙ୍କ ସହ ମଦ ବ୍ୟବସାୟୀମାନେ ଦୁର୍ବ୍ୟବହାର କରିବା ସହ ଓଆଇସିଙ୍କ କଲର ଧରି ଟଣାଓଟରା କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ କରଞ୍ଜିଆ ଅବକାରୀ ଥାନାର ଓଆଇସି ଏ ସମ୍ପର୍କରେ



କରଞ୍ଜିଆ ଥାନା ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ କରଞ୍ଜିଆ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚଢେଇଭୋଳ ଗ୍ରାମର ରାଇବୁ ବେହେରା (୫୨), ତାଙ୍କ ପୁଅ ନିକୁଞ୍ଜ ବେହେରା (୨୦), ଘାଘି ଗ୍ରାମର ଭୈରବ ନାଏକ (୨୯) ଏବଂ କୃଷ୍ଣପୁର ଗ୍ରାମର ବାବୁଲା ନାଏକ (୪୦)। ସମସ୍ତଙ୍କୁ କରଞ୍ଜିଆ ଥାନା ପୁଲିସ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ କରଞ୍ଜିଆ ଥାନାରେ କେସ୍ ନମ୍ବର ୩୧୮, ତାରିଖ ୨୧/୦୮/୨୦୨୬ ମୂଳେ ବିଏନଏସ୍ ?ର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ଘଟଣାରେ ଆଉ କେହି ସମ୍ପୃକ୍ତ ଥିଲେ କି ନାହିଁ, ସେ ନେଇ ପୁଲିସ ତଦନ୍ତ ଜାରି ରଖିଥିବାରୁ ଆଗକୁ ଗିରଫ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି।

## ଜର୍ଜିଆଡି ୭-ଏ ସାଇଡ୍ ରଗ୍‌ବୀ ଟୁର୍ଣ୍ଣାମେଣ୍ଟ

# ଫ୍ୟୁଚର ଷ୍ଟାର୍ ସ୍ପୋର୍ଟ୍ସ ଏକାଡେମୀର ଐତିହାସିକ ବିଜୟ

**ବାରିପଦା(ଅମୃତମିଡିଆ):** କୋଲକାତା କ୍ରିକେଟ୍ ଆଣ୍ଡ୍ ଫୁଟବଲ୍ କ୍ଲବ୍, କୋଲକାତା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ସ୍ତରୀୟ ପ୍ରତିଷ୍ଠିତ ଜର୍ଜିଆଡି ୭-ଏ-ସାଇଡ୍ ରଗବୀ ଟୁର୍ଣ୍ଣାମେଣ୍ଟରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟ୍ସ ଏକାଡେମୀର ମହିଳା ରଗବୀ ଦଳ ଜବରଦସ୍ତ ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ଥର ଚମ୍ପିୟାନ ହୋଇ ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି ଓ ପୁରା ଟୁର୍ଣ୍ଣାମେଣ୍ଟରେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ଫାଇନାଲ ମ୍ୟାଚରେ ପଶ୍ଚିମବଙ୍ଗର ସରସ୍ୱତୀପୁର ଦଳକୁ ୩୩-୦୦ ସ୍କୋରରେ ପରାସ୍ତ କରି ଚମ୍ପିୟାନ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ଓ ଦଳରେ ରଜନୀ ଶବର, ସୋନୀ



ମାଡାଙ୍ଗୀ, ପାର୍ବତୀ କିସ୍କୁ, ପୁନମ ସିଂହ, ମାଲିନ ସୋଏ, ସୁନିତା ହାଁସଦା, ହିସୀ ଟୁଡୁ, ନମିତା ହେମ୍ବ୍ରମ, ଅମିଶାରାଣୀ ମାଝୀ, ମାହି ସୋରେନ, କନିକା ଟୁଡୁ, ମାମୁନି ହେମ୍ବ୍ରମଙ୍କ ସମେତ କୋଚ ଅଜିତ ହାଁସଦା, ଅଶୋକ ହାଁସଦା ଓ ଚନ୍ଦନ ସିଂ ଏବଂ ମ୍ୟାନେଜର ଫୁଲମଣୀ ପାଲେୟା ସାମିଲ ଥିଲେ ଓ ଖେଳାଳିମାନଙ୍କର କଠିନ ପରିଶ୍ରମ ଓ ସମର୍ପଣ ଏବଂ ଗୌରବମୟ ବିଜୟ ପାଇଁ ମୟୁରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠି, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଳ ହାଁସଦା, ସହ-ପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟ ରଞ୍ଜନ ଦାସ ଏବଂ କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ରଗବୀ ସଙ୍ଘ, ଓଡ଼ିଶା ରଗବୀ ସଂଘ ଏବଂ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଏଭଳି ସୁଯୋଗ ପ୍ରଦାନ ପାଇଁ ଏକାଡେମୀର ସମସ୍ତ ଖେଳାଳୀ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ତରଫରୁ ବନ ମହୋତ୍ସବ

**ବାରିପଦା /ଉଦଳା (ଅମୃମିଡିଆ):** ଉଦଳା ସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ତରଫରୁ ଶୁକ୍ରବାର ଦିନ ଭୀମତାଳିସ୍ଥିତ ହୃଦାନନ୍ଦବିହାର ପରିସରରେ ଥିବା ମହାବିଦ୍ୟାଳୟର ନିଜସ୍ୱ ଜମି ଉପରେ ବନମହୋତ୍ସବ ପର୍ବ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି। ଏହିଅବସରରେ ଆଲୋଚନାଚକ୍ର ସହିତ ମେଗା ବୃକ୍ଷ ରୋପଣର ପର୍ବ ଅନୁଷ୍ଠିତ ହୋଇ ଯାଇଛି। +୨ ଓ +୩ରେ ଥିବା ଜାତୀୟ ସେବା



ଯୋଜନା, ଯୁବ ରେଡ଼କ୍ରସ ଓ ରେଂଜର୍ସ ବିଭାଗର ଛାତ୍ରୀ ମାନେ ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜନର ନେତୃତ୍ୱ ନେବା ସହ ଏହାର ରୂପରେଖ ପ୍ରସ୍ତୁତ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ଉଦଳାରେ କାର୍ଯ୍ୟରତ ଜଙ୍ଗଲ ବିଭାଗର ରେଂଜ ଅଫିସର ସୁଶାନ୍ତ କୁମାର ବାଗ, ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଆଇନଜୀବୀ ବସନ୍ତ କୁମାର ପରିଡ଼ା, ଭୀମତାଳି ପଂଚାୟତର ସରପଂଚ ବିଜୟା ମୁର୍ମୁ ଓ ସୁଭଦ୍ରା ପରିଡ଼ା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଜଥିଲେ। ଏହାପରେ ଛାତ୍ରୀମାନେ ୮୩୮ଗୋଟି ବିଭିନ୍ନ ପ୍ରକାର ଚାରାଗଛ ରୋପଣ କରିଥିଲେ। ଛାତ୍ରୀମାନେ, ଏହି ମହୋତ୍ସବ ସହପାଠୀ ମେଳ ସାଙ୍ଗକୁ ଅନ୍ତିମତାର ସମ୍ପର୍କକୁ ଅଧିକ ନିବିଡ଼ କରିବା ପାଇଁ କିପରି ଅପୂର୍ବ ସୁଯୋଗ ସୃଷ୍ଟି କରିଛି ଅନୁଭବ କଥନରେ ବ୍ୟକ୍ତ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପକ ରବିନାରାୟଣ ମହାପାତ୍ର, ଗିରିଜା ଶଙ୍କର ପାତ୍ର, ରାଜେଶ କୁମାର ମୁଦୁଲି, ଅଧ୍ୟାପିକା ମେରିନା ପଣ୍ଡା, ଶାନ୍ତିଲତା ହାଁସଦା, ଲକ୍ଷ୍ମୀପ୍ରିୟା ସାମଲ ପ୍ରମୁଖ ସହଯୋଗ କରିଥିଲେ।




# ଅନିମା ପରିଡା ଗଞ୍ଜାମ ଜିଲ୍ଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି

## ଆସିକା ରାଜନୀତିରେ ଚର୍ଚ୍ଚା, ଛୁଟୁଛି ଦଳୀୟ ନେତା ଓ କର୍ମୀଙ୍କ ଶୁଭେଚ୍ଛା

**ଆସିକା (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ମହିଳା ବିଜୁ ଜନତା ଦଳ (ବିଜେଡି)ର କାର୍ଯ୍ୟକାରୀ ସଭାପତି ଭାବେ ଆସିକା ବ୍ଲକ ଜୋନ ନମ୍ବର-୨ର ଜିଲ୍ଲା ପରିଷଦ ସଭ୍ୟା ଅନିମା ପରିଡା ମନୋନୀତ ହୋଇଛନ୍ତି। ଦଳର ଏହି ନିଯୁକ୍ତି ପରେ ଆସିକା ସମେତ ଗଞ୍ଜାମ ଜିଲ୍ଲାର ଦଳୀୟ ମହଲରେ ଚର୍ଚ୍ଚା ଜୋର ଧରିଛି। ଗଞ୍ଜାମ ଜିଲ୍ଲା ମହିଳା ବିଜେଡିର ଏହି ଗୁରୁଦାୟିତ୍ୱ ପାଇଁ ଏକାଧିକ ଆଶାୟୀଙ୍କ ନାମ ଚର୍ଚ୍ଚାରେ ଥିବା ବେଳେ ଅନିମା ପରିଡାଙ୍କୁ ଦଳୀୟ ନେତୃତ୍ୱ ଦାୟିତ୍ୱ ପ୍ରଦାନ କରିଛି। ଆସିକା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ପରିଡାଙ୍କ ଧର୍ମପତ୍ନୀ ଅନିମା ପରିଡା ଦୀର୍ଘଦିନ ଧରି ବିଜେଡି ସହ ଜଡ଼ିତ ରହି ଦଳୀୟ ସଂଗଠନରେ ସକ୍ରିୟ ଭୂମିକା ନେଇଆସିଛନ୍ତି। ଜନସେବା ସହ ଦଳୀୟ ସଂଗଠନକୁ



ମଜବୁତ କରିବାରେ ତାଙ୍କର ଭୂମିକା ରହିଥିବା ଦଳୀୟ ମହଲରେ କୁହାଯାଇଛି। ତାଙ୍କର ସାଙ୍ଗଠନିକ ଦକ୍ଷତା ଓ ସକ୍ରିୟତାକୁ ଦୃଷ୍ଟିରେ ରଖି ଏହି ଦାୟିତ୍ୱ ମିଳିଥିବା ଦଳୀୟ କର୍ମୀମାନେ ପ୍ରକାଶ କରିଛନ୍ତି।

ଅନିମା ପରିଡାଙ୍କ ନିଯୁକ୍ତି ପରେ ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ, ଆସିକା ବ୍ଲକ ସଭାପତି ବିଦ୍ୟାନ୍ତ ଚର୍ଚ୍ଚି, ଆସିକା ନଗର ସଭାପତି ଏମ. ତାରିଣୀ ସେନାପତି, ଏମ. ରଶ୍ମିତା ସେନାପତି, ଜିଲ୍ଲା ପରିଷଦ ସଦସ୍ୟ ବି. ମନୋଜ କୁମାର ଦୋରା, ଗଞ୍ଜାମ ଜୋନ ଯୁବ ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ କୁମାର ପାଣିଗ୍ରାହୀ, ସରପଞ୍ଚ ସଂଘ ସଭାପତି ଭବାନୀ ଶଙ୍କର ମଲ୍ଲିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହରେକୃଷ୍ଣ ମଲ୍ଲିକ, ପୂର୍ବତନ ସରପଞ୍ଚ ନାଗାର୍ଜୁନ ବିଷୋୟୀ, ଚଢ଼ିଆପଲ୍ଲୀ ସରପଞ୍ଚ ଜୟସେନ ସ୍ୱାଇଁଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଶୁଭେଚ୍ଛା ଜଣାଇଛନ୍ତି।

ଏଥିସହ ରବୀନ୍ଦ୍ର ସାହୁ, ବିଜୟ କୁମାର ଦଳେଇ, ଗୌରହରୀ ବେହେରା, ସନ୍ତୋଷ ନାୟକ, ମଙ୍ଗଳପୁର ସରପଞ୍ଚ ଦେବରାଜ ନାୟକ, ମୁନା ବାରିକ, ଯୁବ ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, ଆସିକା ମୁନିସିପାଲିଟି କାଉନସିଲର ନିଗମାନନ୍ଦ ରାଉତ, ନିରଞ୍ଜନ ଜେନାଙ୍କ ସମେତ ଦଳର ଯୁବ, ଛାତ୍ର ଓ ମହିଳା କର୍ମୀମାନେ ଅନିମା ପରିଡାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ନୂତନ ଦାୟିତ୍ୱ ପାଇବା ପରେ ଅନିମା ପରିଡା ଗଞ୍ଜାମ ଜିଲ୍ଲାରେ ମହିଳା ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଦଳୀୟ କାର୍ଯ୍ୟକ୍ରମକୁ ତୃଣମୂଳସ୍ତରରେ ଅଧିକ ସକ୍ରିୟ କରିବା ଦିଗରେ ଗୁରୁତ୍ୱ ଦେବେ ବୋଲି ଦଳୀୟ ମହଲରେ ଆଶା ପ୍ରକାଶ ପାଇଛି।

## ସଉଦା ଆଣିବାକୁ ଯାଇ ବନ୍ୟାରେ ଭାସିଗଲେ ବୃଦ୍ଧ

**ଆଳି (ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଭୂଇଁପୁର ପଞ୍ଚାୟତ କଳମଡ଼ା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ଗ୍ରାମର ସୀତାକାନ୍ତ ମଳିକ (୬୫)ଗତ ଶନିବାର ସନ୍ଧ୍ୟାରେ ପଦନୀପାଳକୁ ରାସନ ସଉଦା ଆଣିବା ନିମନ୍ତେ ଯାଉଥିବା ବେଳେ ବନ୍ୟା ସ୍ରୋତରେ ଭାସି ଯାଇଛନ୍ତି । ଏଭଳି ଏକ ଅଘଟଣ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ସୂଚନା ମୁତାବକ କଳମଡ଼ା ଗ୍ରାମର ସୀତାକାନ୍ତ ମଳିକ ନଦୀରେ ଡ଼ଙ୍ଗା ଚଳାଇ ପରିବାର ପ୍ରତିପୋଷଣ କରିଥାନ୍ତି । ଖରସ୍ରୋତା ନଦୀରେ ବନ୍ୟାଆସି କଳମଡ଼ା ଗ୍ରାମକୁ ଜଳମଗ୍ନ କରିଦେଇଛି । ଲୋକମାନେ ଘରୁ ପଦାକୁ ବାହାରିବା କଷ୍ଟକର ହୋଇ ପଡିଛି । ସୀତାକାନ୍ତ ଗ୍ରାମବାସୀଙ୍କୁ ନଦୀରେ ପାର ଉତାର କରିଥାନ୍ତି । ଗତ ଶନିବାର ଅପରାହ୍ନରେ ସେ ଘରୁ ବାହାରି ପଦନୀପାଳକୁ



ରାସନ ସାମଗ୍ରୀ ଆଣିବା ପାଇଁ ଯାଇଥିଲେ । ସେ ରାସନ ସାମଗ୍ରୀ ନେଇ ଫେରୁଥିବା ବେଳେ ବନ୍ୟା ସ୍ରୋତରେ ଭାସି ଯାଇଥିଲେ । ରବିବାର ସକାଳୁ ଭୂଇଁପୁର ପଞ୍ଚାୟତର ସରପଞ୍ଚ ପ୍ରତିନିଧି ପ୍ରିୟବ୍ରତ ପାତ୍ରଙ୍କ ମିଳିତ ସହଯୋଗରେ ଓଡ୍ରାଫ ଟିମ ଓ ଅଗ୍ନିଶମ ବିଭାଗ ଖୋଜାଖୋଜି ଜାରିରଖିଛି । ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ସୀତାକାନ୍ତଙ୍କୁ ଉଦ୍ଧାର କରାଯାଇପାରି ନାହିଁ ।

## କଂଗ୍ରେସ କମିଟି ପକ୍ଷରୁ ବନ୍ୟାବିପନ୍ନଙ୍କୁ ରିଲିଫ୍ ସହାୟତା



**ଆଳି (ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ବ୍ରାହ୍ମଣୀ, ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସିବା ଯୋଗୁଁ ଆଳି ବ୍ଲକର ୨୩ ଟି ପଞ୍ଚାୟତର ୪୭ ଟି ଗ୍ରାମର ୮୦ ହଜାର ଲୋକ ପାଣି ଘେରରେ ରହିଛନ୍ତି । ପ୍ରଶାସନ ସହିତ ରାଜନେତା ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବନ୍ୟା ବିପନ୍ନ ମାନଙ୍କୁ ସହାୟତାର ହାତ ବଢ଼ାଇଛନ୍ତି । ଏହି ଅବସରରେ ଜିଲ୍ଲା କଂଗ୍ରେସ କମିଟି ଓ ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ସହାୟତା ପ୍ରଦାନ କରାଯାଉଛି । କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ସାଙ୍ଗଠନିକ ଉପସଭାପତି ସତ୍ୟପ୍ରିୟ ସାମଲଙ୍କ ନେତୃତ୍ୱରେ ଆଳି ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର, ଲେଙ୍କାଡିଆ, ଦଶିପୁର, ପଦିନିପାଳ, ନୂଆପଡ଼ା ଓ ପତ୍ରପୁର ଗ୍ରାମ ପଞ୍ଚାୟତର ବନ୍ୟା ବିପନ୍ନଙ୍କୁ ସହାୟତା ଯୋଗାଇ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ରାଜୀବ ଗାନ୍ଧୀ ପଞ୍ଚାୟତ ରାଜ ସଂଗଠନର ସଭାପତି ରାଜେଶ କୁମାର ରାଉତ, ଆଳି ବ୍ଲକ୍ କଂଗ୍ରେସ କମିଟିର ସଭାପତି ରବିନାରାୟଣ ବେହେରା, ବରିଷ୍ଠ କଂଗ୍ରେସ ନେତା ଦର୍ପ ସାହୁ, ପୂର୍ବତନ ସରପଞ୍ଚ ରୁବି ସାମଲ, ରାଜମୋହନ ସ୍ୱାଇଁ, ଆଶିଷ ସାହୁ, ଜୋନ୍ ସଭାପତି ମନଗୋବିନ୍ଦ ଦାସ, ଶୁଭମ ପରିଡ଼ା, ବବି ନାୟକ, ଛୋଟା ପଲେଇ ପ୍ରମୁଖ ଉପସ୍ଥିତ ରହି ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ କରି ସହାୟତା ପ୍ରଦାନ କରିଥିଲେ ।

ଆଳି ବ୍ଲକ

## ସଙ୍ଗାତଭାଇଙ୍କ ଶବସତ୍କାର କରିବାକୁ ଯାଇ କରୁଣାକର ପାଲଟିଗଲେ ଶବ

**ବେଗୁନିଆପଡା (ଅମୃତ ମିଡିଆ):** ଜଣଙ୍କ ଶବ ଦାହ କରିବାକୁ ଯାଇ ଶ୍ମଶାନରେ ହୃଦ୍‌ଘାତରେ ଟଳି ପଡିଲେ ସମ୍ପର୍କୀୟ ସଙ୍ଗାତ ଭାଇ । ଏମିତି ଏକ ହୃଦୟ ବିଦାରକ ଘଟଣା ଘଟିଥିବା ଦେଖିବାକୁ ମିଳିଛି ବେଗୁନିଆପଡା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ପଞ୍ଚାୟତ ଭାଲିଆଝର ଗ୍ରାମରେ। ଭାଲିଆଝର ଗ୍ରାମର ବଳିଆ ପାଣ୍ଡିଙ୍କ ପୁଅ ମନାସ ପାଣ୍ଡି (୪୫)ଙ୍କର ଆଜି ସକାଳୁ ମୃତ୍ୟୁ ହେବା ପରେ ତାଙ୍କୁ ପରିବାର, ବନ୍ଧୁବାନ୍ଧବ ଏବଂ ସାଙ୍ଗ ସମ୍ପର୍କୀୟ ଦ୍ୱାରା ଗ୍ରାମ ଶ୍ମଶାନକୁ ସଂସ୍କାର କରିବାକୁ ନିଆଯାଇଥିଲା। ଶବ ସତ୍କାର କରିବା ଲାଗି ଏହି ବ୍ଲକ ଅନ୍ତର୍ଗତ ବୁରୁଝରୀ ପଞ୍ଚାୟତ କନିଆରୀ ବାଡ଼ି ଗ୍ରାମର ମନାସଙ୍କ ସମ୍ପର୍କୀୟ ସଙ୍ଗାତ ଭବାନୀ ସାହୁଙ୍କ ପୁଅ କରୁଣାକର ସାହୁ ଯାଇଥିଲେ। ମନାସଙ୍କ ଶବ ଦାହ ସମୟରେ ହଠାତ କରୁଣାକରଙ୍କ(୪୨) ହୃଦଘାତ ହେବା ଯୋଗୁଁ ସେ ସେଠାରେ ଟଳି ପଡିଲେ। ତାଙ୍କୁ



ତୁରନ୍ତ ସୁମଣ୍ଡଳ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଘରେ ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି । ମୃତ ମନାସ ମଧ୍ୟ ସୁମଣ୍ଡଳ ସ୍ଥିତ ଏକ ଗ୍ୟାସ ଏଜେନସିରେ ସପ୍ଲାୟାର ଭାବେ କାର୍ଯ୍ୟ କରୁଥିଲେ । ଦୁଇ ଦୁଇଟି ମୃତ୍ୟୁ ଖବର ପାଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ବୃଦ୍ଧାଙ୍କୁ ଆକ୍ରମଣ କରି ସୁନା ପତ୍ରିମାଳ ଲୁଟ୍ ଅଭିଯୋଗ

**ଆସିକା (ଅମୃତ ମିଡିଆ):** ଆସିକା କଳିଙ୍ଗ ରୋଡ୍‌ସ୍ଥିତ ଓଁ ଶାନ୍ତି ନଗର ସାହିରେ ଜଣେ ୭୪ ବର୍ଷୀୟ ବୃଦ୍ଧାଙ୍କୁ ଆକ୍ରମଣ କରି ସୁନା ଅଳଙ୍କାର ଲୁଟ୍ ? ଅଭିଯୋଗ ହୋଇଛି। ଘରେ କେହି ନଥିବା ସୁଯୋଗ ନେଇ ଜଣେ ଅଜଣା ଦୁର୍ବୃତ୍ତ ଘରେ ପଶି ବୃଦ୍ଧାଙ୍କୁ ଆକ୍ରମଣ କରିବା ସହ ତାଙ୍କ ବେକରେ ଥିବା ସୁନା ପତ୍ରିମାଳ ଝାମ୍ପି ନେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି।




ସୂଚନା ଅନୁଯାୟୀ, ସକାଳ ପ୍ରାୟ ୧୦ଟା ସମୟରେ ପଞ୍ଚାନନ ଜେନାଙ୍କ ଘରେ ତାଙ୍କ ୭୪ ବର୍ଷୀୟ ମା' ଏକୁଟିଆ ଥିଲେ। ଏହି ସମୟରେ ଜଣେ ଅଜଣା ବ୍ୟକ୍ତି ଘରେ ପ୍ରବେଶ କରି ବୃଦ୍ଧାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତ ଜଣକ ବୃଦ୍ଧାଙ୍କ ହାତଗୋଡ଼ ମୋଡ଼ିବା ସହ ତାଙ୍କ ସହ ଟଣାଓଟରା କରିଥିଲା। ପରେ ତାଙ୍କ ବେକରେ ଥିବା ସୁନା ପତ୍ରିମାଳ ଝାମ୍ପି ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା।

ଘଟଣା ପୂର୍ବରୁ ଦୁର୍ବୃତ୍ତର ଚଳପ୍ରଚଳ ଘର ନିକଟସ୍ଥ ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଜଣାପଡ଼ିଛି। ଏନେଇ ପରିବାର ପକ୍ଷରୁ ଆସିକା ଥାନାରେ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସିସିଟିଭି ଫୁଟେଜ୍ ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ ଓ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଛି।

ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଓ ପରିବାର ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୋଲିସ ତଦନ୍ତ ପରେ ଲୁଟ୍ ଘଟଣାର ପ୍ରକୃତ ତଥ୍ୟ ସ୍ପଷ୍ଟ ହେବ।

## ବେଉଷଣ କରୁଥିବା ବେଳେ ବଜ୍ରପାତ
## ଚାଷୀଙ୍କ ମୃତ୍ୟୁ, ଜଣେ ଗୁରୁତର

**ମହାକାଳପଡ଼ା (ଅମୃତ ମିଡିଆ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଯଦୁପୁର ପଞ୍ଚାୟତର ଯଦୁପୁର ଖସାଡ଼ି ଗ୍ରାମ ନିକଟରେ ଚାଷ ଜମିରେ ବେଉଷଣ କାମ କରୁଥିବା ବେଳେ ବଜ୍ରପାତ ଘଟି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ସେହିପରି ବଜ୍ରପାତରେ ଅନ୍ୟ ଜଣେ ଆହତ ହୋଇ ଗୁରୁତର ଅବସ୍ଥାରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ସୂଚନା ଅନୁଯାୟୀ, ଯଦୁପୁର ଖସାଡ଼ି ଗ୍ରାମର ସୁଶାନ୍ତ କୁମାର ରାଉତ (୩୫) ନିକଟସ୍ଥ ରେଳଲାଇନ ପାର୍ଶ୍ୱରେ ଥିବା ଚାଷ ଜମିରେ ବେଉଷଣ କାମ କରୁଥିବା ସମୟରେ ହଠାତ୍ ବଜ୍ରପାତ ଘଟିଥିଲା। ବଜ୍ରପାତରେ ସୁଶାନ୍ତ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ସୁଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି।

ସେହିପରି, ସମାନ ସମୟରେ ନିକଟସ୍ଥ ମଶାକଣି ଗ୍ରାମର ବିଶିଆ ଦାସ (୬୦) ଘର ନିକଟରେ ଯାଉଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ବଜ୍ରପାତ ଜନିତ ଆଘାତରେ ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ସରପଞ୍ଚ ସଂଯୁକ୍ତା ଜେନା ସୂଚନା ଦେଇଛନ୍ତି। ସରପଞ୍ଚ ସଂଯୁକ୍ତା ଜେନା ମେଡିକାଲରେ ଉଭୟଙ୍କ ପରିବାରକୁ ଭେଟି ଦୁଃଖ ପ୍ରକାଶ କରିବା ସହ ସମବେଦନା ଜଣାଇଥିଲେ। ମୃତକଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ସେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

ଏ ସମ୍ପର୍କରେ ମହାକାଳପଡ଼ା ତହସିଲଦାର ରବି ନାରାୟଣ ଆଚାର୍ଯ୍ୟଙ୍କ ମତାମତ ନେବାରୁ ସେ କହିଛନ୍ତି ଯେ, ଉଭୟ ଘଟଣା ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତ ରିପୋର୍ଟ ମିଳିଛି। ତଦନ୍ତ ରିପୋର୍ଟ ଆଧାରରେ ରିଲିଫ୍ କୋଡ୍‌ର ବିଧିବିଧାନ ଅନୁଯାୟୀ ସରକାରୀ ସହାୟତା ପ୍ରଦାନର ବ୍ୟବସ୍ଥା ରହିଛି।

## ସମାଜସେବା ସହ ଆଧ୍ୟାତ୍ମିକ ଜ୍ଞାନ
## ସ୍ୱେଚ୍ଛାକୃତ ରକ୍ତଦାନ କଲେ ୩୪

**ଭଞ୍ଜନଗର (ଅମୃତ ମିଡିଆ):** ଗଞ୍ଜାମ ଜିଲା ଭଞ୍ଜନଗରସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ (ଓମ୍ ଶାନ୍ତି)ର ଶାନ୍ତି ସ୍ରୋତ ଭବନ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ପୌରପାଳିକା ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ।୩୪ଟିଜଣ ସେଚ୍ଛାକତ ଭାବେ ରକ୍ତ ଦାନ କରିଥିଲେ ଭଞ୍ଜନଗ ଶାଖା ସଂଯୋଜିକା ସନ୍ତୋଷିନୀ ଭଉଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।ଏହି ଅବସରରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ କୁମାର ସୁବୁଦ୍ଧି, ବୈକୁଣ୍ଠ ଭାଇ, ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡ. ସତୀଶ ମୋହନ ପାଢ଼ୀ ଓ ସାମାଜିକ କର୍ମୀ ଶୁଳପାଣି ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ବକ୍ତାମାନେ କହିଥିଲେ ଯେ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାଖା ବିଶ୍ୱର ବିଭିନ୍ନ ଦେଶରେ ପ୍ରତିଷ୍ଠିତ ହୋଇଛି। ବିଭିନ୍ନ ଶାଖା ପକ୍ଷରୁ ସମାଜସେବାମୂଳକ କାର୍ଯ୍ୟ



ସହ ଲୋକଙ୍କୁ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କରାଯାଉଛି। ଏହାଦ୍ୱାରା ସମାଜର ମଙ୍ଗଳ ସହ ଲୋକଙ୍କ ଆତ୍ମିକ ଓ ନୈତିକ ଉନ୍ନତିରେ ସହାୟତା ମିଳୁଛି।

କାର୍ଯ୍ୟକ୍ରମକୁ ସଫଳ କରିବାରେ ବ୍ରହ୍ମାକୁମାରୀ ଅଲିଭା, ଅନିତା, ପିଙ୍କି, ପ୍ରାଚୀ ପ୍ରମୁଖ ସହଯୋଗ କରିଥିଲେ। ଭଞ୍ଜନଗର ବ୍ଲଡ୍ ବ୍ୟାଙ୍କର କର୍ମଚାରୀ ବିପିନ ପାଢ଼ୀ, ଲକ୍ଷ୍ମୀ ନୃସିଂହ ମାଝୀ, ସୀମାଞ୍ଚଳ ସେଠୀ, ଅର୍ଚ୍ଚନା ସାହୁ ଓ ବିଜୟ କୁମାର ମହାକୁଡ଼ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ସହ ରକ୍ତଦାନ ଶିବିର, ବୃକ୍ଷରୋପଣ, ସଡ଼କ ସୁରକ୍ଷା, ଶିକ୍ଷା ଓ ସ୍ୱାସ୍ଥ୍ୟ ଶିବିର ଭଳି ବିଭିନ୍ନ ସମାଜସେବାମୂଳକ କାର୍ଯ୍ୟକ୍ରମ ବର୍ଷତମାମ ଆୟୋଜନ କରାଯାଇଥିଲା।

## ମହାକାଶ ବିଜ୍ଞାନ ଓ ସ୍ଥାପତ୍ୟ କଳାରେ ବିଶ୍ୱଜିତ୍‌ଙ୍କ ସୁନାମ

**ବ୍ରହ୍ମପୁର (ଅମୃତ ମିଡିଆ):** ମହାକାଶ ବିଜ୍ଞାନ ଓ ସ୍ଥାପତ୍ୟ କଳାର ସମନ୍ୱୟରେ ଏବେ ସାରା ବିଶ୍ୱରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି ଓଡ଼ିଆ ପୁଅ ବିଶ୍ୱଜିତ୍ ଦାଶ ଓ ପୃଥ?ବୀ ବାହାରେ ମାନବ ସଭ୍ୟତାର ବାସସ୍ଥାନ କିପରି ହେବ, ସେନେଇ ନିଜର ଅଭିନବ ଏବଂ ଭବିଷ୍ୟତବାଦୀ ଦୃଷ୍ଟିକୋଣ ପାଇଁ ସେ ଆଜି ଓଏକ ପରିଚିତ ନାମ । ବ୍ରହ୍ମପୁର ର ଏହି ମେଧାବୀ ଯୁବକ ମହାକାଶ ସ୍ଥାପତ୍ୟ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ।

ବିଶ୍ୱଜିତ୍ ଚଣ୍ଡିଗଡ଼ ବିଶ୍ୱବିଦ୍ୟାଳୟରୁ ସ୍ଥାପତ୍ୟ ରେ ସ୍ନାତକ ହାସଲ କରିବା ସହ ସେଠାରେ ଏକା ଡେମିକ୍ ସ୍ୱର୍ଣ୍ଣପଦକ ବିଜେତା ହୋଇଛନ୍ତି । ତାଙ୍କର ଅସାଧାରଣ ପ୍ରତିଭା ପାଇଁ ସେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଆର୍କି ଟେକ୍ଟ ସ୍' ଦ୍ୱାରା ସର୍ବୋତ୍ତମ ଛାତ୍ର ପୁରସ୍କାର ରେ ମଧ୍ୟ ସମ୍ମାନିତ । ଜଣେ ମହାକାଶ ସ୍ଥପତି, ଗବେଷକ, ଡିଜାଇନର୍ ଏବଂ ବହୁବିଧ ଶିଳ୍ପୀ ଭାବରେ ସେ ମାନବ ମହାକାଶ ଗବେଷଣାକୁ ଆଗକୁ ବଢ଼ାଇବା ପାଇଁ କାର୍ଯ୍ୟ କରୁଛନ୍ତି । ବିଶେଷ କରି ପୁନର୍ଜନ୍ମକାରୀ ବାସସ୍ଥାନ, ବନ୍ଦ-ଲୁପ୍ ସିଷ୍ଟମ ଏବଂ ମାନବ – କେନ୍ଦ୍ରିକ ବାହ୍ୟ ପରି ବେଶ ନିର୍ମାଣ ଉପରେ ତାଙ୍କର ଗବେଷଣା କେନ୍ଦ୍ରୀଭୂତ । ମହାକାଶ ମିଶନରେ ନେତୃତ୍ୱ : ବିଶ୍ୱଜିତ୍ ଆର୍କାସ 'ସ୍ପେସ୍ ଆର୍କିଟେକ୍ଟର ଡିଜାଇନ୍ ରିସର୍ଚ୍ଚ ଲ୍ୟାବ୍ସ'ର ସହ-ପ୍ରତିଷ୍ଠାତା, ଯାହା ଏକ ଇସ୍ରୋ ପଞ୍ଜିକୃତ ସ୍ପେସ୍ ଟ୍ୟୁଟର୍ ? । ଏଥି ସହ ସେ 'ଟାଇଟାନ୍ସ ସ୍ପେସ୍ ଇଣ୍ଡଷ୍ଟ୍ରିଜ୍'ର ସ୍ପେସ୍ ଆର୍କିଟେକ୍ଟର ଟାସ୍କଫୋର୍ସରେ ଡେପୁଟି ଡାଇରେକ୍ଟର ଭାବରେ ଦାୟିତ୍ୱ ତୁଲାଇଛନ୍ତି । ବର୍ତ୍ତମାନ ସେ ଏକ ଐତିହାସିକ ମିଶନର ନେତୃତ୍ୱ ନେବାକୁ ପ୍ରସ୍ତୁତ ହେଉଛନ୍ତି । ଜୁଲାଇ ୨୦୨୬ରେ ପୋଲାଣ୍ଡର ଲୁନିଆରେସ୍ 'ଆନାଲଗ୍ ରିସର୍ଚ୍ଚ ଷ୍ଟେସନ'ରେ ଅନୁଷ୍ଠିତ ହେବାକୁ ଥିବା ସମ୍ପୂର୍ଣ୍ଣ ଭାରତୀୟ ଆନାଲଗ୍ କୁ ମିଶନ 'ବ୍ୟୋମ ସେତୁ-୧'ର ସେ ନେତୃତ୍ୱ ନେବେ । ଏହି ମିଶନର ମୂଳ ଲକ୍ଷ୍ୟ ହେଉଛି - ଏକ ସମ୍ପୂର୍ଣ୍ଣ ବି ଛି ନ୍ନ ପରି ବେଶରେ ମହାକାଶଚାରୀଙ୍କ ମାନସିକ ସ୍ଥିରତା, କାର୍ଯ୍ୟକ୍ଷମ ଦକ୍ଷତା ଏବଂ ମାନବ



ଅନୁକୂଳନ ପ୍ରକ୍ରିୟାକୁ ଅନୁଧ୍ୟାନ କରିବା । ଏହା ଆନାଲଗ୍ ଟୁଡେ, ଲୁନାର୍ ଟ୍ୟୁମରୋ ଦୃଷ୍ଟିକୋଣ ଉପରେ ଆଧାରିତ । ଓଡ଼ିଶାର ପ୍ରଥମ ଆନାଲଗ୍ ମହାକାଶଚାରୀ : ଓଡ଼ିଶାର ଜଣେ ମୂଳ ବାସିନ୍ଦା ଭାବରେ ସେ ବିଶ୍ୱସ୍ତରୀୟ ମଞ୍ଚରେ ରାଜ୍ୟକୁ ପ୍ରତିନିଧି କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏହି ମିଶନ ମାଧ୍ୟମରେ ସେ ଓଡ଼ିଶାର ପ୍ରଥମ 'ଆନାଲଗ୍ ମହାକାଶଚାରୀ' ହେବାର ସୌଭାଗ୍ୟ ଅର୍ଜନ କରିବେ । ସ୍ଥାପତ୍ୟ ପୃଷ୍ଠଭୂମି ସହିତ ଭାରତର ପ୍ରଥମ ବାଣିଜ୍ୟିକ ମହାକାଶଚାରୀ ହେବା ତାଙ୍କର ଚୂଡ଼ାନ୍ତ ଲକ୍ଷ୍ୟ । ନିଜର ଏହି ସଫଳତା ଓ ଭବିଷ୍ୟତ ଯୋଜନା ବିଷୟରେ ବିଶ୍ୱଜିତ୍ କୁହନ୍ତି – ମାନବତାର ଭବିଷ୍ୟତ ପୃଥ?ବୀ ବାହାରେ ନବସୃଜନ, ସ୍ଥିରତା ଏବଂ ଅନୁସନ୍ଧାନରେ ନିହିତ । ଓଡ଼ିଶାର ଯୁବମନ କୁ ବିଶ୍ୱସ୍ତରୀୟ ସ୍ୱପ୍ନ ଦେଖିବା ଏବଂ ମହାକାଶ ବିଜ୍ଞାନର ଭବିଷ୍ୟତରେ ଯୋଗଦାନ ଦେବା ଉଚିତ । ତାଙ୍କର ଏହି ପ୍ରୟାସକୁ ଶିକ୍ଷାବିତ୍ ଏବଂ ସ୍ଥାନୀୟ ବାସିନ୍ଦାମାନେ ଉଚ୍ଚ ପ୍ରଶଂସା କରିଛନ୍ତି । ଏହା ରାଜ୍ୟର ଯୁବପିଢ଼ିଙ୍କୁ ପାରମ୍ପରିକ କ୍ୟାରିୟର ବାହାରେ ଚିନ୍ତା କରିବାକୁ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ନୂତନ ଉଦ୍ଭାବନ ପାଇଁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି ।

ବିଶ୍ୱଜିତ୍ ବ୍ରହ୍ମପୁର ହିଲପାଟନା ନିବାସୀ ତଥା ଓଏସଆର୍ ଟି ସି ର ଅବସରପ୍ରାପ୍ତ ଜିଲ୍ଲା ପରିଚାଳକ ହୃଷୀକେଶ ଦାଶ ଏବଂ ସଞ୍ଜୁକ୍ତା ଦାଶଙ୍କ ସୁପୁତ୍ର ଅଟନ୍ତି । ତାଙ୍କର ଏହି ଅସାଧାରଣ ସଫଳତା ଓଡ଼ିଶା ପାଇଁ ଏକ ଗର୍ବର ମୁହୂର୍ତ୍ତ ଏବଂ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଏକ ନୂତନ ଆଲୋକବର୍ତ୍ତିକା ।

# ଓଡ଼ିଶା-ଆନ୍ଧ୍ର ସୀମା ନିକଟରେ ପୋଲିସ-ଅବକାରୀ ମିଳିତ ଚଢ଼ଉ



**ବ୍ରହ୍ମପୁର / ଜରଡ଼ା (ଅମୃତ ମିଡିଆ):** ଆଜି ଏକ ସମନ୍ୱିତ ମିଳିତ ଅଭିଯାନରେ ଅବକାରୀ ବିଭାଗ ଓ ଜରଡା ପୋଲିସର ମିଳିତ ଉଦ୍ୟମରେ ସହିତ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ସୀମାବର୍ତ୍ତୀ ଗ୍ରାମଗୁଡ଼ିକରେ ଚଢାଉ କରିଥିଲେ। ରାମଚନ୍ଦ୍ରପୁର ଏବଂ ଗଙ୍ଗାପୁର ଗ୍ରାମରୁ ୭୬୦୦ ଲିଟର ଫର୍ମେଣ୍ଟେଡ୍ ୱାଶ୍ ଏବଂ ୪୦୦ ଲିଟର ବେଆଇନ ଭାବରେ ପାଚିଲା (ଆଇଡି) ମଦ ଜବତ କରି ନଷ୍ଟ କରିଥିଲେ। ନିକଟସ୍ଥ ଗୁରୁଡା ଗ୍ରାମରେ ଏକ ପୃଥକ କାର୍ଯ୍ୟାନୁଷ୍ଠାନରେ ଅତିରିକ୍ତ ୨୧୦୦ ଲିଟର ଫର୍ମେଣ୍ଟେଡ୍ ୱାଶ୍ ଏବଂ ୪୦୦ ଲିଟର ଆଇଡି ମଦ ଜବତ କରି ନଷ୍ଟ କରିଥିଲେ। ଗୋଟିଏ ବିୟର ଫ୍ୟାକ୍ଟରୀରୁ ପ୍ରାୟ ୧ମିଟର ଦୂରରେ, ଏକ ଦେଶୀ ନିର୍ମିତ ବନ୍ଧୁକ ମଧ୍ୟ ଜବତ କରାଯାଇଛି।



# ଭିଡ଼ ଭିତରେ ଏକା



ଜୟଶ୍ରୀ ମୁଦ୍ରା

ଡିଜିଟାଲ୍ ଦୁନିଆ ଆମକୁ ସମସ୍ତଙ୍କ ସହ ଯୋଡି ଦେଲା, ହେଲେ ନିଜ ସହ ଅଲଗା କରିଦେଲା। ଆମେ ସବୁ ଦେଖୁଛୁ, ସବୁ ଜାଣୁଛୁ, ହେଲେ କିଛି ଅନୁଭବ କରୁନାହୁଁ। ଏଠି ସମସ୍ତେ ଖୁସି ଦେଖାଯାଆନ୍ତି, କାରଣ ଦୁଃଖ ଦେଖାଇଲେ କେହି ଦେଖେନା। ଏଇଟା ହେଉଛି ଆଜିର ସବୁଠୁ ବଡ ଅଭିଶାପ - ଆମେ ସମସ୍ତେ ଦେଖା ଯାଉଛୁ, ହେଲେ କେହି କାହାକୁ ଦେଖୁନାହୁଁ।

ରାତି ଗୋଟାଏ। ପୁରା ଘର ଅନ୍ଧାର। ସୁଗନ୍ଧା ବିଛଣାରେ ଶୋଇଛି, ମୁହଁ ଉପରେ ମୋବାଇଲର ନୀଳ ଆଲୁଅ ପଡୁଛି। ସେ ହସୁଛି, ସ୍କ୍ରଲ୍ କରୁଛି। କେହି ମାଳଦ୍ୱୀପ ଯାଇଛି, କେହି ନୂଆ ଗାଡି କିଣିଛି, କେହି ବ୍ରେକଅପ୍ ପରେ ବି ବହୁତ ଖୁସି ଅଛି।

ସେସବୁ ଦେଖି ଦେଖି ସେ ନିଜକୁ ଧୀରେ ଧୀରେ ଛୋଟ କରିଦେଲା। ନିଜ ଘର ଛୋଟ ଲାଗିଲା, ନିଜ ଜୀବନ ବୋରିଂ ଲାଗିଲା, ନିଜ ହସ ମିଛ ଲାଗିଲା।

ସେଇ ରାତିରେ ସେ ଗୋଟେ ଫଟୋ ପୋଷ୍ଟ କଲା - ବହୁତ ହସ ହସ ମୁହଁ। ୨୦୦ ଲାଇକ୍ ଆସିଲା। ହେଲେ ସେ ରାତି ଗୋଟେ ବି ମେସେଜ୍ ଆସିଲା ନାହିଁ - 'ତୁ ଠିକ୍ ଅଛୁ ତ?'

ସୁଗନ୍ଧା ସେତେବେଳେ ବୁଝିଲା, ୨୦୦ ଲାଇକ୍ କେବେ ଗୋଟେ 'ତୁ ଠିକ୍ ଅଛୁ ତ?' ର ଜାଗା ନେଇ ପାରିବ ନାହିଁ।

**୧.ସକାଳଟା ବଦଳି ଯାଇଛି:**

ଆଗରୁ ସକାଳ ଆରମ୍ଭ ହେଉଥିଲା ଚା'ରୁ, ଖବରକାଗଜରୁ, ବାପା-ମା' ସହ କଥାରୁ। ଏବେ ସକାଳ ଆରମ୍ଭ ହୁଏ ନୋଟିଫିକେସନରୁ। ଆଖି ଖୋଲିବା ମାତ୍ରେ ଆମେ ନିଜ ଦିନ ନୁହେଁ, ଅନ୍ୟ କାହାର ଦିନ ଦେଖୁ। ସେଇଠୁ ହିଁ ଦିନର ତୁଳନା ଆରମ୍ଭ।

**୨.ଖୁସିଟା ଏବେ ପ୍ରମାଣ ମାଗେ:**

ଆଗରୁ ଖୁସି ମାନେ ଥିଲା ଅନୁଭବ। ଏବେ ଖୁସି ମାନେ ହେଉଛି ପ୍ରମାଣ। ଭଲ ଜାଗାକୁ ଗଲେ ଫଟୋ ନ ଉଠାଇଲେ ଯାଇଥିଲୁ ବୋଲି ଲାଗେନା। ଭଲ ଖାଇଲେ ଷ୍ଟୋରୀ ନ ଦେଲେ ଖାଇଲୁ ବୋଲି ଲାଗେନା। ଆମେ ଜୀବନ ବଞ୍ଚୁନାହୁଁ, ଜୀବନର କଣ୍ଟେଣ୍ଟ ବନାଉଛୁ।

**୩.ସମ୍ପର୍କର ନୂଆ ଗଣିତ:**

୫୦୦ ଫ୍ରେଣ୍ଡ, ୧୦୦୦ ଫଲୋଅର। ହେଲେ ରାତି ୨ଟାରେ ଜ୍ୱର ହେଲେ ଡାକିବା ପାଇଁ ଜଣେ ନାହିଁ। ସୋସିଆଲ୍ ମିଡିଆ ସମ୍ପର୍କର ସଂଖ୍ୟା ବଢାଇ ଦେଲା, ଗଭୀରତା ମାରିଦେଲା। ଆମେ ସମସ୍ତଙ୍କୁ ହାଏ କହୁଛୁ, ହେଲେ କାହା ସହ ମନ ଖୋଲି କଥା ହେଉନାହୁଁ।

ଶେଷରେ ସୁଗନ୍ଧା ଧୀରେ ଉଠି ବସିଲା। ନିଜ ମନକୁ ନିଜେ ବୁଝାଇଲା - ଡିଜିଟାଲ୍ ଦୁନିଆରେ ଆମେ ସମସ୍ତେ ଅଭିନେତା। ପରଦା ଉପରେ ତାଳି ବହୁତ, ପରଦା ପଛରେ କେହି ନାହିଁ। ଆମେ ଯେତେ ଅଧିକ ଲୋକଙ୍କୁ ଆମ ଖୁସି ଦେଖାଇବାକୁ ଚେଷ୍ଟା କରୁଛୁ, ସେତେ ଅଧିକ ଭିତରେ ଭିତରେ ଏକା ହୋଇଯାଉଛୁ।

ତେଣୁ ଗୋଟେ ପ୍ରଶ୍ନ ତା ମନରେ ସବୁବେଳେ ରହିଯାଏ - ଯଦି କାଲି ଇଣ୍ଟରନେଟ୍ ବନ୍ଦ ହୋଇଯିବ, କେତେ ଜଣ ଆମକୁ ସତରେ ଖୋଜିବେ? ଏହି ପ୍ରଶ୍ନର ଉତ୍ତର ପାଇଗଲେ ଜଣା ପଡିଯିବ, କିଏ ଫଲୋଅର ଆଉ କିଏ ପରିବାର।

*ଉପସ୍ଥାପିକା*
*ଆକାଶବାଣୀ, ପୁରୀ*
*ମୋ: ୯୮୬୧୦୧୭୦୭୮*





# ମୋ ପିଲା ଦିନର ଗାଁ ଆଉ ଆଜିର ଗାଁ



ସରୋଜ ରଞ୍ଜନ ମହାନ୍ତି

ମୋ ପିଲା ଦିନେ ଆମ ଗାଁ ଭାରି ସୁନ୍ଦର ଥିଲା । ବଡ଼ ବଡ଼ ଚାକୁଣ୍ଡା ଗଛ, ବର ଗଛ, ଓସ୍ତ ଗଛ ରେ ଗାଁ ଭରା ଥିଲା । ଦାସ ଘର ଆମ୍ବ ବଗିଚା ରେ ଭଳି କି ଭଳି ଆମ୍ବ ଆମର ମୁଖ୍ୟ ଆକର୍ଷଣ ଥିଲା । ଆମ ସାହିର ମୁଖ୍ୟ ଆକର୍ଷଣ ଥିଲା ଖେଳ । ବିଦ୍ୟାଳୟ ଛୁଟି ହେଲେ ଗାଁ ଦାଣ୍ଡ ପିଲା ମାନଙ୍କ ର କୋଳାହଳରେ ଫାଟି ପଡୁଥିଲା । ଋତୁ ଅନୁଯାୟୀ ଖେଳ। ବର୍ଷା ଦିନେ ମେରିଆ, ନବାତ, ଗୁଲି, ଡାବରପୁଆ, ଶୀତ ଦିନେ କ୍ରିକେଟ୍, ବିଷ ଅମୃତ, ପତ୍ର ଚୋରି, ଲୁଚକାଳି ଏବଂ ଖରାଦିନେ କ୍ରିକେଟ, ବାସ୍କେଟ ବଲ୍, ଲୁଚକାଳି ଇତ୍ୟାଦି ଖେଳ ହୁଏ । ଗାଁ ର ସାଙ୍ଗମାନେ ମିଶି ଖେଳ ହୁଏ । ଆମ ସାହି ଦାଣ୍ଡ କେବେ ଖାଲି ନ ଥାଏ । ଦାଣ୍ଡ ପିଣ୍ଡାରେ ଦଦେଇ ବଡ଼ବାପା, ବାଉରୀବନ୍ଧୁ ବଡ଼ବାପା, ଝରି ବଡ଼ବାପା ଇତ୍ୟାଦି ସବୁ ଦିନେ ବସି ସେମାନଙ୍କର ଗପର ଆସର ଜମାଇ ଥାନ୍ତି, ବେଳେ ବେଳେ ଆମେ ଅଧିକ କୋଳାହଳ କଲେ ଆମକୁ ବାଡେଇବାକୁ ଗୋଡାନ୍ତି । ସେଥିରେ ତାଙ୍କର ଆକଟ ସହିତ ଭଲପାଇବା ବି ଥାଏ ।

ଏବେ ଆଉ ସାହିର ବଡ଼ ମାନେ ଦାଣ୍ଡ ପିଣ୍ଡାରେ ଏକାଠି ବସୁନାହାନ୍ତି । ଆଉ ସେ ଥଟ୍ଟା ପରିହାସ ନାହିଁ । କାର୍ଯ୍ୟବେସ୍ତତା ର ଆଢୁଆଳରେ ଛୁଟି ଦିନରେ ବି ଏକାଠି ବସୁନାହାନ୍ତି । ଆଜି ଆଉ ଗାଁ ଦାଣ୍ଡରେ ସେ କୋଳାହଳ ନାହିଁ । କିଛି ଲୋକ ଗାଁ ଛାଡି ଦେଲେଣି, ଆଉ କିଛି ଭୁଲ ବସତ ଗୋଟିଏ ସନ୍ତାନ ରେ ସିମିତ ତେଣୁ ପିଲା ଙ୍କ ସଂଖ୍ୟା କମିଯାଇଛି । ଆଉ ଯେଉଁ ଅଳ୍ପ କିଛି ପିଲା ରହିଲେ ସେମାନେ ଗାଁ ଦାଣ୍ଡ ବଦଳରେ ମୋବାଇଲ୍ ପରଦାରେ ଖେଳିବାକୁ ପସନ୍ଦ କରୁଛନ୍ତି ।

+୨ ପଢ଼ିବାକୁ ବାହାରକୁ ଯିବାକୁ ପଡିଲା । ଛୁଟି ରେ ଗାଁ କୁ ଆସିଲେ ସାହିରେ ସମସ୍ତ ଙ୍କ ଘରକୁ ଗୋଟି ଗୋଟି କରି ଯାଉଥିଲି ଯଦି ଭୁଲ୍ ବସତ କୌଣସି ଥର ବାହା ଘରକୁ ଯାଇ ନ ଥାଏ ତେବେ ସେମାନେ ପଚାରୁ ଥିଲେ କଣ ଆମକୁ ଭୁଲି ଗଲୁକିରେ ଆମ ଘରକୁ କଣ ପାଇଁ ଆସିଲୁନି କିନ୍ତୁ ଏବେ ସେସବୁ ଆଉ ନାହିଁ । ଆମ ସାହିରେ ଅଧିକାଂଶ ଚାଳଘର ଥିଲା କିନ୍ତୁ ଆତ୍ମୀୟତା ଥିଲା ଏବଂ ହୃଦୟ ବହୁତ ବଡ଼ ଥିଲା । ଏବେ ପ୍ରାୟ ସମସ୍ତଙ୍କର କୋଠାଘର କିନ୍ତୁ ଆଉ ସେ ଆତ୍ମୀୟତା ନାହିଁ । ସମସ୍ତେ ନିଜ ନିଜ ର ସ୍ୱାର୍ଥ ରେ ବେସ୍ତ । ସନ୍ଧ୍ୟା ବେଳେ ସାହିର ଦୁଇ ଟି ଚଉରା ଉପରେ ବଡ଼ ମାନେ ମୁଖ୍ୟତଃ ଖରାଦିନେ ବସନ୍ତି, ସେ ସମୟରେ ଆମର ବି ଖରାଦିନ ଛୁଟି ଥାଏ ତେଣୁ ଆମେ ମାନେ ବି ବେଳେବେଳେ ବସୁ । ବଟ ବଡ଼ବାପା ତାଙ୍କ ଚାକିରି ସମୟରେ ବାଘ ଇତ୍ୟାଦି କଥା କୁହନ୍ତି, ବନମାଳୀ ବଡ଼ବାପା ହଣାକୁ କାଠ ପାଇଁ ଡଙ୍ଗାରେ ଯିବା ଇତ୍ୟାଦି କଥା କୁହନ୍ତି । ଆମେମାନେ ଏକାଲୟରେ ତାଙ୍କ କଥା ଶୁଣୁ, ବହୁତ ମଜା ଲାଗେ ।

ଏବେ ଆଉ ବଡସାନ ଏକାଠି ବସୁନାହାନ୍ତି । କାହା ପାଖରେ ସମୟ ନାହିଁ । ସେତେବେଳେ ଗାଁ ଦାଣ୍ଡ କେତେ ସୁନ୍ଦର ଥିଲା ଏବେ ଖାଲି ନିଛାଟିଆ ଖାଁ ଖାଁ ଲାଗୁଛି । ସନ୍ଧ୍ୟା ବେଳେ ଦାଣ୍ଡକୁ ବାହାରିଲେ ଭୟ ଲାଗୁଛି । ଆମ ସାହି ଦାଣ୍ଡରେ ଆଉ ସେ କୋଳାହଳ ନାହିଁ କି ଦାଣ୍ଡ ପିଣ୍ଡାରେ ଆଉ ବଡ ମାନେ ଆସୁନାହାନ୍ତି । ଖାଲି ଯାହା ବାଦଲ ଭାଇ ଗାଁ କୁ ଆସିଲେ ଦାଣ୍ଡ ପିଣ୍ଡାରେ ଟିକେ ବସନ୍ତି ଦାଣ୍ଡ ଟିକେ ପୁରିଲା ପୁରିଲା ଲାଗେ ।

ଆମ ଗାଁ ରେ ସାହି ସାହି ରେ କ୍ରିକେଟ ଟିମ୍ ଥୁଲା, ଆମ ସାହିରେ ପିଲା ସଂଖ୍ୟା କମ ଥିବାରୁ ଠୁଲା ଭାଇ ଓ ମୁଁ ପଣ୍ଡା ସାହି ଟିମ୍ ରେ ଖେଳୁ । ଗାଁ ରେ ସାହି ସାହି ଭିତରେ ମ୍ୟାଚ୍ ହୁଏ, ଭାରି ମଜା ଲାଗୁଥିଲା । ଗାଁ ଟା ସବୁବେଳେ କୋଳାହଳମୟ ଥିଲା । ଏବେ କିନ୍ତୁ ସବୁ ଆଡ଼େ ନିରବତା । ଯାହାହେଉ ଏବେ ଆମ ଗାଁ ପିଲାମାନେ ଏକତ୍ରିତ ହୋଇ କ୍ରିକେଟ ଖେଳୁଛନ୍ତି ଏବଂ ଗାଁ ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ରେ ସହଯୋଗ କରୁଛନ୍ତି ତାକୁ ଦେଖୁ ବହୁତ ଖୁସି ଲାଗୁଛି । ଗାଁ କୁ କିଛିଟା କୋଳାହଳମୟ କରିବାରେ ସହାୟତା କରୁଛନ୍ତି ନଚେତ୍ ଗାଁ ଟା ବିଲକୁଲ ନିରବି ଯାଇଥାନ୍ତି ।

ଆମ ସାହିରେ ସବୁଠାରୁ ଆକର୍ଷଣୀୟ ପର୍ବ ହେଉଛି ଦଶହରା । ମାସ ସାରା ରାତି ରେ ଖେଳ ହୁଏ । ସାହିର ସମସ୍ତ ପୁଅ ଝିଅଙ୍କ ସହିତ ତିନି ରାଉଜ, ଝୁଲା ଭାଇ ଭାଉଜ, ମମତା ଅପା, ସଖି ବଡ଼ବୋଉ, କ୍ଷେତ ବଡ଼ବୋଉ ଇତ୍ୟାଦି ଦାଣ୍ଡରେ ଖେଳନ୍ତି । ମୁଖ୍ୟ ଖେଳ ଚୁଙ୍ଗୁଡି ବାଲୁବାଲୁ କଣ୍ଡିଆ ସାଲୁସାଲୁ, ମୁଦି ଚୋରି, ବାଘମରେଇ, ବୋହୁ ଚୋରି, ବିଷ ଅମୃତ, ପତ୍ର ଚୋରି, ଲୁଚକାଳି ଇତ୍ୟାଦି । ଘରେ ରାତିରେ ଖେଳିବାକୁ ନେଇ ବାପା ବେଳେବେଳେ ରାଗନ୍ତି କିନ୍ତୁ ବାପା ଶୋଇଲା ପରେ ଖେଳିବାକୁ ଚାଲିଆସୁ । ଦାଣ୍ଡ ରାତିରେ ପିଲାଙ୍କ କୋଳାହଳ ରେ ଅବର୍ଣ୍ଣନୀୟ ଆନନ୍ଦ ଦିଏ । ବର୍ଷ ତମାମ ଦଶହରା ଆସିବାକୁ ଅପେକ୍ଷା କରିଥାଉ । ଏହି ସମୟରେ ସମସ୍ତ ଙ୍କ ଦାଣ୍ଡ ସଫା ହୁଏ କାନ୍ଥ ଲିପା ହୋଇ ଚିତା ପଡେ । ସମସ୍ତ ପରିବେଶ ମାଁ ଙ୍କ ଆଗମନ ପାଇଁ ପ୍ରସ୍ତୁତ ହୋଇଯାଏ । କାନ୍ଥ ଲିପା କାର୍ଯ୍ୟ ପାଇଁ ସାହି ସାରା ନଟିଆ କୁମାର ଏବଂ ଶାରିଆ ବଣିଆ ର ସହଯୋଗ ନିମନ୍ତି । ଏବେ ସମସ୍ତ ଙ୍କର କୋଠାଘର ଆଉ ଚିତା ର ସୁନ୍ଦରତା ଦେଖ ?ିବାକୁ ମିଳୁନାହିଁ । ସହର ରେ ରହୁଥ ?ିବା ପରିବାର ଏହି ସମୟରେ ଗାଁ କୁ ଆସନ୍ତି, ସମସ୍ତ ଙ୍କ ସହିତ ଭେଟ ହୁଏ ଏବଂ ଗାଁ ଦାଣ୍ଡ ପୂରିଉଠେ ଏବେ ଆଉ ସେତେ ପରିବାର ଆସୁନାହାନ୍ତି । ଦଶହରା ରେ ଲେଖନୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ହୁଏ ସେଥ୍ରେ ଚାନ୍ଦା ସ୍ଥିର ହୁଏ, ତାକୁ ଦେଖିବାକୁ ଭାରି ମଜା ଲାଗୁଥୁଲା ଏବେ ସେପରି ହେଉନାହିଁ କାରଣ କିଛି ସମୟ ଏକାଠି ବସିବାକୁ କାହା ପାଖରେ ସମୟ ନାହିଁ । ଯାହା ପାଳି ସେ ପୂର୍ବ ବର୍ଷ ର ଖର୍ଚ୍ଚକୁ ଦେଖୁ ଜଣେ ଦିଜଣଙ୍କୁ ପଚାରି ଚାନ୍ଦା ସ୍ଥିର କରିଦେଉଛନ୍ତି । ଦଶହରାରେ ନୂଆ ବସ୍ତ୍ର ପାଇଁ ବାପା ଙ୍କ ବେଡିଙ୍ଗ ଖୋଲା କୁ ଅତି ଉତ୍କଣ୍ଠା ର ସହ ଅନେଇ ବସିଥାଉ, କଲେଜ ଯିବା ପରେ ନୂଆ ପୋଷାକ କିଣିବାକୁ ଆଗରୁ ଯୋଜନା କରୁ, କଟକ ମାମୁଁଙ୍କ ଘରେ ଦିଲିପ ସହିତ ରହି ପୋଷାକ କିଣା ହୁଏ । ନି ଏବଂ ମୁଁ ଭୁବନେଶ୍ୱର ରେ ନୂଆ କରି ଖୋଲିବା ବ୍ରାଣ୍ଡ ଫ୍ୟାକ୍ଟି କୁ ଯାଉ, ଏବେ ବି ଦଶହରା ପୋଷାକ ପାଇଁ ଆଗରୁ ଯୋଜନା ହେଉଛି । କିନ୍ତୁ ସେ ଚିତା ଲେଖା ର ସୁନ୍ଦରତା ମାଟି ର ବାସ୍ନା ଆଉ ନାହିଁ । ଦଶହରାକୁ ଏବେ ବି ବହୁତ ଉତ୍କଣ୍ଠା ର ସହିତ ଅପେକ୍ଷା କରାହେଉଛି ।

ସେତେବେଳେ ର ମକର ର ମଜା ଆଉ ଏବେଢା ଭିତରେ ଅନେକ ପାର୍ଥକ୍ୟ । ଏବେ ନିଶାର ପ୍ରାଦୁର୍ଭାବ ବଢ଼ିଯାଇଛି । ମୋ ପିଲା ଦିନର ର ଗାଁ ଆଉ ଆଜି ର ଗାଁ ଭିତରେ ଅନେକ ପରିବର୍ତ୍ତନ ହୋଇଯାଇଛି । ଯାହା ହେଲେ ବି ଗାଁ ପରିବେଶ ନିଆରା, ଗାଁ କୁ ଗଲେ ଦିନ ର ୨୪ ଘଣ୍ଟା ନିଅଣ୍ଡ ହୁଏ କେତେବେଳେ ଦିନ ସରିଯାଏ ଜଣାପଡେ ନାହିଁ । ଭଗବାନ ଙ୍କୁ ପ୍ରାର୍ଥନା ମୋ ପିଲାଦିନ ପରି ଦଶହରା କୁ ସମସ୍ତେ ଗାଁ କୁ ଆସନ୍ତୁ ପୁଣି ଆମ ଗାଁ ଦାଣ୍ଡ ପିଲା ମାନଙ୍କ କୋଳାହଳ ରେ ପୂରି ଯାଉ । ଜୟ ମା ଦୁର୍ଗା ।

*ଅପଣ୍ଡରା, ମାଛଗାଁ, ଜଗତସିଂହପୁର*







# ହୋଟେଲରେ ଗ୍ରାହକଙ୍କୁ ପିଟିପିଟି ହତ୍ୟା ମାମଲା ମାଲିକ ଓ ଦୁଇ ପୁଅଙ୍କୁ ଦଣ୍ଡାଦେଶ ଶୁଣାଇଲେ କୋର୍ଟ



**ଭୁବନେଶ୍ୱର(ବ୍ୟୁରୋ):** ୨୦୧୫ ମସିହା ଜୁଲାଇ ୧୩ତାରିଖର ଘଟଣା। ଖାଇବା ପରେ ମିଲ୍ ବାବଦ ଟଙ୍କା ନେଣଦେଣକୁ ନେଇ ଜଣେ ଗ୍ରାହକଙ୍କୁ ହୋଟେଲ ମାଲିକ ଓ ତାଙ୍କର ଦୁଇ ପୁଅ ମାଡ଼ମାରି ଗୁରୁତର କରିଥିଲେ ଏବଂ ପରଦିନ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସହିଦନଗର ଥାନା ଅଞ୍ଚଳରେ ଘଟିଥିବା ଏହି ହତ୍ୟା ମାମଲାର ରାୟ ଆଜି ପ୍ରକାଶ ପାଇଛି। ଭୁବନେଶ୍ୱର ୩ୟ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ହିମାଂଶୁ ଶେଖର ମଲ୍ଲିକ ମାମଲାର ଶୁଣାଣି ଶେଷକରି ହୋଟେଲ ମାଲିକ ଓ ତାଙ୍କର ୨ପୁଅଙ୍କୁ ଦଣ୍ଡାଦେଶ ଶୁଣାଇଛନ୍ତି। ଆସାମୀମାନେ ହେଲେ ବାପା ବେସାରତ୍ ଅହମ୍ମଦ ଖାଁ, ପୁଅ ତେଜରାତ୍ ଅହମ୍ମଦ ଖାଁ ଓ ସଲାମନ୍ତ ଅହମ୍ମଦ ଖାଁ। ପ୍ରତ୍ୟେକଙ୍କୁ ୭ବର୍ଷ ଲେଖାଏଁ କାରାଦଣ୍ଡ ସହିତ ୨୦,୦୦୦ ଟଙ୍କା ଲେଖାଏଁ ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ପ୍ରତ୍ୟେକଙ୍କୁ ଅତିରିକ୍ତ ୧ ବର୍ଷର ସଶ୍ରମ କାରାଦଣ୍ଡାଦେଶ ହୋଇଛି। ଘଟଣାଦିନ ରାତି ପ୍ରାୟ ସାଢ଼େ ୯ଟା ବେଳେ ଶତ୍ରୁଘ୍ନ ବେହେରା କଳିଙ୍ଗ ଷ୍ଟାଡିୟମ ଛକ ନିକଟସ୍ଥ ଅତିଥି ରେଷ୍ଟୋରାଂକୁ ଯାଇଥିଲେ। ଘରକୁ କିଛି ଖାଦ୍ୟ ଆଣିବାକୁ ସେ ପାର୍ସଲ ବରାଦ କରିଥିଲେ। କିନ୍ତୁ ପାର୍ସଲ ଦାମ୍‌କୁ ନେଇ ହୋଟେଲ ମାଲିକ ବେସାରତ୍‌ଙ୍କ ସହ ଶତ୍ରୁଘ୍ନଙ୍କର ବଚସା ହୋଇଥିଲା। ବଚସା ବଢ଼ିବଢ଼ି ହାତାହାତି ଯାଏଁ ଯାଇଥିଲା। ଖବର ପାଇ ବେସାରତ୍‌ଙ୍କ ଦୁଇ ପୁଅ ତେଜରାତ୍ ଓ ସଲାମନ୍ତ ହୋଟେଲରେ ପହଞ୍ଚିଥିଲେ ଏବଂ ସେମାନେ ମିଳିତଭାବେ ଶତ୍ରୁଘ୍ନଙ୍କୁ ଆକ୍ରମଣ କରିଥିଲେ। ସେମାନେ ଶତ୍ରୁଘ୍ନଙ୍କୁ ରଶିରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଖବର ପାଇ ସହିଦନଗର ଥାନା ପୁଲିସ ହୋଟେଲରେ ପହଞ୍ଚି ତା ଶତ୍ରୁଘ୍ନଙ୍କୁ ଉଦ୍ଧାର କରିଥିଲା ଏବଂ ନୂଆପଲ୍ଲୀ ଶବରସାହି ଭାଗବତ ଟୁଙ୍ଗୀ ନିକଟରେ ଛାଡ଼ିଦେଇଥିଲା। ପରଦିନ ସକାଳେ ସେ ଅଧିକ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। କିନ୍ତୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ନିସ୍ତୁକ ମାଡ଼ରେ ଅଭ୍ୟନ୍ତରୀଣ ଜଟିଳ କ୍ଷତ ହୋଇଥିବାରୁ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା। ଏନେଇ ମୃତକ ଶତ୍ରୁଘ୍ନଙ୍କ ମାଆ ମୁକ୍ତା ବେହେରା ସହିଦନଗର ଥାନାରେ ଅଭିଯୋଗ କରିଥିଲେ। ୨୦ଜଣଙ୍କ ବଳିଷ୍ଠ ସାକ୍ଷ୍ୟ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଅଦାଲତ ଆଜି ରାୟ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଶୁଭଶ୍ରୀ ଜେନା ଏହି ମାମଲା ପରିଚାଳନା କରିଥିଲେ।

# ଆନ୍ଧ୍ରପ୍ରଦେଶରୁ ମିଳିଲା କପିଳେନ୍ଦ୍ରଦେବଙ୍କ ଶିଳାଲେଖ, ଇ-ଷ୍ଟାମ୍ପେଜ ସଂଗ୍ରହ



**ଭୁବନେଶ୍ୱର(ବ୍ୟୁରୋ):** ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ ଟେକାଲି ସହରରୁ ମିଳିଛି ଗଜପତି କପିଳେନ୍ଦ୍ରଦେବଙ୍କ ସମୟର ଏକ ଅଭିଲେଖଯୁକ୍ତ ପ୍ରସ୍ତର । ରିଡିସ୍କଭର ଲଷ୍ଟ ହେରିଟେଜ ଟ୍ରଷ୍ଟର ସଦସ୍ୟ ଦୀପକ କୁମାର ନାୟକ ଓ ବିକ୍ରମ କୁମାର ନାୟକ ଏହି ଶିଳାଲେଖକୁ ଠାବ କରିଛନ୍ତି । ଓଡ଼ିଆ ଲିପି ଓ ଭାଷାରେ ଉତ୍କୀର୍ଣ୍ଣ ଏହି ଶିଳାଲେଖର ପ୍ରଥମ ଧାଡ଼ି ନଷ୍ଟ ହୋଇଯାଇଛି । ଦ୍ୱିତୀୟ ଓ ତୃତୀୟ ଧାଡ଼ିରେ ପ୍ରତାପ କପିଳେଶ୍ୱର ବା ଗଜପତି କପିଳେନ୍ଦ୍ରଦେବଙ୍କ ନାମ ଖୋଦିତ । ଚତୁର୍ଥ ଧାଡ଼ିରେ ବିଜେରାଇଜେ ଲେଖା ଅଛି । କପିଳେନ୍ଦ୍ରଦେବଙ୍କ ଶାସନକାଳ ପଞ୍ଚଦଶ ଶତାବ୍ଦୀର । ତେଣୁ ଶିଳାଲେଖଟି ୧୫ଶ ଶତାବ୍ଦୀର ହୋଇପାରେ ବୋଲି ଅନୁମାନ କରାଯାଇପାରେ । ପୂର୍ବରୁ ଟେକାଲି ଗଞ୍ଜାମର ଓଡ଼ିଆ ଜମିଦାରୀ ଥିଲା । କାରଣ କପିଳେନ୍ଦ୍ରଦେବଙ୍କ ଶାସନକାଳରେ ଓଡ଼ିଶା ରାଜ୍ୟର ସୀମା ଉତ୍ତରରେ ଗଙ୍ଗାନଦୀ ଠାରୁ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତି ଲାଭ କରିଥିଲା । ପୂର୍ବରୁ ଶ୍ରୀକାକୁଲମ ଜିଲ୍ଲାର ମୁଖଲିଙ୍ଗମ, ଶ୍ରୀକୂର୍ମମରୁ ମଧ୍ୟ କପିଳେନ୍ଦ୍ରଦେବଙ୍କ ସମୟର ଅଭିଲେଖ ମିଳିଛି । ଏବେ ଏହି ଶିଳାଲେଖର ସନ୍ଧାନ କପିଳେନ୍ଦ୍ରଦେବଙ୍କ ଶାସନକାଳୀନ ଇତିହାସର ଗବେଷଣା ଦିଗରେ ଏକ ନୂତନ ଉପଲବ୍ଧି ବୋଲି ଶ୍ରୀ ନାୟକ କହିଛନ୍ତି ।

# ଅପମିଶ୍ରିତ ପନୀରରେ ମିଶୁଛି ମାରାତ୍ମକ ରାସୟନିୟକ ପଦାର୍ଥ, ଖଦା



**ଭୁବନେଶ୍ୱର(ବ୍ୟୁରୋ):** ନିଦ ହଜାଇଦେଲାଣି ଅପମିଶ୍ରିତ ଛେନା, ପନିର। ରାଜ୍ୟବ୍ୟାପୀ ଚଢ଼ଉ ବେଳେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଅପମିଶ୍ରିତ ଛେନା, ପନିର ମିଳିବା ଦେଖି ଲୋକଙ୍କ ମୁଣ୍ଡ ଚକ୍କର କାଟିଲାଣି। ନିରାମିଷଙ୍କ ମେନୁରୁ ବି ଛେନା, ପନିର କଟିଗଲାଣି। ବିଶେଷଜ୍ଞମାନେ ବି ଯେଉଁ ମତ ଦେଉଛନ୍ତି, ତାହା ହୋସ୍ ଉଡ଼ାଇଦେଲାଣି। ଆଜି ଲୋକେ ହୃଦ୍‌ଘାତ, ପେଟଜନିତ ରୋଗ, କ୍ୟାନସର ଭଳି ଯେଉଁ ମାରାତ୍ମକ ରୋଗରେ ପଡୁଛନ୍ତି, ଏହାର ପ୍ରମୁଖ କାରଣ ଏହି ଅପମିଶ୍ରିତ ଛେନା, ପନିର ବୋଲି ମତ ଦେଇଛନ୍ତି। ପାଟିକୁ ସୁଆଦ ଓ ଆଖିକୁ ଧଳା ଦିଶୁଥିବା ଏହି ସାତ୍ତ୍ୱିକ ଖାଦ୍ୟ ଯେ ଏତେ ମାରାତ୍ମକ ଜାଣିବା ପରେ ରାଜ୍ୟ ସରକାର ବି ଚିନ୍ତାରେ ପଡ଼ିଲଣି। ପ୍ରଶ୍ନ ଉଠୁଛି, ଏତେ ଅପମିଶ୍ରିତ ଛେନା, ପନିର ଆସୁଛି କେଉଁଠୁ? କେଉଁମାନେ ଏହାର ରାକେଟ୍ ଚଳାଉଛନ୍ତି। ଟଙ୍କା ପାଇଁ ଲୋକଙ୍କୁ ବିଷ ବିକ୍ରି କରୁଥିବା ଏହି ବ୍ୟକ୍ତିବିଶେଷମାନେ କିଏ? କାହିଁକି ଏମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉନି? ଯେହେତୁ ପୂର୍ବଭଳି ଆଉ ଗୁହାଳ ନାହିଁ କି ଲୋକେ ଘରେ ଦୁଗ୍ଧ ଉତ୍ପାଦନ ପାଇଁ ଗାଈ ରଖିନାହାନ୍ତି, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନ ବି କମିଛି। ଏହି ଆବଶ୍ୟକତା ମେଣ୍ଟାଇବା ପାଇଁ ବେପାରୀମାନେ ଅପମିଶ୍ରଣର ବେପାର ମେଲାଇ ଦେଇଛନ୍ତି। ନିମ୍ନମାନର କ୍ଷୀର ପାଉଡର ସାଙ୍ଗକୁ ଭେଜିଟେବଲ୍ ଓ ଆନିମଲ୍ ଫ୍ୟାଟ୍ ମିଶ୍ରଣ କରି ବଜାରକୁ ଛାଡୁଛନ୍ତି। ଚାଷୀ ଓ ଦୁଗ୍ଧ ସଂଗ୍ରହ ସଂସ୍ଥା ମଧ୍ୟରେ କାମ କରୁଥିବା ମଧ୍ୟସ୍ଥି ତଥା ବେପାରୀମାନେ ଅଧିକ ଲାଭ ଆଶାରେ ଏଭଳି କଳାବଜାରକୁ ଅସ୍ତ୍ର କରିଛନ୍ତି। ଦୁଗ୍ଧଜାତ ଦ୍ରବ୍ୟ ନାଁରେ ଏଭଳି ବିଷ ବିକ୍ରି କରି ଲୋକଙ୍କ ଜୀବନହାନିର କାରଣ ପାଲଟିଛନ୍ତି। ଭୁବନେଶ୍ୱର ବଜାରକୁ ବି ଏଭଳି ଅପମିଶ୍ରିତ ଛେନା, ପନିର ବିଭିନ୍ନ ଉପାନ୍ତ ଅଞ୍ଚଳରୁ ଆସୁଥିବା ଅଭିଯୋଗ ଉଠିଛି। ଏହା ପଛରେ ଅନ୍ତଃରାଜ୍ୟ ରାକେଟ୍ କାମ କରୁଥିବା ଅଭିଯୋଗ ଉଠିଛି। ୟୁପି, ମଧ୍ୟପ୍ରଦେଶ, ଛତିଶଗଡ଼ରୁ ଭାୟା ରାୟପୁର ଦେଇ ଓଡ଼ିଶା ବଜାରକୁ ଏହା ଆସୁଛି। ୟୁପି, ମଧ୍ୟପ୍ରଦେଶ, ଛତିଶଗଡ଼ରେ ନିମ୍ନମାନର କ୍ଷୀର ପାଉଡର୍ ପ୍ରସ୍ତୁତ କରାଯାଉଛି। ଭଲ କ୍ଷୀର ତଥା ଛେନା, ପନିର ତୁଳନାରେ ଏହାର ପ୍ରସ୍ତୁତି ଶସ୍ତା ଓ ଲାଭଜନକ ହୋଇଥିବାରୁ ଓଡ଼ିଶାର ବେପାରୀମାନେ ଲାଭ ଆଶାରେ ଏହାକୁ କିଣି ଲୋକଙ୍କୁ ରୋଗ ବାଣ୍ଟୁଛନ୍ତି। ଚଢ଼ଉ ଜୋରଦାର ହେଉନଥିବାରୁ ଅପମିଶ୍ରିତ ଦୁଗ୍ଧଜାତ ଦ୍ରବ୍ୟର ବ୍ୟାପକ କଳାବଜାରୀ ଚାଲିଛି। ଆନାଲଗ୍ ପନିରରେ ଅଧିକ ଅପମିଶ୍ରଣ ହେଉଛି। ଦୁଗ୍ଧଜାତ ଦ୍ରବ୍ୟରେ ଶସ୍ତା କ୍ଷୀର ପାଉଡର ସାଙ୍ଗକୁ ଘନତା ବୃଦ୍ଧି ପାଇଁ ପାମ ଅଏଲ୍, ସୋୟାବିନ୍ ଅଏଲ୍ ସହ ଭେଟିବେଲ୍ ଫ୍ୟାଟ୍ ମିଶ୍ରଣ କରାଯାଉଛି ବୋଲି ଦୁଗ୍ଧଜାତ ଦ୍ରବ୍ୟ ବିଶେଷଜ୍ଞ ଡା. ଆଲୋକ ଅଗ୍ନିବେଶ କହିଛନ୍ତି। ଡା. ଅଗ୍ନିବେଶ କହିଛନ୍ତି, ଆର୍ଟିଫିସିଆଲ୍ ମିଲ୍କ ପାଉଡର ବଜାରରେ ହାଉଜାଉ ହେଲାଣି। ଯାହା ବହୁ ଶସ୍ତା ଓ ଅତି ନିମ୍ନମାନର। ଯାହାକୁ ସ୍କିମ୍‌ଡ ମିଲ୍କ ପାଉଡର କହୁଛନ୍ତି। ଏଥିରେ ମିଲ୍କ ଫ୍ୟାଟ୍ ବଦଳରେ ଭେଜିଟେବଲ୍ ଫ୍ୟାଟ୍ ଅଧିକ। ପେପର ସହ ଭେଟିଟେବଲ୍ ଶିକ୍ସର ଖଦା(ଫଳ, ପନିପରିବା ପ୍ରୋସେସିଂ ପରେ ବଳି ପଡୁଥିବା ଶେଷ ଅଂଶ)କୁ ବି ମିଶାଯାଉଛି। କ୍ଷୀରରୁ ଛେନା ବାହାର କରିବାକୁ ଭିନେଗାର, ନହେଲେ ସାଇଟ୍ରିକ୍ ଏସିଡ୍ ବ୍ୟବହାର ହୁଏ। ଅପମିଶ୍ରିତ ଛେନା, ପନିର ପ୍ରସ୍ତୁତ ପାଇଁ ନାଇଟ୍ରିକ୍ ଏସିଡ୍ ବ୍ୟବହାର ହେଉଛି। ଏହାର ପ୍ରକ୍ରିୟାରେ ଅଧିକ ଛେନା ବାହାରେ। ଅପମିଶ୍ରିତ ପନିର ରବର ଭଳି ଲାଗିବ। କିନ୍ତୁ ମିଲ୍କ ବେସ୍‌ଡ ପନିର ହାତରେ ଭାଙ୍ଗିଯିବ। ଦୈନିକ ରାୟପୁରରୁ ପ୍ରାୟ ୨୦ ଟନ୍, ଛତିଶଗଡ଼ରୁ ପ୍ରାୟ ୨୦୦ ଟନ୍ ଏଭଳି ପନିର ଆସୁଛି। ଶସ୍ତା କ୍ଷୀର ପାଉଡର ୟୁପିରୁ ସର୍ବାଧିକ ଆସୁଛି। ହୋଟେଲମାନେ ଏଭଳି ପନିର ଅଧିକ ବ୍ୟବହାର କରୁଛନ୍ତି। ଏଣୁ ଭଲ ପନିର ୩୬୦ରୁ ୪୦୦ ଟଙ୍କା ହେଲା ବେଳକୁ ଅପମିଶ୍ରିତ ପନିରର ଦର ଅଦିବେଶିରେ ୩୨୦ ଟଙ୍କା। ଆୟୋଡିନ୍ ପରୀକ୍ଷା ଦ୍ୱାରା ଏହା ସହଜେ ଜାଣି ହେବ। ଅପମିଶ୍ରିତ ହୋଇଥିଲେ କଳା ହୋଇଯିବ। ଅପମିଶ୍ରିତ ଛେନା, ପନିରରେ ପାମ ଅଏଲ୍, କ୍ଷୀର ପାଉଡର, କ୍ଷତିକାରକ ଡିଟରଜେଣ୍ଟ, ୱାସିଂ ସୋଡା ଆଦି ମିଶ୍ରଣ କରାଯାଉଛି। ଛେନା ଓ ପନିର ଅଧିକ ଧଳା ଦିଶିବା ପାଇଁ ଫର୍ମାଲିନ, ହାଇଡ୍ରୋଜେନ ପେରକ୍ସାଇଡ୍, ଇଣ୍ଡଷ୍ଟ୍ରିଆଲ୍ ବ୍ଲିଚ୍ ଆଦି ବି ବ୍ୟବହାର କରାଯାଉଛି। ଯାହା ସ୍ୱାସ୍ଥ୍ୟପକ୍ଷେ ହାନିକାରକ। ଏହା ଖାଦ୍ୟନଳୀ ଓ ପାକସ୍ଥଳୀ କ୍ୟାନସର, ଲିଭର କ୍ୟାନସର ଭଳି ମାରାତ୍ମକ ରୋଗର କାରଣ। ଏଭଳି ଖାଦ୍ୟ ହଜମଶକ୍ତି କମାଇଦେବ। ଗ୍ୟାଷ୍ଟ୍ରିକ୍ କରାଇବ। ପେଟ ଭିତରେ ଘା' ଭଳି ହୋଇଯିବ। ଲୋକେ ସ୍ୱାଦ ପଛରେ ଦୌଡୁଛନ୍ତି, ଅସଲି ଓ ନକଲି ଦେଖୁନାହାନ୍ତି। ସ୍ୱାଦ ପଛରେ ଦୌଡ଼ିଲେ, ଏଭଳି ନକଲି ଛେନା ଓ ପନିର ଲୋକଙ୍କ ପାଇଁ ପ୍ରାଣଘାତକ ହୋଇପାରେ।

## ପାରିବାରିକ କଳହ, ବିଷ ପିଇଲେ ଦମ୍ପତି
# ସ୍ତ୍ରୀ ମୃତ- ସ୍ୱାମୀ ଗୁରୁତର




**ଭୁବନେଶ୍ୱର(ବ୍ୟୁରୋ) :** ଦାମ୍ପତ୍ୟ କଳହକୁ କେନ୍ଦ୍ରକରି ୨ଦିନ ତଳେ ବିଷ ପିଇ ଦେଇଥିବା ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରୁ ଆଜି ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। କ୍ୟାପିଟାଲ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିବା ମହିଳା ହେଲେ ସ୍ୱପ୍ନା ପାତ୍ର(୨୪)। ସ୍ୱାମୀ ଜିତେନ୍ଦ୍ର ପାତ୍ର ଚିକିତ୍ସାଧୀନ ଅଛନ୍ତି ଏବଂ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ କରାଇ ଖଣ୍ଡଗିରି ଥାନା ପୁଲିସ ସ୍ୱପ୍ନାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ମାମଲାର ଅଧିକ ତଦନ୍ତ ଚଳାଇଛି। ଯୌତୁକ ଲୋଭ ହିଁ ଜିତେନ୍ଦ୍ର-ସ୍ୱପ୍ନାଙ୍କ ୬ବର୍ଷର ଦାମ୍ପତ୍ୟ ଜୀବନରେ ଏଭଳି କରୁଣ ଅନ୍ତ ଘଟାଇଛି ବୋଲି ଜଣାପଡ଼ିଛି। ଉଭୟ ଜିତେନ୍ଦ୍ର ଓ ସ୍ୱପ୍ନାଙ୍କ ଘର ଗଞ୍ଜାମ କେନ୍ଦୁପଲ୍ଲୀ ଅଞ୍ଚଳରେ। ୬ବର୍ଷ ତଳେ ସେମାନଙ୍କ ବିବାହ ହୋଇଥିଲା। ବାହାଘର ବେଳେ ଜିତେନ୍ଦ୍ରଙ୍କ ଦାବି ମୁତାବକ ସ୍ୱପ୍ନାଙ୍କ ବାପଘର ପକ୍ଷରୁ ସମସ୍ତ ଯାନିଯୌତୁକ ଦିଆଯାଇଥିଲା। କିନ୍ତୁ ବାହାଘରର ୨ ବର୍ଷ ପରେ ସ୍ୱପ୍ନାଙ୍କ ଉପରେ ଆରମ୍ଭ ହୋଇଥିଲା ଯୌତୁକ ନିର୍ଯାତନା। ନିଜେ ଜିତେନ୍ଦ୍ର ହିଁ ନିର୍ଯାତନା ଦେଉଥିଲେ। ଶାରୀରିକ ଓ ମାନସିକ ନିର୍ଯାତନା ବଢ଼ିବଢ଼ି ଚାଲିବାରୁ ସ୍ୱପ୍ନା ବାପଘରକୁ ଚାଲିଆସିଥିଲେ ଏବଂ ଖଣ୍ଡଗିରି ବାରଭୁଜା କଂପ୍ଲେକ୍ସ ଅଞ୍ଚଳରେ ରହୁଥିବା ନିଜ ମାମୁଙ୍କ ଘରେ ରହୁଥିଲେ। ଜିତେନ୍ଦ୍ର ସେଠାକୁ ଆସି ସ୍ୱପ୍ନାଙ୍କ ସହ ଝଗଡ଼ା କରୁଥିଲା ଏବଂ ଘରକୁ ଫେରିବା ଲାଗି ଧମକ ଦେଉଥିଲା। ଚଳିତ ବର୍ଷ ଜୁଲାଇ ୧୬ ତାରିଖ ଦିନ ଜିତେନ୍ଦ୍ର ଓ ତାଙ୍କ ଭାଇ ରାଜେନ୍ଦ୍ର, ସ୍ୱପ୍ନାଙ୍କ ମାମୁଘରେ ପହଞ୍ଚି ଗଣ୍ଡଗୋଳ କରିଥିଲେ। ସେମାନେ ଜୋରଜବରଦସ୍ତ ସ୍ୱପ୍ନାଙ୍କୁ ନେବା ପାଇଁ ଉଦ୍ୟମ କରିବାରୁ ମାମୁଘର ଲୋକେ ପ୍ରତିରୋଧ କରିଥିଲେ। ଉତ୍କ୍ଷିପ୍ତ ହୋଇ ଜିତେନ୍ଦ୍ର ଓ ରାଜେନ୍ଦ୍ର ମାମୁଘର ଲୋକଙ୍କୁ ଆକ୍ରମଣ କରିଥିଲେ ଏବଂ ସ୍ୱପ୍ନାଙ୍କ ତଣ୍ଟିଚିପି ମାରିଦେବାକୁ ଜିତେନ୍ଦ୍ର ଉଦ୍ୟମ କରିଥିଲେ। ଏହି ମାମଲାରେ ଖଣ୍ଡଗିରି ଥାନା ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସପ୍ତାହକ ତଳେ ଜିତେନ୍ଦ୍ର ଜାମିନରେ ମୁକୁଳିଥିଲେ। ଦୁଇ ଦିନ ତଳେ ସେ ପୁଣି ଖଣ୍ଡଗିରି ଆସି ସ୍ୱପ୍ନାଙ୍କ ମାମୁଘରକୁ ଯାଇ ଗଣ୍ଡଗୋଳ କରିଥିଲେ। ଏଥିରେ ସ୍ୱପ୍ନା ମର୍ମାହତ ହୋଇପଡ଼ିଥିଲେ। ଲୋକହସାରୁ ସବୁଦିନ ପାଇଁ ବର୍ତ୍ତିବା ଲାଗି ସେ ଜିତେନ୍ଦ୍ର ସମ୍ମୁଖରେ ବିଷ ପିଇଦେଇଥିଲେ। ଏହାଦେଖି ଜିତେନ୍ଦ୍ର ମଧ୍ୟ ସ୍ୱପ୍ନାଙ୍କ ହାତରୁ ବିଷ ବୋତଲ ନେଇ ପିଇଦେଇଥିଲା। ତୁରନ୍ତ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା।

# ହାଣ୍ଡିଆ ଦେଇ ଖୋଲୁଛନ୍ତି ମ୍ୟୁଲ୍ ଆକାଉଣ୍ଟ, ଲୁଟୁଛନ୍ତି ଟଙ୍କା

**ଭୁବନେଶ୍ୱର(ବ୍ୟୁରୋ) :** ହାଣ୍ଡିଆ ଦେଇ ଖୋଲୁଛନ୍ତି ମ୍ୟୁଲ୍ ଆକାଉଣ୍ଟ, ଲୁଟୁଛନ୍ତି ଟଙ୍କା। ହାଣ୍ଡିଆ ପିଆଇ ଲୋକଙ୍କଠାରୁ ଉଡ଼ାରେ ନେଉଛନ୍ତି ବ୍ୟାଙ୍କ ଆକାଉଣ୍ଟ। ମ୍ୟୁଲ୍ ଆକାଉଣ୍ଟରେ ଆସୁଛି ସାଇବର ଠକେଇ ଟଙ୍କା । ଆକାଉଣ୍ଟ ଖୋଲିଦେଇ ମୋଟା ଅଙ୍କର କମିଶନ ନେଉଛନ୍ତି ଠକଙ୍କ ସହଯୋଗୀ। ଏଭଳି ଏକ ବଡ଼ ସାଇବର ଠକେଇ ଚେନ୍ ର କାବୁ କରୁଛି ସାଇବର ଥାନା ପୋଲିସ। ମୟୂରଭଞ୍ଜରୁ ମୁଲ୍ ଆକାଉଣ୍ଟ ଚଳାଉଥିବା ରାଜେନ୍ଦ୍ର ସିଂକୁ ଗିରଫ କଲା ପୋଲିସ। ବାଲେଶ୍ୱର ଅଞ୍ଚଳରେ ମୁଲ୍ ଆକାଉଣ୍ଟ ଚଳାଇ ସାଇବର ଠକଙ୍କୁ ଠକେଇ ଟଙ୍କା ନେଣଦେଣରେ ସହଯୋଗ କରୁଥିଲା ଅଭିଯୁକ୍ତ। ୨୦୨୫ରେ ଖଣ୍ଡଗିରି ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଫୋନ୍ କରି ଠକିଥିଲେ ସାଇବର ଠକ। ପରେ ହ୍ୱାଟ୍ସଆପରେ ଆପ୍ ପଠାଇ ୯ ଲକ୍ଷ ଟଙ୍କା ହଡ଼ପ କରିଥିଲେ। ଏହି ଠକେଇ ଟଙ୍କା ମୁଲ୍ ଆକାଉଣ୍ଟ ଜରିଆରେ ଟ୍ରାନ୍ସଫର କରାଯାଇଥିଲା। ବରିଷ୍ଠ ନାଗରିକ ଓ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କୁ ଟାର୍ଗେଟ କରୁଥିଲେ ଠକ। ଲୋଭନୀୟ ଅଫର ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଲୋକଙ୍କୁ ଫସାଇବା ପରେ ଆକାଉଣ୍ଟ ଖାଲି କରୁଥିଲେ। ଓଡ଼ିଶା ସମେତ ଗୁଜରାଟ, ଆସାମ ଓ କୋଲକାତାରେ ଠକେଇର ଲିଙ୍କ୍ ରହିଛି। ଏପର୍ଯ୍ୟନ୍ତ ୧୫ ଲକ୍ଷରୁ ଅଧିକ ଟଙ୍କା ଠକେଇ ହୋଇଥିବା ବେଳେ ବଡ଼ ନେଟୱ୍ୱର୍କର ମାଷ୍ଟରମାଇଣ୍ଡକୁ ଧରିବାକୁ ତଦନ୍ତ ଚଳାଇଛି ସାଇବର ପୋଲିସ। ଅଭିଯୁକ୍ତ ରାଜେନ୍ଦ୍ର ଗିରଫ ପରେ ଏବେ ପୋଲିସର ଟାର୍ଗେଟରେ ଅନ୍ୟ ମୁଲ୍ ଆକାଉଣ୍ଟଧାରୀ ଓ ମାଷ୍ଟରମାଇଣ୍ଡ। ଏହି ସାଇବର ଠକେଇ ଚେନ୍ ରେ ଆଉ କେତେ ଜଣ ସାମିଲ ଅଛନ୍ତି, ସେନେଇ ଖୋଳତାଡ଼ ଜାରି ରହିଛି।




# ଆସୋଟେକ୍ ପ୍ରକଳ୍ପକୁ ଆଇଓବି ପକ୍ଷରୁ ମଞ୍ଜୁରି



**ଭୁବନେଶ୍ୱର(ବ୍ୟୁରୋ):** ଆସୋଟେକ୍ ଗ୍ରୁପର ସମନ୍ୱିତ ଟାଉନସିପ୍ ପ୍ରକଳ୍ପ 'ଆସୋଟେକ୍ ୱାର୍ଲ୍ଡ' ଭୁବନେଶ୍ୱରର ରିଅଲ୍ ଇଷ୍ଟେଟ୍ ଏବଂ ନିଯୁକ୍ତି କ୍ଷେତ୍ରକୁ ଏକ ସ୍ୱତନ୍ତ୍ର ଦିଗ ଓ ନୂତନ ଗତି ଦେବାକୁ ଯାଉଛି। ଏହି ପ୍ରକଳ୍ପର ବିକାଶ ପାଇଁ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ଟ.୭୫ କୋଟିର ଅର୍ଥ ମଞ୍ଜୁରି କରାଯାଇଛି। ପ୍ରାୟ ୩୦୦ ଏକର ଜମିରେ ବିକଶିତ ହେବାକୁ ଥିବା 'ଆସୋଟେକ୍ ୱାର୍ଲ୍ଡ' ଏକ ସମନ୍ୱିତ ଟାଉନସିପ୍ ଭାବେ ପରିକଳ୍ପନା କରାଯାଇଛି। ପ୍ରକଳ୍ପର ନିର୍ମାଣ ଓ ପରିଚାଳନା ପର୍ଯ୍ୟାୟରେ ୧୦,୦୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆକଳନ କରାଯାଉଛି। ରିଅଲ୍ ଇଷ୍ଟେଟ୍ ପ୍ରକଳ୍ପରେ ବିନିଯୋଗ ଅର୍ଥସାଧାରଣତଃ ନିର୍ମାଣର ବିଭିନ୍ନ ପର୍ଯ୍ୟାୟ ସହ ଜଡିତ ଥାଏ। ଫଳରେ ପ୍ରକଳ୍ପର ବାସ୍ତବ ଅଗ୍ରଗତି ଅନୁଯାୟୀ ପର୍ଯ୍ୟାୟକ୍ରମେ ଅର୍ଥର ବ୍ୟବହାର କରାଯାଇପଥାଏ। ଅତେବ ଏକ ବୃହତ୍ ପ୍ରକଳ୍ପ ପାଇଁ ଏଭଳି ପ୍ରତିଷ୍ଠାନଗତ ଅର୍ଥାୟନ ନିରନ୍ତର ନିର୍ମାଣ କାର୍ଯ୍ୟ ଓ ବିଭିନ୍ନ ପର୍ଯ୍ୟାୟରେ ନିଯୁକ୍ତି ସୃଷ୍ଟିକୁ ସମର୍ଥନ କରିପାରିବ। ଏହି ଟାଉନସିପ୍ ନିର୍ମାଣ କାର୍ଯ୍ୟରେ ରାଜମିସ୍ତ୍ରୀ, ଷ୍ଟିଲ୍ ଫିକ୍ସର୍, ଇଲେକ୍ଟ୍ରିସିଆନ୍, ପ୍ଲମ୍ବର, ସାଧାରଣ ଶ୍ରମିକ, ସାଇଟ୍ ସୁପରଭାଇଜର ଏବଂ ପ୍ରକଳ୍ପ ପରିଚାଳନା ଟିମ୍ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହା ସହିତ ନିର୍ମାଣ ସାମଗ୍ରୀ ଯୋଗାଣକାରୀ, ପରିବହନ ଓ ଲଜିଷ୍ଟିକ୍ସ ଅପରେଟର, ଉପକରଣ ଭଡ଼ା ସେବା ଏବଂ ସ୍ଥାନୀୟ ଠିକାଦାରଙ୍କ ଭଳି ସହଯୋଗୀ କ୍ଷେତ୍ରଗୁଡ଼ିକରେ ମଧ୍ୟ ନିଯୁକ୍ତିର ପ୍ରଭାବ ପଡ଼ିବ। ନିର୍ମାଣ କାର୍ଯ୍ୟ ପରେ ମଧ୍ୟ ଟାଉନସିପରେ ବାସିନ୍ଦାମାନେ ରହିବା ଆରମ୍ଭ କଲେ ସୁରକ୍ଷା, ହାଉସକିପିଂ, ରକ୍ଷଣାବେକ୍ଷଣ, ପରିବହନ ଏବଂ ଘରୋଇ ସେବା ଭଳି କ୍ଷେତ୍ରରେ ନିର'ର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟାଉନସିପ୍ ମଧ୍ୟରେ ପ୍ରସ୍ତାବିତ ପ୍ରାଇଡ୍ ୱାର୍ଲ୍ଡ ସ୍କୁଲ୍ ମଧ୍ୟ ଶିକ୍ଷକ, ଶିଶୁମାନଙ୍କ ଲାଳନ ପାଳନ ଏବଂ ସ୍କୁଲ୍ ସହାୟକ କର୍ମଚାରୀଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଆସୋଟେକ୍ ଗ୍ରୁପର ନିର୍ଦ୍ଦେଶକ ଆଦିତ୍ୟ ପ୍ରକାଶ କହିଛନ୍ତି, ଭୁବନେଶ୍ୱରରେ ସୁସଂଗଠିତ ରିଅଲ୍ ଇଷ୍ଟେଟ୍ ବିକାଶର ବ୍ୟାପକ ସମ୍ଭାବନା ରହିଛି। ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ପକ୍ଷରୁ ୭୫ କୋଟି ଟଙ୍କାର ପ୍ରକଳ୍ପ ଅର୍ଥ ମୁର ହେବା 'ଆସୋଟେକ୍ ୱାର୍ଲ୍ଡ' ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ। ଏହି ୩୦୦ ଏକରର ସମନ୍ୱିତ ଟାଉନସିପ୍ ଜରିଆରେ ଆମେ ସହରର ଆବାସିକ ଭିତିଭୂମିରେ ଯୋଗଦାନ କରିବା ସହିତ ପ୍ରକଳ୍ପ ଏବଂ ଏହା ସହ ଜଡ଼ିତ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ପ୍ରକଳ୍ପର ବିଶାଳ ପରିସର, ପ୍ରତିଷ୍ଠାନଗତ ଅର୍ଥାୟନ ଏବଂ ବ୍ୟାପକ ନିଯୁକ୍ତି ସମ୍ଭାବନାକୁ ଦୃଷ୍ଟିରେ ରଖି 'ଆସୋଟେକ୍ ୱାର୍ଲ୍ଡ' ଭୁବନେଶ୍ୱରର ପରିବର୍ତ୍ତନଶୀଳ ସହରୀ ଏବଂ ଆର୍ଥିକ ପରିଦୃଶ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିବାକୁ ଯାଉଛି।

# କୃଷି ରପ୍ତାନିକୁ ଓଡ଼ିଶାର ଅବହେଳା, ଦେଶର ରପ୍ତାନିରେ ଯୋଗଦାନ ମାତ୍ର ୦.୨୯%




**ଭୁବନେଶ୍ୱର(ବ୍ୟୁରୋ):** ରାଜ୍ୟ ଅର୍ଥନୀତିରେ କୃଷି ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ରାଜ୍ୟର ମୋଟ ଜିଡିପିରେ ଏ କ୍ଷେତ୍ରର ଯୋଗଦାନ ୧୯.୬% । ତେବେ ରାଜ୍ୟ କୃଷି ଉତ୍ପାଦନରେ ଦୃଢ଼ ଥିଲେ ମଧ୍ୟ ବିଦେଶକୁ ରପ୍ତାନି ଉପରେ ଧ୍ୟାନ ଦେଉନି । ଦେଶର ମୋଟ କୃଷି ରପ୍ତାନିରେ ଓଡ଼ିଶାର ଅଂଶ ୧%ରୁ ବି କମ୍ ରହିଛି । ୦.୨୯% ଅଂଶ ହାସଲ କରିଛି ରାଜ୍ୟ । ଫଳରେ ରପ୍ତାନିର ବଡ଼ ସୁଯୋଗ ହାସଲ କରିବାରେ ରାଜ୍ୟ ପଛରେ ରହିଥିବା କହିଛନ୍ତି ବିଶେଷଜ୍ଞ । ଶିଳ୍ପ ସଂଘ ଆସୋଚାମ ନିକଟରେ ଏକ ଅଧ୍ୟୟନରେ କୃଷି କ୍ଷେତ୍ରରେ ଓଡ଼ିଶାର ସମ୍ଭାବ୍ୟ ସ୍ଥିତି ଏବଂ ସମ୍ଭାବନାକୁ ଦର୍ଶାଯାଇଛି । ରିପୋର୍ଟ ମୁତାବକ, ରାଜ୍ୟ ୨୦୨୫-୨୬ ଅବଧିରେ ୬୬.୫ ନିଯୁତ ଡଲାରର କୃଷି ଜାତୀୟ ସାମଗ୍ରୀ ବିଦେଶକୁ ପଠାଇଛି । ୧.୫୮ ଲକ୍ଷ ଟନ୍ ବିଶିଷ୍ଟ ସାମଗ୍ରୀ ବିଦେଶକୁ ଯାଇଛି । ଏହାର ଅଧିକାଂଶ ଭାଗ ହେଉଛି ଅଣ-ବାସୁମତି ଚାଉଳ । ଏହାର ଅଂଶ ୩୮.୦୩ ନିଯୁତ ଡଲାର, ବାଦାମ ୫.୨୭ ନିଯୁତ ଡଲାର ଏବଂ ଅନ୍ୟ ବର୍ଗରେ ପ୍ରାୟ ୭ ନିଯୁତ ଡଲାର ରହିଛି । ଦେଶର ନେଟ୍ କୃଷି କାର୍ଯ୍ୟ ହେଉଥିବା ଅଞ୍ଚଳ କ୍ଷେତ୍ରରେ ଓଡ଼ିଶାର ଅଂଶ ୪% । ମୋଟ କୃଷି ଏରିଆକୁ ଦେଖିଲେ ଏହା ୪.୨% । ଦେଶର ଖାଦ୍ୟଶସ୍ୟ ଉତ୍ପାଦନରେ ମଧ୍ୟ ରାଜ୍ୟ ୪.୨% ଯୋଗଦାନ ଦେଉଛି । ଆର୍ଥିକ ବର୍ଷ ୨୦୨୫-୨୬ରେ ରାଜ୍ୟର କୃଷି କ୍ଷେତ୍ର ଅଭିବୃଦ୍ଧି ୫.୩% ରହିଛି । ଗତ ୧ ଦଶନ୍ଧି ଧରି ରାଜ୍ୟ ୪.୫% ହାରରେ ବଢ଼ିଛି । ଏହି ଅବଧି ଗୁଡିକରେ ଜାତୀୟ ସ୍ତରର ଅଭିବୃଦ୍ଧି ଯଥାକ୍ରମେ ୩.୧% ଏବଂ ୪.୪% ରହିଛି । ରାଜ୍ୟରେ ୧୩୫୦ ଖାଦ୍ୟ ପକ୍ରିୟାକରଣ ୟୁନିଟ ରହିଥିଲା । ଏ କ୍ଷେତ୍ରରେ ସାରା ଦେଶରେ ଓଡ଼ିଶାର ଅଂଶ ୩.୩% । ରାଜ୍ୟରେ ରହିଛି ୧୦ କୃଷି ପାଣିପାଗ ଅଞ୍ଚଳ । ଏହାକୁ ଦେଖିଲେ ରପ୍ତାନି ସମ୍ପ୍ରସାରଣ ହେବାର ବ୍ୟାପକ ସୁଯୋଗ ଓଡ଼ିଶାରେ ରହିଛି । ଧାନ, ଡାଲିଜାତୀୟ ଶସ୍ୟ, ଫଳ, ପନିପରିବା, ମସଲା, ସାମୁଦ୍ରିକ ଖାଦ୍ୟ ଭଳି କ୍ଷେତ୍ରରେ ରାଜ୍ୟର ଉତ୍ପାଦନ ନିରନ୍ତର ଭିତ୍ତିରେ ବଢୁଛି । ଏକାଧିକ ଜିଆଇ ଟ୍ୟାଗ ଯୁକ୍ତ ଉତ୍ପାଦ, ଅତ୍ୟାଧୁନିକ ଉତ୍ପାଦନ କ୍ଲଷ୍ଟର, ଭାଲ୍ୟୁ ଆଡେଡ୍ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପଗୁଡିକ ଏବେ ରାଜ୍ୟରେ ଉପସ୍ଥିତି ବଢ଼ାଉଛନ୍ତି । ଭିତ୍ତିଭୂମି ସଜାଡିଲେ ଓଡ଼ିଶା କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ୧ ବିଲିୟନ ଡଲାରର ରପ୍ତାନି ସୁଯୋଗ ହାସଲ କରିବାକୁ ସକ୍ଷମ ହେବ ବୋଲି ଶିଳ୍ପ ସଂଘ ଆସୋଚାମ ପ୍ରକାଶ କରିଛି । ଅନ୍ୟପଟେ ରାଜ୍ୟର ସାମୁଦ୍ରିକ ଖାଦ୍ୟ ରପ୍ତାନି ବେଶ ଆଖିଦୃଶିଆ ରହିଛି । ଏ କ୍ଷେତ୍ରରେ ଭିତ୍ତିଭୂମି ଆଗକୁ ଆହୁରି ଦୃଢ଼ ହେବା ନେଇ ଆଶା କରାଯାଉଛି । ରାଜ୍ୟର କୃଷି ଜାତୀୟ ସାମଗ୍ରୀ ଲାଗି ବଜାର ସୁବିଧା ଆବଶ୍ୟକ ବୋଲି ଏହି ରିପୋର୍ଟରେ କୁହାଯାଇଛି । ସେହିଭଳି ଶୀତଳ ଭଣ୍ଡାର, ରପ୍ତାନି ଗ୍ରେଡ୍ ପରୀକ୍ଷଣ, ଫୁଡ୍ ଗ୍ରେଡ ପ୍ୟାକେଜିଂ, ୱେୟାର ହାଉସିଂ, ରେଫର ଗ୍ରେଡ୍ ଲଜିଷ୍ଟିକ୍ସ, କମନ ୟୁଟିଲିଟି, ଟେକ୍ନୋଲୋଜି, ମେଣ୍ଟେନାନ୍ସ ସର୍ଭିସ, ଉତ୍ପାଦନକାରୀ ଏବଂ ସ୍ଥାନୀୟ ଯୋଗାଣକାରୀଙ୍କ ମଧ୍ୟରେ ମଧ୍ୟ ଦୃଢ଼ ସମ୍ପର୍କ ଆବଶ୍ୟକତା ରହିଛି । ରାଜ୍ୟ ପ୍ରସ୍ତାବିତ ଡେରାସ ଫୁଡ ପାର୍କ, ଡାଏରୀ ପ୍ରୋସେସିଂ, କଣ୍ଟ୍ରାକ୍ଟ ମାନୁଫାକଚରିଂ, ଆମ୍ବ, ସପୁରୀ, ଟମାଟୋ ଏବଂ କନ୍ଦମୂଳ ଭଳି ଫଳ ଓ ପନିପରିବା କ୍ଷେତ୍ରରେ ପ୍ରକ୍ରିୟାକରଣ ବଡ଼ ସୁଯୋଗ ଆଣିବାର ସମ୍ଭାବନା ରହିଛି । ଏହା ସହ ଫୁଡ୍ ପ୍ୟାକେଜିଂ, ରେଭଲ, ଶିଳ୍ପ ରେଫ୍ରିଜରେସନ, ଶୀତଳ ଭଣ୍ଡାର, ପରୀକ୍ଷାଗାର, ୱେରହାଉସିଂ ଏବଂ ଲଜିଷ୍ଟିକ୍ସ ଭଳି ଆନୁଷଙ୍ଗିକ କ୍ଷେତ୍ରକୁ ମଧ୍ୟ ଲାଭ ମିଳିବ । ଆସୋଚାମ ସଭାପତି ନିର୍ମଳ କେ ମିଣ୍ଡା କହିଛନ୍ତି, ବିସ୍ତୃତ କୃଷି ସହ ଓଡ଼ିଶା ଦେଶର ପ୍ରମୁଖ ଖାଦ୍ୟ ପ୍ରକ୍ରିୟାକରଣ ହବ୍ ହେବାର ସମ୍ଭାବନା ରଖେ । ନୀତିଗତ ପଦକ୍ଷେପ, ଶିଳ୍ପ ସହଯୋଗ, ଭିତ୍ତିଭୂମି ବିକାଶ ଜରିଆରେ ରାଜ୍ୟ ରପ୍ତାନିରେ ନିଜ ସ୍ଥାନକୁ ଆହୁରି ଦୃଢ଼ କରିବା ସହ ନିଯୁକ୍ତି ସୃଷ୍ଟି, କୃଷି ଆୟ ବୃଦ୍ଧି, ପ୍ରତିସ୍ପର୍ଦ୍ଧା କୃଷି ପ୍ରୋସେସିଂ ହବ୍ ଭାବେ ଉଭା ହୋଇପାରିବ ।

### ଜାତୀୟ ମହାକାଶ ଦିବସରେ ଯୁବପିଢ଼ିଙ୍କୁ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା

## ସବୁଠି ନିଜର ପ୍ରତିଭା ଦେଖାଉଛନ୍ତି ଜେନ୍-ଜି



**ନୂଆଦିଲ୍ଲୀ,୨୩।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ମହାକାଶ ଦିବସରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖି ଆହ୍ୱାନ ଦେଇଛନ୍ତି, ଆସନ୍ତୁ ବଡ଼ ସ୍ୱପ୍ନ ଦେଖିବା, ଅଧିକ ନୂତନ ଜିନିଷ ଉଦ୍ଭାବନ କରିବା ଏବଂ ନୂତନ ସୀମା ଅତିକ୍ରମ କରିବା। ଆମ ହାତରେ ତ୍ରିରଙ୍ଗା ଅଛି, ଆମ ପାଖରେ ମହାକାଶ ଅଛି, ଆମ ପାଖରେ ୧୪୦ କୋଟି ଦେଶବାସୀଙ୍କ ସ୍ୱପ୍ନ ଅଛି। ଏହା ହେଉଛି ଆମର ବଡ଼ ସଂକଳ୍ପ। ମୁଁ ଅଯୋଧ୍ୟାରେ କହିଥିଲି ଯେ, ଏହା ଏକ ନୂତନ ସମୟ ଚକ୍ରର ଆରମ୍ଭ। ନୂତନ ସମୟ ଚକ୍ରର ଉତ୍ପତ୍ତି। ନୂତନ ସମୟ କ୍ଷେତ୍ରରେ, ଭାରତ ବିଶ୍ୱ କ୍ରମରେ ନିରନ୍ତର ଭାବରେ ଏହାର ସ୍ଥାନ ବିସ୍ତାର କରୁଛି। ଏହା ଆମର ମହାକାଶ କାର୍ଯ୍ୟକ୍ରମରେ ମଧ୍ୟ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଆମେ ମିଳିତ ଭାବରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ସଂକଳ୍ପ ନେଇଛୁ। ଏହି ସଂକଳ୍ପ ହାସଲ କରିବାରେ ମହାକାଶ କ୍ଷେତ୍ରର ଏକ ବଡ଼ ଭୂମିକା ରହିଛି। ଆଜି ଆମର ଜେନ୍-ଜି ଇଞ୍ଜିନିୟର, ଜେନ୍-ଜି ଡିଜାଇନର, ଜେନ୍-ଜି କୋଡର ଏବଂ ଜେନ୍-ଜି ବୈଜ୍ଞାନିକମାନେ ନୂତନ ପ୍ରଯୁକ୍ତିବିଦ୍ୟା ସୃଷ୍ଟି କରୁଛନ୍ତି। ତାହା ପ୍ରୋପଲ୍‌ସନ ସିଷ୍ଟମ୍, କମ୍ପୋଜିଟ୍ ସାମଗ୍ରୀ, ରକେଟ୍ ପର୍ଯ୍ୟାୟ, ସାଟେଲାଇଟ୍ ପ୍ଲାଟଫର୍ମ ହେଉ, ଆଜି ଭାରତର ଯୁବପିଢ଼ି ଏପରି କ୍ଷେତ୍ରରେ କାମ କରୁଛନ୍ତି ଯାହା କିଛି ବର୍ଷ ପୂର୍ବେ ମଧ୍ୟ କଳ୍ପନା କରାଯାଇପାରୁ ନଥିଲା। ଜେନ୍-ଜି ନିଜର ପ୍ରତିଭା ଦେଖାଇବାରେ ଲାଗିଛନ୍ତି। ଭାରତର ମହାକାଶ ପ୍ରତିଭା ସାରା ବିଶ୍ୱରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି। ଆଜି, ଭାରତର ମହାକାଶ କ୍ଷେତ୍ର ବିଶ୍ୱ ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ହେବାକୁ ଯାଉଛି। ଇସ୍ରୋର ସଫଳତା ଦେଖି ଅନେକ ପିଲା ଭାବୁଛନ୍ତି ଯେ, ସେମାନେ ବଡ଼ ହୋଇ ବୈଜ୍ଞାନିକ ହେବେ। ରକେଟ୍ କାଉଣ୍ଟଡାଉନ୍ ଲକ୍ଷ ଲକ୍ଷ ପିଲାଙ୍କୁ ପ୍ରେରଣା ଦେଉଛି। ପ୍ରତ୍ୟେକ ଘରେ କାଗଜ ଏରୋପ୍ଲେନ୍ ଉଡ଼ାଉଥିବା ପିଲା ସେ ବଡ଼ ହୋଇ ଜଣେ ଏରୋନଟିକାଲ୍ ଇଞ୍ଜିନିୟର ହେବାକୁ ଚାହୁଁଛନ୍ତି, ସେମାନେ ବୈଜ୍ଞାନିକ ହେବାକୁ ଚାହୁଁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରତିବର୍ଷ ଅଗଷ୍ଟ ୨୩ ତାରିଖରେ ଭାରତରେ ଜାତୀୟ ମହାକାଶ ଦିବସ ପାଳନ କରାଯାଏ। ଏହି ଦିନଟି ୨୦୨୩ ମସିହାରେ ଚନ୍ଦ୍ରାୟନ-୩ ମିଶନର ବିକ୍ରମ ଲ୍ୟାଣ୍ଡରର ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଐତିହାସିକ ସଫ୍ଟ ଅବତରଣକୁ ସ୍ମରଣ କରିଥାଏ। ଏହି ସଫଳତା ସହିତ, ଭାରତ ଚନ୍ଦ୍ରର ଏହି ଅଂଶରେ ପହଞ୍ଚିବାରେ ବିଶ୍ୱର ପ୍ରଥମ ଦେଶ ପାଲଟିଛି। ଚନ୍ଦ୍ରାୟନ-୩ର ସଫଳତା ଭାରତର ମହାକାଶ କାର୍ଯ୍ୟକ୍ରମ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ଭାବରେ ପରିଚିତ ହୋଇଛି। ଏହା ମାଧ୍ୟମରେ ଦେଶ ନିଜ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷମତାର ବର୍ଦ୍ଧିତ ଶକ୍ତିକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିଥିଲା।

## ବାଂଲାଦେଶରେ ହିନ୍ଦୁ ପରିବାରର ୪ ସଦସ୍ୟଙ୍କୁ ହତ୍ୟା

### ବନ୍ଦଘରୁ ମିଳିଲା ମୃତଦେହ



**ନୂଆଦିଲ୍ଲୀ,୨୩।୮:** ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସଂପ୍ରଦାୟ ବିରୋଧରେ ପୁଣି ଆରମ୍ଭ ହୋଇଯାଇଛି ଆକ୍ରମଣ। ହିନ୍ଦୁ ପରିବାରର ୪ ଜଣଙ୍କୁ ଅତ୍ୟନ୍ତ ନିର୍ମମ ଭାବେ କରାଯାଇଛି ହତ୍ୟା। ବନ୍ଦ ଘର ଭିତରୁ ମିଳିଛି ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ। ଏମାନଙ୍କ ମଧ୍ୟରେ ଜଣେ ୧୨ ବର୍ଷର ବାଳକ ମଧ୍ୟ ରହିଛନ୍ତି। ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ, ତାଙ୍କ ପତ୍ନୀ, ଝିଅ ଓ ୧୨ ବର୍ଷର ପୁଅ ହତ୍ୟାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ବାଂଲାଦେଶର ରଙ୍ଗପୁର ସିଟି ସ୍ଥିତ ଶିକ୍ଷକଙ୍କ ଘର ଭିତରୁ ୪ ଜଣଙ୍କ ମୃତଦେହ ମିଳିବା ପରେ ହଇଚଇ ସୃଷ୍ଟି ହୋଇଛି। ଦାସପଡ଼ା ଅଞ୍ଚଳରେ ରହୁଥିଲେ ରଙ୍ଗପୁର ଜିଲ୍ଲା ସ୍କୁଲର ପୂର୍ବତନ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ। ଶନିବାର ରାତି ୧୧.୩୦ରେ ସେ ରହୁଥିବା ଘରୁ ଭିତରୁ ମିଳିଥିଲା ୪ ଜଣଙ୍କ ମୃତଦେହ। ଏହି ଘରଟି ବନ୍ଦ ରହିଥିଲା। କିନ୍ତୁ ପୁଲିସ୍ କବାଟ ଭାଙ୍ଗି ଘର ଭିତରୁ ୪ ଜଣଙ୍କ ମୃତଦେହ ଠାବ କରିଛି। ଗଣପତିଙ୍କ ସମେତ ତାଙ୍କ ପତ୍ନୀ ପ୍ରୀତିଲତା, ଝିଅ ଅଗ୍ନି ଚକ୍ରବର୍ତ୍ତୀ ପ୍ରାପ୍ତି ଓ ପୁଅ ପ୍ରିୟମଙ୍କ ମୃତଦେହକୁ ପୁଲିସ୍ ଜବତ କରିଛି। ଗଣପତି ଗତବର୍ଷ ଡିସେମ୍ବର ୩୧ରେ ରଙ୍ଗପୁର ଜିଲ୍ଲା ସ୍କୁଲରୁ ଅବସର ନେଇଥିଲେ। ତାଙ୍କ ଝିଅ ଅଗ୍ନି ଚଳିତ ବର୍ଷ ଇଂରାଜୀରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପୁଅ ପ୍ରିୟ ୫ମ ଶ୍ରେଣୀରେ ପଢୁଥିଲେ। ସବୁ କିଛି ଠିକଠାକ ଚାଲିଥିବା ବେଳେ ହଠାତ୍ ଗୁରୁବାର ମଧ୍ୟାହ୍ନରୁ ଗଣପତି ଓ ତାଙ୍କ ପରିବାର ସଦସ୍ୟଙ୍କ ଦେଖା ମିଳି ନଥିଲା। ସେହିପରି ସମ୍ପର୍କୀୟଙ୍କମାନେ ସେମାନଙ୍କ ସହ ଯୋଗାଯୋଗ କରି ନପାରିବାକୁ ସନ୍ଦେହ ବଢ଼ିଥିଲା। ପ୍ରୀତିଲତାଙ୍କ ସାନ ଭଉଣୀ ପୂଜାଙ୍କ କହିବା କଥା ଯେ ସେ ଗୁରୁବାର ମଧ୍ୟାହ୍ନରେ ଶେଷଥର ପାଇଁ ତାଙ୍କ ଭଉଣୀଙ୍କ ସହ କଥା ହୋଇଥିଲେ। ହେଲେ ଦିନକ ପରେ ପରିବାରର ୪ ଜଣ ସଦସ୍ୟଙ୍କ ଫୋନ ଏକାସଙ୍ଗେ ବନ୍ଦ ହୋଇଯାଇଥିଲା।

ସେ କହିଛନ୍ତି, "ଆମେ ଶନିବାର ରାତିରେ ଦାସପଡ଼ା ଆସିଥିଲୁ। ଏହି ସମୟରେ ଘରର ମୁଖ୍ୟ ଗେଟ ବନ୍ଦ ଥିଲା। ଘର ଭିତରେ ଲାଇଟ ମଧ୍ୟ ଜଳୁ ନଥିଲା। ଏହାକୁ ଦେଖି ଆମେ ପୁଲିସ୍‌କୁ ଖବର ଦେଇଥିଲୁ। ପୁଲିସ୍ ଲକ ଭାଙ୍ଗି ଘର ଭିତରେ ପଶିଥିଲା। ଏହି ସମୟରେ ସମସ୍ତଙ୍କ ମୃତଦେହ ଘର ଭିତରେ ପଡ଼ିଥିବା ଦେଖିବାକୁ ମିଳିଥିଲା।"

## ବିଷାକ୍ତ ମଦଜନିତ ମୃତ୍ୟୁ ସଂଖ୍ୟା ୧୩ରେ ପହଞ୍ଚିଲା



**ଅହମଦାବାଦ,୨୩।୮:** ଗୁଜରାଟର ଭାବନଗର ଜିଲ୍ଲାରେ ବିଷାକ୍ତ ମଦ ପିଇବା ଯୋଗୁଁ ରବିବାର ସୁଦ୍ଧା ୧୩ ଜଣଙ୍କର ମୃତ୍ୟୁ ହୋଇଛି। ରବିବାର ଚିକିତ୍ସାଧୀନ ଅବସ୍ଥାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା। ମୁକେଶ ଦାମୋର (୩୬) ଓ ଭାର୍ଗବ ଉପାଧ୍ୟାୟ (୪୨)ଙ୍କ ସମେତ ଗତ ଦୁଇ ଦିନ ମଧ୍ୟରେ ୫ ଜଣଙ୍କର ମୃତ୍ୟୁ ହୋଇଛି। ଦାମୋର ସିଭିଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଉପାଧ୍ୟାୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏବେବି ତିନି ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅତି କମ୍‌ରେ ୬୭ ଜଣ ଲୋକ ମିଥାନଲ ନାମକ ଅତ୍ୟନ୍ତ ବିଷାକ୍ତ ପଦାର୍ଥ ଥିବା ମଦ ପିଇଥିଲେ। ତେବେ ଏହି ମଦ ପିଇଥିବା ଅନ୍ୟ ୨୪ ଜଣଙ୍କର ଡାକ୍ତରୀ ପରୀକ୍ଷାପରେ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିବା ଜଣେ ଅଧିକାରୀ କହିଛନ୍ତି। ଗୁଜରାଟରେ ମଦ ଉତ୍ପାଦନ, ବିକ୍ରି ଓ ପିଇବା ମନା ହୋଇଥିଲେ ମଧ୍ୟ ଭାରତରେ ପ୍ରସ୍ତୁତ ବିଦେଶୀ ମଦ ପିଇବା ପରେ ୨୦ରୁ ଅଧିକ ଲୋକ ଅସୁସ୍ଥ ହୋଇପଡ଼ିଥିଲେ। ଏହି ମାମଲାରେ ପୁଲିସ ୨୧ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ୧୩ ଜଣଙ୍କୁ ଗିରଫ କରିଛି। ଗୁରୁବାର ଏକ ସ୍ଥାନୀୟ କୋର୍ଟ ଗିରଫ ଅଭିଯୁକ୍ତଙ୍କୁ ୧୦ ଦିନ ପାଇଁ ପୁଲିସ ହେପାଜତକୁ ପଠାଇ ଦେଇଥିଲେ। ଫରେନସିକ୍ ସାଇନ୍ସ ଲାବୋରେଟୋରୀ ରିପୋର୍ଟ ଅନୁଯାୟୀ ମଦରେ ୩୮.୫୯ ପ୍ରତିଶତ ମିଥାନଲ ଥିବାବେଳେ ୦.୯୪ ପ୍ରତିଶତ ଇଥାନଲ ରହିଥିଲା।

### କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ ଦାବି

## ପୁଣି ଆନ୍ଦୋଳନ କରିବାକୁ ସିଜେପିର ଚେତାବନୀ



**ନୂଆଦିଲ୍ଲୀ,୨୩।୮:** ଜନ୍ତର ମନ୍ତରରେ ଚାଲିଥିବା ବିରୋଧ ପ୍ରଦର୍ଶନ ସମୟରେ କେନ୍ଦ୍ର ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଦାବି କରିଛି କକ୍ରୋଚ ଜନତା ପାର୍ଟି (ସିଜେପି)। ରବିବାର ଜାରି କରିଥିବା ବୟାନରେ ସଂଗଠନ କେନ୍ଦ୍ର ସରକାରଙ୍କ ଉପରେ ଯୁବବର୍ଗଙ୍କୁ ଧୋକା ଦେବା ଏବଂ ସେମାନଙ୍କ ବିଶ୍ୱାସ ଭାଙ୍ଗିବା ଭଳି ଗୁରୁତର ଅଭିଯୋଗ ଆଣିଛି । ସିଜେପି କହିଛି ଯେ, ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଶେଷ କରାଇବା ସମୟରେ ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ଆନ୍ଦୋଳନକାରୀମାନେ ରାସ୍ତାରୁ ହଟିବା ପରେ ସେହି ପ୍ରତିଶ୍ରୁତିରୁ ଓହରିଯିବା ଉଚିତ ନୁହେଁ । ଯୁବବର୍ଗଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଅକ୍ଷରେ ଅକ୍ଷରେ ଏବଂ ତାହାର ମୂଳ ଭାବନା ଅନୁସାରେ ପୂରଣ କରାଯିବା ଦରକାର ବୋଲି ସଂଗଠନ ଦାବି କରିଛି । ଛାତ୍ର ଆନ୍ଦୋଳନ ସମୟରେ ଦାଖଲ ହୋଇଥିବା ଏଫଆଇଆର୍ ରଦ୍ଦ କରିବା ପାଇଁ କୋର୍ଟ ପକ୍ଷରୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ସରକାର ଏପର୍ଯ୍ୟନ୍ତ ଆବଶ୍ୟକ ତାଲିକା ଦାଖଲ କରିନାହିଁ ବୋଲି ସିଜେପି ଅଭିଯୋଗ କରିଛି । ସଂଗଠନ ଆହୁରି କହିଛି ଯେ, ଆନ୍ଦୋଳନ ପ୍ରତ୍ୟାହାର କରାଇବା ସମୟରେ ଖବରଦାତା ସମ୍ମିଳନୀ ଜରିଆରେ ସରକାର ପ୍ରତିଶ୍ରୁତି ଦେଇଥିଲେ। ଏବେ ସେହି ପ୍ରତିଶ୍ରୁତିକୁ ବିଳମ୍ବ କରିବା କିମ୍ବା ଭିନ୍ନ ଅର୍ଥ କରିବା ଯୁବବର୍ଗଙ୍କ ବିଶ୍ୱାସ ପ୍ରତି ଗୁରୁତର ଆଘାତ ହେବ ବୋଲି ସିଜେପି କହିଛି। ସିଜେପି ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବାର ସଙ୍କେତ ଦେଇଛି । ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ ପାଇଁ ଅଗଷ୍ଟ ୨୪ରେ ବୈଠକ ହେବ ବୋଲି ସଂଗଠନ କହିଛି । ଏହା ସହ ଦେଶର ଛାତ୍ର, ଯୁବବର୍ଗ, ସମର୍ଥକ ଓ କର୍ମୀମାନଙ୍କୁ ଆଗାମୀ ଘଟଣାକ୍ରମ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦିଆଯାଇଛି । ସଂଗଠନର ଦାବି ଅନୁସାରେ, ଏହି ବିରୋଧ ପ୍ରଦର୍ଶନ ଯୋଗୁଁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା। ଯୁବପିଢ଼ିଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ପଛକୁ ହଟିବୁ ନାହିଁ ବୋଲି ସିଜେପି ଚେତାବନୀ ଦେଇଛି ।

## ଚୁଟ୍‌କୀରେ...

### ଚାଇନା ଯିବେ ଅଜିତ ଡୋଭାଲ

**ନୂଆଦିଲ୍ଲୀ,୨୩।୮:** ଭାରତ ଏବଂ ଚାଇନା ମଧ୍ୟରେ ସୀମା ବିବାଦ ସମ୍ପର୍କରେ ପୁଣି ଥରେ କୂଟନୈତିକ ଆଲୋଚନା ଆଗକୁ ବଢ଼ିବାକୁ ଯାଉଛି। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସୋମବାର (୨୪ ଅଗଷ୍ଟ, ୨୦୨୬) ବେଜିଂରେ ପହଞ୍ଚିବେ। ସେଠାରେ ସେ ତାଙ୍କର ଚାଇନା ପ୍ରତିପକ୍ଷ ୱାଙ୍ଗ ୟିଙ୍କ ସହ ଭାରତ-ଚାଇନା ସ୍ୱତନ୍ତ୍ର ପ୍ରତିନିଧି (ଏସଆର) ଆଲୋଚନାରେ ଅଂଶଗ୍ରହଣ କରିବେ। ସରକାରୀ ସୂତ୍ର ଅନୁଯାୟୀ, ଅଜିତ ଡୋଭାଲ ଏବଂ ୱାଙ୍ଗ ୟି ମଙ୍ଗଳବାର ସୀମା ପ୍ରସଙ୍ଗରେ ୨୫ତମ ପର୍ଯ୍ୟାୟ ସ୍ୱତନ୍ତ୍ର ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିବେ। ଅଜିତ ଡୋଭାଲ ଏବଂ ୱାଙ୍ଗ ୟି ଉଭୟ ଭାରତ-ଚାଇନା ସୀମା ଆଲୋଚନା ପାଇଁ ମନୋନୀତ ସ୍ୱତନ୍ତ୍ର ପ୍ରତିନିଧି। ଏହି ସ୍ୱତନ୍ତ୍ର ପ୍ରତିନିଧି ବ୍ୟବସ୍ଥା ଦୁଇ ରାଷ୍ଟ୍ର ମଧ୍ୟରେ ସୀମା ବିବାଦର ସମାଧାନ ପାଇଁ ପ୍ରତିଷ୍ଠିତ ହୋଇଥିଲା। ଏହି ଆଲୋଚନାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଭାରତ ଏବଂ ଚାଇନା ମଧ୍ୟରେ ଦୀର୍ଘକାଳୀନ ସୀମା ବିବାଦର ରାଜନୈତିକ ଏବଂ କୂଟନୈତିକ ସମାଧାନ ଖୋଜିବା। ଉଭୟ ଦେଶ ଅନେକ କ୍ଷେତ୍ରରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି) ସମ୍ପର୍କରେ ଭିନ୍ନ ଭିନ୍ନ ମତ ରଖିଛନ୍ତି। ସୀମା ବିବାଦର ଏକ ବ୍ୟାପକ ସମାଧାନ ପାଇଁ ଭାରତ ଏବଂ ଚାଇନା ୨୦୦୩ ମସିହାରେ ସ୍ୱତନ୍ତ୍ର ପ୍ରତିନିଧି ବ୍ୟବସ୍ଥା ସ୍ଥାପନ କରିଥିଲେ। ଏହି ବ୍ୟବସ୍ଥା ଅନୁଯାୟୀ, ଉଭୟ ଦେଶର ବରିଷ୍ଠ ପ୍ରତିନିଧି ସୀମା ସହ ଜଡିତ ଜଟିଳ ପ୍ରସଙ୍ଗ ଉପରେ ସିଧାସଳଖ ଆଲୋଚନାରେ ସାମିଲ ହୁଅନ୍ତି। ଭାରତ ଏବଂ ଚାଇନା ମଧ୍ୟରେ ପ୍ରାୟ ୩,୪୮୮ କିଲୋମିଟର ବ୍ୟାପୀ ସୀମାକୁ ନେଇ ବିବାଦ ରହିଛି, ଉଭୟ ଦେଶ ସୀମାର ବିଭିନ୍ନ ଅଂଶ ଉପରେ ପରସ୍ପର ବିରୋଧୀ ଦାବି କରୁଛନ୍ତି।

### ଜାପାନରେ ଶକ୍ତିଶାଳୀ ଭୂମିକମ୍ପ: ୨୦ ଆହତ

**ନୂଆଦିଲ୍ଲୀ,୨୩।୮:** ଜାପାନରେ ୫.୯ ତୀବ୍ରତାର ଏକ ଭୂମିକମ୍ପ ହୋଇଛି । ଏହାର ଝଟକା ରାଜଧାନୀ ଟୋକିଓ ସମେତ ଇବାରାକି, ଚିବା ଓ ସାଇତାମାରେ ଅନୁଭୂତ ହୋଇଛି । ଭୂମିକମ୍ପର କେନ୍ଦ୍ର ଇବାରାକିର ଦକ୍ଷିଣ ଅଞ୍ଚଳରେ ଭୂପୃଷ୍ଠଠାରୁ ପ୍ରାୟ ୭୦ କିଲୋମିଟର ତଳେ ଥିଲା । ଭୂମିକମ୍ପ ପରେ ସୁନାମିର କୌଣସି ବିପଦ ନାହିଁ ବୋଲି କୁହାଯାଇଛି । ଇବାରାକିରେ ଅତି କମରେ ୨୦ ଜଣ ଆହତ ହୋଇଥିବା ଖବର ମିଳିଛି । ଆହୁରି କେତେ ଜଣ ଆହତ ହୋଇଛନ୍ତି, ସେନେଇ ଯାଞ୍ଚ ଚାଲିଛି । ଭୂମିକମ୍ପ ଯୋଗୁଁ ଟୋକିଓରୁ ନାରିତା ବିମାନବନ୍ଦର ମଧ୍ୟରେ ଚାଲୁଥିବା କିଛି ଏକ୍ସପ୍ରେସ୍ ଟ୍ରେନ୍ ଏବଂ ସ୍ଥାନୀୟ ଟ୍ରେନ୍ ଚଳାଚଳରେ ବିଳମ୍ବ ହୋଇଛି । ତେବେ ଶିଙ୍କାନସେନ୍ ବୁଲେଟ୍ ଟ୍ରେନ୍ ସାଧାରଣ ଭାବେ ଚାଲୁଥିଲା । ଭୂମିକମ୍ପ ପରେ ପ୍ରଧାନମନ୍ତ୍ରୀ ସାନାଏ ତାକାଇଚି ସମ୍ଭାବ୍ୟ କ୍ଷୟକ୍ଷତିର ଆକଳନ ପାଇଁ ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି । ଲୋକଙ୍କ ମୋବାଇଲ୍ ଫୋନରେ ମଧ୍ୟ ଭୂମିକମ୍ପ ସମ୍ପର୍କିତ ଜରୁରୀକାଳୀନ ସତର୍କ ସୂଚନା ଆସିଥିଲା ।

### ୟୁକ୍ରେନକୁ କ୍ଷେପଣାସ୍ତ୍ର ଇଣ୍ଟରସେପ୍ଟର ଯୋଗାଇବ ଫ୍ରାନ୍ସ

**ପ୍ୟାରିସ୍,୨୩।୮:** ରୁଷ ବିରୋଧୀ ଯୁଦ୍ଧରେ ଫ୍ରାନ୍ସ ୟୁକ୍ରେନ ପାଇଁ ନୂତନ ମିସାଇଲ ଇଣ୍ଟରସେପ୍ଟର ଘୋଷଣା କରିଛି । ଏଗୁଡ଼ିକ ମଝି ଆକାଶରେ ରୁଷିଆ ମିସାଇଲଗୁଡ଼ିକୁ ନଷ୍ଟ କରିବାରେ ସାହାଯ୍ୟ କରିବ। ରୁଷ ଏବଂ ୟୁକ୍ରେନ ପ୍ରାୟ ସାଢ଼େ ଚାରି ବର୍ଷ ଧରି ଯୁଦ୍ଧରେ ଅଛନ୍ତି। ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଏବଂ ପୋଲାଣ୍ଡ ଭଳି ୟୁରୋପୀୟ ଦେଶଗୁଡ଼ିକ ରୁଷ ବିରୋଧରେ ଅସ୍ତ୍ରଶସ୍ତ୍ର ଯୋଗାଇ ୟୁକ୍ରେନକୁ ସହାୟତା କରୁଛନ୍ତି। ୟୁକ୍ରେନକୁ ମିସାଇଲ ଇଣ୍ଟରସେପ୍ଟର ଯୋଗାଇବା ପାଇଁ ଫ୍ରାନ୍ସର ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ରୁଷ ଗତ କିଛି ମାସ ମଧ୍ୟରେ ୟୁକ୍ରେନ ଉପରେ ଆକ୍ରମଣକୁ ତୀବ୍ର କରିଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି, ୟୁକ୍ରେନର ଆକାଶକୁ ସୁରକ୍ଷା ଦେବା ଏବଂ ରୁଷ ଆକ୍ରମଣକୁ ପ୍ରତିହତ କରିବା ପାଇଁ ମିସାଇଲ ଇଣ୍ଟରସେପ୍ଟର ଯୋଗାଇବା ଅତ୍ୟନ୍ତ ଜରୁରୀ। ଗତ କିଛି ମାସ ମଧ୍ୟରେ ରୁଷ ୟୁକ୍ରେନ ବିରୋଧରେ ବିମାନ ଆକ୍ରମଣକୁ ଜୋରଦାର୍ କରିଛି। ରୁଷ ସ୍ୱତନ୍ତ୍ର ଭାବରେ ୟୁକ୍ରେନର ରାଜଧାନୀ କିଭ୍‌ରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସାହାଯ୍ୟରେ ଆକ୍ରମଣ କରୁଛି। ବାଲିଷ୍ଟିକ୍ କ୍ଷେପଣାସ୍ତ୍ରଗୁଡ଼ିକ ଦ୍ରୁତ ଗତିରେ ଲକ୍ଷ୍ୟସ୍ଥଳରେ ପହଞ୍ଚିଥାଏ, ତେଣୁ ସତର୍କତା ପାଇବା ପରେ ମଧ୍ୟ ଲୋକମାନେ ଭୂତଳ ବଙ୍କର କିମ୍ବା ଆଶ୍ରୟସ୍ଥଳରେ ପହଞ୍ଚିବା ପାଇଁ ସମୟ ପାଉ ନାହାନ୍ତି। ୟୁକ୍ରେନ ପାଖରେ ପୂର୍ବରୁ ଆଧୁନିକ କ୍ଷେପଣାସ୍ତ୍ର ଇଣ୍ଟରସେପ୍ଟରର ଅଭାବ ରହିଛି। ଆମେରିକୀୟ ପାଟ୍ରିଅଟ୍ ସିଷ୍ଟମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେବେ ୟୁକ୍ରେନ ନିଜସ୍ୱ ଅସ୍ତ୍ରଶସ୍ତ୍ର ସାହାଯ୍ୟରେ ରୁଷ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରଗୁଡ଼ିକୁ ପ୍ରତିରୋଧ କରିବାକୁ ସକ୍ଷମ ହୋଇ ପାରୁନାହିଁ।

### ହିମାଚଳରେ ମୌସୁମୀ ବର୍ଷାର ତାଣ୍ଡବ

## ୫୫ ଦିନରେ ୨୨୪ ମୃତ

**ଶିମଲା,୨୩।୮:** ହିମାଚଳ ପ୍ରଦେଶରେ ଚଳିତ ବର୍ଷ ମୌସୁମୀ ବର୍ଷା ଭୟଙ୍କର ବିପର୍ଯ୍ୟୟ ସୃଷ୍ଟି କରିଛି। ଜୁନ୍ ୩୦ରୁ ଅଗଷ୍ଟ ୨୩ ପର୍ଯ୍ୟନ୍ତ ୫୫ ଦିନ ମଧ୍ୟରେ ରାଜ୍ୟରେ ବର୍ଷାଜନିତ ବିପର୍ଯ୍ୟୟ ଓ ସଡ଼କ ଦୁର୍ଘଟଣାରେ ମୋଟ ୨୨୪ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରୁ ୯୧ ଜଣଙ୍କ ମୃତ୍ୟୁ ଭୂସ୍ଖଳନ, ବାଦଲ ଫଟା ବର୍ଷା, ବୁଡ଼ିଯିବା ଓ ଅନ୍ୟ ବର୍ଷାଜନିତ ଘଟଣାରେ ହୋଇଥିବା ବେଳେ ସଡ଼କ ଦୁର୍ଘଟଣାରେ ୧୩୩ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା କେନ୍ଦ୍ରର ରବିବାର ସକାଳର ତଥ୍ୟ ଅନୁସାରେ, ତାଜା ବର୍ଷା ପରେ ରାଜ୍ୟର ୧୪୯ଟି ରାସ୍ତା ଏବେ ବି ଅବରୋଧ ହୋଇ ରହିଛି। ଶନିବାର ସନ୍ଧ୍ୟାରେ ଏହି ସଂଖ୍ୟା ୯୮ ଥିବା ବେଳେ ରବିବାର ସକାଳ ସୁଦ୍ଧା ଏହା ୧୪୯କୁ ବଢ଼ିଛି। ଭୂସ୍ଖଳନ, ରାସ୍ତା ଉପରେ ମାଟି ଓ ପଥର ପଡ଼ିବା ଏବଂ ରାସ୍ତା ଭିତ୍ତିଭୂମି ନଷ୍ଟ ହେବା ଯୋଗୁଁ ଯାତାୟାତ ପ୍ରଭାବିତ ହୋଇଛି। ରାସ୍ତା ଅବରୋଧ ଦୃଷ୍ଟିରୁ ମଣ୍ଡି ଜିଲ୍ଲା ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଏଠାରେ ୮୬ଟି ରାସ୍ତା ବନ୍ଦ ଥିବା ବେଳେ କୁଲ୍ଲୁରେ ୩୧, ଶିମଲାରେ ୧୦, ଚମ୍ବା ଓ କାଙ୍ଗଡ଼ାରେ ୮ଟି ଲେଖାଏଁ ରାସ୍ତା ଅବରୋଧ ହୋଇଛି। ବର୍ଷା ଯୋଗୁଁ ବିଦ୍ୟୁତ୍ ଓ ପାନୀୟ ଜଳ ଯୋଗାଣ ମଧ୍ୟ ପ୍ରଭାବିତ ହୋଇଛି। ମୌସୁମୀ ବର୍ଷାରେ ରାଜ୍ୟର ମୋଟ କ୍ଷୟକ୍ଷତି ୧,୧୨୧ କୋଟି ଟଙ୍କା ଅତିକ୍ରମ କରିଛି। ଏଥିରେ ସରକାରୀ ଭିତ୍ତିଭୂମି, ଘର, ରାସ୍ତା, ବିଦ୍ୟୁତ୍, ଜଳ ଯୋଗାଣ ବ୍ୟବସ୍ଥା, ଫସଲ ଓ ଅନ୍ୟ ସମ୍ପତ୍ତିର କ୍ଷତି ସାମିଲ ରହିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି।

## ପୋଲିସ୍‌କୁ ମରଣାନ୍ତକ ଆକ୍ରମଣ: ୩ ଆହତ

**ନୂଆଦିଲ୍ଲୀ,୨୩।୮:** ପୁଲିସ୍ ତାର କାମ କରୁଥିଲା । ଏଥିରେ ଉତ୍ୟକ୍ତ ହୋଇ ଗୋଟିଏ ପରିବାର ପୁଲିସ୍ ଉପରକୁ ଲଙ୍କାଗୁଣ୍ଡ ମାଡ ସହ ଇଟା ଏବଂ ପଥର ମାଡ଼ କରିଛନ୍ତି । ରାଜଧାନୀ ଦିଲ୍ଲୀର ଭାଲସ୍ୱା ଡାଏରୀ ଅଞ୍ଚଳରୁ ଏକା ଆଶ୍ଚର୍ଯ୍ୟକର ଘଟଣା ସାମ୍ନାକୁ ଆସିଛି । ଆଇନ ଶୃଙ୍ଖଳାକୁ ଚ୍ୟାଲେଞ୍ଜ କରୁଥିବା ଏକ ସମ୍ବେଦନଶୀଳ ଘଟଣା ଘଟିଛି । ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀଙ୍କୁ ମୁକୁନ୍ଦପୁରର ଜନତା ଆକ୍ରମଣ କରିଛନ୍ତି । ପୁଲିସ୍ ରେଗୁଲାର ପାଟ୍ରୋଲିଂ କରୁଥିଲା । କାଗଜପତ୍ର ନଥିବା ଏକ ବାଇକକୁ ଥାନାକୁ ନେବାରୁ କ୍ରୋଧିତ ହୋଇ ବାଇକ୍ ମାଲିକ ଓ ତାଙ୍କ ପରିବାର ହଠାତ୍ ପୁଲିସ ଟିମ୍ ଉପରେ ଆକ୍ରମଣ କରିଛନ୍ତି। ପୁଲିସ୍ ଆଖିକୁ ଲଙ୍କାଗୁଣ୍ଡ ଫିଙ୍ଗିବା ସହ ଇଟା ଏବଂ ପଥର ମାଡ଼ କରିଛନ୍ତି । ଏଥିରେ ୩ ଜଣ ପୁଲିସ୍ ଆହତ ହୋଇଛନ୍ତି । ଘଟଣାରେ ଜଣେ ନାବାଳକଙ୍କୁ ହେପାଜତକୁ ନେଇଛି ପୁଲିସ୍ । ଦିଲ୍ଲୀ ପୁଲିସ୍ ସୂଚନାଅନୁସାରେ,ପୁଲିସ କର୍ମଚାରୀମାନେ ଉକ୍ତ ଅଞ୍ଚଳରେ ଯାଞ୍ଚ କରୁଥିବା ବେଳେ ଏହି ଘଟଣା ଘଟିଛି । ପୁଲିସ ବିନା କାଗଜପତ୍ରରେ ମିଳିଥିବା ବାଇକକୁ ଜବତ କରି ଥାନାକୁ ନେବା ପ୍ରକ୍ରିୟା ଆରମ୍ଭ କରିବା ମାତ୍ରେ ବାଇକ୍ ମାଲିକ ଏବଂ ତାଙ୍କ ପରିବାର ସଦସ୍ୟ କ୍ରୋଧିତ ହୋଇଥିଲେ । ଆକ୍ରମଣକାରୀ ପ୍ରଥମେ ପୁଲିସ କର୍ମଚାରୀଙ୍କ ଆଖିକୁ ଲଙ୍କା ଗୁଣ୍ଡ ଫିଙ୍ଗିବା ପରେ ଇଟା, ପଥର ଓ ବାଡ଼ିରେ ଆଖିବୁଜା ଆକ୍ରମଣ କରିଥିଲେ । ପାଟି ଶୁଣି ସାହାଯ୍ୟ କରିବାକୁ ଆସିଥିବା ଏଚ୍ ସି ଟିନୁଙ୍କୁ ମଧ୍ୟ ଆକ୍ରମଣ କରିଥିଲେ । ୩ ପୁଲିସ କର୍ମଚାରୀ ଆହତ,ହେପାଜତରେ ନାବାଳକ-ଏହି ଆକ୍ରମଣରେ ହେଡ୍ କନେଷ୍ଟବଳ ଦୀନେଶଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଛି । ୩ ଜଣ ପୁଲିସ କର୍ମଚାରୀ ଆହତ ହୋଇଛନ୍ତି । ସେମାନଙ୍କୁ ତୁରନ୍ତ ଡାକ୍ତରଖାନା ନିଆଯାଇଛି ।

### ଆମେରିକା ରାଷ୍ଟ୍ରଦୂତ ଗୋର୍‌ଙ୍କ ସୂଚନା

## ଭାରତ ସହ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ



**ନୂଆଦିଲ୍ଲୀ,୨୩।୮:** ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ନୀତିଗତ ଦୃଷ୍ଟିରୁ ପ୍ରାୟତଃ ଚୂଡ଼ାନ୍ତ ହୋଇସାରିଛି। ଏ ନେଇ କେବଳ ଆଇନଗତ ଓ ବୈଷୟିକ ବିଷୟବସ୍ତୁ ଚୂଡ଼ାନ୍ତ ହେବା କାର୍ଯ୍ୟ ରହିଛି ବୋଲି ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ ସର୍ଜିଓ ଗୋର କହିଛନ୍ତି। ରାଜିନାମା ବିଳମ୍ବ ହେବାର ଏହା ଏକ କାରଣ ବୋଲି ସେ କହିଛନ୍ତି। ଗତ ମେ ମାସରେ ଆମେରିକାର ବିଦେଶ ସଚିବ ମାର୍କୋ ରୁବିଓ ଭାରତକୁ ୫ ଦିନିଆ ଗସ୍ତରେ ଆସିଥିଲେ। ଆଉ ଥରେ ସେ ଆସନ୍ତା ଅକ୍ଟୋବରରେ ଭାରତ ଆସିବେ ବୋଲି ଗୋର ସୂଚନା ଦେଇଛନ୍ତି।

ରୁଷ୍ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ଶୁଳ୍କ ଲଗାଇବା ନେଇ ଆମେରିକା କଂଗ୍ରେସ ପ୍ରୟାସ ଚଳାଇଛି। ଏ ସଂପର୍କିତ ଏକ ପ୍ରଶ୍ନରେ ଗୋର କହିଛନ୍ତି ଯେ କଂଗ୍ରେସରେ ଉଭୟ ଦଳ ପକ୍ଷରୁ ଏହି ବିଲ୍ ଆଗତ ହୋଇଛି। ହ୍ୱାଇଟ୍ ହାଉସ୍ ଏ ନେଇ ପଦକ୍ଷେପ ନେଇନାହିଁ। ଟ୍ରମ୍ପ ଏଥିପାଇଁ ଚାପ ପକାଉଛନ୍ତି ବୋଲି କୁହାଯାଇ ପାରିବ ନାହିଁ। ଉକ୍ତ ଶୁଳ୍କ ପ୍ରସ୍ତାବ ଭାରତକୁ ପ୍ରଭାବିତ କରିବ ବୋଲି ପ୍ରଶ୍ନ ହେବାରୁ ଗୋର କହିଛନ୍ତି ପ୍ରଥମ ଦିନରୁ ଟ୍ରମ୍ପ ରୁଷ-ୟୁକ୍ରେନ ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଚାହୁଛନ୍ତି ଏବଂ ଏଥିପାଇଁ ସେ ଅଙ୍ଗୀକାରବଦ୍ଧ ଅଛନ୍ତି। ରୁଷ-ୟୁକ୍ରେନ ଯୁଦ୍ଧ ଶେଷ କରିବା ୱାସିଂଟନ ପାଇଁ ଗୁରୁତ୍ୱପୂର୍ଣ୍ଣ।

## ସୁଟ୍‌କେସ୍ ଭିତରୁ ମୁଣ୍ଡହୀନ ମହିଳାଙ୍କ ମୃତଦେହ ଠାବ

### ଆସାମ ପୁଅ ଓ ଓଡ଼ିଆ ଝିଅଙ୍କୁ ଖୋଜୁଛି ପୋଲିସ୍



**ତାମିଲନାଡୁ,୨୩।୮:** ତାମିଲନାଡୁ ଏକ୍ସପ୍ରେସରୁ ମିଳିଥିବା ସୁଟ୍‌କେସ୍ ଭିତରୁ ମୁଣ୍ଡହୀନ ମହିଳାଙ୍କ ମୃତଦେହ ଠାବ ହେବା ଘଟଣାରେ ନୂଆ ଟ୍ୱିଷ୍ଟ। ମୃତକଙ୍କ ପରିଚୟ ପୁଲିସ୍ ହାସଲ କରିବା ସହ ଏହା ପଛରେ ଥିବା ଅଭିଯୁକ୍ତଙ୍କୁ ମଧ୍ୟ ଚିହ୍ନଟ କରିଛି। ମୃତକ ଜଣଙ୍କ ଓଡ଼ିଶାର ଜଗତସିଂହପୁର ହୋଇଥିବା ବେଳେ ପୁଲିସ୍ ଏବେ ଆସାମର ଜଣେ ଯୁବକ ଓ ଓଡ଼ିଶାର ଜଣେ ଯୁବତୀଙ୍କୁ ଖୋଜିବା ଆରମ୍ଭ କରିଛି। ଅଗଷ୍ଟ ୫ରେ ଆଗ୍ରା କ୍ୟାଣ୍ଟନମେଣ୍ଟରେ ତାମିଲନାଡୁ ଏକ୍ସପ୍ରେସ ପହଞ୍ଚିବା ପରେ ଗୋଟିଏ ସନ୍ଦିଗ୍ଧ ସୁଟକେସ ମିଳିଥିଲା। ଏହା ଭିତରୁ ମୁଣ୍ଡ ନଥିବା ଜଣେ ମହିଳାଙ୍କ ଖଣ୍ଡବିଖଣ୍ଡିତ ଓ ଅଧା ପୋଡି ଯାଇଥିବା ମୃତଦେହ ଠାବ ହୋଇଥିଲା। ଏହାପରେ ଜିଆରପି ଓ ସ୍ଥାନୀୟ ପୁଲିସ୍ ଏହାର ତଦନ୍ତ କରି ତାମିଲନାଡୁର ଗୁଡୁଭାନଚେରୀରର ଗୋଟିଏ ଘରେ ପହଞ୍ଚିଛନ୍ତି। ଉକ୍ତ ଘରୁ ମହିଳାଙ୍କ ମୁଣ୍ଡ ଓ ଶରୀରର ଆଉ କିଛି ଅଂଶ ମିଳିଛି। ଇଣ୍ଡିଆ ଟୁଡେ ରିପୋର୍ଟ ଅନୁସାରେ, ଘର ଭିତରେ ମୁଣ୍ଡ ଆଉ କିଛି ଅଂଶ ଝୁଲି ରହିଥିଲା। ବାକି ଅଂଶ ବିରିୟାନୀ ତିଆରି ପାଇଁ ବ୍ୟବହୃତ ହୋଇଥିବା ଗୋଟିଏ ହାଣ୍ଡି ମଧ୍ୟରୁ ପୁଲିସ୍ ଜବତ କରିଛି। ଏଥିସହ ଏଠାରେ ଭଡ଼ାରେ ରହୁଥିବା ଆସାମର ଯୁବକ ଓ ଓଡ଼ିଶାର ଜଣେ ଯୁବତୀଙ୍କୁ ମଧ୍ୟ ପୁଲିସ ଖୋଜିବା ଆରମ୍ଭ କରିଥିବା ଏହି ରିପୋର୍ଟରେ କୁହାଯାଇଛି। ଦ ହିନ୍ଦୁରେ ମୃତ ମହିଳାଙ୍କ ପରିଚୟ ସମ୍ପର୍କରେ ବଡ଼ ଦାବି କରାଯାଇଛି। ଏଥିରେ କୁହାଯାଇଛି ଯେ ଅଗଷ୍ଟ ୫ ତାରିଖ ଭୋର ପ୍ରାୟ ୫ଟା ସମୟରେ ଆଗ୍ରା ରେଳ ଷ୍ଟେସନରେ ତାମିଲନାଡୁ ଏକ୍ସପ୍ରେସ୍ (ଟ୍ରେନ୍ ନଂ. ୧୨୬୨୧)ର ପଛପଟ ସାଧାରଣ ବଗିରୁ ଗୋଟିଏ ନାଲି ରଙ୍ଗର ଟ୍ରଲି ବ୍ୟାଗ୍ ମିଳିଥିଲା। ଏହା ଖୋଲିବା ମାତ୍ରେ ତା' ଭିତରୁ ମୁଣ୍ଡ ବିହୀନ ଓ ପଚିଯାଇଥିବା ଜଣେ ମହିଳାଙ୍କ ମୃତଦେହର କିଛି ଅଂଶ ମିଳିଥିଲା। ଆଗ୍ରା ରେଳ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଏହାର ଚେର ଚେନ୍ନାଇର ଗୁଡୁଭାନଚେରୀ ଯାଏ ଲମ୍ବିଥିବା ଜଣାପଡ଼ିଥିଲା। ସେଠାକୁ ଯାଇ ଅଧିକ ତଦନ୍ତ କରାଯିବାରୁ ଜଣାପଡ଼ିଛି ଯେ ମୃତ ମହିଳା ଜଣଙ୍କ ଓଡ଼ିଶାର ଜଗତସିଂହପୁର ମୂଳବାସିନ୍ଦା। ସେ ଜହୁର ଖାନଙ୍କ ୩୮ ବର୍ଷୀୟ ପତ୍ନୀ ହାୟାତୁନ୍ ନିଶା। ସେ ଚେନ୍ନାଇରେ ଥିବା ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ।



# ଗାଈ ବିକ୍ରି ସନ୍ଦେହରେ ୩ଜଣଙ୍କୁ ନିର୍ଦ୍ଧୁମ ମାଡ଼

## ୩ ଅଟକ





**ପିପିଲି(ଅମୃତ ମିଡିଆ):** ପିପିଲିବ୍ଲକର ହାଟସାହି ଗ୍ରାମ ପଞ୍ଚାୟତ ର କଣ୍ଟପୁର ଛକରେ ଗାଈ ଚାଲାଣକୁ ନେଇ ଉତ୍ତେଜନା । ଗାଈ ବିକ୍ରି ପାଇଁ ଚାଲାଣ ହେଉଥିବା ସନ୍ଦେହ କରି ୩ଜଣଙ୍କୁ ନିର୍ଦ୍ଧୁମ ଆକ୍ରମଣ କରିଛନ୍ତି ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି । ଆକ୍ରମଣରେ ୩ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ, ଡେଲାଙ୍ଗ ଆଙ୍କୋଇ ଗାଁରୁ ଏକ ଡାଲା ଅଟୋ ଯୋଗେ ଗାଈ ଚାଲାଣ ହେଉ ଥିବାର ଦେଖି ପିପିଲି କଣ୍ଟପୁର ଛକ ନିକଟରେ ଅଟୋ କୁ ଅଟକାଇଥିଲେ କିଛି ଯୁବକ । ଗାଈ ବିକ୍ରି ପାଇଁ ନିଆଯାଉଥିବା ର ସନ୍ଦେହ କରି କିଛି ବ୍ୟକ୍ତି ଗାଡ଼ିକୁ ଘେରିଯାଇଥିଲେ । ୧୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ୩ଜଣଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଖବର ପାଇ ସ୍ଥାନୀୟ ଲୋକେ ଓ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ପିପିଲି ମେଡିକାଲକୁ ନେଇଥିଲେ । ଆକ୍ରମଣରେ ଡେଲାଙ୍ଗ ଆଙ୍କୋଇ ଗ୍ରାମର ୫୦ ବର୍ଷୀୟ ବନା ବେହେରାଙ୍କ ସମେତ ପିପିଲି ସୁଲତାନ ନଗର ଦାନୋଗହିର ଗ୍ରାମର ଆଉ ଦୁଇଜଣ ମହମ୍ମଦ ଆଝେର, ଏବଂ ମହମ୍ମଦ ପ୍ୟାଜୁ ଗୁରୁତର ଆହତ ହୋଇଛନ୍ତି । ସାନଉଲ୍ଲା ଖାଁ ଘଟଣାସ୍ଥଳରେ ପହଞ୍ଚି ଆହତ ମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସମସ୍ତ ଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି । ଘଟଣା ପରେ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏନେଇ ୩ଜଣ ଯୁବକଙ୍କୁ ପୋଲିସ ଅଟକ ରଖିଥିବା ସୂଚନା ମିଳିଛି । ଘଟଣାକୁ ନେଇ କଣ୍ଟପୁର ଛକରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ପକ୍ଷରୁ ପରିସ୍ଥିତି ଉପରେ ନଜର ରଖାଯାଇଛି ।

## ସରିଲା ଦ୍ୱିତୀୟ ଦିନର ସର୍ଭେ

# ଝାଉଁ ଚାରାରୋପଣରେ ବଡ଼ ସ୍କାମ୍ !

## ଡ୍ରୋନ୍-ଜିପିଏସ୍ ସର୍ଭେ - ସବୁ ଡିକ୍ଲେଟ ହେବ



**ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ସମୁଦ୍ର କୂଳର ସୁରକ୍ଷା କବଚ ଝାଉଁ ଜଙ୍ଗଲରେ ବଡ ଧରଣର ଅର୍ଥ ହରିଲୁଟ୍ ଅଭିଯୋଗ ସାମ୍ନାକୁ ଆସିଛି । ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନ ସହନଠାରୁ ଗଙ୍ଗାଦେବୀ ପର୍ଯ୍ୟନ୍ତ ୨୦୨୪-୨୫ ମସିହାରେ କାମ୍ପା ଓ ମନରେଗା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କାରେ ଲକ୍ଷ ଝାଉଁ ଚାରା ଲାଗିଥିବା କାଗଜପତ୍ରରେ ଦେଖାଯାଇଛି । ମାତ୍ର ବାସ୍ତବରେ ଜମିରେ କେବଳ ବାଲି ଓ ଶୁଖିଲା ଡାଙ୍ଗ । ଏ ନେଇ ସ୍ଥାନୀୟ ଫିଲୁ ବେହେରାଙ୍କ ସମେତ ଗ୍ରାମବାସୀ ପ୍ରଥମେ ପ୍ରତିବାଦ କରିଥିଲେ । ଏହି ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ପରେ ସ୍ଥାନୀୟ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିଲେ । ଅଗଷ୍ଟ ୯ରେ ରୁଦ୍ରପ୍ରସାଦ ଲେଙ୍କା ଓ ଅମିୟ ବାରିକ ମୁଖ୍ୟମନ୍ତ୍ରୀ ଜନଶୁଣାଣୀ ପୋର୍ଟାଲରେ ଅଭିଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ଫାଇଲ ଜଙ୍ଗଲ ସଚିବ ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଜରିଆରେ ଅଗଷ୍ଟ ୧୦ରେ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଙ୍କ ପାଖରେ ପହଞ୍ଚିଥିଲା । ଗୁରୁତ୍ୱ ଦେଖି ବନଖଣ୍ଡ ଅଧିକାରୀ ଅଗଷ୍ଟ ୧୩ରେ ମେମୋ ନଂ ୫୩୯୯/୧ଏଫ/୨୦୨୬ ଓ ୫୪୦୦ ଜାରି କରି ଏସିଏଫ ନୀଳମାଧବ ସାହୁଙ୍କୁ ଅତ୍ୟନ୍ତ ଜରୁରୀ ଭାବେ ୧୦ ଦିନ ମଧ୍ୟରେ ରିପୋର୍ଟ ମାଗିଥିଲେ । ପୁରୀ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ସକାଳ ୮ଟା ରୁ ଅପରାହ୍ନ ୨ଟା ଯାଏଁ ଜଙ୍ଗଲରେ ବ୍ୟାପକ ସର୍ଭେ ହୋଇଛି । ଏସିଏଫ ଙ୍କ ନେତୃତ୍ୱରେ ୩ଟି ଟିମ ଗଠନ ହୋଇ ଅସ୍ତରଙ୍ଗ ବନାଞ୍ଚଳର ବିଭିନ୍ନ ବିଟ୍ ରେ ଯାଞ୍ଚ କରିଛନ୍ତି । ଏହି ଯାଞ୍ଚ ୨ ଦିନ ଚାଲିବ । ପ୍ରଥମେ ସୀମା ନିର୍ଦ୍ଧାରଣ ପରେ ଡ୍ରୋନ, ଜିପିଏସ ଓ ଫଟୋଗ୍ରାଫି ମାଧ୍ୟମରେ ଟେକ୍ନିକାଲ ଆସେସମେଣ୍ଟ ହେବ । ଯାହା ରିଜନ ଥିବ ସବୁ ଡିକ୍ଲେଟ ହେବ ବୋଲି ସହକାରୀ ବନ ସଂରକ୍ଷକ କହିଛନ୍ତି । ଟିମରେ କୋଣାର୍କ ରେଞ୍ଜର ସୁଦର୍ଶନ ଦେହୁରୀ, ବନପାଳ ସବୀର ସାହୁ ସମେତ ୧୦ରୁ ଅଧିକ କର୍ମଚାରୀ ସାମିଲ ଅଛନ୍ତି । ହେଲେ ଗ୍ରାମବାସୀଙ୍କ ସଙ୍ଗୀନ ଅଭିଯୋଗ, ଗଣମାଧ୍ୟମ ଖବର ପରେ ଅଗଷ୍ଟ ୪ରୁ ଅଗଷ୍ଟ ୨୧ ଯାଏଁ ପ୍ରତିଦିନ ରାତିରେ ଚାରା ଆଣି ଭୋରୁ ପୋତା ହେଉଛି । ପ୍ରତିଦିନ ୨ ହଜାର, ଏଯାଏଁ ୧୦ ହଜାରରୁ ଅଧିକ ନୂଆ ଗଛ ଲାଗିଲାଣି । ଏହା ଦୁର୍ନୀତିକୁ ଘଣ୍ଟ ଘୋଡାଇବା ଚେଷ୍ଟା ନା ନୂଆ ଯୋଜନା ? ମଷ୍ଟର ରୋଲରେ ନାମ ଥାଇ କାମ ନକରି ଟଙ୍କା ଉଠିଛି । ଅସ୍ତରଙ୍ଗ ଝାଉଁ ଜଙ୍ଗଲ ବାତ୍ୟା ଓ ସମୁଦ୍ର କ୍ଷୟରୁ ରକ୍ଷା କରେ, ପୁରୀ ସ୍ୱର୍ଗଦ୍ୱାର ପାଇଁ କାଠ ଯାଏ । ଏଭଳି ସମ୍ବେଦନଶୀଳ ଜଙ୍ଗଲରେ ଦୁର୍ନୀତି ନିନ୍ଦନୀୟ । ତେଣୁ ଗ୍ରାମବାସୀଙ୍କ ଦାବୀ ବନ ବିଭାଗ ତଦନ୍ତ ନୁହେଁ, ଏହି କୋଟି କୋଟି ଝାଉଁ ଚାରା ଆତ୍ମସାତର ଭିଜିଲାନ୍ସ ତଦନ୍ତ ହେଉ, ଦୋଷୀ ଜେଲକୁ ଯାଆନ୍ତୁ ।

**କିଏ ସାମିଲ ଆତ୍ମସାତ୍ ପଛରେ ?**

# ସମୁଦ୍ରରେ ଖସିପଡ଼ି ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ବ୍ରହ୍ମଗିରି (ଅମୃତ ମିଡିଆ):** ପୁଣି ସାମ୍ନାକୁ ଆସିଲା ଦାଦନ ମୃତ୍ୟୁ । କର୍ଣ୍ଣାଟକ ସମୁଦ୍ରରେ ଓଡ଼ିଆ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ହୋଇଛି । କର୍ଣ୍ଣାଟକର ମଲପି ସମୁଦ୍ରରେ ମାଛ ଧରିବା ବେଳେ ଅଘଟଣ ହୋଇଛି । ଗତକାଲି ମାଛ ଧରିବାବେଳେ ଟ୍ରଲରରୁ ଖସିପଡି ଥିଲେ । ତାଙ୍କ ମୃତଦେହ ରାତିରେ ଉଦ୍ଧାର ହୋଇଛି । ମୃତକ ହେଲେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଖିରିସାହିର ରାଜୁ ବେହେରା । ପରିବାରର ଆର୍ଥିକ ସ୍ଥିତି ସୁଧାରିବା ସହ ଅଧିକ ରୋଜଗାର ଆଶାରେ ମାତ୍ର ୧୦ ଦିନ ତଳେ ସେ ଘରୁ ବାହାରି କେରଳ ଯାଇଥିଲେ । ସେଠାରେ ଏକ ମାଛଧରା ବୋଟ୍‌ରେ କାମ କରି ଗଭୀର ସମୁଦ୍ରକୁ ଯାଇଥିଲେ । କିନ୍ତୁ ମାଛ ଧରୁଥିବା ସମୟରେ ଘଟିଯାଇଥିଲା ଅଘଟଣ । ଗଭୀର ସମୁଦ୍ରରେ ରାଜୁଙ୍କ ମୃତ୍ୟୁ ହୋଇଥିବା ଖବର ଗାଁରେ ପହଞ୍ଚିବା ପରେ ପରିବାର ଉପରେ ଭାଙ୍ଗିପଡ଼ିଛି ଦୁଃଖର ପାହାଡ଼ । ଯେଉଁ ପୁଅ ଘରର ଆର୍ଥିକ ଭାର କମାଇବା ପାଇଁ ପ୍ରବାସ ଯାଇଥିଲେ, ସେହି ପୁଅର ମୃତଦେହ ଫେରିବା ଖବର ପରିବାରକୁ ସ୍ତବ୍ଧ କରିଦେଇଛି ।

# ତଥ୍ୟ ମାଗିବାକୁ ନେଇ ୨ ଆବେଦନକାରୀଙ୍କୁ ଭିନ୍ନ ଚିଠି

## ଆର୍‌ଟିଆଇକୁ ନେଇ ବଢ଼ିଲା ସନ୍ଦେହ, ତଦନ୍ତ ଦାବି

**ନିମାପଡ଼ା(ଅମୃତ ମିଡିଆ):** ନିମାପଡ଼ା ପୂର୍ବ ଉପଖଣ୍ଡରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିବାକୁ ନେଇ ଉଠିଛି ଗୁରୁତର ପ୍ରଶ୍ନ । ଉପଖଣ୍ଡରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଦାୟିତ୍ୱରେ ଥିବା ଅଧିକ୍ଷଣ ଯନ୍ତ୍ରୀ ହେମ୍ବ୍ରମଙ୍କ କାର୍ଯ୍ୟଶୈଳୀକୁ ନେଇ କେତେକ ଆବେଦନକାରୀ ଅସନ୍ତୋଷ ପ୍ରକାଶ କରିବା ସହ ଅନିୟମିତତାର ଅଭିଯୋଗ ଆଣିଛନ୍ତି ।ଅଭିଯୋଗ ଅନୁଯାୟୀ ବିଗତ ସରକାର ସମୟରୁ ହେମ୍ବ୍ରମ ଏଠାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଦାୟିତ୍ୱରେ ରହିଆସିଛନ୍ତି । ଏହି ସମୟ ମଧ୍ୟରେ ବିଭିନ୍ନ କାର୍ଯ୍ୟର ବିଲ୍ ଓ ଖର୍ଚ୍ଚ ସମ୍ପର୍କିତ ତଥ୍ୟରେ ଅନିୟମିତତା ଥିବା ନେଇ ପ୍ରଶ୍ନ ଉଠିଛି । ବିଶେଷକରି ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିବା ପରେ ଆବେଦନକାରୀଙ୍କୁ ମିଳୁଥିବା ଉତ୍ତରକୁ ନେଇ ଅସନ୍ତୋଷ ବଢ଼ିଛି ।ସୂଚନା ଅଧିକାର ଆଇନ ବଳରେ ସମାନ ପ୍ରକାରର ତଥ୍ୟ ଦୁଇଜଣ ଆବେଦନକାରୀ ମାଗିଥିବା ବେଳେ ଦୁଇଜଣଙ୍କୁ ଭିନ୍ନ ଭିନ୍ନ ଅର୍ଥ ଜମା କରିବା ପାଇଁ ଚିଠି ଦିଆଯାଇଥିବା ଅଭିଯୋଗ ହୋଇଛି । ଜଣେ ଆବେଦନକାରୀଙ୍କୁ ୯ ହଜାର ୨୬୫ ଟଙ୍କା, ଅନ୍ୟ ଜଣଙ୍କୁ ୩୭ ହଜାର ୩୭୦ ଟଙ୍କା ଜମା କରିବାକୁ କୁହାଯାଇଥିବାରୁ ଏହାକୁ ନେଇ ଏବେ ପ୍ରଶ୍ନ ଉଠିଛି । ସମାନ ତଥ୍ୟ ପାଇଁ ଏପରି ଭିନ୍ନ ଭିନ୍ନ ଅର୍ଥ କିପରି ଧାର୍ଯ୍ୟ ହେଲା ତାହାର ସ୍ପଷ୍ଟତା ଦାବି କରାଯାଇଛି ।ଅନ୍ୟପକ୍ଷରେ, ଉପଖଣ୍ଡରେ ଜଣେ ନିର୍ଦ୍ଦିଷ୍ଟ ଠିକାଦାରଙ୍କ ନାମରେ ହୋଇଥିବା ବିଭିନ୍ନ କାର୍ଯ୍ୟ ଓ ବିଲ୍‌କୁ ନେଇ ମଧ୍ୟ ଅଭିଯୋଗ ଉଠିଛି । କେତେକ କାର୍ଯ୍ୟ ବାସ୍ତବରେ ହୋଇଛି କି ନାହିଁ କାର୍ଯ୍ୟର ପରିମାଣ ଓ ବିଲ୍‌ରେ ଦର୍ଶାଯାଇଥିବା ଖର୍ଚ୍ଚ ମଧ୍ୟରେ ସମନ୍ୱୟ ରହିଛି କି ନାହିଁ-ଏସବୁ ଦିଗରେ ନିରପେକ୍ଷ ତଦନ୍ତର ଆବଶ୍ୟକତା ରହିଛି ବୋଲି ଅଭିଯୋଗକାରୀମାନେ କହିଛନ୍ତି । ଏହି ଅଭିଯୋଗଗୁଡ଼ିକରେ ଖଣ୍ଡ କାର୍ଯ୍ୟାଳୟରେ ଅବସ୍ଥାପିତ ଅଧିକ୍ଷଣ ଯନ୍ତ୍ରୀଙ୍କ ସମର୍ଥନ ରହିଥିବା ନେଇ ମଧ୍ୟ ଅଭିଯୋଗ ଶୁଣିବାକୁ ମିଳୁଛି । ତେବେ ଏହି ଅଭିଯୋଗର ସତ୍ୟତା ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ପକ୍ଷରୁ ସ୍ପଷ୍ଟୀକରଣ ମିଳିବା ଆବଶ୍ୟକ ।ସୂଚନା ଅଧିକାର ଆଇନ ଜନସାଧାରଣଙ୍କୁ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଜବାବଦେହିତା ନିଶ୍ଚିତ କରିବାର ଏକ ଅଧିକାର ଦେଇଥାଏ । ତେଣୁ ଆର୍‌ଟିଆଇ ଆବେଦନରେ ମଗାଯାଇଥିବା ତଥ୍ୟ ପ୍ରଦାନକୁ ନେଇ କୌଣସି ଅସ୍ପଷ୍ଟତା କିମ୍ବା ଅନିୟମିତତା ରହିଥିଲେ ତାହାର ତଦନ୍ତ ହେବା ଜରୁରୀ । ସମଗ୍ର ଘଟଣାରେ ଭିଜିଲାନ୍ସ କିମ୍ବା ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ପୂର୍ବ ଉପଖଣ୍ଡର ବିଭିନ୍ନ କାର୍ଯ୍ୟ,ବିଲ୍ ଓ ଖର୍ଚ୍ଚ ସମ୍ପର୍କିତ ପ୍ରକୃତ ଚିତ୍ର ସାମ୍ନାକୁ ଆସିପାରିବ ବୋଲି ଅଭିଯୋଗ କାରୀମାନେ ଦାବି କରିଛନ୍ତି ।

# ମୋହନ ସରକାରଙ୍କୁ କୃତଜ୍ଞତା ଜଣାଇଲା ଓଡିଶା ଚିକିତ୍ସକ ମହାସଂଘ

**ସତ୍ୟବାଦୀ /ସୁଆଣ୍ଡୋ (ଅମୃତ ମିଡିଆ):** ଦୀର୍ଘବର୍ଷ ଧରି ଘାତପ୍ରତିଘାତ ମଧ୍ୟରେ ଗତିକରି ଆସୁଥିବା ଏବଂ ଅତି ସ୍ୱଳ୍ପ ଦରମାରେ ରାଜ୍ୟର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର,ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ନିରନ୍ତର ଭାବେ ରୋଗୀମାନଙ୍କ ସେବା କରିଆସୁଥିବା ଆୟୁଷ ଡାକ୍ତରଙ୍କ ଦରମା ରାଜ୍ୟ ସରକାର ବୃଦ୍ଧି କରିଛନ୍ତି । ଯାହାକୁ ନେଇ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀ କାର୍ଯ୍ୟରେ ଅତ୍ୟନ୍ତ ଖୁସିବ୍ୟକ୍ତ କରିବାସହ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଓଡିଶା ଚିକିତ୍ସକ ମହାସଂଘ ଏବଂ ଆଡା ର ମିଳିତ ସହଯୋଗରେ ପୁରୀଜିଲ୍ଲା ଡେଲାଙ୍ଗର ବକ୍ରେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ସଂଘର କର୍ମକର୍ତ୍ତା ଓ ସଭ୍ୟ ସଭ୍ୟାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଓଡିଶା ଚିକିତ୍ସକ ମହାସଂଘର ସଭାପତି ଡ଼ା ବିଶ୍ୱରଞ୍ଜନ ଜେନା ଏବଂ ଆଡା ର ସଭାପତି ଡ଼ା ଜ୍ୟୋତି ରଞ୍ଜନ ଗାହାଣଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ରାଜ୍ୟରେ ଥିବା ବିଜେପି ସରକାର ଆୟୁଷ ଡାକ୍ତରଙ୍କ ଉପରେ ଆସ୍ଥା ପ୍ରକଟ କରିବାସହ ତାଙ୍କର ଦରମା ବୃଦ୍ଧିକୁ ସ୍ୱାଗତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ବଟକୃଷ୍ଣ ଜେନା, ଅଶୋକ ପ୍ରଧାନ, ଅଜୟ ମାନ୍ଧାତା, ବରିଷ୍ଠ ସାମ୍ବାଦିକ ପ୍ରଶନ୍ନ ତ୍ରିପାଠୀ, ବସନ୍ତ କୁମାର ବେହେରା, ହାଡିବନ୍ଧୁ ଚଂପତି , ସଞ୍ଜୟ ସେଠୀ , ଚିତ୍ତରଞ୍ଜନ ପ୍ରମୁଖ ଅତିଥିମାନେ ଯୋଗ ଦେଇଥିଲେ. ଡ଼ା ପ୍ରଦୀପ ଚଂପତି , ଡ଼ା ଶ୍ରୀନିବାସ ଦେବତା, ଡ଼ା ଚନ୍ଦ୍ର ମିଶ୍ର, ଡ଼ା ବି କେ ପ୍ରଶାନ୍ତ, ଡ଼ା ସୁବ୍ରତ ମହାପାତ୍ର, ଡ଼ା ଦୁର୍ଗାଚରଣ ମିଶ୍ର, ଡ଼ା ଲୋକନାଥ ସାହୁ, ଡ଼ା ସୀମାଲତା ସ୍ୱାଇଁ, ଡ଼ା ଦୀପ୍ତି ସାହୁ, ଡ଼ା ସ୍ମୃତିରଜନ ସାହୁ, ଡ଼ା ବିଭୁଦତ୍ତ ପଣ୍ଡା, ଡ଼ା ସଲିଳା ମହାନ୍ତି, ଡ଼ା ତପନ କୁମାର ଦାଶ, ଡ଼ା ମିନାକ୍ଷୀ ସାହୁ ଏବଂ ଡ଼ା ସସ୍ମିତା ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଆୟୁଷ ଡାକ୍ତରଙ୍କୁ ସରକାରୀ ମାନ୍ୟତା ସହ ନିୟମିତ କରିବାକୁ ରାଜ୍ୟର ପ୍ରଗତିକାମୀ ସରକାରଙ୍କୁ ଅନୁରୋଧ କରିଥିଲେ । ଶେଷରେ ଡା ବିଶ୍ୱରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

**ବକ୍ରେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ସଂଘ କର୍ମକର୍ତ୍ତାଙ୍କ ବୈଠକ**

# ଅଳ୍ପବର୍ଷାରେ ଓସ୍ତପୁର ସରକାରୀ ସ୍କୁଲ ଜଳାର୍ଣ୍ଣବ

## ଶ୍ରେଣୀଗୃହ ଆଗରେ ମାଟିବନ୍ଧ, ବିଭାଗ ନିଦରେ



**କାକଟପୁର /ଅସ୍ତରଙ୍ଗ(ଅମୃତ ମିଡିଆ):** ସରକାର କହୁଛନ୍ତି ଉନ୍ନତ ମାନର ସ୍କୁଲ, ସ୍ମାର୍ଟ ଶ୍ରେଣୀ ଗୃହ । ହେଲେ ବାସ୍ତବ ଚିତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରୁ । ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧୀନ ନଈଗୁଆଁ ପଞ୍ଚାୟତ ଓସ୍ତପୁର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ପୋଖରୀ ପାଲଟିଛି । ଅଳ୍ପ ବର୍ଷାରେ ସ୍କୁଲ ପରିସର ବୁଡି ଶ୍ରେଣୀ ଗୃହ ଭିତରେ ପାଣି ପଶି ଯାଇଛି । ଫଳରେ କୁନି କୁନି ପିଲା ପାଠ ପଢିବା ବଦଳରେ ପାଣି ଭିତରେ ଛନ୍ଦି ହେଉଛନ୍ତି । ସ୍କୁଲ ଗେଟ୍ ଠାରୁ ଶ୍ରେଣୀ ଗୃହ ଯାଏ ଆଣ୍ଠୁଏ ପାଣି । ଶ୍ରେଣୀ ଗୃହ ଭିତରେ ପାଣି ନ ପଶିବା ପାଇଁ ଶିକ୍ଷକ ଓ ପିଲା ମିଶି ମାଟି କାଦୁଅର ଅସ୍ଥାୟୀ ବନ୍ଧ ଦେଇଛନ୍ତି । କେଉଁଠି ବହି ଓଦା, କେଉଁଠି ବେଞ୍ଚ ନିକଟରେ ପାଣି । ଏଭଳି ପରିବେଶରେ ପାଠ ପଢା କେମିତି ହେବ ? ଅଭିଭାବକମାନେ ଅଭିଯୋଗ କରିଛନ୍ତି ଯେ, ପ୍ରତି ବର୍ଷ ବର୍ଷା ଦିନେ ଏହି ସମସ୍ୟା । ସ୍କୁଲ ପରିସର ନିଚା, ପାଣି ନିଷ୍କାସନର ବ୍ୟବସ୍ଥା ନାହିଁ । ବାରମ୍ବାର କହିଲେ ବି ବିଭାଗ ଶୁଣୁନାହିଁ । ପିଲା ଅସୁସ୍ଥ ହେଉଛନ୍ତି, ଉପସ୍ଥାନ କମୁଛି ।ଅସ୍ତରଙ୍ଗ ବ୍ଲକ ରେ ରାଜନୀତି କରଣ କରି ନେତା ବାକ୍ୟ କେବଳ କିନ୍ତୁ ସ୍କୁଲ ସମସ୍ୟା ବୁଝୁନାହାନ୍ତି । ଏ ନେଇ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ କରାଯାଇଥିଲା, ହେଲେ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ପ୍ରଶ୍ନ ଉଠୁଛି - ସ୍ମାର୍ଟ ସ୍କୁଲ ନାରା ଭିତରେ ପିଲା ପାଣି ଭିତରେ ପାଠ ପଢିବେ କି ? ତୁରନ୍ତ ସ୍କୁଲ ପରିସର ଉଚ୍ଚ କରି ପାଣି ନିଷ୍କାସନ ବ୍ୟବସ୍ଥା କରାଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି ।

# ତାଲିକାଭୁକ୍ତ ଅଧିବକ୍ତାଙ୍କ ତାଲିମ ଶିବିର




**ପୁରୀ (ବ୍ୟୁରୋ):** ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶ ଅନୁଯାଇ ତା ୨୩ .୮.୨୦୨୬ ରିଖ ଦିବା ୧୦.୩୦ ଘଟିକା ସମୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ପୁରୀ, ପିପିଲି, ନିମାପଡା ଏବଂ କୋଣାର୍କ ତାଲିକାଭୁକ୍ତ ଅଧିବକ୍ତାଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯକ୍ରମକୁ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ସୈକତ ପାତ୍ର ଉଦଘାଟନ କରିବା ସହ ନିଜ ବକ୍ତବ୍ୟରେ ଏନଡିପିଏସ ଆକ୍ଟ ଆଇନ ବିଷୟରେ ଆଲୋଚନା କରିଥିଲେ । ପୁରୀ ଜିଏମ ଲ କଲେଜ ଏଚଓଡି ଏଲଏଲଏମ ଡିପାର୍ଟମେଣ୍ଟ ଡକ୍ଟର ଲୋକନାଥ ସୁଆର ନିଜ ବକ୍ତବ୍ୟରେ ପ୍ରଫେସନାଲ ଏଥିକସ୍ ଫର ଲୟାରସ ଜ୍ୟୋତିଶଙ୍କର ହରିଚନ୍ଦନ, ଡେପୁଟି ଚିଫ୍ ଲାଡକସ ଲ ଅଫ ମ୍ୟାରେଜ ଆଣ୍ଡ ମଣ୍ଟେନାସ ଲ ସୁଧିର କୁମାର ଘୋଷ, ପୁରୀ ଚିଫ୍ ଲିଗାଲ ଏଡ ଡିଫେନ୍ସ କାଉନସିଲ ନିଜ ବକ୍ତବ୍ୟରେ Right of an accused person , law relating to bail, Plea Bargaining and law relating to property ବିଷୟରେ ଆଲୋଚନା କରିଥିଲେ । ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ପରିତୋଷ କୁମାର ସେଠୀ ନିଜ ବକ୍ତବ୍ୟରେ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦେଶ୍ୟ ଓ ଆଭିମୁଖ୍ୟ ,ନିଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର , ନ୍ୟାୟ ସଂଯୋଗ , ୧୫୧୦୦ ,ସମୁଖ କାର୍ଯ୍ୟାଳୟ ଏବଂ Role and Responsibilities of legal Services Lawyers ବିଷୟରେ ଅବଗତ କରାଇବା ସହ ଆଇନ ସେବା କଣ ଏବଂ ଆଇନ ସେବା ପାଇବାପାଇଁ କେଉଁ କେଉଁମାନେ ଯୋଗ୍ୟ ସେହି ବିଷୟରେ ଆଲୋଚନା କରିଥିଲେ । ଆଜିର ଏହି କାର୍ଯକ୍ରମରେ ଉପସ୍ଥିତ ଥିବା Panel Lawyers ମାନଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଅର୍ପଣ ସହ ଆଇନ ସେବାର ଉପଯୋଗୀତା ଓ ଉପଦେୟତାକୁ ସେମାନଙ୍କ ମଧ୍ୟରେ ପ୍ରଚାର କରିବା ଏବଂ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ଏଥିପାଇଁ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧିକାରଣର କର୍ମଚାରୀମାନେ ସହଯୋଗ କରିଥିଲେ ।

# ମହମ୍ମଦଙ୍କ ଜୟନ୍ତୀ ପୂର୍ବରୁ ଶାନ୍ତି ବୈଠକ

## ହିନ୍ଦୁ-ମୁସଲମାନ ଏକତାର ନିଦର୍ଶନ

**କାକଟପୁରରେ ଭାଇଚାରାର ବାର୍ତ୍ତା**



**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ପବିତ୍ର ପ୍ରବକ୍ତା ମହମ୍ମଦଙ୍କ ଜନ୍ମ ଜୟନ୍ତୀ ଆସନ୍ତା ୨୬ ଅଗଷ୍ଟ । ଏହି ପବିତ୍ର ଦିନ ପୂର୍ବରୁ ପୁରୀ ଜିଲ୍ଲା କାକଟପୁର ଥାନା ପରିସର ସାକ୍ଷୀ ହେଲା ଭାଇଚାରାର ଏକ ନିଆରା ଦୃଶ୍ୟର । ଥାନା ଅଧିକାରୀ ବସନ୍ତ ସାହୁଙ୍କ ନେତୃତ୍ୱରେ ମୁସଲିମ ସମ୍ପ୍ରଦାୟର ମୁରବୀମାନଙ୍କୁ ନେଇ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଥାନା ଅଧିକାରୀ କହିଥିଲେ , 'କାକଟପୁର ହେଉଛି ଶାନ୍ତିର ମାଟି । ଏଠି ହିନ୍ଦୁ-ମୁସଲମାନ ସବୁ ଭାଇ ଭାଇ । ପ୍ରବକ୍ତା ଶାନ୍ତି, ପ୍ରେମ ଓ କରୁଣାର ବାର୍ତ୍ତା ଦେଇଥିଲେ । ତାଙ୍କ ଜୟନ୍ତୀ ଆମ ପାଇଁ ଭାଇଚାରାର ପର୍ବ ।' ଶୋଭାଯାତ୍ରା କିପରି ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ ହେବ, ଧ୍ୱନି ଯନ୍ତ୍ରର ସୀମିତ ବ୍ୟବହାର, ଯାନବାହନ ନିୟନ୍ତ୍ରଣ ଉପରେ ଆଲୋଚନା ହେଲା । ପୁଲିସ ପକ୍ଷରୁ ପୂର୍ଣ୍ଣ ସୁରକ୍ଷା ଓ ସହଯୋଗର ପ୍ରତିଶ୍ରୁତି ଦିଆଗଲା । ମୁସଲିମ ସମ୍ପ୍ରଦାୟର ବ୍ୟକ୍ତିମାନେ କହିଥିଲେ , ଆମେ ପ୍ରଶାସନ ସହ ଅଛୁ । ପର୍ବକୁ ଶାନ୍ତି ଓ ସଦଭାବର ସହ ପାଳନ କରିବୁ । କାକଟପୁରର ଏହି ଏକତା ସାରା ଜିଲ୍ଲା ପାଇଁ ଉଦାହରଣ ହେବ ।

## ନାଳିଫିଂତା ତଳେ ଅସ୍ତରଙ୍ଗର ବିକାଶ

# ପ୍ରକଳ୍ପ ସରିଲା, ବିଲ୍ ଅଟକିଲା

## ■ ବିଡିଓଙ୍କ ଟେବୁଲରେ ବନ୍ଧାପଡିଛି ଫାଇଲ




**କାକଟପୁର/ଅସ୍ତରଙ୍ଗ(ଅମୃତ ମିଡିଆ):** ପୁରୀ ଜିଲ୍ଲାର ଉପକୂଳବର୍ତ୍ତୀ ଅସ୍ତରଙ୍ଗ ବ୍ଲକରେ ଉନ୍ନୟନ ଗାଡି ଅଟକି ଯାଇଛି ନାଳିଫିଂତା ଗେରୋରେ । ୧୫ ଗୋଟି ପଞ୍ଚାୟତକୁ ନେଇ ଗଠିତ ଏହି ବ୍ଲକରେ ମାସକର କାମ ପାଇଁ ବର୍ଷ ବର୍ଷ ଅପେକ୍ଷା କରିବାକୁ ପଡୁଛି । ରାଜନୈତିକ ଚକ୍ରବ୍ୟୂହ ଓ କିଛି ଅପାରଗ ଅଧିକାରୀଙ୍କ ପାଇଁ ବିକାଶ ଥମି ଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଅସ୍ତରଙ୍ଗ ମୁଖ୍ୟ ବଜାରଠାରୁ ଷ୍ଟେଟ ବ୍ୟାଙ୍କ ପର୍ଯ୍ୟନ୍ତ ପଥଚାରୀଙ୍କ ପାଇଁ ପିଇବା ପାଣିର ସୁବିଧା ନାହିଁ । ଗ୍ରୀଷ୍ମ ହେଉ କି ବର୍ଷା, ଯାତ୍ରୀ ଦୋକାନରୁ ପାଣି ମାଗି ପିଉଛନ୍ତି । ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ବି ବ୍ଲକ ପ୍ରଶାସନ କର୍ଣ୍ଣପାତ କରୁନାହିଁ । ଜିଲ୍ଲାସ୍ତରରୁ ଅନୁମୋଦନ ହୋଇ ଆସିଥିବା ପ୍ରକଳ୍ପ ଗୁଡିକ ବର୍ଷ ବର୍ଷ ଧରି ବ୍ଲକ କାର୍ଯ୍ୟାଳୟର ନାଳିଫିଂତା ତଳେ ପଡି ରହିଛି । ବିଡିଓ ବେଆଇନ ବୋଲି କହି ଫାଇଲ ଅଟକାଉଛନ୍ତି । ପୂର୍ବରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା କାମ ସରିବାର ୬ ମାସ ପରେ ବି ବିଲ ମିଳୁନି । ମନରେଗା (ଭିବିଜି -ରାମଜି ) ମ୍ୟାଟେରିଆଲ ପେମେଣ୍ଟ ଫାଇଲରେ ଦସ୍ତଖତ ହେଉନି । ନାମ ଗୋପନ ରଖି ଅନେକ ସରପଞ୍ଚ କହିଛନ୍ତି, ପ୍ରତି ବିଲ ପେମେଣ୍ଟରେ ରାଜନେତା ଓ କର୍ମଚାରୀ ମିଶି ମୋଟା ଅଙ୍କର ପିସି ନେଉଛନ୍ତି । ସେଥିପାଇଁ କାମ ନିମ୍ନମାନର ହେଉଛି । ଗତ ୨ ବର୍ଷର ୧୪ତମ, ୧୫ତମ ଓ ରାଜ୍ୟ ସିଏଫସି ନୂତନ ପ୍ରକଳ୍ପର ଜମି କାଗଜ ପ୍ରସ୍ତୁତି ମାସ ମାସ ଧରି ପଡି ରହିଛି । ସାଧାରଣ କାମ ପାଇଁ ତଣ୍ଡାହର, ଉଦୟକଣି, ସିରେଇ, ଶିଶୁଅ, କୋରଣା ଭଳି ଦୂର ଗ୍ରାମରୁ ରୁ ଆସି ଲୋକେ ମାସ ମାସ ଘୁରୁଛନ୍ତି । ସରକାରୀ ନିର୍ଦ୍ଦେଶ ଅନୁସାରେ ୧୫ ତାରିଖରେ ଭତ୍ତା ମିଳିବା କଥା । ଛୁଟି ଥିଲେ ୧୪ ତାରିଖରେ । ହେଲେ ଅସ୍ତରଙ୍ଗ ବ୍ଲକ ଅଧୀନ ବିଭିନ୍ନ ପଂଚାୟତ ରେ ବୟସ୍କ, ବିଧବା, ଦିବ୍ୟାଙ୍ଗ ଭତ୍ତା ୨୨ରୁ ୨୫ ତାରିଖ ଯାଏଁ ମିଳୁଛି । ସପ୍ତାହ ସପ୍ତାହ ପଞ୍ଚାୟତ ଅଫିସ ଦୌଡୁଛନ୍ତି ହିତାଧିକାରୀ । ଦୀର୍ଘ ଦିନ ଧରି ଜଣେ ବିଡିଓ ରହିଥିବାରୁ ଅସନ୍ତୋଷ ବଢିଛି । ତାଙ୍କୁ ବଦଳି କରି ଦକ୍ଷ ବିଡିଓ ନିଯୁକ୍ତି ପାଇଁ ଦାବୀ ହୋଇଛି । ଏ ନେଇ ବିଡିଓଙ୍କ ମତାମତ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ମିଳି ନଥିଲା । ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବୀ ହେଉଛି ।



## ପ୍ରଶାସନ ଶୁଣିଲାନି : ନିଜସ୍ୱ ଉଦ୍ୟମରେ ରାସ୍ତା ମରାମତି କଲେ ଯୁବଗୋଷ୍ଠୀ



**ଆନନ୍ଦପୁର (ଅମୃତ ମିଡିଆ):** ଆନନ୍ଦପୁର ଉପଖଣ୍ଡ ବଞ୍ଚୋ ଗ୍ରାମର ଏକ ପ୍ରମୁଖ ରାସ୍ତାରେ ଦୀର୍ଘଦିନ ଧରି ବଡ଼ ବଡ଼ ଖାଲ ଖମା ସୃଷ୍ଟି ହୋଇଥିବା କାରଣରୁ ବର୍ଷାଜଳ ଜମି ରହିବା ଯୋଗୁଁ ଯାତାୟାତରେ ଅହେତୁକ ସମସ୍ୟା ଦେଖା ଦେଉଛି । ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ପଥଚାରୀ, ବାଇକ୍, ଅଟୋ ଏବଂ ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଯାତାୟାତ ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଚି । ଏଭଳି ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଅପେକ୍ଷା ନକରି ଗ୍ରାମର କିଛି ଉତ୍ସାହୀ ଯୁବକ ଆଗେଇ ଆସି ନିଜସ୍ୱ ଉଦ୍ୟମରେ ରାସ୍ତା ମରାମତି କରିଛନ୍ତି । ଯୁବଗୋଷ୍ଠୀ ପ୍ରଥମେ ରାସ୍ତାରେ ଜମିଥିବା ବର୍ଷାଜଳ ନିଷ୍କାସନ ପାଇଁ ବ୍ୟବସ୍ଥା କରିବା ସହ ଖାଲଗୁଡ଼ିକରେ ସିମେଣ୍ଟ ଓ ଗୋଡ଼ି ପକାଇ ତାହାକୁ ସମତଳ କରିଥିଲେ । ଫଳରେ ଯାତାୟାତ କିଛି ମାତ୍ରାରେ ସ୍ୱାଭାବିକ ହୋଇଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସାର ସୁଅ ଛୁଟିଛି । ତେବେ ଏହା ଏକ ତାତ୍କାଳିକ ପଦକ୍ଷେପ ହୋଇଥିବାରୁ, ରାସ୍ତାର ସ୍ଥାୟୀ ମରାମତି ଏବଂ ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ପାଇଁ ସ୍ଥାନୀୟ ସମାଜସେବୀ ମାର୍କଣ୍ଡ ଓଝାଙ୍କ ସମେତ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଏହି ସାମାଜିକ କାର୍ଯ୍ୟରେ ବିନୋଦ ବିହାରୀ ବରାଳ, ରମେଶ ବରାଳ, ବିଶ୍ୱନାଥ ବରାଳ, ସଞ୍ଜିତ ନାୟକ, ରାଜୀବ ବରାଳ, ପ୍ରଦ୍ୟୁମ୍ନ ବିଶ୍ୱାଳ, ମଣ୍ଟୁ ବରାଳ ଓ ସୁବାଶିଷ ବରାଳ ପ୍ରମୁଖ ସହଯୋଗ କରିଥିଲେ ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର



**ଘଟଗାଁ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଅନ୍ତର୍ଗତ ପଟିଲୋ ଗ୍ରାମ ପଞ୍ଚାୟତର ଧୁବାହୋତ ସାହିରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଯୁବକ ଜଣକ ହେଲେ ସେହି ଗ୍ରାମର ସମା ମୁଣ୍ଡା । ସୂଚନା ଅନୁସାରେ, ସେ ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ଭାଲୁ ଆକ୍ରମଣରେ ତାଙ୍କ ମୁହଁରେ ଗଭୀର ଆଘାତ ଲାଗିଛି । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି । ଘଟଣା ପରେ ବନବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସତର୍କ କରାଯାଇଛି । ଜଙ୍ଗଲକୁ ନ ଯିବା ପାଇଁ ସଚେତନ କରାଯିବା ସହ ଭାଲୁର ଗତିବିଧି ଉପରେ ବନ ବିଭାଗ ନଜର ରଖିଛି ।

## କାଶିବେଡାରେ ୨୦ଟିକିଆ ହାତୀପଲଙ୍କ ଉପଦ୍ରବ



**ଘଟଗାଁ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଘଟଗାଁ ରେଞ୍ଜ ଅନ୍ତର୍ଗତ କାଶିବେଡା ଗ୍ରାମରେ ଲାଗି ରହିଛି ୨୦ଟିକିଆ ହାତୀପଲଙ୍କ ଉପଦ୍ରବ । ହାତୀପଲ ଗ୍ରାମ ନିକଟସ୍ଥ ଚାଷଜମିରେ ପଶି ଧାନ ଫସଲ ଦଳିଚକଟି ନଷ୍ଟ କରୁଥିବାରୁ ଚିନ୍ତାରେ ପଡ଼ିଛନ୍ତି ଚାଷୀ ।

ଦିନ ସମୟରେ ହାତୀପଲ ନିକଟସ୍ଥ ଜଙ୍ଗଲରେ ରହୁଥିବା ବେଳେ ରାତି ହେଲେ ଜଙ୍ଗଲରୁ ବାହାରି ଚାଷଜମିକୁ ପଶୁଛନ୍ତି । ଫଳରେ ପାଚିବାକୁ ଥିବା ଧାନ ଫସଲ ନଷ୍ଟ ହେବା ସହ ଚାଷୀଙ୍କ ମୁଣ୍ଡରେ ଚିନ୍ତାର ବୋଝ ବଢ଼ିଛି । ହାତୀପଲଙ୍କ ଉପଦ୍ରବରେ ଗ୍ରାମର ଲକ୍ଷ୍ମୀଧର ବାରିକ, ବାଇଧର ବାରିକ, ପାଣ୍ଡବ ଚାତମା, ବାସନ୍ତୀ ମୁଣ୍ଡା, ବସନ୍ତ ନାୟକଙ୍କ ସମେତ ବହୁ ଚାଷୀଙ୍କ ଧାନ ଫସଲ କ୍ଷତିଗ୍ରସ୍ତ ହୋଇଛି । ଅନ୍ୟପଟେ, ଖବର ପାଇ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଛନ୍ତି । ହାତୀପଲଙ୍କୁ ଜନବସତିଠାରୁ ଦୂରେଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ଦାବି ହୋଇଛି ।

## ନବମନୋନୀତ ଜଗତ୍‌ସିଂହପୁର ଜିଲ୍ଲା ବିଜୁ ଛାତ୍ର ଜନତା ସଭାପତିଙ୍କୁ ଶୁଭେଚ୍ଛା



**ରଘୁନାଥପୁର (ଅମୃତ ମିଡିଆ):** ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତର ରାଜେଶ କୁମାର ମିଶ୍ରଙ୍କୁ ବିଜେଡ଼ି ସୁପ୍ରିମୋ ନବିନ ପଟ୍ଟନାୟକ ଜଗତସିଂହପୁର ଜିଲ୍ଲାର ନବ ଗଠିତ ବିଜୁ ଛାତ୍ର ଜନତାର ସଭାପତି ଭାବେ ମନୋନୀତ କରିଛନ୍ତି । ଏଥି ପାଇଁ ରେଢୁଆ ସମିତି ସଭ୍ୟ ବିଶ୍ୱଜିତ ଦାଶ ଓ ଅଞ୍ଚଳବାସୀଙ୍କ ସମେତ ରଘୁନାଥପୁର ବିଜୁ ଜନତା ଦଳର ସଭାପତି ଦେବାଶିଷ ତ୍ରିପାଠୀ,ବିଜୁ ଯୁବ ଜନତା ବ୍ଲକ ସଭାପତି ଯୋଶେଫ୍ ସ୍ୱାଇଁ, ସରପଞ୍ଚ କିଶୋର ବେହେରା, ସରପଞ୍ଚ ବଟକୃଷ୍ଣ ନାୟକ, ଅନୁପ ପ୍ରସାଦ ସ୍ୱାଇଁ, ରହିମ୍ ଖାଁ, ଅମୁଲ୍ୟ ମହାନ୍ତି, ପ୍ରଭାକର ମଲ୍ଲିକ, ଚନ୍ଦ୍ରକାନ୍ତ ପଣ୍ଡା ପ୍ରମୁଖ ନବିନ ପଟ୍ଟନାୟକଙ୍କ ସମେତ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଇପସିତା ସାହୁ, ପ୍ରଶାନ୍ତ ମୁଦୁଲି, ରାଜଶ୍ରୀ ମଲ୍ଲିକ, ଚିରଞ୍ଜିବୀ ବିଶ୍ୱାଳ, ଶାରଦା ଜେନା, ସମ୍ବିତ ରାଉତରାୟ, ବିଜୟ ଶଙ୍କର ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଶ୍ରୀ ମିଶ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଆଗାମୀ ଦିନରେ ଶ୍ରୀ ମିଶ୍ରଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲାରେ ବିଜୁ ଜନତା ଦଳର ସଂଗଠନ ଆହୁରି ମଜଭୁତ ହୋଇପାରିବ ବୋଲି ରଘୁନାଥପୁର ବିଜୁ ଜନତା ଦଳ ପକ୍ଷରୁ ସୂଚନା ମିଳିଛି ।

## ଟେଣ୍ଟେଇଟାଙ୍ଗର ଗ୍ରାମରାସ୍ତା ଶୋଚନୀୟ

**ଘଟଗାଁ (ଅମୃତ ମିଡିଆ):**କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ସାନ୍ତରାପୁର ପଞ୍ଚାୟତ ଅନ୍ତର୍ଗତ ଟେଣ୍ଟେଇଟାଙ୍ଗର ଗ୍ରାମର ରାସ୍ତା ଏବେ ଶୋଚନୀୟ ଅବସ୍ଥାରେ । ରାସ୍ତା ସାରା ଖାଲଖମାରେ ପରିଣତ ହୋଇଥିବା ବେଳେ ବର୍ଷା ହେଲେ ଏହି ଖାଲରେ ପାଣି ଜମି ରହୁଛି । ଫଳରେ ଯାତାୟାତ ସମୟରେ ଗ୍ରାମବାସୀଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ।

ବର୍ଷ ବର୍ଷ ଧରି ରାସ୍ତାର ଏଭଳି ଦୁରବସ୍ଥା ଯୋଗୁଁ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ବଢ଼ିଚାଲିଛି । ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳ ମଧ୍ୟ କଷ୍ଟକର ହୋଇପଡ଼ିଛି । ବିଶେଷକରି ଜରୁରୀ ସମୟରେ ରୋଗୀଙ୍କୁ ହସ୍ପିଟାଲ ନେବା ପାଇଁ ଆମ୍ବୁଲାନ୍ସ ମଧ୍ୟ ଗ୍ରାମ ଭିତରକୁ ପହଞ୍ଚିବାରେ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି । ରାସ୍ତାର ଏହି ଦୁରବସ୍ଥା ପାଇଁ ଛାତ୍ରଛାତ୍ରୀ, ବୃଦ୍ଧବୃଦ୍ଧାଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ପ୍ରତିଦିନ ହଇରାଣ ହେଉଛନ୍ତି । ବର୍ଷା ଦିନେ ସମସ୍ୟା ଆହୁରି ଗମ୍ଭୀର ହୋଇପଡୁଛି । ଦୀର୍ଘଦିନ ଧରି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏଯାଏଁ ସ୍ଥାୟୀ ସମାଧାନ ହୋଇନଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ରାସ୍ତାର ଅବସ୍ଥା ପ୍ରଶାସନ ତୁରନ୍ତ ଅନୁଧ୍ୟାନ କରି ମରାମତି କରିବା ସହ ଏକ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ କରାଯାଉ । ତେବେ ଟେଣ୍ଟେଇଟାଙ୍ଗର ଗ୍ରାମବାସୀଙ୍କ ଦୀର୍ଘଦିନର ରାସ୍ତା ସମସ୍ୟା କେବେ ଦୂର ହେବ, ଏବେ ତାହାକୁ ନେଇ ଅପେକ୍ଷାରେ ଗ୍ରାମବାସୀ । ତୁରନ୍ତ ରାସ୍ତା ମରାମତି ସହ ସ୍ଥାୟୀ ସମାଧାନ ପାଇଁ ଦାବି ଜୋର ଧରିଛି ।

## ଦ୍ୱିତୀୟ ବନ୍ୟାର ୭ ଦିନ ପରେ ମଧ୍ୟ ସ୍ଥିତି ସଂଗୀନ

### ବିପନ୍ନଙ୍କ ନିକଟରେ ପହଞ୍ଚିଲେ ଯୁବନେତା ସତ୍ୟାନନ୍ଦ ରାଉତ

**ଚାନ୍ଦବାଲି (ଅମୃତ ମିଡିଆ):** ଚାନ୍ଦବାଲି ବ୍ଲକରେ ଦ୍ୱିତୀୟ ବନ୍ୟାର ୭ ଦିନ ପରେ ମଧ୍ୟ ସ୍ଥିତି ସଂଗୀନ । ଘଟପୁର ପଞ୍ଚାୟତର ରତନୀ, ତରୁଖା, ଖୋର୍ଦ୍ଧାସାହି ଆଦି ଗାଁରେ ଏବେବି ବାହ୍ୟ ଜଗତ ସହିତ ଯୋଗାଯୋଗରୁ ବିଚ୍ଛିନ୍ନ ରହିଛି । ପଂଚାୟତରେ ପାଞ୍ଚହଜାରରୁ ଅଧିକ ପରିବାର ଜଳବନ୍ଦୀ ଅବସ୍ଥାରେ ଦିନ କାଟୁଛନ୍ତି । ପାନୀୟଜଳ, ଔଷଧ, ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟର ଘୋର ଅଭାବ ଦେଖାଦେଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ଚାନ୍ଦବାଲି ବ୍ଲକରେ ଦ୍ୱିତୀୟ ବନ୍ୟାକୁ ୭ ଦିନ ବିତିଯାଇଥିଲେ ମଧ୍ୟ ଘଟପୁର ପଞ୍ଚାୟତ ରତନୀ, ତରୁଖା ଓ ଖୋର୍ଦ୍ଧାସାହି ଆଦି ଗାଁରେ ସୁଧୁରିନି ସ୍ଥିତି । ଚାରିଆଡ଼େ ବନ୍ୟା ପାଣି ଘେରି ରହିଥିବାରୁ ଏବେବି ଗାଁଟି ବାହ୍ୟ ଜଗତରୁ ବିଚ୍ଛିନ୍ନ ରହିଛି । ବନ୍ୟା ପାଣି ଯୋଗୁଁ ଯାତାୟାତ ବ୍ୟବସ୍ଥା ଠପ୍ ହୋଇପଡ଼ିଥିବା ବେଳେ ଗ୍ରାମବାସୀଙ୍କ ପାଇଁ ପାନୀୟଜଳ, ଔଷଧ ଓ ଖାଦ୍ୟ ସଙ୍କଟ ଦେଖାଦେଇଛି । ଶୁଖିଲା ଖାଦ୍ୟ ସହ ରନ୍ଧା ଖାଦ୍ୟ ଠିକ୍ ଭାବେ ପହଞ୍ଚୁ ନଥିବା ଅଭିଯୋଗ କରିଛନ୍ତି କଂଗ୍ରେସ ଦଳର ଛାମୁଆ ଯୁବ ନେତା ସତ୍ୟାନନ୍ଦ ରାଉତ । ୭ ଦିନ ଧରି ଜଳବନ୍ଦୀ ଜୀବନ କାଟୁଥିବା ବେଳେ କେବେ ସ୍ୱାଭାବିକ ହେବ ସ୍ଥିତି, ତାହାକୁ ନେଇ ଚିନ୍ତାରେ ରହିଛନ୍ତି ଘଟପୁର ପଂଚାୟତ ବାସୀ । ତୁରନ୍ତ ବିପନ୍ନ ଗାଁ ଗୁଡିକରେ ପ୍ରଶାସନିକ ସହାୟତା, ପାନୀୟଜଳ, ଔଷଧ ଓ ପର୍ଯ୍ୟାପ୍ତ ଖାଦ୍ୟ ପହଞ୍ଚାଇବାକୁ ଦାବି କରିଛନ୍ତି ଗ୍ରାମବାସୀ । ଏଥିନେଇ କଂଗ୍ରେସ ଦଳର ଛାମୁଆ ଯୁବନେତା ସତ୍ୟାନନ୍ଦ ରାଉତ ଓ ତାଙ୍କର କର୍ମୀ ମାନେ ପଂଚାୟତରେ ସମସ୍ତ ବନ୍ୟା ବିପନ୍ନ ଗାଁ ଗୁଡିକ ବୁଲି ସ୍ଥିତି ସମୀକ୍ଷା କରିବା ସହ ଶୁଖିଲା ଖାଦ୍ୟ ଓ ଖୋର୍ଦ୍ଧାସାହିରେ ରନ୍ଧନ ଖାଦ୍ୟ ବଣ୍ଟନ କରିଥିଲେ ।

## ଓଡ଼ିଶାର ସ୍ୱାର୍ଥ ପାଇଁ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଆଣିବାକୁ ଆହ୍ୱାନ: ମାନବ ଅଧିକାର ସୁରକ୍ଷାମଞ୍ଚ



**ବ୍ରହ୍ମପୁର (ଅମୃତ ମିଡିଆ):** ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ଆର୍ଥିକ ସ୍ୱାର୍ଥର ସୁରକ୍ଷା ପାଇଁ ସଂସଦରେ ଏକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଆଣିବାକୁ ପଦକ୍ଷେପ ନେବା ସହ ଓଡ଼ିଶା ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରିବାକୁ ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ଦାବି କରିଛି । ମଞ୍ଚ ପକ୍ଷରୁ ଜାରି ଏକ ପ୍ରେସ୍ ବାର୍ତ୍ତାରେ କୁହାଯାଇଛି ଯେ, ଏମଏମଡିଆର୍ , ୧୯୫୭ର ସାମ୍ପ୍ରତିକ ସଂଶୋଧନ ଫଳରେ ଓଡ଼ିଶା ସମେତ ଖଣି ଓ ଖଣିଜ ସମ୍ପଦରେ ସମୃଦ୍ଧ ରାଜ୍ୟଗୁଡ଼ିକର ରାଜସ୍ୱ ଏବଂ ଆର୍ଥିକ ସ୍ୱାଧୀନତା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଓଡ଼ିଶାର ସ୍ୱାର୍ଥକୁ ଯଥେଷ୍ଟ ଗୁରୁତ୍ୱ ନଦେଇ ଏହି ବିଲ୍‌କୁ ଅତ୍ୟନ୍ତ ତରବରିଆ ଭାବେ ସଂସଦରେ ପାରିତ କରାଯାଇଥିବା ନେଇ ମଞ୍ଚ ଗଭୀର ଉଦ୍ ?ବେଗ ପ୍ରକାଶ କରିଛି । ମଞ୍ଚ ଆବାହକ ତଥା ଆଇନଜୀବୀ ଅବନୀ ଗୟା କହିଛନ୍ତି ଯେ, ଓଡ଼ିଶା ଦେଶର ଅନ୍ୟତମ ପ୍ରମୁଖ ଖଣିଜ ସମୃଦ୍ଧ ରାଜ୍ୟ । ନୂତନ ସଂଶୋଧିତ ଆଇନ ଫଳରେ ରାଜ୍ୟ ଭବିଷ୍ୟତରେ ନିଜ ଖଣିଜ ସମ୍ପଦ ଉପରେ ଅତିରିକ୍ତ କର ବା ସେସ୍ ଲାଗୁ କରିବାର ଅଧିକାର ସୀମିତ ହେବାର ଆଶଙ୍କା ରହିଛି । ଏହାଦ୍ୱାରା ଓଡ଼ିଶାର କୋଟି କୋଟି ଟଙ୍କାର ସମ୍ଭାବ୍ୟ ରାଜସ୍ୱ କ୍ଷତି ହେବା ସହ ରାଜ୍ୟର ଆର୍ଥିକ ସ୍ୱାଧୀନତା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି । ସେ ଆହୁରି କହିଛନ୍ତି ଯେ, ଓଡ଼ିଶାର ଖଣିଜ ସମ୍ପଦରୁ ରାଜ୍ୟ ନିଜସ୍ୱ ରାଜସ୍ୱ ଆଦାୟ କରିବା ସମ୍ପର୍କିତ ସାମ୍ବିଧାନିକ ଅଧିକାର ସୀମିତ ହେବାର ଆଶଙ୍କାକୁ ଗୁରୁତ୍ୱର ସହ ବିଚାର କରାଯିବା ଆବଶ୍ୟକ । ଏଣୁ ଓଡ଼ିଶା ବିଧାନସଭାରେ ଦଳମତ ନିର୍ବିଶେଷରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରି ରାଜ୍ୟର ସ୍ୱାର୍ଥ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନ କରାଯିବା ଉଚିତ । ମାନବ ଅଧିକାର ସୁରକ୍ଷା ମଞ୍ଚ ଓଡ଼ିଶାର ସମସ୍ତ ଲୋକସଭା ଓ ରାଜ୍ୟସଭା ସାଂସଦଙ୍କୁ ଏହି ପ୍ରସଙ୍ଗରେ ଏକତ୍ରିତ ହୋଇ ଓଡ଼ିଶାର ସ୍ୱାର୍ଥର ସୁରକ୍ଷା ପାଇଁ ସଂସଦରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆହ୍ୱାନ କରିଛି । ବିଶେଷକରି ସାଂସଦମାନଙ୍କ ମାଧ୍ୟମରେ ଏକ ପ୍ରାଇଭେଟ୍ ମେମ୍ବର୍ସ ବିଲ୍ ଆଣି ସମ୍ପୃକ୍ତ ଆଇନର ପୁନଃସମୀକ୍ଷା ଓ ଓଡ଼ିଶା ସମେତ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକର ଆର୍ଥିକ ଅଧିକାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ମଞ୍ଚ ଦୃଢ଼ ଦାବି କରିଛି କ୍ଷ ଓଡ଼ିଶାର ଖଣିଜ ସମ୍ପଦ ଉପରେ ରାଜ୍ୟର ନ୍ୟାୟସଙ୍ଗତ ଆର୍ଥିକ ଅଧିକାର ଓ ସ୍ୱାର୍ଥର ସୁରକ୍ଷା ସମସ୍ତ ଜନପ୍ରତିନିଧି ଏବଂ ରାଜନୈତିକ ଦଳଙ୍କ ସାମୂହିକ ଦାୟିତ୍ୱ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ କୁହାଯାଇଛି ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାଫେ ଉଦ୍‌ଘାଟିତ




**ପୋଲସରା (ଅମୃତ ମିଡିଆ):**ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ 'ସୁଭଦ୍ରା ଶକ୍ତି କାଫେ' ଉଦଘାଟିତ ହୋଇଛି । ରବିବାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଳିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାଫେର ଶୁଭାରମ୍ଭ କରିଥିଲେ ।ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀ ଓ ସମ୍ପର୍କୀୟଙ୍କ ପାଇଁ ଏଠାରେ ମାଣ୍ଡିଆରେ ପ୍ରସ୍ତୁତ ସ୍ୱାସ୍ଥ୍ୟକର ଖାଦ୍ୟ ସହ କ୍ଷୀର, ଗରମ ପାଣି, ବିଶୁଦ୍ଧ ପାନୀୟ ଜଳ, ଚାହା, ବିସ୍କୁଟ, ଜଳଖିଆ ଓ ମିନି ମିଲ୍ସ ଉପଲବ୍ଧ ହେବ । ଏହାଦ୍ୱାରା ରୋଗୀ ଓ ସମ୍ପର୍କୀୟଙ୍କୁ ଖାଦ୍ୟପାନୀୟ ପାଇଁ ବାହାରକୁ ଯିବାର ଆବଶ୍ୟକତା କମିବ ।ସୁଭଦ୍ରା ଶକ୍ତିର ମା'ମାନଙ୍କ ମାଧ୍ୟମରେ କାଫେ ପରିଚାଳନା କରାଯାଇ ସେମାନଙ୍କୁ ରୋଜଗାର ଓ ଆତ୍ମନିର୍ଭରତାର ସୁଯୋଗ ଦେବା ସରକାରଙ୍କ ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ମଳିକ କହିଥିଲେ ।କାର୍ଯ୍ୟକ୍ରମରେ ବିଭିନ୍ନ ସୁଭଦ୍ରା ଶକ୍ତିର ମା'ମାନଙ୍କ ସମେତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନ୍ ?ଚାର୍ଜ ଡା. ନାରାୟଣ ସ୍ୱାଇଁ, ସମାଜସେବୀ ତଥା ଯୁବନେତା ପ୍ରଭାକର ପଣ୍ଡା ଓ ଦୀପକ କୁମାର ପ୍ରଧାନ, ସୁରେନ୍ଦ୍ର କରଣ, ରାମକୃଷ୍ଣ ପ୍ରଧାନ, ଦୀପକ ପୋଲାଇ, ପ୍ରଶାନ୍ତ ପ୍ରଧାନ କୃଷ୍ଣ ଚନ୍ଦ୍ର ଜେନା,ମୋତିରାମ ସାହୁ, ଯଜ୍ଞ ନାରାୟଣ ସାହୁ ସମେତ ବିଭିନ୍ନ ଗୋଷ୍ଠୀର ମହିଳା ପ୍ରମୁଖ ଉପସ୍ଥିତ ଥିଲେ ।

## ଅସହାୟ ପ୍ରମିଳାଙ୍କୁ କେବେ ମିଳିବ ସରକାରୀ ସହାୟତା



**ଘଟଗାଁ (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତର ୯ ନମ୍ବର ୱାର୍ଡରେ ରହୁଛନ୍ତି ଅସହାୟ ପ୍ରମିଳା ମୁଣ୍ଡା । ସ୍ୱର୍ଗତ ଶତ୍ରୁଘନ ମୁଣ୍ଡାଙ୍କ ପତ୍ନୀ ପ୍ରମିଳାଙ୍କ ମୁଣ୍ଡ ଉପରୁ ପ୍ରାୟ ୧୨ ବର୍ଷ ତଳେ ଉଠିଯାଇଥିଲା ସ୍ୱାମୀଙ୍କ ଛାତ୍ରଛାୟା । ସ୍ୱାମୀଙ୍କ ମୃତ୍ୟୁକୁ ଏତେ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ମିଳିପାରିନାହିଁ କୌଣସି ସରକାରୀ ସହାୟତା । ପାଞ୍ଚ ପାଞ୍ଚଟି ଛୁଆଙ୍କୁ ନେଇ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଦିନ କାଟୁଛନ୍ତି ପ୍ରମିଳା । ନା ମିଳୁଛି ଭତ୍ତା, ନା ସରକାରୀ ଯୋଜନାରେ ମିଳିଛି ପକ୍କାଘର । ତା'ଉପରେ ଦାଉ ସାଧିଛି ପ୍ରକୃତି । କିଛି ଦିନ ଧରି ଲାଗିରହିଥିବା ବର୍ଷାରେ ତାଙ୍କ ଘର ମଧ୍ୟ ଭାଙ୍ଗିଯାଇଛି । ଫଳରେ ପାଞ୍ଚ ଛୁଆଙ୍କୁ ନେଇ ଏବେ ଅସହାୟ ହୋଇପଡ଼ିଛି ସମ୍ପୂର୍ଣ୍ଣ ପରିବାର । ସରକାରୀ ଯୋଜନା ଗରିବ ଓ ଅସହାୟଙ୍କ ପାଇଁ ଥିଲେ ମଧ୍ୟ, ପ୍ରମିଳାଙ୍କ ପାଖରେ କେବେ ପହଞ୍ଚିବ ସେହି ସହାୟତା । କେବେ ମିଳିବ ତାଙ୍କ ପରିବାରକୁ ଏକ ସୁରକ୍ଷିତ ଆଶ୍ରୟ । ପ୍ରଶାସନ ତୁରନ୍ତ ପ୍ରମିଳାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

## ରାୟଗୁରୁ ବିଜୟ କିଶୋର ମିଶ୍ରଙ୍କ ବିୟୋଗରେ ଶୋକ



**ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଜଣେ ପୁରୁଖା ଜନତା ଦଳ ତଥା ବିଜେଡ଼ିର ତୁଙ୍ଗ ବରିଷ୍ଠ ନେତା,ବରିଷ୍ଠ ମୁରବୀ ଭାବରେ ସମଗ୍ର ବ୍ଲକ ଅଞ୍ଚଳରେ ପରିଚିତ ରାୟଗୁରୁ ବିଜୟକିଶୋର ମିଶ୍ର(ବିଜୁ ନନା)୮୪ବର୍ଷଙ୍କ ବୋଧଙ୍ଗସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ମିଶ୍ର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କର ଅତି ଘନିଷ୍ଠ ବନ୍ଧୁ ଭାବରେ ପରିଚିତ ଥିଲେ । ସ୍ୱର୍ଗତ ମିଶ୍ର ତାଙ୍କ ଜୀବନକାଳ ମଧ୍ୟରେ ବାଲିଆପଦା ଓ ସରପଡ଼ାରେ ଏକାଧିକବାର ସରପଞ୍ଚ ଭାବେ ନିର୍ବାଚିତ ହୋଇ ପଞ୍ଚାୟତବାସୀଙ୍କ ପାଇଁ ବହୁ ସେବାମୂଳକ କାର୍ଯ୍ୟ କରିଥିଲେ । ସ୍ୱର୍ଗତ ମିଶ୍ର ସ୍ଥାନୀୟ ଅଞ୍ଚଳବାସୀଙ୍କ ସୁଖ ଦୁଃଖରେ ସାମିଲ ହେବା ସହିତ ସୁବିଧା ଅସୁବିଧାରେ ସାହାଯ୍ୟ ସହଯୋଗ କରିଆସୁଥିଲେ । ସ୍ୱର୍ଗତ ମିଶ୍ର ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘର ପ୍ରଥମ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ବହନ କରିଥିଲେ । ସ୍ୱର୍ଗତ ମିଶ୍ରଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଦୁଃଖର ଛାୟା ଖେଳିଯାଇଥିଲା ବେଳେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା,ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା,ବୁହାଲୋ ସରପଞ୍ଚ ରମାକାନ୍ତ ମହାନ୍ତି, ବଡ଼କ୍ଷୀର ସରପଞ୍ଚ ହିମାଂଶୁନାରାୟଣ ମଲ୍ଲ,ଯୁବନେତା ତପନ ଦାଶ,କୈଳାସ ସାମନ୍ତରାୟ,ପ୍ରମୋଦ କୁମାର ସ୍ୱାଇଁ,ଚି ଦାସ, ଜ୍ଞାନରଂଜନ ଦାସ,ସରପଞ୍ଚ ବିବେକ ଆଚାର୍ଯ୍ୟ, ରାଜେନ୍ଦ୍ର କୁମାର ମହାନ୍ତି, ଜ୍ୟୋତିପ୍ରକାଶ ସ୍ୱାଇଁ,ରମେଶଚନ୍ଦ୍ର ସ୍ୱାଇଁ,ଶତ୍ରୁଘ୍ନ ଦାସ, ଜିଲ୍ଲା ପରିଷଦ ସଭ୍ୟ ବିପ୍ଳବ କାପ,ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ ପଣ୍ଡା, ସାଧାରଣ ସମ୍ପାଦକ ଜୀବନାନନ୍ଦ ଦାଶ, ଜିଲ୍ଲା ପରିଷଦ ସଭ୍ୟା ଜସ୍ମିତା ସେଠୀ, ନିଶ୍ଚିନ୍ତକୋଇଲି ବ୍ଲକ ଅଧକ୍ଷା ରୋଜି ସେଠୀ, ଓଜେସି ନେତା ରମାକାନ୍ତ ବେହେରା,ବ୍ରହ୍ମାନନ୍ଦ ଜେନା, କ୍ଷୀରୋଦ ପଣ୍ଡା,ପରୀକ୍ଷିତ ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ଗିରିଶରଂଜନ ମହାପାତ୍ର, ସମାଜସେବୀ ହିମାଂଶୁ ଶେଖର ମହାନ୍ତି ପ୍ରମୁଖ ଗଭୀର ଶୋକବ୍ୟକ୍ତ ପ୍ରକାଶ କରିଛନ୍ତି । ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଅଞ୍ଚଳରେ ଭ୍ରମଣ କରାଯିବା ପରେ ପୁରୀର ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁତୁରା ବନବିହାରୀ ମିଶ୍ର ମୁଖାଗ୍ନି ଦେଇଥିଲେ ।

## ୨୦ ବର୍ଷ ହେଲା ଅଣଦେଖା କରୁଛି ପ୍ରଶାସନ

# ଜୋର୍‌ଧରିଲା ସ୍ୱତନ୍ତ୍ର ଆର୍‌ଟିଓ ଅଫିସ ପ୍ରତିଷ୍ଠା ଦାବି

**ବ୍ରହ୍ମପୁର (ଅମୃତ ମିଡିଆ):** ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବ୍ରହ୍ମପୁରରେ ସ୍ୱତନ୍ତ୍ର ଆରଟିଓ ଅଫିସ ପ୍ରତିଷ୍ଠା ପାଇଁ ଦୃଢ ଦାବି କରାଯାଇଛି । ବ୍ରହ୍ମପୁର ଭଳି ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ସହର ବ୍ରହ୍ମପୁରରେ ଆରଟିଓ ନରହିବା କେବଳ ବ୍ରହ୍ମପୁର ନୁହଁ ସମୁଦାୟ 'ଦକ୍ଷିଣ ଓଡିଶା ପ୍ରତି ଅନ୍ୟାୟ' ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି । ଏ ନେଇ କମିଟି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ସହ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ପ୍ରମୂଖ ସଚ୍ଚି, ବାଣିଜ୍ୟ ଓ ପରିବହନ ବିଭାଗ, ମୂଖ୍ୟ ଶାସନ ସଚିବ,ପରିବହନ କମିଶନର , ଗଞ୍ଜାମ ଜିଲାପାଳ, ଆରଡିସି,ବ୍ରହ୍ମପୁର ମହାନଗର ନିଗମ ଆୟୁକ୍ତ ଓ ବ୍ରହ୍ମପୁର ବିଧାୟକଙ୍କୁ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରତିଲିପି ପ୍ରଦାନ କରାଯାଇଚି । କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି, ଏ ଦାବି ୨୦ ବର୍ଷର ପୁରୁଣା । ସବୁ ସରକାର ଏହାକୁ ଅଣଦେଖା କରିଛନ୍ତି । ଦାବିପତ୍ରରେ ବ୍ରହ୍ମପୁରରେ ଆରଟିଓ କାହିଁକି ଦରକାର ସବିଶେଷ ତଥ୍ୟ ପ୍ରଦାନ କରି କୁହାଯାଇଛି ଯେ ଏହା ଓଡିଶାର ସବୁଠୁ ବଡ ଅସଙ୍ଗତି କାରଣ ଗଞ୍ଜାମ ଓଡିଶାର ସବୁଠୁ ବଡ ଜିଲ୍ଲା (୩୫ ଲକ୍ଷ ଲୋକସଂଖ୍ୟା) । ବ୍ରହ୍ମପୁର ଓଡ଼ଶାର ଦ୍ୱିତୀୟ ବୃହତ୍ତମ ସହର ନିୟମ ଅନୁସାରେ ଆରଟିଓ ଏଠାରେ ରହିବା କଥା । କିନ୍ତୁ ଜିଲ୍ଲାର ୮୫% ଗାଡି ବ୍ରହ୍ମପୁର ସହରରେ ଥିବାବେଳେ ଆରଟିଓ ଅଛି ୪୫ କି.ମି ଦୂର ଛୋଟ ସହର ଛତ୍ରପୁରରେ । ଭାରତର ଆଉ କେଉଁ ବଡ ସହରରେ ଏମିତି ନାହିଁ । ସେହିଭଳି ଲୋକଙ୍କ ଦୈନିକ ହଇରାଣ କଥା କହିବାକୁ ଯାଇ ସେ କହିଛନ୍ତି ଯେ ଛତ୍ରପୁର ଆରଟିଓକୁ ଦୈନିକ ୨୦୦୦+ ଲୋକ ଯାଆନ୍ତି, ସେଥିରୁ ୯୦% ବ୍ରହ୍ମପୁରର ।ସକାଳ ୧୦ ଟାରେ ପହଞ୍ଚିବାକୁ ହେଲେ ସକାଳ ୫ ଟାରୁ ବାହାରିବାକୁ ପଡେ । ଜଣେ ଲୋକର ଖର୍ଚ୍ଚ ହିସାବ କଲେ ବସ୍ ଭଡା ୨୦୦-୩୦୦ + ଅଟୋ ୧୦୦ + ଖାଇବା ୧୦୦ + ୧ ଦିନର ମଜୁରୀ ୫୦୦ = ୮୦୦-୧୦୦୦ ଟଙ୍କା ନଷ୍ଟ ବାର୍ଷିକ ଲୋକଙ୍କ କ୍ଷତି ୫୦ କୋଟିରୁ ଅଧିକ । ସେହିପରି ବାଣିଜ୍ୟିକ ରାଜଧାନୀର କ୍ଷତି ବ୍ରହ୍ମପୁରରେ ୫୦୦୦+ ଟ୍ରକ୍, ୩୦୦୦+ ବସ୍, ୧୦,୦୦୦+ ଅଟୋ ଅଛି । ଗୋଟିଏ ଟ୍ରକ୍ ମାସକୁ ୨ ଥର ଫିଟନେସ୍/ ପରମିଟ୍ ପାଇଁ ଛତ୍ରପୁର ଯାଏ । ପ୍ରତି ଥର ଡିଜେଲ ୩୦୦୦ + ଡ୍ରାଇଭର ଖର୍ଚ୍ଚ ୧୦୦୦ + ବ୍ୟବସାୟ କ୍ଷତି ୫୦୦୦ = ୯୦୦୦ ଟଙ୍କା ।୫୦୦୦ ଟ୍ରକ୍ ଘ ୨ ଥର ଘ ୯୦୦୦ = ମାସକୁ ୯ କୋଟି, ବର୍ଷକୁ ୧୦୮ କୋଟି ଟଙ୍କା କ୍ଷତି । ଛାତ୍ର ଓ ସାଧାରଣ ଲୋକ ସବୁଠୁ ଅଧିକ ହଇରାଣ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ , ଖଲିକୋଟ କଲେଜ, ଆଇଟିଆଇ, ଏମକେସିଜି ମେଡିକାଲର ଛାତ୍ରମାନେ ଏଲ୍ ଏଲ୍ /ଡି ଏଲ ପାଇଁ କ୍ଲାସ୍ ବନ୍ଦ କରି ଯିବାକୁ ପଡୁଛି । ସେହିପରି ମହିଳା ଓ ବୟସ୍କ ଲୋକଙ୍କ ପାଇଁ ସକାଳ ୫ ଟାରେ ଯିବା ଅସୁରକ୍ଷିତ । ୪ଟି ଜିଲ୍ଲା ଉପକୃତ ହେବେ ଏନେଏଚ-୧୬ ଓ ଏନ୍ ଏକ - ୨୬ ବ୍ରହ୍ମପୁର ଦେଇ ଯାଇଛି । ବ୍ରହ୍ମପୁରରେ ଆରଟିଓ ହେଲେ ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡା ୪ ଟି ଜିଲ୍ଲାର ୬୦ ଲକ୍ଷ ଲୋକ ଉପକୃତ ହେବେ । ଅଧିକନ୍ତୁ ସରକାରୀ ରାଜସ୍ୱ ୪୦% ବଢିବ ।ବ୍ରହ୍ମପୁରରେ ଅଫିସ୍ ହେଲେ ଲୋକେ ସହଜରେ ଟ୍ୟାକ୍ସ ଦେବେ । ରାଉରକେଲା, ଅନୁଗୋଳରେ ଆରଟିଓ ହେବା ପରେ ରାଜସ୍ୱ ୪୦% ବଢିଥିଲା । ଏହି ପରିପ୍ରେକ୍ଷୀରେ କମିଟି ୫ ଦଫା ଦ୍ୱାି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ତୁରନ୍ତ କାର୍ଯ୍ୟକାରୀ କରିବାକୁ ରଖି କହିଛି ଯେ ଓଆର - ୦୭ କୋଡ୍ ସହ ବ୍ରହ୍ମପୁର ଆରଟିଓକୁ ଅବିଳମ୍ବେ ଘୋଷଣା । ୩୦ ଦିନ ଭିତରେ ବିଏମସି ଅଫିସରେ ଅସ୍ଥାୟୀ ସେବା କେନ୍ଦ୍ର ଖୋଲିବା ।ଖଲ୍ଲିକୋଟ ୟୁନିଟ୍ ରୋଡ୍ ରେ ସ୍ଥାୟୀ କୋଠା ଓ ଅଟୋମେଟେଡ୍ ଡ୍ରାଇଭିଂ ଟେଷ୍ଟ ଟ୍ରାକ୍ ।ଚଳିତ ବର୍ଷ ବଜେଟରେ ୧୦ କୋଟି ବ୍ୟବସ୍ଥା ।ଅଫିସର ଓ କର୍ମଚାରୀ ନିଯୁକ୍ତି । ଏଥି ସହ କମିଟି କହିଛି ଏହା ରାଜନୈତିକ ଦାବି ନୁହେଁ, ଲୋକଙ୍କ ଦାବି । ଗଞ୍ଜାମର ସମସ୍ତ ଦଳର ବିଧାୟକ, ସାଂସଦ ଏହାକୁ ସମର୍ଥନ କରୁଛନ୍ତି । ଆସନ୍ତା ୩ ମାସ ଭିତରେ ଘୋଷଣା ନ ହେଲେ କମିଟି ଟ୍ରକ୍, ବସ୍, ଅଟୋ ମାଲିକ ସଂଘ, ଛାତ୍ର ସଂଗଠନ ଓ ବ୍ୟବସାୟୀ ସଂଘ ସହ ମିଶି ଆନ୍ଦୋଳନ କରିବାକୁ ପଛେଇବ ନାହିଁ ବୋଲି କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ କହିଛନ୍ତି ।

# ଖାରଜବଟିରାରେ ସରକାରୀ ଗୋଚରଜମି ଜବରଦଖଲ

## ରାଜସ୍ୱ ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଗ୍ରାମବାସୀ



**କୋରେଇ (ଅମୃତ ମିଡିଆ) :** ଯାଜପୁର ଜିଲ୍ଲା ବ୍ୟାସନଗର ତହସିଲ ଅନ୍ତର୍ଗତ ଖାରଜବଟିରା ଗ୍ରାମରେ ସରକାରୀ ଗୋଚର ଜମି ଜବରଦଖଲ କରି ବେଆଇନ ଭାବେ ଦୁଇ ମହଲା କୋଠା ନିର୍ମାଣ ହୋଇଥିବା ନେଇ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ତୁରନ୍ତ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଓ ଉଚ୍ଛେଦ ଦାବି କରି ଗ୍ରାମବାସୀ ଏବେ ସମ୍ବାଦପତ୍ର ଓ ଗଣମାଧ୍ୟମ ଜରିଆରେ ରାଜ୍ୟ ରାଜସ୍ୱ ମନ୍ତ୍ରୀ, ବିଭାଗୀୟ ସଚିବ ତଥା ଜିଲ୍ଲା ପ୍ରଶାସନର ଜରୁରୀ ହସ୍ତକ୍ଷେପ ଲୋଡ଼ିଛନ୍ତି। ଗ୍ରାମର ମଳୟ ମଲିକ, ରାମକୃଷ୍ଣ ନନ୍ଦ ଓ ଅନ୍ୟାନ୍ୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମର ଖାତା ନଂ ୨୫୨ ଓ ପ୍ଲଟ୍ ନଂ ୧୬୮ ରେ ଥିବା ସର୍ବସାଧାରଣ ଗୋଚର କିସମ ଜମିକୁ ସ୍ଥାନୀୟ ଜନୈକ ବ୍ୟକ୍ତି ବେଆଇନ ଭାବେ ଅକ୍ତିଆର କରି ଏକ ଦୁଇ ମହଲା ବିଶିଷ୍ଟ କଂକ୍ରିଟ୍ କୋଠା ନିର୍ମାଣ କରିଛନ୍ତି। କୌଣସି ବୈଧ ପଟ୍ଟା ବା ସରକାରୀ ଅନୁମତି ବିନା ଏହି ନିର୍ମାଣ କାର୍ଯ୍ୟ କରାଯାଇଛି।

### ସୁପ୍ରିମକୋର୍ଟଙ୍କ ରାୟର ଖୋଲା ଉଲ୍ଲଂଘନ

ଗ୍ରାମବାସୀ ଦର୍ଶାଇଛନ୍ତି ଯେ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ଐତିହାସିକ ରାୟ (ଜଗପାଲ ସିଂହ ଏବଂ ଅନ୍ୟମାନେ ବନାମ ପଞ୍ଜାବ ରାଜ୍ୟ - ୨୦୧୧) ଅନୁଯାୟୀ ଗ୍ରାମର ସର୍ବସାଧାରଣ ଗୋଚର, ପୋଖରୀ ଓ ସମ୍ପତ୍ତିକୁ କୌଣସି ବ୍ୟକ୍ତିବିଶେଷ ଜବରଦଖଲ କରିପାରିବେ ନାହିଁ କିମ୍ବା ଏହାକୁ ବ୍ୟକ୍ତିଗତ ନାମରେ ନିୟମିତ କରାଯାଇପାରିବ ନାହିଁ। ଏପରି ସ୍ଥଳେ ପ୍ରଶାସନ ତୁରନ୍ତ ଉଚ୍ଛେଦ ପ୍ରକ୍ରିୟା ଗ୍ରହଣ କରି ଜମିକୁ ମୁକ୍ତ କରିବା ବାଧ୍ୟତାମୂଳକ। ଏହାସହ ଓଡ଼ିଶା ଜମି ଜବରଦଖଲ ନିବାରଣ ଆଇନ ଅନୁଯାୟୀ ଗୋଚର ଜମିର ହସ୍ତାନ୍ତର ସମ୍ପୂର୍ଣ୍ଣ ବେଆଇନ।

### ଚାଷୀ ଓ ଗୋପାଳକଙ୍କ ଚିନ୍ତା

ଏହି ଜମି ପିଢ଼ି ପିଢ଼ି ଧରି ଗାଁର ଗୋରୁଗାଈଙ୍କ ଚାରଣ ଭୂମି ତଥା ସାଧାରଣ ବ୍ୟବହାର ପାଇଁ ଉଦ୍ଦିଷ୍ଟ ରହିଥିବାରୁ ଏହି ଜବରଦଖଲ ଫଳରେ ସ୍ଥାନୀୟ ଚାଷୀ ଓ ଗୋପାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଣମାଧ୍ୟମ ଜରିଆରେ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି ଯେ, ତୁରନ୍ତ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଓ ତହସିଲ ପ୍ରଶାସନ ଦ୍ୱାରା ଉକ୍ତ ପ୍ଲଟର ସୀମା ନିର୍ଦ୍ଧାରଣ କରାଯାଉ ଏବଂ ଢଂଚଖର ଇମସ୍ୱ ଅଧୀନରେ ବେଆଇନ କୋଠାକୁ ଉଚ୍ଛେଦ କରି ଗୋଚର ଜମିକୁ ପୁନରୁଦ୍ଧାର କରାଯାଉ।

# ରୁଦ୍ରେଶ୍ୱର ଓ ବାନାମ୍ବର ଘାଟରୁ ପାଣି ଉଠାଇଲେ ୧୦ହଜାର କାଉଡିଆ



**ରଘୁନାଥପୁର (ଅମୃତ ମିଡିଆ) :** ଶ୍ରାବଣ ମାସ ଶେଷ ପାଳିରେ ବିଭିନ୍ନ ଶୈବ ମନ୍ଦିରରେ ଜଳାଭିଷେକ ପାଇଁ ରଘୁନାଥପୁର ବ୍ଲକ କୋରାକରା ସ୍ଥିତ ରୁଦ୍ରେଶ୍ୱର ଘାଟ ଓ ତାରପୁର ମହାନଦୀ ସ୍ଥିତ ବାନାମ୍ବର ଘାଟରୁ ୧୦ହଜାରରୁ ଊର୍ଦ୍ଧ୍ୱ କାଉଡିଆ ପାଣି ଉଠାଇ ଥିବାର କମିଟି ମୁଖ୍ୟ ବିଷ୍ଣୁ ବିଶ୍ୱାଳ ପ୍ରକାଶ କରିଛନ୍ତି। ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଅଘଟଣକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ପାଣି ଉଠାଇବା ସ୍ଥାନରେ କାଉଡିଆଙ୍କ ପାଇ ବ୍ୟାରିକଡ ବ୍ୟବସ୍ଥା କରାଯାଇଛି। ରଘୁନାଥପୁର ଥାନା ପୋଲିସ ସୁରକ୍ଷା ଦାୟୀତ୍ୱରେ ଥିବାବେଳେ ଦମକଳ ବାହିନୀ କାଉଡିଆଙ୍କ ପାଣି ଉଠାଉଥିବା ସ୍ଥାନରେ ଉପସ୍ଥିତ ରହି ସେବା ଯୋଗାଇ ଦେଇଥିଲେ। ରବିବାର ପୂର୍ବାହ୍ନରୁ କାଉଡ଼ିଆମାନେ ପାଣି ଉଠାଇ ପ୍ରଭୁ ଗୋରେଖନାଥ, ଅଷ୍ଟଶମ୍ଭୁ, ନୀଳକଣ୍ଠେଶ୍ୱର, ଗ୍ରାମେଶ୍ୱର, ରୁଦ୍ରେଶ୍ୱର, ସର୍ପେଶ୍ୱର, ଇସାନେସ୍ୱର ଓ ବିଭିନ୍ନ ଶୈବ ମନ୍ଦିର ଅଭିମୁଖେ ଯାତ୍ରା କରିଥିଲେ। ତାରପୁର ଠାରୁ ଜଇପୁର ପର୍ଯ୍ୟନ୍ତ ୬ କିମି ରାସ୍ତାରେ ହଜାର ହଜାର କାଉଡିଆଙ୍କ ଗହଳି ଲାଗି ରହିଥିଲା। କମିଟି ପକ୍ଷରୁ ରବୀନ୍ଦ୍ର ନାୟକ, ପ୍ରଭାକର ମଲ୍ଲିକ, ବିଜୟ ଦାଶ, ପ୍ରତାପ ରାଉତଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ ଯୋଗାଇ ଦେଇଥିଲେ।

# ପ୍ରଥମପୃଷ୍ଠାର ଅବଶିଷ୍ଟାଂଶ...

## ପ୍ରବଳ...

ସତର୍କ ସୂଚନା ଜାରି କରାଯାଇଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲାପାଳ ସୋମବାର ସ୍କୁଲ, କଲେଜ ଛୁଟି ଘୋଷଣା କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ଅନୁସାରେ ଅଗଷ୍ଟ ୨୪ ତାରିଖରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ ଓ କଲେଜ ବନ୍ଦ ରହିବ। ଉକ୍ତ ଦିନ ଅଙ୍ଗନୱାଡ଼ି କେନ୍ଦ୍ର ଓ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ବନ୍ଦ ରହିବ। ତେବେ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ଅଙ୍ଗନୱାଡ଼ି କର୍ମୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ନିଜ ନିଜ ଶିକ୍ଷାନୁଷ୍ଠାନରେ ଉପସ୍ଥିତ ରହିବେ। ବର୍ଷା ସମୟରେ ଜଳଭର୍ତ୍ତି ରାସ୍ତା, ନାଳ, ନଦୀ ଓ ଅନ୍ୟାନ୍ୟ ବିପଦସଙ୍କୁଳ ସ୍ଥାନ ଦେଇ ଯାତାୟାତ ନ କରିବାକୁ ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି। ବଜ୍ରପାତ ସମୟରେ ଖୋଲା ପଡ଼ିଆ, ଗଛ ତଳେ, ଜଳାଶୟ ନିକଟରେ କିମ୍ବା ଅନ୍ୟାନ୍ୟ ଅସୁରକ୍ଷିତ ସ୍ଥାନରେ ନ ରହି ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

## ଖାଲି ...

ପ୍ରତିଶତ ପଦରେ କୌଣସି କର୍ମଚାରୀ ନାହାନ୍ତି। ଦେଶର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ହେଉଛି ପ୍ରତିରକ୍ଷା ମନ୍ତ୍ରଣାଳୟ। ଏହାର ବେସାମରିକ ୟୁନିଟ୍‌ରେ ୫,୫୬,୨୪୮ଟି ମଞ୍ଜୁରୀପ୍ରାପ୍ତ ପଦ ରହିଛି। କିନ୍ତୁ ୨୦୨୪ ମାର୍ଚ୍ଚ ୧ ସୁଦ୍ଧା ଏଠାରେ କେବଳ ମାତ୍ର ୩,୧୪,୦୦୫ ଜଣ କର୍ମଚାରୀ କାର୍ଯ୍ୟରତ ଥିଲେ। ୨,୪୨,୨୪୩ଟି ପଦ ଖାଲି ଥିଲା। ଏହା ମଞ୍ଜୁରୀପ୍ରାପ୍ତ ସିଭିଲିଆନ୍ ପଦର ପ୍ରାୟ ୪୩.୫ ପ୍ରତିଶତ। ଭାରତର ବିଶାଳ ପରିବହନ ନେଟୱର୍କ ଓ ଦେଶର ସବୁଠାରୁ ବଡ଼ ନିଯୁକ୍ତିଦାତା ମଧ୍ୟରୁ ଅନ୍ୟତମ ରେଳବାଇର ସ୍ଥିତି ମଧ୍ୟ ସମାନ। ୧୪,୭୯,୭୦୧ଟି ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ମାତ୍ର ୧୨,୩୯,୫୭୬ଟି ପଦରେ ନିଯୁକ୍ତି ଦିଆଯାଇଛି। ରେଳବାଇର ୨,୪୦,୧୨୫ଟି ପଦ ଖାଲି ରହିଛି। ପ୍ରତିରକ୍ଷା ଓ ରେଳବାଇରେ ୪.୮୨ ଲକ୍ଷରୁ ଅଧିକ ନିଯୁକ୍ତିର ସମ୍ଭାବନା ରହିଛି। କିନ୍ତୁ ଏହି ପଦବୀଗୁଡ଼ିକୁ ପୂରଣ କରାଯାଇ ନାହିଁ। ଏହାବାଦ ଗୃହ ମନ୍ତ୍ରଣାଳୟରେ ୧୧,୧୮,୨୩୩ଟି ମଞ୍ଜୁରୀପ୍ରାପ୍ତ ପଦ ଥିବାବେଳେ ୧୦,୦୭,୩୪୮ ଜଣ କାର୍ଯ୍ୟରତ ଅଛନ୍ତି। ଗୃହ ମନ୍ତ୍ରଣାଳୟରେ ୧,୧୦,୮୮୫ଟି ପଦ ଖାଲି ରହିଛି। ଡାକ ବିଭାଗରେ ୨,୫୩,୧୨୪ଟି ମଞ୍ଜୁରୀପ୍ରାପ୍ତ ପଦ ଥିବା ବେଳେ ମାତ୍ର ୧,୯୧,୫୭୮ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ରାଜସ୍ୱ ବିଭାଗରେ ୧,୭୯,୩୭୪ଟି ମଞ୍ଜୁରୀପ୍ରାପ୍ତ ପଦରେ ୧,୦୯,୭୧୨ ଜଣ କାର୍ଯ୍ୟରତ ଅଛନ୍ତି। କୃଷି ଓ କୃଷକ କଲ୍ୟାଣ ବିଭାଗର ୫,୪୨୦ଟି ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ୩,୫୬୫ ଜଣଙ୍କୁ ନିଯୁକ୍ତି ମିଳିଛି। କୃଷି ବିଭାଗର ୧,୮୫୫ଟି ପଦ ଖାଲି ରହିଛି। ପଶୁପାଳନ ଓ ଦୁଗ୍ଧ ବିଭାଗର ସ୍ଥିତି ଆହୁରି ଜଟିଳ। ଏହି ବିଭାଗ ପାଇଁ ୨,୩୯୩ଟି ପଦକୁ ମଞ୍ଜୁରୀ ମିଳିଛି। କିନ୍ତୁ ନିଯୁକ୍ତି ହୋଇଛନ୍ତି ମାତ୍ର ୧,୦୧୫ ଜଣ। ମତ୍ସ୍ୟ ବିଭାଗରେ ୬୬୪ଟି ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ୪୬୪ଙ୍କୁ ନିଯୁକ୍ତି ଦିଆଯାଇଛି। ଦେଶର ପରିବେଶ ପ୍ରଶାସନର ସ୍ଥିତି ମଧ୍ୟ ଚମକାଇ ଦେବା ଭଳି। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟରେ ୫,୧୨୭ଟି ମଞ୍ଜୁରୀପ୍ରାପ୍ତ ପଦ ବିପରୀତରେ ମାତ୍ର ୩,୧୭୦ ଜଣ କାର୍ଯ୍ୟରତ ଥିଲେ। ଫଳରେ ୧,୯୫୭ଟି ପଦ ଖାଲି ଥିଲା, ଯାହା ମଞ୍ଜୁରୀପ୍ରାପ୍ତ ପଦର ପ୍ରାୟ ୩୮ ପ୍ରତିଶତ।ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟରେ ୬,୩୦୨ଟି ମଞ୍ଜୁରୀପ୍ରାପ୍ତ ପଦରେ ୩,୬୮୪ ଜଣଙ୍କୁ ଦାୟିତ୍ୱ ମିଳିଛି। ଶିକ୍ଷା ବିଭାଗ ମଧ୍ୟ ବଡ଼ ମାନବସମ୍ବଳ ସମସ୍ୟାର ସମ୍ମୁଖୀନ ହେଉଛି।ଉଚ୍ଚଶିକ୍ଷା ବିଭାଗରେ ୧,୪୧୪ଟି ମଞ୍ଜୁରୀପ୍ରାପ୍ତ ପଦରୁ କେବଳ ୮୯୨ଟି ପୂରଣ ହୋଇଛି। ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗରେ ୩୬୫ଟି ମଞ୍ଜୁରୀପ୍ରାପ୍ତ ପଦରୁ ୨୭୮ଟିରେ ନିଯୁକ୍ତି ହୋଇଛି। ଅର୍ଥାତ ୮୭ଟି ପଦ ଖାଲି ରହିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୨୭,୪୨୭ଟି ମଞ୍ଜୁରୀପ୍ରାପ୍ତ ପଦରେ ୨୫,୮୪୫ ଜଣ, ସ୍ୱାସ୍ଥ୍ୟ ଗବେଷଣା ବିଭାଗରେ ୬୨ଟି ମଞ୍ଜୁରୀପ୍ରାପ୍ତ ପଦରୁ ୨୮ ଜଣ, ଆୟୁଷ ବିଭାଗରେ ୪୩୨ଟି ମଞ୍ଜୁରୀପ୍ରାପ୍ତ ପଦ ମଧ୍ୟରୁ ୧୯୯ ଜଣଙ୍କୁ କେବଳ ନିଯୁକ୍ତି ମିଳିଛି।ପରମାଣୁ ଶକ୍ତି ବିଭାଗର ୩୭,୨୫୦ଟି ମଞ୍ଜୁରୀପ୍ରାପ୍ତ ପଦରୁ ୨୭,୦୧୬ ଜଣ, ମହାକାଶ ବିଭାଗର ୧୯,୨୦୦ଟି ମଞ୍ଜୁରୀପ୍ରାପ୍ତ ପଦରେ ୧୫,୦୭୪ ଜଣ ଓ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟରେ ୬,୫୨୭ଟି ମଞ୍ଜୁରୀପ୍ରାପ୍ତ ପଦରେ କେବଳ ୪,୮୪୬ ଜଣ କାମ କରୁଛନ୍ତି। ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟରେ ମୋଟ ୧୯,୧୫୧ଟି ପଦ ରହିଥିବା ବେଳେ ୧୪,୫୫୯ଟି, ଜଳ ସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ବିଭାଗର ୧୧,୪୩୩ଟି ମଞ୍ଜୁରୀପ୍ରାପ୍ତ ପଦରୁ କେବଳ ୮,୨୪୨ଟି ପୂରଣ ହୋଇଛି।

## ବଦଳୁଛି ...

ପୋଲିସ ସାଜି ଅପରାଧ ଭିଆଉଥିବା ଏଭଳି ବାବୁମାନଙ୍କ ପ୍ରତି କଠୋର ଦଣ୍ଡବିଧାନ ହେଲେ କେବଳ ଯେ, ରାଜ୍ୟ ପୋଲିସ ବିଭାଗ ନିଜର ଭାବମୂର୍ତ୍ତିକୁ ସୁରକ୍ଷିତ ରଖିବ ତା'ନୁହେଁ, ଜନତାଙ୍କ ବିଶ୍ୱାସ ବି ଜିତିପାରିବ। ତେଣୁ ଏମାନଙ୍କୁ କଠୋର ଦଣ୍ଡ ଦିଆଯାଇ ଆଇନ ଓ ବିଭାଗ ପ୍ରତି ଲୋକଙ୍କ ବିଶ୍ୱାସ ବଢ଼ାଯିବା ଏକାନ୍ତ ଅପରିହାର୍ଯ୍ୟ, ଏହା ନିଃସନ୍ଦେହରେ କୁହାଯାଇପାରେ।

# ସର୍ପାଘାତରେ ଯୁବକଙ୍କ ମୃତ୍ୟୁ

**ମାହାଙ୍ଗା (ଅମୃତ ମିଡ଼ିଆ) :** ମାହାଙ୍ଗା ବିକାଶ ପରିଷଦ କଇଥା ଶାଖା ପକ୍ଷରୁ ଶୋକ।କଇଥା ପଞ୍ଚାୟତର ବୁଥ ସଭାପତି ଯୁବ ନେତା ଅନାଦି ସାହୁଙ୍କ ବଡ଼ ଭାଇ କ୍ଷୀରୋଦ ଚନ୍ଦ୍ର ସାହୁ ଗତକାଲି କାମ କରିବା ପାଇଁ ବିଲକୁ ଯାଇଥିବା ବେଳେ ସର୍ପା ଘାତରେ ମୃତ୍ୟୁ ବରଣ କରିଛନ୍ତି। ପରିବାର ଲୋକେ ଖବର ପାଇ ତାଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶୋକ ଖବର ପାଇ ବିକାଶ ପରିଷଦ କଇଥା ଶାଖା ପକ୍ଷରୁ ସଭାପତି ମନୋଜ କୁମାର୍ ନାଥ, ପ୍ରଶାନ୍ତ ରାଉତ, ଅମୂଲ୍ୟ ଜେନା, ଅଶୋକ ବେହେରା, ମାୟାଧର ବାରିକ୍, ଶରତ ନାଥ, ନାରାୟଣ ଖୁଣ୍ଟିଆ, ହଳଧର ପରିଡା, ସନ୍ତୋଷ ପରିଡା ଓ ପବିତ୍ର ପାଲ୍ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ବଡ଼ ପୁଅ ସନ୍ତୋଷ କୁମାର ସାହୁ ମୁଖାଗ୍ନୀ ଦେଇଥିଲେ। ଗ୍ରାମ ଶ୍ମଶାନରେ ଶେଷ କୃତ୍ୟ ସଂପନ୍ନ ହୋଇ ଥିଲା।

# ବ୍ୟବସାୟୀଙ୍କ ବିୟୋଗ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ସହରର ବିଶିଷ୍ଟ ବ୍ୟବସାୟୀ ହାଜି ମିର୍ ରହେମତ ଅଲ୍ଲୀଙ୍କ ୮୨ବର୍ଷ ବୟସରେ ବିୟୋଗ ହୋଇଯାଇଛି । ତାଙ୍କ ବିୟୋଗ ଖବର ପାଇ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି ଗରାପୁରସ୍ଥିତ ତାଙ୍କ ବାସସ୍ଥାନକୁ ଯାଇ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ସ୍ୱର୍ଗତ ଅଲ୍ଲୀଙ୍କ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ଦେହାନ୍ତ ହୋଇଯାଇଥିଲା । ହାଜି ରହେମତ କେନ୍ଦ୍ରାପଡା ସହରରେ ମୟୂରୀ ଗ୍ରୁପ ବ୍ୟବସାୟ ପ୍ରତିଷ୍ଠାନ ପ୍ରତିଷ୍ଠାକରି ବ୍ୟବସାୟ କ୍ଷେତ୍ରରେ ଦକ୍ଷତା ପ୍ରତିପାଦନ କରିଥିଲେ । ଜିଲ୍ଲାରେ ବିଭିନ୍ନ ସ୍ଥାନରେ ମଦ୍ରାସା ପ୍ରତିଷ୍ଠା କରି ସେଥିରେ ଶହ ଶହ ଗରିବ ପିଲାମାନଙ୍କୁ ଶିକ୍ଷାକ୍ଷେତ୍ରରେ ସଂପୂର୍ଣ୍ଣ ସହଯୋଗ କରୁଥିଲେ । ଜୀବନରେ ସେ ୫ଥର ହଜ୍ କରି ସମାଜକୁ ସତ୍ୟ, ଶାନ୍ତି, କ୍ଷମାର ବାର୍ତ୍ତା ଦେଇଥିଲେ । ହଜ ଏବଂ ୱାକଫ ବୋର୍ଡର ସଦସ୍ୟ, ଜୁମା ମସଜିଦର ସମ୍ପାଦକଜ ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ କେନ୍ଦ୍ରାପଡା ବ୍ୟବସାୟ ଜଗତର ଅପୂରଣୀୟ କ୍ଷତି ଘଟିଛି ।

# ଟ୍ରାଇବାଲ୍ କୋଅପରେଟିଭ୍ ସୋସାଇଟି ତରଫରୁ ସମ୍ବର୍ଦ୍ଧନା



**ବାରିପଦା (ଅମୃତ ମିଡିଆ) :** ୮୦ତମ ସ୍ୱାଧୀନତା ଦିବସରେ ଭଞ୍ଜକିଆ ସ୍ଥିତ ଭଞ୍ଜକିଆ ଟ୍ରାୟବାଲ୍ କୋଅପେରେଟୀଭ୍ ସୋସାଇଟୀର ନୂତନ ଅଫିସ୍ ଉଦଘାଟନ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଶିଷ୍ଟ ବ୍ୟକ୍ତିଂକୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଦିଆଯାଇଛି। ସେମାନେ ହେଲେ ରାଉରକେଲା ଷ୍ଟୀଲ୍ ପ୍ଲାଣ୍ଟର ଅନ୍ୟତମ ଜେନେରାଲ ମ୍ୟାନେଜର ଗୁରୁଚରଣ ହେମ୍ବ୍ରମ୍, ଜିଲ୍ଲା ପରିଷଦ ସଦସ୍ୟା ମୀନତି ତିରିଆ, ଭଂଜକିଆ ସରପଞ୍ଚ ଦେବେନ୍ଦ୍ର ତିରିଆ, ପୂର୍ବତନ ସରପଞ୍ଚ ମଧୁ ସୂଦନ ହେମ୍ବ୍ରମ୍, ଅବସର ପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଝାଡେଶ୍ୱର ମହାନ୍ତ, ଜି. ଆର ଏସ୍ ମୀନାରାଣୀ ବାରିକ୍ ଆଦି। ଏହି କାର୍ଯ୍ୟକ୍ରମକୁ ଆଗେଇ ନେବାରେ ଟ୍ରାଇକସ୍ ସଂପାଦିକା ରୀନା ପିଂଗୁଆ, ସମାଜ ସେବୀ ମୋତିଲାଲ ମହାକୁଡ଼ ଓ ପ୍ରକାଶିନୀ ପୂର୍ତ୍ତି ସହଯୋଗ କରିଥିଲେ। ପ୍ରକାଶଥାଉ କି ଏ ଅଂଚଳର ଅବହେଳିତ ଆଦିବାସୀ, ହରିଜନ ଓ ଗରିବ ଚାଷୀଙ୍କ ଆର୍ଥୀକ ସୁଧାର ଲାଗି ଏକ ପ୍ରୟାସ ୨୦୨୩ ମସିହାରୁ ଉପଦେଷ୍ଟା ଅବସରପ୍ରାପ୍ତ ପୋଲିସ୍ ଇନସପେକ୍ଟର ଡମ୍ବରୁଧର ହୋନହଗାଂକ ମାର୍ଗଦର୍ଶନରେ ଆଗେଇ ଚାଲିଛି। ପରବର୍ତ୍ତୀ ସମୟରେ ଆଦିବାସୀଂକୁ ନିଶା ସେବନରୁ ଦୂରେଇ ବିଭିନ୍ନ କର୍ମଭିତ୍ତିକ ଯୋଜନା ଯଥା, ପୋଲଟ୍ରୀ ଫାର୍ମ, ଆଚାର ଉଦ୍ୟୋକ୍ଷଗ, ଉନ୍ନତ କୃଷି ଆଡକୁ ପ୍ରବର୍ତ୍ତାଇ ତାଙ୍କ ଆର୍ଥିକ ଉନ୍ନତି କରାଇବାକୁ ଲକ୍ଷ ରଖାଯାଇଛି। ହେକ୍ଷ ଆଦିବାସୀଙ୍କର ଏହି ଅଭିନବ ଉଦ୍ୟମକୁ ସାକାର କରିବା ଲାଗି ଏହି ଟ୍ରାଇକସ୍ ସଂସ୍ଥାରେ ଜିଏମ୍ ଗୁରୁଚରଣ ହେମ୍ବ୍ରମ୍, ପୋଲିସ୍ ଅଫିସର ଦେବେନ୍ଦ୍ର ପିଂଗୁଆ, ଷ୍ଟେସନ ମାଷ୍ଟର ଶିରୀଶ ସାମାଦ୍, ଏଏମଓ. ଡାକା ହେସସା ଆଦି ସମାଜର ପ୍ରତିଷ୍ଠିତ ବ୍ୟକ୍ତିଗଣ ଯୋକ୍ଷଗଦେଇ ଥିବାର ପ୍ରକାଶ।

# ଯାଜପୁର ଫୁଟବଲ ଖେଳାଳିଙ୍କ କମାଲ

## ଓଡ଼ିଶା ଅଣ୍ଡର-୧୬ ଜାତୀୟ ଦଳରେ ୮ ଜଣ ମନୋନୀତ



**ଯାଜପୁର (ଅମୃତ ମିଡିଆ) :** ଆଗାମୀ ୧୭ ବର୍ଷରୁ କମ୍ ଜାତୀୟ ଫୁଟବଲ ପ୍ରତିଯୋଗିତା ପାଇଁ ଓଡ଼ିଶା ରାଜ୍ୟ ଦଳରେ ଯାଜପୁରର ୮ ଜଣ ପ୍ରତିଭାବାନ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ଏହି ସଫଳତା ସହ ଯାଜପୁର ରାଜ୍ୟ ଫୁଟବଲ କ୍ଷେତ୍ରରେ ଏକ ନୂତନ ଶକ୍ତିକେନ୍ଦ୍ର ଭାବେ ଉଭା ହୋଇଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ ର ସୁବ୍ୟବସ୍ଥିତ ତାଲିମ ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ା ବିକାଶ ଯୋଗୁଁ ଏହି ବଡ଼ ସଫଳତା ମିଳିପାରିଛି। ମନୋନୀତ ହୋଇଥିବା ୮ ଜଣ ଖେଳାଳିଙ୍କ ମଧ୍ୟରୁ ୫ ଜଣ ଟିଏସଏଫର ତୃଣମୂଳ ଫୁଟବଲ ତାଲିମ କେନ୍ଦ୍ରରେ ଖେଳାଳି । ନିଜର ଉତ୍କୃଷ୍ଟ କୌଶଳ, ଶୃଙ୍ଖଳା ଓ କଠିନ ପରିଶ୍ରମ ବଳରେ ରାଜ୍ୟ ଦଳରେ ସ୍ଥାନ ପକ୍କା କରିଥିବା ଏହି ଖେଳାଳିମାନେ ହେଲେ, ସୁକିନ୍ଦାର ପ୍ରେମଚାନ୍ଦ ଏବଂ ଲକ୍ଷ୍ମଣ ମାଝୀ ଶାଳବଣିଆ, ବ୍ରାହ୍ମଣୀପାଳର ଲକି ଟୁଡୁ, କଳିଙ୍ଗନଗରର ମଙ୍ଗଳ ବେସ୍ରା ଏବଂ ସିରକା ଗାଗରାଇ। ସ୍ଥାନୀୟ ପ୍ରତିଭାଙ୍କୁ ଚିହ୍ନଟ କରି, ଉପଯୁକ୍ତ ତାଲିମ ଦେଇ ଉଚ୍ଚସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାରେ ଟିଏସଏଫର ପ୍ରୟାସ ଏବେ ସଫଳ ହେଉଥିବା ଦର୍ଶାଉଛି। କଳିଙ୍ଗନଗର, ସୁକିନ୍ଦା ଓ ବ୍ରାହ୍ମଣୀପାଳ ସମେତ ସମଗ୍ର ଯାଜପୁର ଜିଲ୍ଲାରେ ୨୦୧୨ ମସିହାରୁ ଆରମ୍ଭ ହୋଇଥିବା ଏହି ତୃଣମୂଳ ଫୁଟବଲ କାର୍ଯ୍ୟକ୍ରମ ମାଧ୍ୟମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଗ୍ରାମୀଣ ତଥା ଆଦିବାସୀ ଯୁବପିଢ଼ିଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତାମୂଳକ ସୁଯୋଗ ଯୋଗାଇ ଦେଉଛି। ସ୍ଥାନୀୟ ପ୍ରତିଭାଙ୍କୁ ରାଜ୍ୟ ସ୍ତରର ମଞ୍ଚ ସହ ଯୋଡ଼ି ଏହି ଅଭିଯାନ ଓଡ଼ିଶାର ଉଦୀୟମାନ ଖେଳାଳିଙ୍କ ସ୍ୱପ୍ନକୁ ସାକାର କରିଚାଲିଛି।

# ବ୍ୟାସ ଫାଉଣ୍ଡେସନର ସପ୍ତମବାର୍ଷିକ ଉତ୍ସବ



**କୁଜଙ୍ଗ (ଅମୃତ ମିଡିଆ) :** ବାଣୀକ୍ଷେତ୍ର ଜଗତସିଂହପୁର ଜିଲ୍ଲା, ବାଲିକୁଦାବ୍ଲକ ଅଧିନ ଆମ୍ବଶାଳ ସ୍ଥିତ କଲ୍ୟାଣମଣ୍ଡପରେ ଗତ ରବିବାରଦିନ ପୂର୍ବାହ୍ନରେ, ବ୍ୟାସଫାଉଣ୍ଡେସନ ଏ ଚାରିଟେବୁଲ ଟ୍ରଷ୍ଟ ଓଡିଶା ଆନୁକୂଲ୍ୟରେ ସେବା ଓ ଆଧାତ୍ମିକ ପ୍ରଚାରପ୍ରସାର କ୍ଷେତ୍ରରେ ସମର୍ପିତ, ବ୍ୟାସ ଫାଉଣ୍ଡେସନର ସପ୍ତମ ବାର୍ଷିକ ଉତ୍ସବ ଓ ଗୀତାଜ୍ଞାନାଞ୍ଜନର ଚତୁର୍ଦ୍ଦଶ ସଂଖ୍ୟାର ବିଶେଷାଙ୍କର ଶୁଭଉନ୍ମୋଚନ କାର୍ଯ୍ୟକ୍ରମ ବିପୁଳ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଡ଼ ସିଦ୍ଧେଶ୍ୱର ପଣ୍ଡା, ପ୍ରାରମ୍ଭିକ ସୂଚନା ଓ ମଞ୍ଚପରିଚାଳନା କରିଥିବା ବେଳେ ଅଧ୍ୟାପକ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ଓ ଯୁଗ୍ମସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ ନିମନ୍ତ୍ରିତଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଫାଉଣ୍ଡେସନର ଅଧ୍ୟକ୍ଷ ସ୍ନେହମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମର ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂଜ୍ୟ ସ୍ୱାମୀ ଗିରିଜାନନ୍ଦ ପର୍ବତ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଏସଭିଏମ କଲେଜର ଅଧ୍ୟକ୍ଷ ସୁଜାତା ଓତା, ଖ୍ୟାତନାମା ସାହିତ୍ୟିକ ଡ଼ ବଟକୃଷ୍ଣ ସ୍ୱାଇଁ, ପ୍ରାର୍ଥନା ଚ୍ୟାନେଲର ମୁଖ୍ୟନିର୍ଦ୍ଦେଶକ ସୁଶାନ୍ତ କୁମାର ବିଷୋୟୀ, ଆଇନଜୀବି ପ୍ରକାଶ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଡ଼ ପ୍ରସନ୍ନ କୁମାର ବାରିକ ପ୍ରମୁଖ ବରଣ୍ୟ ଅତିଥିମାନେ, ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦଘାଟନ କରିବା ସହିତ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିବାବେଳେ, ଅନୁଷ୍ଠାନର ମୁଖପତ୍ର ଗୀତଜ୍ଞକ୍ଷନଞ୍ଜନ ମଧ୍ୟ ଉନ୍ମୋଚନ କରିଥିଲେ। ଏହି ଅବସରରେ ବରଗଡ଼ର ବିଶ୍ୱପ୍ରସିଦ୍ଧ କଂସ ମହାରାଜ ଭୂମିକାର କଳାକାର ନାଟ୍ୟଶ୍ରୀ ଦେବରାଜ ଛତ୍ରୀୟକ୍ଷ, କିଛିସମୟ ପାଇଁ ନିଜର କଳାକୃତି ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକମାନଙ୍କୁ ସ୍ତବଦ୍ଧ କରିଦେଇଥିଲେ। ଶ୍ରୀମଦ ଭଗବତ ଗୀତାର ଅଭିଜ୍ଞତା ଓ ଆବୃତ୍ତି ପ୍ରତିଯୋଗିତା ରେ ଅଂଶଗ୍ରହଣ କରିଥିବା ପ୍ରାୟ ୭୫ଜଣ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସାପତ୍ର, ପୁସ୍ତକ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସମାଜର ବିଭିନ୍ନକ୍ଷେତ୍ରରେ ଦକ୍ଷତା ଓ ପାରଦର୍ଶିତା ଅର୍ଜନ କରିଥିବା ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଙ୍କୁ ମଧ୍ୟ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତିମ ପର୍ଯ୍ୟାୟରେ ଶିଶୁ ନୃତ୍ୟଶିଳ୍ପୀ ଆଦ୍ୟାଶାଙ୍କ ଶାସ୍ତ୍ରୀୟ ନୃତ୍ୟ ସମସ୍ତଙ୍କ ପାଇଁ ଖୁବ ଉପଭୋଗ୍ୟ ହୋଇଥିଲା। ତେବେ ଏହି ସମସ୍ତ କାର୍ଯ୍ୟକ୍ରମକୁ ଉପସଭାପତି ଶରତ କୁମାର ଦାଶ, ରଞ୍ଜନ କୁମାର ପ୍ରଧାନ, ଉପଦେଷ୍ଟା ରମାକାନ୍ତ ରାଉଳ, ଆଡଭୋକେଟ ବୀର ନାରାୟଣ ପକ୍ଷତ୍ର, ପୂର୍ବତନ ଜିଲ୍ଲା ପରିଷଦ ତଥା କବି ହେମନ୍ତ ନାୟକ, ପ୍ରଦ୍ୟୁମ୍ନ ରଥ ପ୍ରିତିମୟୀ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିବା କ୍ଷେତ୍ରରେ ସକ୍ରିୟ ସହଯୋଗ କରିଥିଲେ। ଶେଷରେ ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରା ଦେଶୀମଦ ବିକ୍ରି ଘଟଣାରେ ଜଣେ ଗିରଫ୍

**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଟାଙ୍ଗୀ ଥାନା ଅନ୍ତର୍ଗତ ଗୋକୁଳପୁର ଗ୍ରାମରେ ବେଆଇନ୍ ମଦ ବିକ୍ରି ଘଟଣାରେ ଜଣଙ୍କୁ ଗିରଫ୍ କରାଯାଇଥିବା ଜଣାପଡ଼ିଛି । ସୂଚନାଥାଉକି, ଗୋକୁଳପୁର ଗ୍ରାମରେ ଚୋରା ମଦ ବିକ୍ରି ହେଉଥିବା ନେଇ କୌଣସି ବିଶେଷସୂତ୍ରରୁ ଖବର ପାଇ ଏସ୍ଆଇ ଜର୍ଜ ଲୁଗୁନଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଂଚି ଚଢ଼ାଉ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ମନୋରଞ୍ଜନ ଓରଫ୍ ରଞ୍ଜନ କୁମାର ନାଥ (୪୨)କୁ ଗିରଫ୍ କରିବା ସହ ତାଙ୍କ ନିକଟରୁ ୨୫,୯୬୦ଲିଟର ମଦ ଜବତ କରାଯାଇ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

# ତୁଳସୀକ୍ଷେତ୍ରରେ ଝୁଲଣଯାତ୍ରା ଅନୁଷ୍ଠିତ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀବଳଦେବଜୀଉଙ୍କ ଝୁଲଣ ଯାତ୍ରା ମହା ଆଡମ୍ବରରେ ପାଳିତ ହୋଇଯାଇଛି । ଆଜି ମନ୍ଦିରରୁ ରାଧାକୃଷ୍ଣଙ୍କ ମୂର୍ତ୍ତିକୁ ପୂଜାପଣ୍ଡାଙ୍କ ଦ୍ୱାରା ଅଳଙ୍କାର ଆଭୂଷଣରେ ସଜ୍ଜିତ କରାଯାଇ ଝୁଲଣ ଗୃହକୁ ବିଜେ କରାଯାଇଥିଲା। ବିଜେ ପରେ ନାମ ସଙ୍କୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଝୁଲଣଯାତ୍ରା ଦେଖିବାକୁ ଭକ୍ତଙ୍କ ବେଶ୍ ଭିଡ ଜମି ଥିଲା। ଶ୍ରୀଜୀଉଙ୍କ ଏହି ଝୁଲଣଯାତ୍ରା ସାତ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ଭଜନ, ଜଣାଣ ଚମ୍ପୁ, ଗୀତ ଗୋବିନ୍ଦ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ ବୋଲି ସେବାୟତ ତ୍ରୁଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି।




# ପୁଣି ଶତକ ମାରିଲେ ପଡିକଲ, ପ୍ରଥମ ଦିନରେ ଭାରତ ୩୦୦/୫



**ନୂଆଦିଲ୍ଲୀ :** ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟରେ ଗର୍ଜିଛି ଦେବଦତ୍ତ ପଡିକ୍କଲଙ୍କ ବ୍ୟାଟ୍। ସେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ପୁଣି ମାରିଛନ୍ତି ଶତକ। ସେ ୧୧୭ ରନର ଇନିଂସ ଖେଳିବାରୁ ଭାରତ ପ୍ରଥମ ଦିନରେ ୮୫ ଓଭର ବ୍ୟାଟିଂ କରି ୫ ୱିକେଟ ବଳରେ ୩୦୦ ରନ କରି ନେଇଛି। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଧ୍ରୁବ ଜୁରେଲ ୭ ଓ ଡେବ୍ୟୁଟାଣ୍ଟ ସାରାଂଶ ଜୈନ ୪ ରନ କରି ଅପରାଜିତ ରହିଛନ୍ତି। ପଡିକ୍କଲ ୧୧୭ ରନ କରିଥିବା ବେଳେ ଅଧିନାୟକ ଶୁବମନ ଗିଲ୍ ୫୦, ଯଶସ୍ୱୀ ଜୈସୱାଲ ୪୪ ଓ ରବୀନ୍ଦ୍ର ଜାଡେଜା ୪୩ ରନର ଇନିଂସ ଖେଳିଛନ୍ତି। ଋଷଭ ପନ୍ତ ବ୍ୟାଟିଂ କରିବାକୁ ଆସିଥିଲେ ହେଁ ରିଟାୟର୍ଡ ହର୍ଟ ଯୋଗୁ ୩ ରନରେ ପ୍ୟାଭିଲିୟନ ଫେରିଛନ୍ତି। ଯଦି ସେ ଫିଟ ଘୋଷିତ ହେବେ, ତା’ହେଲେ ଆସନ୍ତାକାଲି ବ୍ୟାଟିଂ କରିପାରିବେ। ପ୍ରଥମ ଟେଷ୍ଟକୁ ବେଶ ନାଟକୀୟ ଢଙ୍ଗରେ ଜିତିଥିବା ଟିମ ଇଣ୍ଡିଆ ଆଜି ଟସ୍ ଜିତି ପ୍ରଥମ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ପାଇଁ କେଏଲ ରାହୁଲ ଓ ଯଶସ୍ୱୀ ଜୈସୱାଲ ଠିକଠାକ ଆରମ୍ଭ କରିଥିଲେ ହେଁ ଏହାକୁ ବଡ଼ ସ୍କୋର କରିପାରି ନଥିଲେ। ପ୍ରଥମେ ରାହୁଲ ୧୮ ରନ କରି ଲାହିରୁ କୁମାର ଓ ପରେ ଯଶସ୍ୱୀ ୪୪ ରନ କରି ଅସିଥା ଫର୍ଣ୍ଣାଣ୍ଡୋଙ୍କ ବଲରେ କ୍ଲିନବୋଲ୍ଡ ହୋଇଯାଇଥିଲେ। ଦଳ ୬୬ ରନରେ ଦୁଇ ୱିକେଟ ହରାଇଥିବା ବେଳେ ସ୍ଥିତି ସମ୍ଭାଳିଥିଲେ ପଡିକ୍କଲ ଓ ଗିଲ୍। ଉଭୟ ନିଜ ନିଜର ଅର୍ଦ୍ଧଶତକ ହାସଲ କରି ପିଚ୍‌ରେ ସମୟ ବିତାଇଥିଲେ। ତୃତୀୟ ୱିକେଟ ପାଇଁ ୧୨୦ ରନର ଭାଗିଦାରୀ ମଧ୍ୟ କରିଥିଲେ। କିନ୍ତୁ ଗିଲ ନିଜ ଟେଷ୍ଟ କ୍ୟାରିୟରର ୯ମ ଅର୍ଦ୍ଧଶତକ କରିବା କ୍ଷଣି ଅସିଥା ଫର୍ଣ୍ଣାଣ୍ଡୋଙ୍କ ବଲରେ ଆଉଟ ହୋଇ ଯାଇଥିଲେ। ୫ ନମ୍ବରରେ ଆସିଥିବା ପନ୍ତ ୩ ରନ କରିଥିବା ବେଳେ ଲାହିରୁ କୁମାରଙ୍କୁ ପୁଲ ଶଟ ମାରି ରିଟାୟର୍ଡ ହର୍ଟ ହୋଇଥିଲେ। କିନ୍ତୁ ପଡିକ୍କଲ ଗୋଟିଏ ପଟେ ଛିଡ଼ା ହୋଇଥିଲେ। ବ୍ୟକ୍ତିଗତ ଶୂନ ଓ ୧ରେ ସେ ଶ୍ରୀଲଙ୍କା ଖେଳାଳିଙ୍କୁ ଆଉଟ କରିବାର ସୁଯୋଗ ଦେଇଥିଲେ। ହେଲେ ଏହାକୁ ହାତ ଛଡ଼ା କରିବା ସେମାନଙ୍କୁ ମହଙ୍ଗା ପଡ଼ିଥିଲା। ଶେଷରେ ପଡିକ୍କଲ ପୁଣି ଗୋଟିଏ ଶତକ ହାସଲ କରିଥିଲେ। ତାଙ୍କୁ ରବୀନ୍ଦ୍ର ଜାଡେଜା ଭରପୂର ସାଥ ଦେଇଥିଲେ। ଶତକ ହାସଲ କରିବା ପରେ ପଡକ୍କଲ ପୁଣି ଇନିଂସ ବିଲ୍ଟ କରିବାକୁ ଚାହିଁଥିଲେ। କିନ୍ତୁ ସେ ୧୧୭ ରନ କରିଥିବା ବେଳେ କେଶରା ନୁୱାନ୍ଥ ସ୍ପିନ ଯାଦୁରେ ଫସି ବୋଲ୍ଡ ହୋଇ ଯାଇଥିଲେ। ହେଲେ ସେତେବେଳକୁ ଭାରତ ଗୋଟିଏ ଭଲ ସ୍ଥିତିରେ ପହଞ୍ଚି ଯାଇଥିଲା। ପଡିକ୍କଲ ଆଉଟ ହେବା ବେଳକୁ ଦଳୀୟ ସ୍କୋର ୨୮୧ ରନ ରହିଥିଲା। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ପଡିକ୍କଲ ୧୪୧ ରନ ଓ ଦ୍ୱିତୀୟ ରନରେ ୪୪ ରନ କରିଥିଲେ। ଭାରତର ବିଜୟରେ ତାଙ୍କ ରନ ବେଶ ଗୁରୁତ୍ୱବହନ କରିଥିଲା। ଆଜି ପଡିକ୍କଲ ଆଉଟ ହେବା ପରେ ମଧ୍ୟ ଜାଡେଜା ଭଲ ଲୟରେ ରହିଥିଲେ। ସେ ବ୍ୟକ୍ତିଗତ ୪୩ ରନରେ ପହଞ୍ଚି ଯାଇଥିଲେ। ସେହିପରି ଖେଳ ସରିବାକୁ ମଧ୍ୟ ଆଉ କିଛି ଓଭର ହିଁ ବାକି ଥିଲା। ହେଲେ ଏତିକି ବେଳେ ଫର୍ଣ୍ଣାଣ୍ଡୋ ଏକ ବଲକୁ ସେ ଛାଡ଼ିବାକୁ ଚେଷ୍ଟା କରୁଥିବା ବେଳେ ବୋଲ୍ଡ ହୋଇଯାଇଥିଲେ। ଜାଡେଜାଙ୍କ ପରେ ଆସିଥିଲେ ଡେବ୍ୟୁଟାଣ୍ଟ ସାରାଂଶ ଜୈନ। ସେ ୪ ରନ କରିବା ପରେ ଦିବସର ଖେଳକୁ ବନ୍ଦ ଘୋଷଣା କରାଯାଇଥିଲା। ଆସନ୍ତାକାଲି ଜୁରେଲ ଓ ସାରଂଶ ଭାରତର ଇନିଂସ ଆରମ୍ଭ କରିବେ। ଭାରତ ପ୍ରଥମ ଇନିଂସରେ ଗୋଟିଏ ବଡ଼ ସ୍କୋର କରିବା ଲକ୍ଷ୍ୟରେ ରହିଛି। କାରଣ ଦଳ ହାତରେ ଆହୁରି ୫ ୱିକେଟ ରହିଛି। ସେହିପରି ପନ୍ତ ମଧ୍ୟ ଆଉଥରେ ବ୍ୟାଟିଂ କରିବାର ସମ୍ଭାବନା ଅଛି। ଆଜି ଶ୍ରୀଲଙ୍କା ପକ୍ଷରୁ ଫର୍ଣ୍ଣାଣ୍ଡୋ ୩ଟି ୱିକେଟ ନେଇଥିବା ବେଳେ ନୁୱାନ୍ଥା ଓ କୁମାର ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। କାଲି ଘରୋଇ ଟିମ ଯଥାଶୀଘ୍ର ଭାରତକୁ ଆଉଟ କରିବାକୁ ଚେଷ୍ଟା କରିବ। ଆଜି ୮୫ ଓଭର ଖେଳା ଯାଇଥିବାରୁ ଶ୍ରୀଲଙ୍କା ନୂଆ ବଲରେ କାଲି ଆଟାକ ଷ୍ଟାର୍କ କରିବ।

# ଭାରତୀୟ ଲେଗ୍ ସ୍ପିନର କର୍ଣ୍ଣ ଶର୍ମାଙ୍କ ଅବସର ଘୋଷଣା



**ନୂଆଦିଲ୍ଲୀ :** ଭାରତୀୟ ଲେଗ୍ ସ୍ପିନର କର୍ଣ୍ଣ ଶର୍ମା ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟ୍‌ରୁ ଅବସର ନେଇଛନ୍ତି। ୩୮ ବର୍ଷୀୟ କର୍ଣ୍ଣ ଭାରତ ପକ୍ଷରୁ ଗୋଟିଏ ଟେଷ୍ଟ, ୨ ଦିନିକିଆ ଓ ଗୋଟିଏ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳିଥିଲେ। ସଂପ୍ରତି ୟୁପିଟି୨୦ ଲିଗ୍‌ରେ କାନପୁର ସୁପରଷ୍ଟାରରୁ ଖେଳୁଥିବା ଅବସରରେ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ସେ ନିଜର ଶେଷ ମ୍ୟାଚ୍ ମଙ୍ଗଳବାର ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ମେରୁଟ୍ ମାଭରିକ୍ସ ବିପକ୍ଷରେ ଖେଳିବେ। ‘‘ମୁଁ କେବଳ ଅବସର ଚାହୁଛି। ମଙ୍ଗଳବାର ମୁଁ ଶେଷ ମ୍ୟାଚ୍ ଖେଳିବି। ସମସ୍ତ କ୍ରିକେଟ୍‌ରୁ ଅବସର ନେଉଛି। ଏହାପରେ ମୁଁ କ୍ରିକେଟ୍ ସହ ପ୍ରଶିକ୍ଷକ ଓ ଅନ୍ୟ ଦାୟିତ୍ୱରେ ଯୋଡ଼ି ରହିବି। ମୋର ଏହି ଯାତ୍ରାରେ ସହଯୋଗ କରିଥିବା ମୋ ପରିବାର, ବିସିସିଆଇ, ରେଳବାଇ, ୟୁପିସିଏ ଓ ଆନ୍ଧ୍ର ସହ ଅନ୍ୟସମସ୍ତଙ୍କୁ ଧନ୍ୟବାଦ ଦେଉଛି’’ ବୋଲି କର୍ଣ୍ଣ ଅବସର ଘୋଷଣା ବେଳେ କହିଛନ୍ତି। ମେରୁଟ୍ ବାସିନ୍ଦା କର୍ଣ୍ଣ ୨୦୧୪ରେ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ୍ ଖେଳିବା ପରେ ବର୍ମିଂହାମରେ ଇଂଲଣ୍ଡ ବିପକ୍ଷରେ ଟ୍ୱେଣ୍ଟି-୨୦ ଖେଳିଥିଲେ। ସେହିବର୍ଷ ଶ୍ରୀଲଙ୍କା ବିପକ୍ଷରେ ୨ଟି ଯାକ ଦିନିକିଆ ଖେଳିଥିଲେ। ଘରୋଇ କ୍ରିକେଟ୍‌ରେ ଏହି ଭେଟେରାନ୍ ୯୭ ପ୍ରଥମ ଶ୍ରେଣୀରେ ୨୭୦, ୧୨୩ ଲିଷ୍ଟ-ଏ’ରେ ୧୨୩ ଓ ୧୯୧ ଟ୍ୱେଣ୍ଟି-୨୦ରେ ୧୬୮ ୱିକେଟ୍ ଅକ୍ତିଆର କରିଛନ୍ତି। ରେଳବାଇ, ଆନ୍ଧ୍ରପ୍ରଦେଶ ଓ ବିଦର୍ଭ ପକ୍ଷରୁ ସେ ଘରୋଇ କ୍ରିକେଟ୍ ଖେଳିଥିଲା ବେଳେ ଉତ୍ତରପ୍ରଦେଶ ପକ୍ଷରୁ ବୟସ ଗ୍ରୁପ୍‌ରେ ଖେଳିଥିଲେ। ସେ ପ୍ରଥମ ଖେଳାଳି ଭାବେ ଲଗାତାର ୩ ଆଇପିଏଲ୍ ମୁକୁଟ ଜିତିବାର ଗୌରବ ପାଇଥିଲେ। ୨୦୧୬ରେ ସନ୍‌ରାଇଜର୍ସ ହାଇଦ୍ରାବାଦ, ୨୦୧୭ରେ ମୁମ୍ବାଇ ଇଣ୍ଡିଆନ୍ସ ଓ ୨୦୧୮ରେ ଚେନ୍ନାଇ ସୁପର କିଙ୍ଗ୍ସ ଦଳରୁ ସେ ଏହି ସଫଳତା ପାଇଥିଲେ। ୨୦୨୧ରେ ନିଜର ଚତୁର୍ଥ ଆଇପିଏଲ୍ ଟ୍ରଫି ଚେନ୍ନାଇ ଦଳରେ ରହି ପାଇଥିଲେ। ୨୦୨୬ରେ ଅନ୍‌ସୋଲ୍ଡ ଥିବା କର୍ଣ୍ଣ ୨୦୨୫ରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଶେଷ ଆଇପିଏଲ୍ ମ୍ୟାଚ୍ ଖେଳିଥିଲେ।

# ବେୟର୍ନ ମ୍ୟୁନିକ୍ ଜିତିଲା ଜର୍ମାନ ସୁପରକପ୍



**ନୂଆଦିଲ୍ଲୀ :** ଗତ ଋତୁରେ ଯୁଗଳ ଘରୋଇ ପ୍ରତିଯୋଗିତା ଜିତିଥିବା ବେୟର୍ନ ମ୍ୟୁନିକ୍ ଚଳିତ ବର୍ଷ ଜର୍ମାନ ସୁପର କପ୍‌ରେ ବିଜେତା ହୋଇଛି। ଶନିବାର ଫାଇନାଲ୍‌ରେ ଅୟୋଜକ ବୋରୁସିଆ ଡର୍ଟମୁଣ୍ଡକୁ ୨-୧ରେ ହରାଇ ଏହି ଟ୍ରଫି ଜିତିଥିଲା। ମ୍ୟାଚ୍‌ର ୨୮ତମ ମିନିଟ୍‌ରେ ପଦାର୍ପଣକାରୀ ନାଥାନିଲ ବ୍ରାଉନ୍‌ଙ୍କ ଗୋଲ୍‌ରେ ବେୟର୍ନ ମ୍ୟୁନିକ୍ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହାପରେ ପ୍ରଥମ ଇନ୍‌ଜୁରି ସମୟରେ ଫ୍ରାନ୍ସ ଅନ୍ତର୍ଜାତୀୟ ଖେଳାଳି ମାଇକେଲ ଓଲିସ (୪୫+୧ ମିନିଟ୍)ଙ୍କ ଗୋଲ୍‌ରେ ଦଳ ୨-୦ରେ ପ୍ରଥମାର୍ଦ୍ଧକୁ ନିଜ ପକ୍ଷରେ ରଖିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଫାବିଓ ସିଲଭା (୭୫ ମିନିଟ୍)ଙ୍କ ଗୋଲ୍‌ରେ ଡର୍ଟମୁଣ୍ଡ ମ୍ୟାଚ୍‌କୁ ୧-୨ ସ୍ଥିତିକୁ ଆଣିବା ସହ ପ୍ରତ୍ୟାବର୍ତ୍ତନ ଆଶା ସଞ୍ଚାର କରିଥିଲା। ୯୦ତମ ମିନିଟ୍‌ରେ ରାମି ବେନ୍‌ସେବାଇନି ରେଡ୍‌କାର୍ଡ ପାଇ ପଡ଼ିଆ ଛାଡ଼ିବାରୁ ୧୦ ଜଣିଆ ଡର୍ଟମୁଣ୍ଡ ଆଉ ଫେରି ନପାରି ପରାଜୟ ବରଣ କରିଥିଲା।

# ୨ ଦିନରେ ଦ୍ୱିତୀୟ ଟେଷ୍ଟ ଜିତିଲା କଙ୍ଗାରୁ ଟିମ୍



**ନୂଆଦିଲ୍ଲୀ ;** ୫ ଦିନର ଖେଳ ୫ଟି ସେସନରେ ଶେଷ । ଅଷ୍ଟ୍ରେଲିଆ ଘଟାଇଲା ବିପର୍ଯ୍ୟୟ । ତିଷ୍ଠି ପାରିଲାନି ବାଂଲାଦେଶ । ଘରୋଇ ଅଷ୍ଟ୍ରେଲିଆ ଏବଂ ବାଂଲାଦେଶ ମଧ୍ୟରେ ମ୍ୟାକ୍ କିରେ ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ପ୍ରଥମ ଟେଷ୍ଟ ପରାଜୟର ପ୍ରତିଶୋଧ ନେଇଛି । ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଦିନରେ ବାଂଲାଦେଶକୁ ପରାସ୍ତ କରିଛି । ଅଷ୍ଟ୍ରେଲିଆ ଏହି ମ୍ୟାଚକୁ ଏକ ଇନିଂସ ଓ ୫୧ ରନରେ ଜିତିଛି । ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ବିଜୟରେ ବଡ଼ ଭୂମିକା ଗ୍ରହଣ କରିଛନ୍ତି । ଷ୍ଟାର୍କଙ୍କ ଷ୍ଟ୍ରାଇକର ଘାତକ ଥିଲା । ସେ ୧୦ ୱିକେଟ୍ ଅକ୍ତିଆର କରିଛନ୍ତି । ଅଷ୍ଟ୍ରେଲିଆର ଦ୍ୱିତୀୟ ଟେଷ୍ଟ ବିଜୟ ସହ ସିରିଜ୍ ୧-୧ରେ ବରାବର ରହିଛି । ବାଂଲାଦେଶ କଙ୍ଗାରୁ ବୋଲରଙ୍କ ଆଗରେ ତିଷ୍ଠି ପାରିନଥିଲା । ବାଂଲାଦେଶର ଆଶା ଭାଙ୍ଗିଲା ଅଷ୍ଟ୍ରେଲିଆ- ପ୍ରଥମ ଟେଷ୍ଟ ଜିତି ଇତିହାସ ରଚିଥିଲା ବାଂଲାଦେଶ । ଦ୍ୱିତୀୟ ଟେଷ୍ଟ ଜିତିବା ସହ ଅଷ୍ଟ୍ରେଲିଆ ବାଂଲାଦେଶର ସିରିଜ୍ ଜିତିବା ଆଶାକୁ ଭାଙ୍ଗି ଦେଇଛି । ପ୍ରଥମ ଟେଷ୍ଟ ଜିତି ସିରିଜରେ ୧-୦ରେ ଆଗୁଆ ରହିବା ପରେ ବାଂଲାଦେଶ ଦଳ ଦ୍ୱିତୀୟ ଟେଷ୍ଟରେ କ୍ଲିନ୍ ସୁଇପ୍ ଆଶା ରଖିଥିଲା । କିନ୍ତୁ ମିଚେଲ ଷ୍ଟାର୍କଙ୍କ ସାମ୍ନାରେ ବାଂଲା ବ୍ୟାଟର ଆଣ୍ଠୁମାଡ଼ିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା । ମିଚେଲ ଷ୍ଟାର୍କଙ୍କୁ ୧୦ ୱିକେଟ୍ - ଦ୍ୱିତୀୟ ଟେଷ୍ଟରେ ହିରୋ ସାଜିଥିଲେ ମିଚେଲ ଷ୍ଟାର୍କ । ୧୦ ୱିକେଟ୍ ନେଇ ଅଷ୍ଟ୍ରେଲିଆର ବିଜୟର ସ୍କ୍ରିପ୍ଟ ଲେଖିଥିଲେ । ଦ୍ୱିତୀୟ ଇନିଂସରେ ୪ ଜଣ ବ୍ୟାଟରଙ୍କୁ ଟାର୍ଗେଟ କରି ସେ ପ୍ରଥମ ଇନିଂସରେ ୬ ୱିକେଟ୍ ନେଇଥିଲେ । ଚତୁର୍ଥ ଥର ପାଇଁ ଷ୍ଟାର୍କ ଗୋଟିଏ ଟେଷ୍ଟରେ ୧୦ ୱିକେଟ୍ ନେଇଛନ୍ତି । ୨ ଦିନରେ ଦ୍ୱିତୀୟ ଟେଷ୍ଟ ଜିତିଲା ଅଷ୍ଟ୍ରେଲିଆ - ମ୍ୟାଚ୍ ବିଷୟରେ କହିବାକୁ ଗଲେ, ଏହା ମାତ୍ର ୨ ଦିନ ଚାଲିଥିଲା । ଅଗଷ୍ଟ ୨୨ରୁ ଆରମ୍ଭ ହୋଇଥିବା ଟେଷ୍ଟ ମ୍ୟାଚ୍ ଅଗଷ୍ଟ ୨୩ରେ ଶେଷ ହୋଇଛି । ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ପ୍ରଥମ ଇନିଂସରେ ଷ୍ଟାର୍କଙ୍କ ବୋଲିଂ ଆଗରେ ମାତ୍ର ୬୪ ରନ୍ କରିପାରିଥିଲା । ଏହା ପରେ ଅଷ୍ଟ୍ରେଲିଆ ମଧ୍ୟ ପ୍ରଥମ ଇନିଂସରେ କୌଣସି ବଡ଼ ସ୍କୋର କରିପାରି ନଥିଲା । କିନ୍ତୁ ବାଂଲାଦେଶର ସ୍କୋର ଏତେ ଛୋଟ ଥିଲା ଯେ ଏହା ୧୪୬ ରନର ଅଗ୍ରଣୀ ହାସଲ କରିଥିଲା । ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୨୧୦ ରନ୍ କରିଥିଲା । ବାଂଲାଦେଶ ଦ୍ୱିତୀୟ ଇନିଂସରେ ୧୦୦ ରନ୍ ଭିତରେ ଅଲଆଉଟ୍ ହୋଇଥିଲା । ଦ୍ୱିତୀୟ ଇନିଂସରେ ମାତ୍ର ୯୫ ରନ୍ କରିଥିଲା । ଏହି ସିରିଜ୍ ଡ୍ରରେ ଶେଷ ହୋଇଛି । ଦ୍ୱିତୀୟ ଟେଷ୍ଟ ଫଳାଫଳ ସହିତ ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ସିରିଜର ଫଳାଫଳ ମଧ୍ୟ ସ୍ଥିର ହୋଇଥିଲା । ଦୁଇ ଦଳ ମଧ୍ୟରେ ଟେଷ୍ଟ ସିରିଜ୍ ୧-୧ ଗୋଲରେ ଡ୍ର ରହିଛି ।

# ୨୫ ଲିଗ୍ ଋତୁରେ ଗୋଲ୍ ସ୍କୋରର ରେକର୍ଡ କରିଛନ୍ତି ରୋନାଲ୍ଡୋ



**ନୂଆଦିଲ୍ଲୀ :** ପର୍ତ୍ତୁଗାଲ୍‌ର ମହାନ ଫୁଟ୍‌ବଲର କ୍ରିଷ୍ଟିଆନୋ ରୋନାଲ୍‌ଡୋ ଆଉ ଏକ ମାଇଲଖୁଣ୍ଟ ଛୁଇଁଛନ୍ତି। ପ୍ରଥମ ପେସାଦାର ଫୁଟ୍‌ବଲର ଭାବେ ସେ ଲଗାତାର ୨୫ ଲିଗ୍ ଋତୁରେ ଗୋଲ୍ ସ୍କୋର କରିବାର ରେକର୍ଡ କରିଛନ୍ତି। ଅଲ୍-ନାସରରୁ ଖେଳୁଥିବା ରୋନାଲ୍‌ଡୋ ସାଉଦ ପ୍ରୋ ଲିଗ୍‌ରେ ଅଲ୍-ରିୟାଦ ବିପକ୍ଷରେ ଗୋଲ୍ କରି ଏହି ସଫଳତା ହାସଲ କରିଥିଲେ। ୬୨ତମ ମିନିଟ୍‌ରେ ପଡ଼ିଆକୁ ବଦଳ ଖେଳାଳି ଭାବେ ଓହ୍ଲାଇଥିବା ରୋନାଲ୍‌ଡୋ ୮୩ତମ ମିନିଟ୍‌ରେ ଗୋଲ୍ କରି ସ୍ୱିଡେନ୍‌ର ଫୁଟ୍‌ବଲ୍ କିଂବଦନ୍ତି ଜିଆଟାନ ଇବ୍ରାହିମୋଭିକ୍‌ଙ୍କ ରେକର୍ଡକୁ ପଛରେ ପକାଇଥିଲେ। ଇବ୍ରାହିମୋଭିକ ଲଗାତାର ୨୪ ଋତୁରେ ଗୋଲ୍ କରିଥିଲେ। ଏହି ଗୋଲ୍ ସହ ରୋନାଲ୍‌ଡୋ ନିଜ ଗୋଲ୍ ସଂଖ୍ୟା ୯୭୭ରେ ପହଞ୍ଚାଇ ୧୦୦୦ ଗୋଲ୍‌ର ନିକଟତର ହୋଇଛନ୍ତି। ୫ କ୍ଲବ୍ ଓ ପର୍ତ୍ତୁଗାଲ ପକ୍ଷରୁ ସେ ଏହି ଗୋଲ୍ କରିଛନ୍ତି। ରିଅଲ୍ ମାଡ୍ରିଦ୍ ପକ୍ଷରୁ ସର୍ବାଧିକ ୪୫୦ ଗୋଲ୍ କରିଥିଲା ବେଳେ ପର୍ତ୍ତୁଗାଲ (୧୪୬), ମାଞ୍ଚେଷ୍ଟର ୟୁନାଇଟେଡ୍ (୧୪୫), ଅଲ୍ ନାସର (୧୩୦), ଜୁଭେଣ୍ଟସ୍ (୧୦୧), ସ୍ପୋର୍ଟିଂ ସିପି (୫) ପକ୍ଷରୁ ଅନ୍ୟ ଗୋଲ୍‌ଗୁଡ଼ିକ କରିଥିଲେ। ୨୦୦୨-୦୩ ଋତୁରେ ରୋନାଲ୍‌ଡୋ ବରିଷ୍ଠ ସ୍ତରରେ ଗୋଲ୍ ଦେବା ଆରମ୍ଭ କରିଥିଲେ। ଯୁବାବସ୍ଥାରେ ସେ ପ୍ରଥମ ଗୋଲ୍ ସ୍ପୋର୍ଟିଂ ସିପି ପାଇଁ କରିଥିଲେ। ଦୁଇ ଦଶନ୍ଧିରୁ ଅଧିକ ବର୍ଷ ଧରି ପ୍ରତି ଋତୁରେ ସେହି ଗୋଲ୍ ଧାରା ଜାରି ରଖିଛନ୍ତି।

# ବୋଲ୍ଡ ହେବା ପରେ ଶ୍ରୀଲଙ୍କା ବୋଲରଙ୍କୁ ମୁଣ୍ଡରେ ଧକ୍କା ଦେଲେ ଜୈସୱାଲ



**ନୂଆଦିଲ୍ଲୀ :** ପଡ଼ିଆ ମଝିରେ ହାଇଡ୍ରାମା। ବୋଲ୍ଡ ହେବା ପରେ ରାଗି ଯାଇଛନ୍ତି ଟିମ ଇଣ୍ଡିଆର ଟେଷ୍ଟ ଓପନର ଯଶସ୍ୱୀ ଜୈସୱାଲ। ସ୍ଥିତି ଏମିତି ହୋଇଥିଲା ଯେ ତାଙ୍କୁ ବୋଲ୍ଡ କରିଥିବା ବୋଲରଙ୍କୁ ସେ ମୁଣ୍ଡରେ ଦେଇଛନ୍ତି ଧକ୍କା। ଏହାକୁ ନେଇ ଶ୍ରୀଲଙ୍କାର ଖେଳାଳି ଓ ଜୈସୱାଲଙ୍କ ମଧ୍ୟରେ କିଛି ସମୟ ପାଇଁ ଦେଖିବାକୁ ମିଳିଛି ଗରମାଗରମି ସ୍ଥିତି। ଶ୍ରୀଲଙ୍କାର କଲୋମ୍ବୋରେ ଆଜି ଠାରୁ ଆରମ୍ଭ ହୋଇଛି ଦ୍ୱିତୀୟ ଟେଷ୍ଟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତ ପାଇଁ ଯଶସ୍ୱୀ ଜୈସୱାଲ ଦମଦାର ଆରମ୍ଭ କରିଥିଲେ। ସେ ଭଲ ଲୟରେ ଦେଖା ଯାଉଥିବା ବେଳେ ୪୫ ରନ ମଧ୍ୟ କରି ନେଇଥିଲେ। ହେଲେ ଅସିତା ଫର୍ଣ୍ଣାଣ୍ଡୋଙ୍କୁ ଡ୍ରାଇଭ ମାରିବାକୁ ଯାଇ ବୋଲ୍ଡ ହୋଇଯାଇଥିଲେ ଯଶସ୍ୱୀ। ଇନିଂସର ୧୭ତମ ଓଭରରେ ବୋଲ୍ଡ ହେବାରୁ ଯଶସ୍ୱୀଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡ଼ିଥିଲା। ଏହାପୂର୍ବରୁ କିନ୍ତୁ ସେ ୫୩ ବଲରେ ୯ଟି ଚୌକା ମାରିଥିଲେ। ସେ ନିୟମିତ ଭାବେ ଶ୍ରୀଲଙ୍କାର ବୋଲରମାନଙ୍କୁ ଚୌକା ମାରି ସେମାନଙ୍କ ଲୟ ବିଗାଡ଼ିବାକୁ ଚେଷ୍ଟା କରିଥିଲେ। ଫର୍ଣ୍ଣାଣ୍ଡୋଙ୍କ ଓଭରରେ ମଧ୍ୟ ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିଥିଲା ୩ଟି ଚୌକା। ହେଲେ ଓଭରର ଶେଷ ବଲରେ ଫର୍ଣ୍ଣାଣ୍ଡୋ ତାଙ୍କୁ ବୋଲ୍ଡ କରି ମଧୁର ପ୍ରତିଶୋଧ ନେଇଥିଲେ। ରାଉଣ୍ଡ ଦ ୱିକେଟକୁ ଆସି ଫର୍ଣ୍ଣାଣ୍ଡୋ ଗୋଟିଏ ଗୁଡ ଲେନ୍ଥ ଭଲ ପକାଇଥିଲେ। ଏହା କର୍ଭ ହୋଇ ଇନ ସୁଇଂ ହୋଇଥିଲା। ବାମହାତୀ ଯଶସ୍ୱୀ ଏହାକୁ ଅଫ ସାଇଡ୍‌ରେ ପଞ୍ଚ କରିବାକୁ ଚାହିଁଥିଲେ। କିନ୍ତୁ ଇନସାଇଡ ଏଡଜ ହୋଇ ବଲ ଷ୍ଟମ୍ପକୁ ହୁଗାଳି ଦେଇଥିଲା। ବୋଲ୍ଡ କରିବା ପରେ ଫର୍ଣ୍ଣାଣ୍ଡୋ ଆକ୍ରମଣାତ୍ମକ ସେଲିବ୍ରେସନ କରିଥିଲେ। ତଥାପି ଯଶସ୍ୱୀ କିଛି ନ କହି ପ୍ୟାଭିଲିୟନ ମୁହାଁ ହୋଇଥିଲେ। ଏତିକି ବେଳେ ଫର୍ଣ୍ଣାଣ୍ଡୋ କିଛି କହୁଥିବା ତାଙ୍କ କାନରେ ପଡ଼ିଥିଲେ। ଏହାଶୁଣି ସେ ତାଙ୍କ ପାଖକୁ ଆସିଥିଲେ। ଫର୍ଣ୍ଣାଣ୍ଡୋ ସାଥୀ ଖେଳାଳିଙ୍କ ସହ ରହିଥିଲେ ହେଁ ଯଶସ୍ୱୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ମୁହାଁମୁହିଁ ହୋଇଥିଲେ ଦୁଇ ଖେଳାଳି। ଏତିକି ବେଳେ ଯଶସ୍ୱୀ ମୁଣ୍ଡରେ ଫର୍ଣ୍ଣାଣ୍ଡୋଙ୍କୁ ସାମାନ୍ୟ ଧକ୍କା ଦେଇଥିଲେ। ଶ୍ରୀଲଙ୍କାର ଅନ୍ୟ ଖେଳାଳିମାନେ ଏଥିରେ ହସ୍ତକ୍ଷେପ କରି ସ୍ଥିତିକୁ ଶାନ୍ତ କରିଥିଲେ। ତେବେ ଏହାର ଭିଡିଓ ଏବେ ବେଶ ଭାଇରାଲ ହେବାରେ ଲାଗିଛି। ଅନ୍ୟପକ୍ଷରେ ଆଜି ଭାରତ ପାଇଁ ଦ୍ୱିତୀୟ ଟେଷ୍ଟରେ ଡେବ୍ୟୁ କରିଛନ୍ତି ଭେଟରାନ ସାରାଂଶ ଜୈନ। କୁଳଦୀପ ଯାଦବଙ୍କ ସ୍ଥାନରେ ତାଙ୍କୁ ସୁଯୋଗ ମିଳିଛି। ସଂକ୍ରମଣ ଯୋଗୁ କୁଳଦୀପ ଦ୍ୱିତୀୟ ଟେଷ୍ଟରୁ ବାଦ ପଡ଼ିଥିବା ଅଧିନାୟକ ଶୁବମନ ଗିଲ୍ ଟସ୍ ବେଳେ ସୂଚନା ଦେଇଛନ୍ତି।

# ଟେଷ୍ଟ ମ୍ୟାଚ୍‌ରେ ଆହତ ହେଲେ ଋଷଭ ପନ୍ତ



**କଲମ୍ବୋ :** ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ଦ୍ୱିତୀୟ ଏବଂ ଅନ୍ତିମ ମ୍ୟାଚ୍ କଲମ୍ବୋର ସିଂହଳୀ ସ୍ପୋର୍ଟସ୍ କ୍ଲବ୍ ଗ୍ରାଉଣ୍ଡରେ ଖେଳାଯାଉଛି ।ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଏକ ଚିନ୍ତାଜନକ ଖବର ସାମ୍ନାକୁ ଆସିଛି । ଟିମ୍ ଇଣ୍ଡିଆର ଷ୍ଟାର ୱିକେଟକିପର-ବ୍ୟାଟସମ୍ୟାନ୍ ଋଷଭ ପନ୍ତ ବ୍ୟାଟିଂ କରୁଥିବାବେଳେ ତାଙ୍କ ହାତରେ ଆଘାତ ଲାଗି ଆହତ ହୋଇଛନ୍ତି । ଯାହା ଫଳରେ ରିଟାୟାର ହର୍ଟ ପାଇଁ ନିଷ୍ପତ୍ତି ନେଇଥିବା ଜଣାପଡିଛି । କଲମ୍ବୋ ଟେଷ୍ଟର ପ୍ରଥମ ଦିନର ଶେଷ ସେସନ୍ ଆରମ୍ଭରେ, ଋଷଭ ପନ୍ତ ଦେବଦତ୍ତ ପାଡିକ୍କଲଙ୍କ ସହ ବ୍ୟାଟିଂ କରୁଥିଲେ, ତାଙ୍କ ଇନିଂସ ଆରମ୍ଭ କରିଥିଲେ । ଟିମ୍ ଇଣ୍ଡିଆର ଇନିଂସର ୫୮ତମ ଓଭରର ପ୍ରଥମ ବଲ୍ ଶ୍ରୀଲଙ୍କା ଦ୍ରୁତ ବୋଲର ଲାହିରୁ କୁମାରାଙ୍କ ଏକ ସର୍ଟ-ଅଫ୍-ଲେନ୍ଥ ବଲରୁ ପନ୍ତ ପୁଲ୍ ସଟ୍ ନେବାକୁ ଚେଷ୍ଟା କରିଥିଲେ । କିନ୍ତୁ ବଲଟି ଏତେ ଦ୍ରୁତ ଗତିରେ ଆସିଥିଲା ଯେ, ଯାହା ଫଳରେ ତାଙ୍କ ହାତରେ ବାଜି ଋଷଭ ଆହତ ହୋଇଥିଲେ । ତାଙ୍କ ହାତରେ ଆଘାତ ଲାଗି ସାଙ୍ଗେ ସାଙ୍ଗେ ଫୁଲି ଯାଇଥିଲା । କିଛି ସମୟ ବିରତି ପରେ, ପନ୍ତଙ୍କ ହାତ ପାହାଚରେ ଟେପ୍ ଲଗାଯାଇଥିଲା ଏବଂ ପରେ କାଢ଼ି ଦିଆଯାଇଥିଲା । ଅମ୍ପାୟାର ପନ୍ତଙ୍କ ସହ କଥା ହୋଇଥିଲେ ଏବଂ ସେ ରିଟାୟାର ହର୍ଟ ପାଇଁ ନିଷ୍ପତ୍ତି ନେଇଥିଲେ। ପନ୍ତ ସେହି ସମୟରେ ୧୫ଟି ବଲ୍ ଇନିଂସରେ ତିନି ରନ୍ କରିଥିଲେ । ପନ୍ତଙ୍କ ଆଘାତକୁ ଭାରତୀୟ ଦଳ ପାଇଁ ଏକ ବଡ଼ ଧକ୍କା ବୋଲି ବିବେଚନା କରାଯାଉଛି । ବିସିସିଆଇ ଡାକ୍ତରୀ ଦଳ ବର୍ତ୍ତମାନ ପନ୍ତଙ୍କ ଆଘାତର ମୂଲ୍ୟାଙ୍କନ କରୁଛନ୍ତି। ଏକ୍ସ-ରେ କିମ୍ବା ବିସ୍ତୃତ ସ୍କାନ ପରେ ହିଁ ସ୍ପଷ୍ଟ ହେବ ଯେ ଆଘାତ କେତେ ଗମ୍ଭୀର ଏବଂ ପନ୍ତ ଏହି ମ୍ୟାଚ୍‌ରେ ପୁଣି ବ୍ୟାଟିଂ କରିପାରିବେ କି ନାହିଁ ।

## ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ

# ୧ ହଜାର ରନ୍ କରି କୀର୍ତ୍ତିମାନ ହାସଲ କଲେ ଗିଲ୍



**ନୂଆଦିଲ୍ଲୀ :** ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି ଟିମ ଇଣ୍ଡିଆର ଟେଷ୍ଟ ଓ ଦିନିଆ ଅଧିନାୟକ ଶୁବମନ ଗିଲ୍। ଟିମ ଇଣ୍ଡିଆର ଦୁଇ ଭେଟରାନ କ୍ରିକେଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଗିଲ୍ ଆଜି ପଛରେ ପକାଇ ଦେଇଛନ୍ତି। ବିରାଟ ଓ ରୋହିତ ହାସଲ କରିପାରି ନଥିବା ଗୋଟିଏ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି ଗିଲ୍। ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଗିଲ୍‌ଙ୍କ ନାଁରେ ଯୋଡ଼ି ହୋଇଯାଇଛି ନୂଆ ରେକର୍ଡ। ୨୬ ବର୍ଷୀୟ ଗିଲ୍ ଭାରତର ପ୍ରଥମ ଅଧିନାୟକ ଭାବେ ଗୋଟିଏ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ବର୍ଷରେ(୨୦୨୫-୨୭) ୧ ହଜାର ରନ ପୂରଣ କରିଛନ୍ତି। ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ଗିଲ୍‌ର ରନ ୯୭୬ ରହିଥିଲା। ଆଜି ସେ ୫୦ ରନର ଇନିଂସ ଖେଳି କ୍ୟାପଟ୍ଟେନ ଭାବେ ଗୋଟିଏ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ବର୍ଷରେ (୨୦୨୫-୨୭)ରେ ୧ ହଜାର ରନ ପୂରଣ କରିବାର କୀର୍ତ୍ତିମାନ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ବିରାଟ କୋହଲିଙ୍କ ନାଁରେ ଥିଲା। ସେ ଭାରତର ଅଧିନାୟକ ଭାବେ ଗୋଟିଏ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ବର୍ଷରେ(୨୦୧୯-୨୧) ୯୩୨ ରନ କରିଥିଲେ। ହେଲେ ଗିଲ୍ ପ୍ରଥମ ଅଧିନାୟକ ଭାବେ ୧ ହଜାର ରନର ମାଇଲଖୁଣ୍ଟ ଛୁଇଁଛନ୍ତି। ଏହାବାଦ ଗିଲ୍ ୪ର୍ଥ ସର୍ବକନିଷ୍ଠ ଖେଳାଳି ଭାବେ ଟେଷ୍ଟ କ୍ରିକେଟରେ ୩ ହଜାର ରନ ମଧ୍ୟ ପୂରଣ କରିଛନ୍ତି। ଆଜି ସେ ୧୩ ରନ କରିବା ମାତ୍ରେ ନିଜ ଟେଷ୍ଟ କ୍ୟାରିୟରରେ ୩ ହଜାର ରନ ପୂରଣ କରିଥିଲେ। ଏଯାଏ ଗିଲ୍ ୪୩ଟି ଟେଷ୍ଟରେ ୩୦୩୭ ରନ କରିଛନ୍ତି। ୭୭ଟି ଇନିଂସରେ ତାଙ୍କ ବ୍ୟାଟିଂ ହାର ୪୩.୫୩ ରହିଛି। ଗିଲ୍ ୧୧ଟି ଶତକ ଓ ୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସର୍ବକନିଷ୍ଠ ଖେଳାଳି ଭାବେ ଭାରତ ପାଇଁ ଟେଷ୍ଟ କ୍ରିକେଟରେ ୩ ହଜାର ରନ ପୂରଣ କରିଥିବା ଖେଳାଳିଙ୍କ ତାଲିକାର ୧ ନମ୍ବରରେ ସଚିନ ତେନ୍ଦୁଲକର ରହିଛନ୍ତି। ସେ ୨୩ ବର୍ଷ ଓ ୨୨୮ ଦିନ ବୟସରେ ଏହି କୀର୍ତ୍ତିମାନ ହାସଲ କରିଥିଲେ। ଗିଲ ୨୬ ବର୍ଷ ଓ ୩୪୯ ଦିନ ବୟସରେ ୩ ହଜାର ରନ ପୂରଣ କରି ୪ର୍ଥ ସ୍ଥାନରେ ଅଛନ୍ତି। ଗିଲ୍‌ଙ୍କ ଉପରେ ବୀରେନ୍ଦ୍ର ସେହୱାଗ ଓ ଦିଲୀପ ଭେଙ୍ଗସରକାର ରହିଛନ୍ତି। ସେହୱାଗ ୨୬ ବର୍ଷ ୧୫୭ ଦିନ ବୟସରେ ଓ ଭେଙ୍ଗସରକାର ୨୬ ବର୍ଷ ୨୬୩ ଦିନ ବୟସରେ ଏହି ସଫଳତା ହାସଲ କରିଥିଲେ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085(News)

ସମ୍ପାଦକ: ନିରଞ୍ଜନ ପାତ୍ର
Editor: Niranjan Patra

### ମଝି ସମୁଦ୍ରରେ ଅଘଟଣ

# ବୁଡ଼ିଗଲା ବଡ଼ ମାଲବାହୀ ଜାହାଜ




**କୁଜଙ୍ଗ (ଅମୃତ ମିଡିଆ) :** ମଝି ସମୁଦ୍ରରେ ବୁଡ଼ିଗଲା ବଡ ମାଲବାହୀ ଜାହାଜ। ଜାହାଜରେ ଥିଲେ ୨୪ ଜଣ କ୍ରୁ ମେମ୍ବର, ପାରାଦ୍ୱୀପ ବନ୍ଦର ରୁ ଲୁହାପଥର ନେଇ ଚାଇନା ଯାଉଥିବା ପଣ୍ୟବାହୀ ଜାହାଜ ଓସେନ୍ ୱେ଼ଆର ମଝି ସମୁଦ୍ରରେ ବୁଡ଼ି ଯାଇଛି। ଜାହାଜରେ ୨୦ ଜଣ ଚାଇନା ନାଗରିକ, ଜଣେ ବାଙ୍ଗଲାଦେଶ ନାଗରିକ ଓ ୩ ଜଣ ଇଣ୍ଡୋନେସିଆ ନାଗରିକ ଥିଲେ। ଏହି ୨୪ ଜଣ କ୍ରୀୟୁ ସଦସ୍ୟ ଥିବା ଜାହାଜ ଗତ ୨୦ ତାରିଖରେ ପାରାଦ୍ୱୀପ ବନ୍ଦର ଛାଡ଼ି ଚାଇନା ଅଭିମୁଖେ ଯାଉଥିଲା। ମାତ୍ର ପାରାଦ୍ୱୀପ ଠାରୁ ୨୪୦ ନଟିକାଲ ମାଇଲ ବା ପାଖାପାଖି ୩୮୪ କିଲୋମିଟର ଭାରତୀୟ ଆନ୍ତର୍ଜାତୀୟ ଜଳସୀମା ନିକଟରେ ବୁଡିଥିବା ସୂଚନା ମିଳିଛି। ୨୧ ତାରିଖ ଠାରୁ ଉକ୍ତ ଜାହାଜ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ଏହାକୁ ଖୋଜାଖୋଜି ଆରମ୍ଭ ହୋଇଥିଲା। ମାତ୍ର ଆଜି ଉକ୍ତ ଜାହାଜର ଅବସ୍ଥିତି ସମ୍ପର୍କରେ ସୂଚନା ମିଳିଛି ଏବଂ ଆଣ୍ଡାମାନର କୋଷ୍ଟଗାର୍ଡ ଓ ନ୍ୟାଭି ଉକ୍ତ ସ୍ଥାନରେ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିବା ସୂଚନା ମିଳିଛି। ଏଥିସହିତ ପାରାଦ୍ୱୀପର କୋଷ୍ଟଗାର୍ଡ ଜାହାଜ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିବା ସୂଚନା ମିଳିଛି। ଏହି ବଡ଼ ଅଘଟଣର ମୁଖ୍ୟ କାରଣ ଓଦା ଲୁହାପଥର ବୋଲି କୁହାଯାଉଛି। ଗତ କିଛିଦିନ ହେଲା ରାଜ୍ୟରେ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଥିବା ବେଳେ ପାରାଦ୍ୱୀପ କୁ ଆସୁଥିବା ଲୁହାପଥରକୁ ସଠିକ୍ ସୁରକ୍ଷାର ସହିତ ଅଣାଯାଉନଥିବା ଦେଖିବାକୁ ମିଳିଛି। ଏଥିସହିତ ଲୁହାପଥର ପାରାଦ୍ୱୀପ ବନ୍ଦର ମଧ୍ୟରେ ଥିବା ଖୋଲା ପ୍ଲଟ ରେ ଗଚ୍ଛିତ ରଖାଯାଇ ଏହାକୁ ଜାହାଜରେ ଲୋଡିଂ କରାଯାଉଛି। ଫଳରେ ଜାହାଜ ରେ ଯେତିକି ଉଚ୍ଚତା ପର୍ଯ୍ୟନ୍ତ ଲୁହାପଥର ଲୋଡ଼ି ହେଲେ ଏହାର ଓଜନ ଜାହାଜ କ୍ଷମତା ଭିତରେ ରହିବା କଥା ତାହା ରହୁନାହିଁ। ଓଦା ଆଇରନ ଗୁଡିକ କାଦୁଆ ଆକାରରେ ଲୋଡିଂ ଯୋଗୁଁ ଏହାର ଓଜନ ପାଖାପାଖି ଦୁଇରୁ ତିନି ଗୁଣା ହେଉଛି। ଏହାଛଡା ଲୋଡିଂ ପରେ ଲୁହାପଥର ତଳେ ବସିଯିବା ପରେ ଉପରେ ପାଣି ଗୁଡିକ ଜାହାଜ ର ଭାରସାମ୍ୟ ବିଗାଡିବାର ପ୍ରମୁଖ କାରଣ ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି। ତେବେ ବର୍ତ୍ତମାନ ମିଳିଥିବା ସୂଚନା ଅନୁସାରେ ଏବେବି ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ପାରାଦୀପ ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାର୍ଟଅପ୍ କାର୍ଯ୍ୟକ୍ରମ



**ପାରାଦୀପ (ଅମୃତ ମିଡିଆ) :** ପାରାଦୀପ ମହାବିଦ୍ୟାଳୟରେ ଇନୋଭେସନ ଓ ଷ୍ଟାର୍ଟଅପ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତସିଂହପୁର ଜିଲ୍ଲା ନିଯୁକ୍ତି ଅଧିକାରୀ ଅଜିତ ଉତ୍ତରରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ନବ ସୃଜନ ଚିନ୍ତାଧାରା ରଖିଲେ ସେମାନେ ଜୀବନରେ ଉନ୍ନତି କରିପାରିବେ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ. ସସ୍ମିତା ଶତପଥୀ ଏହି ସଭାରେ ପୌରୋହିତ୍ୟ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ସଂଗ୍ରାମ କେଶରୀ ପରିଡ଼ା, ଆଲୁମିନି ଡଃ.ପ୍ରଶାନ୍ତ କୁମାର ମହାପାତ୍ର ଓ ଯୁବ ଉଦ୍ୟୋଗୀ ଇଞ୍ଜିନିୟର ଦୀପକ କୁମାର ଷଡ଼ଙ୍ଗୀ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ପ୍ରକଳ୍ପକୁ ମୂଲ୍ୟାୟନ କରିଥିଲେ। ଇଂରାଜୀ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଗଣେଶ୍ୱର ପାତ୍ର ବକ୍ତବ୍ୟ ରଖି ଛାତ୍ରଛାତ୍ରୀ ମାନଙ୍କୁ ନୂତନ ଭାବେ ଚିନ୍ତା କଲେ ଜଣେ ଷ୍ଟାର୍ଟଅପରେ ସଫଳ ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମକୁ ପାରାଦୀପ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧ୍ୟାପକ ସୁବ୍ରଥ ରଞ୍ଜନ ସଂଯୋଜନା କରିଥିଲେ କ୍ଷ ପ୍ରକଳ୍ପ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ଉତ୍ସବକୁ ଇଂରାଜୀ ଅଧ୍ୟାପକ ଜୀବନାନନ୍ଦ ଦାସ ପରିଚାଳନା କରିଥିଲେ। ଏଥିରେ ପ୍ରାୟ ୧୫୦ ଜଣ ଛାତ୍ରଛାତ୍ରୀ ଓ ବହୁ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଶେଷରେ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ସୌମ୍ୟା ପି.ରାଟସିଂହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବନ୍ୟାଘେରରେ ଥିବା ଲୋକଙ୍କ ପାଖରେ ପହଞ୍ଚିଲା ମାତୃ କୃପା ଏମ୍ପାୱାରମେଣ୍ଟ ଫାଉଣ୍ଡେସନ



**ବଡ଼ଚଣା (ଅମୃତ ମିଡ଼ିଆ) :** ବାତ୍ୟା, ବନ୍ୟା ହେଉ କି ଦୁର୍ଘଟଣା କିମ୍ବା ମେଳା-ମହୋତ୍ସବ, ସବୁବେଳେ ସବୁ ସମୟରେ ସାଧାରଣ ଲୋକ ମାନଙ୍କ ପାଖରେ ଠିଆ ହୋଇଥାଏ ମାତୃକୃପା ଏମ୍ପାୱାରମେଣ୍ଟ ଫାଉଣ୍ଡେସନ ମାନବ ସେବାକୁ ନିଜର ପରମ ଧର୍ମ ମାନୁଥିବା ଏହି ଫାଉଣ୍ଡେସନ ଆଜି ପୁଣି ଥରେ ନିଜର କର୍ତ୍ତବ୍ୟ ପାଳନ କରିଛି। ଲଗାଣ ବର୍ଷା ଯୋଗୁଁ ଯାଜପୁର ଜିଲ୍ଲା ରେ ଦ୍ୱିତୀୟ ଥର ବନ୍ୟା ଆସିଥିବା ବେଳେ ବଡ଼ଚଣା ବ୍ଲକର ବିଭିନ୍ନ ପଞ୍ଚାୟତ ଏବେ ଜଳମଗ୍ନ ହୋଇଥିବାରୁ ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ପରି ସ୍ଥିତିରେ ଫାଉଣ୍ଡେସନର ପ୍ରତିଷ୍ଠାତା ଜୟନ୍ତୀ ସାମଲଙ୍କ ନେତୃତ୍ୱରେ ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ଡଙ୍ଗା ଏବଂ ଗାଡ଼ି ସାହାଯ୍ୟରେ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଖଡ଼ଗପୁର ଗ୍ରାମରେ ବନ୍ୟା ଘେରରେ ଥିବା ପରିବାରଙ୍କ ପାଖରେ ପହଞ୍ଚିବା ସହିତ ସେଠାରେ ଅଟା, ବିସ୍କୁଟ, ସାବୁନ ଆଦି ସାମଗ୍ରୀ ବଣ୍ଟନ କରିଥିଲେ। ଏହି ଅବସରରେ ଫାଉଣ୍ଡେସନର ପ୍ରତିଷ୍ଠାତା ଜୟନ୍ତୀ ସାମଲ କହିଥିଲେକି ବନ୍ୟା ଯୋଗୁଁ ଅନେକ ଲୋକ ମାନେ ଖାଦ୍ୟ ଅଭାବରେ କଷ୍ଟ ପାଉଛନ୍ତି। ସେମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ଆମେ ଆସିଛୁ। ପରିସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଆମର ଏହି ସେବାକାର୍ଯ୍ୟ ଜାରି ରହିବ। ସମାଜର ସମସ୍ତ ଦାତାଙ୍କ ସହଯୋଗରେ ଆମେ ଆହୁରି ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବୁ। ଫାଉଣ୍ଡେସନର ଏହି ସେବାକୁ ସ୍ଥାନୀୟ ଲୋକେ ଓ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରିବା ସହ ଏହା ଅନ୍ୟ ସଂଗଠନ ପାଇଁ ମଧ୍ୟ ପ୍ରେରଣା ସାଜିବ ବୋଲି କହିଛନ୍ତି।

## ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର



**ଚିଲିକା (ଅମୃତ ମିଡ଼ିଆ) :** ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ, ବାଣପୁରର ଦିବ୍ୟଜ୍ୟୋତି ଭବନଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମକୁମାରୀ ସୁଜାତା ମୁଖ୍ୟ ସଞ୍ଚାଳିକା ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ରକ୍ତଦାନ ଶିବିରରେ ଯୁବ ସମାଜସେବୀ ତଥା ବାଣପୁର ବିଜେପି ଯୁବ ସଂଗଠକ ଶ୍ରୀ ଦେବୀ ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବାଣପୁର ବ୍ଲକ ବିରଜା ମଣ୍ଡଳ ସଭାପତି ଶ୍ରୀ ଜିତେନ୍ଦ୍ର କୁମାର ଭୋଳ ଏବଂ ଡାକ୍ତର ଶ୍ରୀ କୃତାର୍ଥ କିଶୋର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।ପ୍ରତିକୂଳ ପାଗ ସତ୍ତ୍ୱେ ରକ୍ତଦାତାମାନଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ଶିବିରରେ ସମୁଦାୟ ୧୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶ୍ରୀ ଭୋଳ ନିଜେ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ଜିଲ୍ଲା ରକ୍ତଭଣ୍ଡାରର ଡାକ୍ତର ଶ୍ରୀ ସୌରଭ ସୁନ୍ଦର ରାୟ, ଶ୍ରୀ ଅରୁଣ କୁମାର ସାହୁ, ଶ୍ରୀ ଅନିରୁଦ୍ଧ ସ୍ୱାଇଁ ଓ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ସହଯୋଗରେ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରରେ ସଂଗ୍ରାମ ଦାସ, ମାମଲି ବାରିକ, କାର୍ତ୍ତିକେଶ୍ୱର ସ୍ୱାଇଁ, ରଶ୍ମିତା ଦାସ, କଳ୍ପନା ଦାସ, ଲିଙ୍ଗରାଜ ମହାରଣା, ମମତା ଆଚାର୍ଯ୍ୟ, ସସ୍ମିତା, ଚିତ୍ତରଞ୍ଜନ ପାଇକରାୟ, ଅନିଲ କୁମାର ସୁବୁଦ୍ଧି, ଗିରିଜା ଶଙ୍କର ସେନାପତି,ସଞ୍ଜୀବ କୁମାର ନାୟକ, ମମତା ମହାନ୍ତି, ନିରଞ୍ଜନ ମୁଦୁଲି, ସୁଧାଂଶୁ ଶେଖର ପ୍ରଧାନ, ଉମାଶଙ୍କର ସାମନ୍ତରାୟ, ସୌରଭ ମହାନ୍ତି ଓ ଶ୍ରୀ ଜିତେନ୍ଦ୍ର କୁମାର ଭୋଳ ପ୍ରମୁଖ ରକ୍ତଦାନ କରିଥିଲେ।ରକ୍ତଦାନ ଭଳି ମହତ୍ କାର୍ଯ୍ୟ ମାଧ୍ୟମରେ ସମାଜରେ ମାନବିକତା ଓ ସେବାର ବାର୍ତ୍ତା ପହଞ୍ଚାଇବା ପାଇଁ ଶ୍ରୀ ଦେବୀ ପ୍ରସାଦ ମିଶ୍ର ଯୁବ ସମାଜକୁ ଆହ୍ୱାନ ଦେଇଥିଲେ।

## ପଞ୍ଚଭୂତରେ ବିଲୀନ କିମ୍ବଦନ୍ତୀ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ



**କଟକ (ବ୍ୟୁରୋ) :** ଓଡ଼ିଆ ସଂଗୀତ ଆକାଶରୁ ଇନ୍ଦ୍ରଧନୁର ସାତରଙ୍ଗ ଲିଭେଇ ଦେଇ ଚିର ବିଦାୟ ନେଇଗଲେ କିମ୍ବଦନ୍ତୀ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ। ଯେଉଁ ସ୍ୱର କେତେ କେତେ ଗୀତକୁ ଅମର କରିଥିଲା, ଆଜି ସେଇ ସ୍ୱରର ସୁରୁଜ ନିଜେ ଅସ୍ତ ହୋଇଯାଇଛନ୍ତି। ୮୮ ବର୍ଷ ବୟସରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ପରପାରିକୁ ଚାଲିଯାଇଛନ୍ତି ଆପଣାର ପ୍ରଣବ ପଟ୍ଟନାୟକ। ଚିକିତ୍ସାଧୀନ ଅବସ୍ଥାରେ ଦିନ ସାଢେ ୧୧ଟାରେ ଜୀବନର ନାଟକରୁ ସବୁଦିନ ପାଇଁ ବିଦାୟ ନେଇଛନ୍ତି ପ୍ରଣବ। ପହିଲି ଭାଦ୍ରବରେ ଶେଷ ଶ୍ରାବଣଙ୍କ ବିଦାୟ ଖବର ଶୁଣୁ ଶୁଣୁ ଡାକ୍ତରଖାନାକୁ ଛୁଟି ଆସିଥିଲେ ଶୁଭେଚ୍ଛୁ, ପ୍ରଶଂସକଙ୍କ ସହିତ ଶହ ଶହ ଆତ୍ମୀୟପରିଜନ। ଅଭିନେତା-ଅଭିନେତ୍ରୀଙ୍କଠୁ ନେତାନେତ୍ରୀଙ୍କ ପର୍ଯ୍ୟନ୍ତ। ପ୍ରଣବ ଦାଙ୍କ ବିୟୋଗରେ ମ୍ରିୟମାଣ ସାରା ଓଡ଼ିଶା। ସୁମଧୁର କଣ୍ଠକୁ ହରାଇଦେଇ କାନ୍ଦ କାନ୍ଦ କାନ୍ଦ ହୋଇପଡ଼ିଛି ପ୍ରତି ଓଡ଼ିଆଙ୍କ କଣ୍ଠ। ଏହାରି ଭିତରେ ଶୋକାକୂଳ ପରିବେଶରେ ତାଙ୍କ ମରଶରୀରକୁ ଭୁବନେଶ୍ୱର ଲୁଇସ୍ ରୋଡ୍ ସ୍ଥିତ ବାସଭବନକୁ ନିଆଯାଇଥିଲା। ଇଏ ସେଠାକାର ଦୃଶ୍ୟ। ଏଠି ବି ଜମିଥିଲା ହଜାର ହଜାର ଲୋକଙ୍କ ଭିଡ଼। ହରେ ନାମ ହରେ କୃଷ୍ଣ ଆମ୍ଭିଆନ୍ନ...କିଏ କାନ୍ଦୁଥିଲା, କିଏ ସ୍ମୃତିକୁ ମନେ ପକାଇ ଲୁହ ଛଳଛଳ ହୋଇଯାଉଥିଲା। ଆଉ କିଏ କୋହକୁ ଜାବୁଡ଼ି ଧରି ଫୁଲମାଳ ଟିଏ ଚଢାଉଥିଲା। ପଡ଼ୋଶୀଙ୍କଠୁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପ୍ରଣବଙ୍କ ଶେଷ ଦର୍ଶନ କରି ଅଲବିଦା ଜଣାଉଥିଲେ। ଶେଷରେ ବନ୍ଧୁ ଓ ପରିବାରଜନଙ୍କ ଉପସ୍ଥିତିରେ ବାସଭବନରେ ଦିଆଯାଇଥିଲା ଗାର୍ଡ ଅଫ୍ ଅନର। ପ୍ରଣବଙ୍କ ଅବର୍ତ୍ତମାନକୁ ଝୁରୁଛି ସାରା ଓଡ଼ିଶା। ତାଙ୍କରି ଗୀତକୁ ଗୁଣୁଗୁଣାଉଛନ୍ତି ବିଦଗ୍ଧ ସଙ୍ଗୀତ ପ୍ରେମୀ। କାଳଜୟୀ କଣ୍ଠସ୍ୱରଙ୍କ ବିୟୋଗରେ ଶୋକବ୍ୟକ୍ତ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସିଏମ୍ କହିଛନ୍ତି, ପ୍ରଣବଙ୍କ ଭଳି ଅତୁଳନୀୟ ସଙ୍ଗୀତ ସାଧକଙ୍କ ଦେହାନ୍ତ ଓଡ଼ିଆ କଳା ଓ ସଂସ୍କୃତି ଜଗତରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି। କିଛି ଗୋଟେ ଗୀତ ଆମ୍ଭିଆନ୍ନ। ଗୀତ ରହିଗଲା...ସ୍ୱର ରହିଗଲା...ସ୍ମୃତି ରହିଗଲା...ହେଲେ ନାୟକ ଜଣକ ଚିରଦିନ ପାଇଁ ବିଦାୟ ନେଇଗଲେ। ତାଙ୍କ ଜୀବନ ନାଟକ ସିନା ସରିଗଲା, ହେଲେ ଏଇ ନାଟକର ପ୍ରତିଟି ସଂଳାପ ପ୍ରତିଟି ଓଡ଼ିଆଙ୍କ ସ୍ମୃତିରେ ଏମିତି ହିଁ ଚାଲୁଥିବ...ଆଉ ପରଦା ପଡ଼ିବା ପରେ ବି ଦୂରରୁ ଶୁଭୁଥିବ, ପ୍ରଣବ ପଟ୍ଟନାୟକଙ୍କ ସେଇ ମଧୁର ସ୍ୱର।

## ଘାଘରାଡିଆ ଗ୍ରାମରେ ସ୍ୱାସ୍ଥ୍ୟଶିବିର

### ଡଙ୍ଗାରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟସେବା



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ପ୍ରବେଶ ଯୋଗୁଁ ଘାଗରା ଗ୍ରାମ ପଞ୍ଚାୟତର ଘାଗରାଡ଼ିଆ ଗ୍ରାମର ୱାର୍ଡ ନଂ-୧, ଅପର ଘାଗରା ୱାର୍ଡ ନଂ-୨ ଓ ୪, କୁଦ ହରିଜନ ସାହି ଏବଂ ଘାଗରା ୱାର୍ଡ ନଂ-୩ ଆଦି ଅଞ୍ଚଳ ପ୍ରଭାବିତ ହୋଇଛି। ଗତ ଜୁଲାଇ ମାସରେ ମଧ୍ୟ ଏହି ଅଞ୍ଚଳଗୁଡ଼ିକ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ଚଳିତ ଅଗଷ୍ଟ ମାସରେ ପୁନର୍ବାର ଏହି ଗ୍ରାମଗୁଡ଼ିକ ପାଣି ଘେରରେ ରହିଛି। ବନ୍ୟା ପରିସ୍ଥିତିରେ ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ ଅଫିସର ଡା. ଶ୍ରୀକାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଘାଗରା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ କରାଯାଇଛି।ଓଡ୍ରାଫ୍ ଟିମ୍ ଦ୍ୱାରା ପରିଚାଳିତ ଡଙ୍ଗା ସହାୟତାରେ ସ୍ୱାସ୍ଥ୍ୟକର୍ମୀମାନେ ବନ୍ୟାଜଳ ଅତିକ୍ରମ କରି ଘାଗରାଡ଼ିଆ ଗ୍ରାମରେ ପହଞ୍ଚି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। କ୍ୟାମ୍ପରେ ଓଆରଏସ୍, ହାଲୋଜେନ୍ ଟାବଲେଟ୍, ଡାଇରିଆ ପ୍ରତିରୋଧକ ଔଷଧ, ଥଣ୍ଡା ଓ ଜ୍ୱର ଔଷଧ ଆଦି ବଣ୍ଟନ କରାଯାଉଛି। ଏଥିସହିତ ରକ୍ତଚାପ, ମଧୁମେହ ଆଦିର ମଧ୍ୟ ପରୀକ୍ଷା କରାଯାଉଛି।ଏହି ସ୍ୱାସ୍ଥ୍ୟ କ୍ୟାମ୍ପରେ ଘାଗରା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରୀତିପୁଷ୍ପା ଜେନା, ମହିଳା ସ୍ୱାସ୍ଥ୍ୟ କର୍ମୀ ଏକାମ୍ରବାସିନୀ ପରିଡ଼ା, ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଭରତ ଚନ୍ଦ୍ର ମାରାଣ୍ଡି, ଆଶା ଶକୁନ୍ତଳା ମଳିକ, ଅଙ୍ଗନୱାଡ଼ି କର୍ମୀ ପୁଷ୍ପଲତା ମଳିକ ଓ ତରଙ୍ଗବାଳା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସେବା ପ୍ରଦାନ କରୁଛନ୍ତି। ଜିଲ୍ଲା ସ୍ତରରୁ ଘାଗରାଡ଼ିଆ ଗ୍ରାମ ସ୍ୱାସ୍ଥ୍ୟ କ୍ୟାମ୍ପ ପରିଦର୍ଶନ କରି ଡାକ୍ତର ସୁକାନ୍ତ କୁମାର ପ୍ରଧାନ, ଡେପୁଟୀ ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଏବଂ ପରାମର୍ଶଦାତା ପ୍ରକାଶ କୁମାର ମଥାନ ଉପସ୍ଥିତ ମାଆ, କିଶୋରୀ ବାଳିକା ଓ ଶିଶୁମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ ପରାମର୍ଶ ପ୍ରଦାନ କରିଥିଲେ।ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ଲକ୍ ପ୍ରୋଗ୍ରାମ ପରିଚାଳିକା ମଞ୍ଜୁଶ୍ରୀ ବିଶ୍ୱାଳ, ବ୍ଲକ୍ ଡାଟା ମ୍ୟାନେଜର ଶୁଭଶ୍ରୀ ଅର୍ପିତା ଜେନା ଏବଂ ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ସୁଶୀଲ କୁମାର ବେହେରା ପ୍ରମୁଖ କ୍ୟାମ୍ପ ପରିଚାଳନାରେ ସହଯୋଗ କରିଥିଲେ। ଘାଗରା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରିୟଦର୍ଶିନୀ ବିଶ୍ୱାଳ ଏବଂ ତାଙ୍କ ସ୍ୱାମୀ ଅଜିତ ପରିଡ଼ା ମଧ୍ୟ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମରେ ସହଯୋଗ କରିଆସୁଛନ୍ତି। ବନ୍ୟା ଭଳି ଦୁର୍ଗମ ପରିସ୍ଥିତିରେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ନିଷ୍ଠାର ସହ ଲୋକଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟସେବା, ଔଷଧ ଓ ଆବଶ୍ୟକ ପରାମର୍ଶ ପ୍ରଦାନ କରୁଥିବାରୁ ପ୍ରଭାବିତ ଅଞ୍ଚଳବାସୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି।

### ରେଡିଓଗ୍ରାଫରଙ୍କୁ ଡାକ୍ତରଙ୍କ ଆକ୍ରମଣ ଘଟଣା

# ରୋଗୀଙ୍କ ଏକ୍ସରେ ବନ୍ଦ କରି ଧାରଣାରେ କର୍ମଚାରୀ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏକ୍ସରେ ରୁମ୍‌ରେ କାର୍ଯ୍ୟରତ ଜୁନିୟର ରେଡିଓ ଗ୍ରାଫର ସତ୍ୟବ୍ରତ ରାଉତଙ୍କୁ ଡାକ୍ତର ରଙ୍କନିଧି ବେହେରା ଆକ୍ରମଣ କରିବା ସହ ଏକ୍ସରେ ମେସିନ୍‌ରେ ବ୍ୟବହୃତ କ୍ୟାସେଟ୍ ଭାଙ୍ଗି ଦେଇଥିଲେ। ରେଡିଓ ଗ୍ରାଫରଙ୍କୁ ମାଡ଼ ମାରୁଥିବା ବେଳେ କର୍ମଚାରୀ ଜଣଙ୍କ ମୋବାଇଲରେ ଭିଡିଓ ଉତ୍ତୋଳନ କରିବାରୁ ତାଙ୍କ ଠାରୁ ମୋବାଇଲ ଛଡ଼ାଇ ନେଇଥିଲେ ଡାକ୍ତର ବେହେରା। ଏଠାରେ ସୂଚନାଯୋଗ୍ୟ ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏକ୍ସରେ ରୁମ୍‌ରେ ଶୁକ୍ରବାର ରାତିରେ ରେଡିଓ ଗ୍ରାଫର ସତ୍ୟବ୍ରତ ରାଉତ ଓ ଡା. ରଙ୍କନିଧି ବେହେରା ଡ୍ୟୁଟିରେ ଥିଲେ। ରାତି ପ୍ରାୟ ୪ଟାରେ ଜଣେ ରୋଗୀ ଏକ୍ସରେ କରିବାକୁ ଆସିଥିବା ବେଳେ ଏକ୍ସରେ ରୁମ୍ କବାଟ ବାଡେଇଥିଲେ। ୧୫ମିନିଟ୍ ପରେ କର୍ମଚାରୀ ଜଣଙ୍କ କବାଟ ଖୋଲିବା ପରେ ରୋଗୀଙ୍କ ଏକ୍ସରେ କରିଥିଲେ। ଏହା ପରେ ହଠାତ୍ ଡା. ରଙ୍କନିଧି ବେହେରା ଏକ୍ସରେ ରୁମ୍‌କୁ ଆସି କର୍ମଚାରୀ ଜଣଙ୍କୁ କାହିଁକି ତମେ ରାତିରେ ଶୋଇଥିଲ କହି ବିଭିନ୍ନ ପ୍ରକାର ଦୁର୍ବ୍ୟବହାର କରିବା ସହ ମାଡ଼ ମାରି ତାଙ୍କ ମୋବାଇଲ ଛଡ଼ାଇ ନେଇ ଫାଣ୍ଡିରେ ଦେଇଦେଇଥିଲେ। ଘଟଣା ସମ୍ପର୍କରେ ରେଡିଓ ଗ୍ରାଫର ତାଙ୍କ ଇନଚାର୍ଜ ମାଡାମଙ୍କୁ ଡାକ୍ତର ତାଙ୍କୁ ମାଡ଼ ମାରିଥିବା ନେଇ ଅବଗତ କରାଇଥିଲେ। ଏହା ପରେ ଇନ୍‌ଚାର୍ଜରେ ଥିବା ଗୀତାଞ୍ଜଳି ଜେନା ସମୟ ପାଖାପାଖି ୪.୩୦ମିନିଟରେ ମେଡିକାଲ ଏଡିଏମଓ ଡା. କିଶୋର ଚନ୍ଦ୍ର ମିଶ୍ରଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଏଡିଏମଓ ଘଟଣାସ୍ଥଳକୁ ହସ୍ପିଟାଲ ମ୍ୟାନେଜରକୁ ପଠାଇବା ପରେ କର୍ମଚାରୀଙ୍କ ଠାରୁ ଡାକ୍ତର ଛଡାଇ ନେଇଥିବା ମୋବାଇଲକୁ ଫାଣ୍ଡିରୁ ଆଣି କର୍ମଚାରୀଙ୍କୁ ଦେଇଥିଲେ। ଏହା ପରେ ସକାଳ ଡ୍ୟୁଟିରେ କର୍ମଚାରୀ ମାନେ ଆସିବା ପରେ ତାଙ୍କ ମେଡିକାଲ ଏଡିଏମ୍‌ଓ ରାଜ୍ୟ ସଂଘକୁ ଏ ବିଷୟରେ ଅବଗତ କରାଇଥିଲେ। ଏହା ପରେ କର୍ମଚାରୀମାନେ ରୋଗୀ ସେବା ବନ୍ଦ କରି ନ୍ୟାୟ ଦାବିରେ ଧାରଣାରେ ବସି ରହିଥିଲେ। ଫଳରେ କିଛି ସମୟ ଧରି ରୋଗୀ ଏକ୍ସରେ କରିବା ପାଇଁ ଅପେକ୍ଷାରେ ବସି ରହିଥିଲେ। ଖବର ପାଇ ସିଡିଏମଓ ଡା. ନମିତା ପଟ୍ଟନାୟକ ମେଡିକାଲରେ ପହଞ୍ଚି ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ କର୍ମଚାରୀ ମାନଙ୍କ ସହ ଆଲୋଚନା କରିବା ସହ ୭୨ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହେବା ସହ କର୍ମଚାରୀମାନେ ରୋଗୀ ସେବା ପୂର୍ବବତ୍ ଜାରି ରଖିଥିଲେ। କର୍ମଚାରୀ ମାନେ ସିଡିଏମଓଙ୍କୁ ଡା. ରଙ୍କନିଧି ବେହେରାଙ୍କ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଦାବିପତ୍ର ଦେଇଥିଲେ। ଅନ୍ୟପକ୍ଷରେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରେଡିଓ ଗ୍ରାଫର ସତ୍ୟବ୍ରତ ରାଉତଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣର ପ୍ରତିବାଦରେ ଅଲ୍ ଓଡିଶା ରେଡିଓ ଗ୍ରାଫର ଆସୋସିଏସନ୍ ସର୍ଭିସ୍ ପକ୍ଷରୁ କେନ୍ଦ୍ରାପଡ଼ାର ସିଡିଏମଓ ଏବଂ ମେଡିକାଲ ସୁପରିଟେଣ୍ଡେଟ୍‌ଙ୍କୁ ସ୍ମାରଣପତ୍ର ଦିଆଯାଇଛି। ରାଜ୍ୟ ସଂଘର ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଉକ୍ତ ଘଟଣାକୁ ଦୃଢ଼ ନିନ୍ଦା କରାଯିବା ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ନହେବା ପାଇଁ ଆଲୋଚନା କରାଯାଇଥିବା ସୂଚନା ଦିଆଯାଇଛି।



### ସିଡିଏମଓଙ୍କ ଆଲୋଚନା ପରେ ସ୍ୱାଭାବିକ ପରିସ୍ଥିତି





# ବେତନଟୀ ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ




**ବେତନଟୀ (ଅମୃତ ମିଡିଆ) :** ଅଗ୍ରଣୀ ସେବା ସଂସ୍ଥା ବେତନଟୀ ରୋଟାରୀ କ୍ଲବର ୧୦ମ ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ବନ୍ଧନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦାୟୀ ସଭାପତି ରୋଟାରୀଆନ ଗିରିଧାରୀ ସାହୁ ସଭାପତିତ୍ୱ କରି ଗତ ବର୍ଷର କ୍ଲବର ଆଭିମୂଖ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ରୋଟାରୀ ଗଭର୍ଣ୍ଣର ୨୦୨୭-୨୮ ରୋଟାରୀଆନ ଇନ୍ଦ୍ରଜିତ ସାହୁ ଯୋଗଦାନ କରି କ୍ଲବର ଉତ୍ତୋରତ୍ତର ଉନ୍ନତି କାମନା କରିବା ସହିତ ବେତନଟୀ ରୋଟାରୀ କ୍ଲବର ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଆସିଷ୍ଟାଣ୍ଟ ଗଭର୍ଣ୍ଣର ୨୦୨୬-୨୭ ଭାସ୍କର ରଞ୍ଜନ ସ୍ୱାଇଁ ନିଜ ଅଭିଭାଷଣରେ ବେତନଟୀ କ୍ଲବର ଏ ବର୍ଷର କାର୍ଯ୍ୟକ୍ରମର ସଂକ୍ଷିପ୍ତ ସୂଚନା ପ୍ରଦାନ କରି ନୂଆ ନୂଆ ଯୋଜନା ହାତକୁ ନେଇ ଆଗକୁ ଯିବାକୁ ଉତ୍ସାହିତ କରିଥିଲେ। ବିଦାୟୀ ସଂପାଦକ ରୋଟାରୀଆନ ରବିନ୍ଦ୍ର ନାଥ ମିଶ୍ର ନିଜ ଅଭିଭାଷଣରେ କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ସହ ସେବା ମନୋବୃତ୍ତି ନେଇ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ତତ୍ପରେ ଏବର୍ଷର ନୂତନ ସଭାପତି ଭାବେ ରୋଟାରୀଆନ ଶ୍ୟାମପ୍ରସାଦ ମଡୁଆଲ ଓ ନୂତନ ସଂପାଦକ ରୂପେ ରୋଟାରୀଆନ ସଞ୍ଜୟ କୁମାର ଭୂୟାଁ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଉଭୟେ କ୍ଲବର ଗଠନମୂଳକ ପଦକ୍ଷେପ ନିମନ୍ତେ ସମସ୍ତ ସଦସ୍ୟମାନଙ୍କୁ ନିବେଦନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଜନମୋହନ ବେହେରା। ଉତ୍ସବରେ ଉଦଳା, ବାରିପଦା, ବାଲେଶ୍ୱର, ଜଳେଶ୍ୱର, ରାଇବଣିଆ ରୋଟାରୀ କ୍ଲବର ସଦସ୍ୟମାନଙ୍କୁ ଉପଢୌକନ ଓ ପୁଷ୍ପଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସଦସ୍ୟ ରୋଟାରୀଆନ ଶଶଧର ପଣ୍ଡା ଆସିଷ୍ଟାଣ୍ଟ ଗଭର୍ଣ୍ଣର ଭାବେ ନିଯୁକ୍ତ ହୋଇଥିବାରୁ ଓ ବେତନଟୀ ରୋଟାରୀ କ୍ଲବରେ ପ୍ରଥମ ଥର ପାଇଁ ଯୋଗ ଦେଇଥିବା ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏବର୍ଷର ନୂତନ ଭାବେ ଗଠିତ କ୍ଲବର କାର୍ଯ୍ୟକର୍ତ୍ତାଙ୍କ ନାମ ସଭାପତି ଘୋଷଣା କରିଥିଲେ। କ୍ଲବର ନୂତନ ସଦସ୍ୟ ଭାବେ ରୋଟାରୀଆନ ଗୁରୁଚରଣ ଭୂୟାଁ ଓ ରୋଟାରୀଆନ ସିଦ୍ଧାର୍ଥ ଅଗ୍ରୱାଲଙ୍କୁ ମୁଖ୍ୟ ଅତିଥି ପିନ ଆପ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ବେତନଟୀ କ୍ଲବର ସଦସ୍ୟ ରୋଟାରୀଆନ ଚାଟାର୍ଡ ପ୍ରେସିଡେଣ୍ଟ ଶୈଳେନ୍ଦ୍ର କୁମାର ଖଣ୍ଡେଲୱାଲ, ସୁନୀଲ ଖଣ୍ଡେଲୱାଲ, ବସନ୍ତ କୁମାର ମହାନ୍ତ, ଶିରିଷ ଚନ୍ଦ୍ର ବାରିକ, ପ୍ରକାଶ କୁମାର ବେହେରା, ଡ଼ା ଚନ୍ଦ୍ରଶେଖର ମହାନ୍ତ, ଓ ବେତନଟୀ ସିଭିଲ ସୋସାଇଟିର ସଦସ୍ୟମାନେ। ଶେଷରେ ପ୍ରାକ୍ତନ ସଭାପତି ରୋଟାରୀଆନ ଭଗିରଥ ପଣ୍ଡିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏକଲବ୍ୟ ବିଦ୍ୟାଳୟରେ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକର ସଚେତନତା ଶିବିର




**ବାରିପଦା (ଅମୃତ ମିଡିଆ) :** ବାରିପଦା ନିକଟସ୍ଥ କୁଳିଅଣା ବ୍ଲକ ଅନ୍ତର୍ଗତ ଏକଲବ୍ୟ ଆବାସିକ ବିଦ୍ୟାଳୟରେ ସିଟିଜେନ୍ସ ହ୍ୟୁମାନ ରାଇଟସ କ୍ଲିନିକ, ବାରିପଦା ଶାଖା ଦ୍ୱାରା ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ଗୌରୀଶଙ୍କରଙ୍କ ଅଧକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ, ଓଡିଶାର କାର୍ଯ୍ୟଜାରୀ ସଚିବ ଓ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ, ବାରିପଦା ଶାଖାର ସଭାପତି ସ୍ୱରୂପ କୁମାର ବଶାଙ୍କ ସମେତ ଦେବାଶିଷ ଦାସ, ଦିଲ୍ଲୀପ କୁମାର ଦାସ ଶର୍ମା, କନିକା ବୋଷ, ମୂର୍ଚ୍ଛନା ଦାସ ପଟ୍ଟନାୟକ, ନମିତା ସେଠି, ଜଗନ୍ନାଥ ମିଶ୍ର, ଗୋକୁଳ ଚନ୍ଦ୍ର ଦାସ, ବିବେକାନନ୍ଦ ପାତ୍ର ଓ ସୁରେଶ ମହାନ୍ତି ପ୍ରମୁଖ ଯୋଗଦେଇ ନାଗରିକର ମୌଳିକ ଅଧିକାର, ଏହାର ସୁରକ୍ଷା ଓ ନାଗରିକର ମୌଳିକ କର୍ତ୍ତବ୍ୟ, ବଜ୍ରପାତ ଜନିତ ଅଘଟଣର ପ୍ରାରମ୍ଭିକ ବିଧି ଓ ସୁରକ୍ଷାର ପଦ୍ଧତି, ସଡକ ସୁରକ୍ଷା, ମୋବାଇଲ ଫୋନର ଅନୁପଯୁକ୍ତ ବ୍ୟବହାରତା, ପଲିଥିନ ବ୍ୟାଗ ମୁକ୍ତ ସମାଜ, ଯାତାୟତ କରିବାର ବିଧି, ଜଳର ଅପଚୟତା, ଆବଶ୍ୟକ ଅନୁଯାଇ ବ୍ୟବହାର ଓ ଭୁତଳ ଜଳ ଭବିଷ୍ୟତ ପାଇଁ ସଂରକ୍ଷିତ ରଖିବାର ଉପାଦେୟତା, ସର୍ପ ଦଂଶନର ପ୍ରାରମ୍ଭିକ ବିଧି ଓ ସୁରକ୍ଷା, ହସ ମାଧ୍ୟମରେ ଶରୀରର ବିକାଶ, ଛାତ୍ରଛାତ୍ରୀ ମାନଙ୍କର ମାନସିକ ବିକାଶ, ସ୍ୱଚ୍ଛତା, ପଠଠ ପଢ଼ିବାର କୌଶଳ ଓ ଗୋଷ୍ଠୀ ମାଧ୍ୟମରେ ଆଲୋଚନା କରିବାର ଉପକାରିତା, ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟର ଆବଶ୍ୟକତା ଓ ସ୍ୱଳ୍ପ ସଂଚୟ କରିବାର ଅଭ୍ୟାସ ଉପରେ ଆଲୋକପାତ କରିଥିଲେ। ଶେଷରେ ବିଦ୍ୟାଳୟ ତରଫରୁ ପଦ୍ମାବତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଓ ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ପରିସରରେ ବୃକ୍ଷ୍ୟ ରୋପଣ କରାଯାଇଥିଲା ଓ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ ତରଫରୁ ଶ୍ରୀ ବଶା ବିଦ୍ୟାଳୟର ଅଧକ୍ଷ, ଶିକ୍ଷକ, ଶିକ୍ଷୟତ୍ରୀ ଓ ସମସ୍ତ କର୍ମଚାରୀ ମାନଙ୍କର ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିବା ସହ ଛାତ୍ରଛାତ୍ରୀ ମାନଙ୍କର ସହନଶୀଳତା ଓ ନିୟମାବର୍ତ୍ତିତଓର ପ୍ରଶଂସା କରିଥିଲେ।

# ଆଶିଷ ରଞ୍ଜନ ଜିଲ୍ଲା ଯୁବ ବିଜେଡି ସଭାପତି



**ଚଣ୍ଡିଖୋଲ (ଅମୃତ ମିଡ଼ିଆ) :** ବଡ଼ଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାଧାଦେଇପୁର ପଂଚାୟତ ବିଦ୍ୟାଧରପୁର ଗାଁର ଆଶିଷରଞ୍ଜନ ଚୌଧୁରୀଙ୍କୁ ଯାଜପୁର ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ନିଯୁକ୍ତି ମିଳିଛି। ଏଥିପୂର୍ବରୁ ସେ ସରପଞ୍ଚ ଭାବେ କାର୍ଯ୍ୟ କରି ବଡ଼ଚଣା ବ୍ଲକ ସରପଞ୍ଚ ସଂଘ ସଭାପତି ମଧ୍ୟ ଥିଲେ ଏବଂ ରାଜ୍ୟ ଛାତ୍ର ବିଜେଡି ଯୁଗ୍ମ ସମ୍ପାଦକ ଥିଲେ। ବିଜେଡି ଦଳରେ ରହି ଅନେକ ପଦପଦବୀରେ ରହି ନିଜର କାର୍ଯ୍ୟ ସମ୍ପାଦନ କରିଛନ୍ତି। ଏହି ଦୃଷ୍ଟିରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଚିଠି ନଂ. ୬୬/ ୨୨.୮.୨୦୨୬ରେ ଶ୍ରୀ ଚୌଧୁରୀଙ୍କୁ ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ନିୟୋଜିତ କରିଛନ୍ତି। ଏହି ନିଯୁକ୍ତି ପରେ ସେ ଦଳ ସଭାପତି ଶ୍ରୀ ପଟ୍ଟନାୟକ, ଉପସଭାପତି ପ୍ରଣବ ପ୍ରକାଶ ଦାସ, ବିଧାୟିକା ପ୍ରମିଳା ମଲ୍ଲିକ୍, ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜନାରାୟନ ମହାପାତ୍ର, ବିଧାୟକ ବିଶ୍ୱରଂଜନ ମଲ୍ଲିକ, ବିଧାୟିକା ସୁଜାତା ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ନୂତନ ଯୁବ ବିଜେଡି ଜିଲ୍ଲା ସଭାପତି ଭାବେ ଶ୍ରୀ ଚୌଧୁରୀଙ୍କୁ ନିଯୁକ୍ତି ମିଳିବା ପରେ ବ୍ଲକ ବିଜେଡି ସଭାପତି ତାପସ ରାୟ, ନିରଞ୍ଜନ ବିଶ୍ୱାଳ, ଦିଲ୍ଲୀପ ସାମଲ, ଜ୍ଞାନରଞ୍ଜନ ସାହୁ, ସଞ୍ଜୟ ସ୍ୱାଇଁ, ସଂଜୀବ ସାମଲ, ପ୍ରକାଶ ପ୍ରଧାନ, ସୁଶାନ୍ତ ନାୟକ, ସତ୍ୟବ୍ରତ ସାମଲ, ପ୍ରଦୀପ୍ତ ମହାନ୍ତି, ସନ୍ତୋଷ ଜେନା, ସତ୍ୟରଞ୍ଜନ ଦାସ, ଜଗନ୍ନାଥ ମୁଦୁଲି, ପ୍ରମୁଖ ତାଙ୍କୁ ଅଭିନନ୍ଦନ ସହ ସ୍ୱାଗତ ଜଣାଇଛନ୍ତି। ତେବେ ଆଗାମି ଦିନରେ ସେ ଦଳର ସମସ୍ତ ଯୁବ ବନ୍ଧୁଙ୍କୁ ନେଇ ସଙ୍ଗଠନ ସଠିକ ଭାବେ ଆଗକୁ ନେବେ ବୋଲି ସୂଚନା ଦେଇଛନ୍ତି।

# କଟକବାସୀଙ୍କୁ ମିଳିବ ନୂଆ ଆମୋଦ କେନ୍ଦ୍ର

## ୧୨ଏକର ପୋଖରୀର ହେବ ନବକଳେବର



**କଟକ (ବ୍ୟୁରୋ) :** ବଦଳିବ କଟକର ଚିତ୍ର। ପୁନରୁଦ୍ଧାର ହେବ କଟକ ସହରର ସବୁଠାରୁ ବଡ଼ ପୋଖରୀ। କେବଳ ପୋଖରୀର ପୁନରୁଦ୍ଧାର ନୁହେଁ, ଏହାର ଚାରିପାଖକୁ ମଧ୍ୟ ଆକର୍ଷଣୀୟ କରାଯିବ। ଏଠାରେ ପାର୍କ, ଓପନ୍ ଜିମ୍, କଲ୍ୟାଣ ମଣ୍ଡପ, ଖାଓ ଗଳି ସହ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା କରାଯିବ। ଫଳରେ ଆଗାମୀ ଦିନରେ ଏହି ସ୍ଥାନ କଟକବାସୀଙ୍କ ପାଇଁ ଏକ ନୂଆ ଆମୋଦ ପ୍ରମୋଦର କେନ୍ଦ୍ର ପାଲଟିବାକୁ ଯାଉଛି। କଟକର ତୁଳସୀପୁର ଅଞ୍ଚଳରେ ଥିବା ପ୍ରାୟ ୧୨ ଏକର ପରିମିତ ଏହି ବୃହତ୍ ପୋଖରୀର ପୁନରୁଦ୍ଧାର କରାଯିବ। ପୋଖରୀ ଚାରିପାଖରେ ଥିବା ପ୍ରାୟ ୧୪ ଏକର ସରକାରୀ ଜାଗାର ମଧ୍ୟ ଉନ୍ନତୀକରଣ କରାଯିବ। ଏହି ଜାଗାରେ ନିର୍ମାଣ ହେବ ଓପନ୍ ଜିମ୍, ପାର୍କ, କଲ୍ୟାଣ ମଣ୍ଡପ ଓ ଖାଓ ଗଳି। ଏହା ସହ ଲୋକଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ମଧ୍ୟ ରହିବ । ସମ୍ପୂର୍ଣ୍ଣ ପ୍ରକଳ୍ପ ପାଇଁ ପ୍ରାୟ ୩୫ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହା ମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୧୦ କୋଟି ଟଙ୍କା ମଞ୍ଜୁର ହୋଇସାରିଛି। ଏହି ଅର୍ଥରେ ବର୍ତ୍ତମାନ ପ୍ରାଥମିକ ନିର୍ମାଣ କାମ ଆରମ୍ଭ ହୋଇଛି। ଆସନ୍ତା ଦେଢ଼ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ପ୍ରକଳ୍ପ କାମ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। କଟକ ସହରରେ ପରିମଳ, ଡ୍ରେନେଜ୍ ଭଳି ସମସ୍ୟାକୁ ନେଇ ଅନେକ ସମୟରେ ଚର୍ଚ୍ଚା ହୋଇଆସିଛି। ତେବେ ଗତ କିଛି ବର୍ଷରେ ନେତାଜୀ ବସ୍ ଟର୍ମିନାଲ, ବକ୍ସ ଡ୍ରେନ୍ ଓ ଫୁଡ୍ କୋର୍ଟ ଭଳି ଅନେକ ଉନ୍ନତିମୂଳକ ପ୍ରକଳ୍ପ ହୋଇଛି। ଏବେ ତୁଳସୀପୁର ଭଳି ଜନଗହଳିପୂର୍ଣ୍ଣ ଅଞ୍ଚଳରେ ବଡ଼ ସରକାରୀ ଜମି ଚିହ୍ନଟ କରି ଏଭଳି ପ୍ରକଳ୍ପ ହାତକୁ ନିଆଯିବାକୁ କଟକବାସୀ ସ୍ୱାଗତ କରିଛନ୍ତି। ଏହା ଆଗାମୀ ଦିନରେ ସହରବାସୀଙ୍କ ପାଇଁ ଏକ ନୂଆ ବିନୋଦନ କେନ୍ଦ୍ର ହେବ ବୋଲି ମତ ପ୍ରକାଶ ପାଇଛି। ପୁରୁଣା ସହରରେ ଦିନକୁ ଦିନ ଜନବସତି ବଢୁଥିବା ବେଳେ ଏହାରି ଭିତରେ ଖାଲି ସରକାରୀ ଜମିକୁ ଚିହ୍ନଟ କରି ଲୋକଙ୍କ ପାଇଁ ବ୍ୟବହାର କରାଯିବା ନିଶ୍ଚିତ ଭାବେ କଟକବାସୀଙ୍କ ପାଇଁ ଏକ ବଡ଼ ଉପହାର ହେବ।

# ହୋ ଭାଷା ଆନ୍ଦୋଳନ ପଦଯାତ୍ରୀ ଦଳଙ୍କୁ ସମ୍ବର୍ଦ୍ଧନା



**ଚଣ୍ଡିଖୋଲ (ଅମୃତ ମିଡ଼ିଆ) :** ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ ଛକଠାରେ ହୋ ଭାଷା ଆନ୍ଦୋଳନ ପଦଯାତ୍ରୀ ଦଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସୂଚନା ମୁତାବକ ଗତ ୧୬ ତାରିଖ ମୟୁରଭଞ୍ଜ ଜିଲ୍ଲା ତିରିଂ ଠାରୁ ଆରମ୍ଭ ହୋଇଥିବା ହୋ ଭାଷା ଆନ୍ଦୋଳନ ଆଜି ଚଣ୍ଡିଖୋଲ ଛକ ଠାରେ ପହଁଚିଛି। ଏହି ହୋ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ସୂଚୀରେ ଅନ୍ତର୍ଭୂକ୍ତ କରାଯିବା ସହିତ ହୋ ଭାଷାକୁ ଓଡିଶା ରାଜ୍ୟରେ ଦ୍ୱିତୀୟ ରାଜ ଭାଷାର ମାନ୍ୟତା ପ୍ରଦାନ କରାଯିବା ଦାବିରେ ଏହି ପଦଯାତ୍ରା ଆରମ୍ଭ ହୋଇଛି। ଅଗଷ୍ଟ ମାସ ୨୪ ତାରିଖ ଦିନ ଏହି ପଦଯାତ୍ରା ଭୁବନେଶ୍ୱର ରାଜଭବନରେ ପହଂଚି ଓଡିଶାର ରାଜ୍ୟପାଳଙ୍କୁ ଏହି ସମ୍ପର୍କୀୟ ଦାବି ପତ୍ର ପ୍ରଦାନ କରାଯିବ। ଏହି ପଦଯାତ୍ରା ଘନଶ୍ୟାମ ପିଙ୍ଗୁଆଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ବେଳେ ଏଥିରେ ଚନ୍ଦ୍ର ମୋହନ ପିଙ୍ଗୁଆ, ସଞ୍ଜୟ ହେମ୍ବ୍ରମ, ତୁରିରାମ ବିରୁଆ, ଗାମାଏ ରିମିଲ ସିଂ ଗୋଇପାଇ, ପିଣ୍ଟୁ ହେମ୍ବ୍ରମ, ସମାଜସେବୀ ସୁକୁଲାଇ ପାଳିଆ, ଦାମୋଦର ପୂର୍ତ୍ତି, କୃଷ୍ଣଚନ୍ଦ୍ର କାରୁଆ, ଜଟିଆ ସାଉୟା, ରାମେଶ୍ୱର କଣ୍ଡାଇକେଲ, ତୁରାମ ହେମ୍ବ୍ରମ, ବଡ ତୁରାମ ହେମ୍ବ୍ରମ, ପ୍ରମୁଖ ସାମିଲ ହୋଇଛନ୍ତି।ଏହି ପଦାଯାତ୍ରା ଦଳ ଚଣ୍ଡିଖୋଲ ଛକରେ ଆଜି ଅପରାହ୍ନ ସମୟରେ ପହଂଚିବା ପରେ ସମିଆଁ ପଞ୍ଚାୟତର ଯୁବ ସଂଗଠକ ବିଜୁ ଚାତାର, କୈଳାଶ ଶିଙ୍କୁ, ସୁର ତିରିଆ, ସଞ୍ଜୟ ବାଙ୍କୀରା ପ୍ରମୁଖ ବନ୍ଧୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ରକ୍ତଦାନ ଶିବିର

ଖୋର୍ଦ୍ଧା (ଅମୃତ ମିଡିଆ) : ଖୋର୍ଦ୍ଧା ସହରର ବ୍ରହ୍ମାକୁମାରୀ ସେବାକେନ୍ଦ୍ର ଗୋଡ଼ିପୋଖରୀ ପରିସରରେ ଏହି ସଂସ୍ଥା ର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦୀ ପ୍ରକାଶମଣୀଙ୍କର ପୁଣ୍ୟ ତିଥି ଉପଲକ୍ଷେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମା କୁମାରୀ ଅନୁରାଧା ଭଉଣୀଙ୍କର ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସକାଳ ୯ ଘଟିକା ସମୟରେ ପତଞ୍ଜଳି ଯୋଗ ସମିତି ଖୋର୍ଦ୍ଧା ଜିଲ୍ଲାର ସଭାପତି ସୀତାକାନ୍ତ ପଣ୍ଡା, ଖୋର୍ଦ୍ଧା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସୌରଭ ସୁନ୍ଦର ରାୟ, ଲାବରଟୋରୀ ଟେକ୍ନିସିଆନ ଅରୁଣ କୁମାର ସାହୁ, ନର୍ସିଂ ଅଫିସର ଝାନସୀରାଣୀ ପାତ୍ର, ଝୁନୁଲତା ସାହୁ, ଲକ୍ଷ୍ମୀପ୍ରୀୟା ପ୍ରଧାନ, ବ୍ରହ୍ମାକୁମାର ଜୟକୃଷ୍ଣ ଭାଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍ଘାଟନ କରିଥିଲେ। ବ୍ରହ୍ମାକୁମାରୀ ପୂଜା ଓ ରାକ୍ଷୀ ଭଉଣୀ ସମସ୍ତଙ୍କୁ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୨୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ଖୋର୍ଦ୍ଧା ରକ୍ତ ଭଣ୍ଡାରକୁ ପ୍ରଦାନ କରାଯାଇଥିଲା। ରକ୍ତଦାନ ଏକ ସମାଜ ସେବା ଓ ମହତଦାନ ବୋଲି ସମସ୍ତେ ମତଦାନ କରିଥିଲେ।

# ଇସ୍ପାତ ପ୍ରକଳ୍ପକୁ ନେଇ ଗ୍ରାମସଭା, ଏକର ପିଛା ୨୦ କୋଟି ଦାବି

## ଜିନ୍ଦଲ, ପୋସ୍କୋ ଗ୍ରାମସଭାକୁ ପ୍ରତିରୋଧ ମଞ୍ଚ ପକ୍ଷରୁ ବିରୋଧ

ବାରିପଦା/ସାହାରପଡା (ଅମୃତ ମିଡିଆ) : ବୃହତ୍ତର ଇସ୍ପାତ ପ୍ରକଳ୍ପକୁ ନେଇ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଯମୁନାପଶି ଅଞ୍ଚଳରେ ଅନୁଷ୍ଠିତ ହୋଇଛି ଗୁରୁତ୍ୱପୂର୍ଣ୍ଣ ଗ୍ରାମସଭା। ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରସଙ୍ଗରେ ଗ୍ରାମବାସୀ ନିଜ ଦାବି ଓ ମତାମତ ରଖିଛନ୍ତି। ଜମିର ଉପଯୁକ୍ତ ମୂଲ୍ୟ ନ ମିଳିଲେ ଜମି ଦେବାକୁ ଅସମ୍ମତ ହେବେ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଗ୍ରାମସଭାରେ ଜମି ଅଧିଗ୍ରହଣ, କ୍ଷତିପୂରଣ ଓ ପ୍ରକଳ୍ପ ଯୋଗୁଁ ସ୍ଥାନୀୟ



ଲୋକଙ୍କ ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ଆଲୋଚନା ହୋଇଥିଲା। ଗ୍ରାମବାସୀଙ୍କ ମୁଖ୍ୟ ଦାବି ଭାବେ ଜମିର ଏକର ପ୍ରତି ୨୦ କୋଟି ଟଙ୍କା ମୂଲ୍ୟ ଦାବି କରା ଯାଇଥିବାର ଜଣା ପଡ଼ିଛି। ଗ୍ରାମସଭାରେ ସ୍ଥାନୀୟ ଲୋକଙ୍କ ସହ ପ୍ରଶାସନିକ ଅଧିକାରୀ ଓ ସମ୍ପୃକ୍ତ ପକ୍ଷର ପ୍ରତିନିଧି ମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ପ୍ରକଳ୍ପ ପାଇଁ ଜମି ଦେବା ପୂର୍ବରୁ ଉଚିତ କ୍ଷତିପୂରଣ, ପୁନର୍ବାସ ଓ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେବାକୁ ଗ୍ରାମବାସୀ ମାନେ ଦାବି ରଖିଛନ୍ତି। ତେବେ ଗ୍ରାମବାସୀଙ୍କ ଏହି ବଡ଼ ଦାବି ପରେ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା କେଉଁ ଦିଗକୁ ଯିବ, ତାହାକୁ ନେଇ ଏବେ ସମସ୍ତଙ୍କ ନଜର। ଆଗାମୀ ଦିନରେ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ଏହାର ସମାଧାନ ବାହାରିବ ବୋଲି ଆଶା କରାଯାଉଛି। ଜିନ୍ଦଲ ପୋସ୍କୋ ଗ୍ରାମସଭାକୁ ପ୍ରତିରୋଧ ମଞ୍ଚ ପକ୍ଷରୁ ବିରୋଧ। ଜିନ୍ଦଲ ପୋସ୍କୋ ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଚାଲିଥିବା ଗ୍ରାମସଭାକୁ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ଯମୁନାପଶି ସମେତ ବିଭିନ୍ନ ଗ୍ରାମରେ ଗ୍ରାମବାସୀ ରାଲି ଓ ପ୍ରତିବାଦ କରି 'ଭିଟାମାଟି ଛାଡ଼ିବୁ ନାହିଁ' ଏବଂ ଚାଷଜମିରେ ଶିଳ୍ପ ବନ୍ଦ କରିବାକୁ ଦାବି କରିଥିଲେ। ସଭାସ୍ଥଳକୁ ଯିବା ବେଳେ ପୁଲିସ ପ୍ରତିବାଦକାରୀଙ୍କୁ ଅଟକାଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ୨୫ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିବା ଚମ୍ପୁଆ ଏସ୍‌ଡିପିଓ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ୧୨ଟି ମୌଜାରେ ଗ୍ରାମସଭା ସମାପ୍ତ ହୋଇଥିବାର ଜଣାପଡ଼ିଛି।

# ଜେଏନ୍ କଲେଜରେ ନିଶାମୁକ୍ତି ଓ ସାଇବର ସୁରକ୍ଷା ସଚେତନତା ଶିବିର



**ମାହାଙ୍ଗା (ଅମୃତ ମିଡ଼ିଆ) :** ସ୍ଥାନୀୟ ଜବାହରଲାଲ ନେହେରୁ ମହାବିଦ୍ୟାଳୟ ପରିସରରେ ଯୁବ ରେଡ଼କ୍ରସ , ଜାତୀୟ ସେବା ଯୋଜନା ଏବଂ କଟକ ପୋଲିସ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏକ ବିଶେଷ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିଶାମୁକ୍ତ ସମାଜ ଗଠନ, ମହିଳା ସୁରକ୍ଷା, ସାଇବର ଅପରାଧ ରୋକିବା ତଥା ନୂତନ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଫୌଜଦାରୀ ଆଇନ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଦିଲ୍ଲୀପ କୁମାର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ମାହାଙ୍ଗା ଥାନା ଅଧିକାରୀ ଯୁଗଳ କିଶୋର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଯୁବପିଢ଼ି ନିଶା ଦ୍ରବ୍ୟଠାରୁ ଦୂରେଇ ରହିବା ସହ ସମାଜରେ ଶୃଙ୍ଖଳା ରକ୍ଷା କରିବା ଦିଗରେ ଆଗେଇ ଆସିବା ଉଚିତ। ଦେଶରେ ଲାଗୁ ହୋଇଥିବା ନୂତନ ଫୌଜଦାରୀ ଆଇନ ନାଗରିକମାନଙ୍କ ସୁରକ୍ଷା ଓ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ଅଧିକ ସହଜ କରିଛି ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଏଓ ଶ୍ରୀ ସୌମେନ୍ଦ୍ର ପାତ୍ର ଏବଂ ଥାନାର ଅନ୍ୟାନ୍ୟ ଅଧିକାରୀ ପରେଶ କୁମାର କର, ମୁକୁନ୍ଦ ଚାଲାଣ ଓ ରାମଚନ୍ଦ୍ର ମୁଣ୍ଡା ଯୋଗଦେଇ ସାଇବର ଠକାମିରୁ ରକ୍ଷା ପାଇବା, ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର ଏବଂ ଛାତ୍ରୀ ତଥା ମହିଳାମାନଙ୍କ ଆଇନଗତ ସୁରକ୍ଷା ଅଧିକାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ପକ୍ଷରୁ ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ବେହେରା, ଅଧ୍ୟାପକ ବାଇଧର ଦାସ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବିଜୟଲକ୍ଷ୍ମୀ ମିଶ୍ର ଏବଂ ଯୁବ ରେଡ୍କ୍ରସ କାଉନସେଲର ଅଧ୍ୟାପକ ରୁଦ୍ରନାରାୟଣ ଦାଶ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଦାୟିତ୍ୱବାନ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସ୍ୱେଚ୍ଛାସେବୀ ପ୍ରୀତିମୟୀ ପଣ୍ଡା, ଲକି ସାହୁ, ରାକେଶ ବେହେରା, ଅଜିତ କୁମାର ସାହୁ ଓ ଆଲୋକ କୁମାର ଦାସ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

# ଲଗାଣ ବର୍ଷାରେ ବୋରିଗୁମ୍ମା ବେହାଲ

**ଜୟପୁର (ଅମୃତ ମିଡିଆ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା-ଲଗାଣ ବର୍ଷା କାରଣ ରୁ ଫୁଲୁଛି ସିଙ୍ଗାରୀ ନଦୀ। ବି ଜାନୀଗୁଡା ନିକଟରେ କୂଳ ଲଙ୍ଘିଲା ନଦୀ। ମାଟି ଧସେଇ ହୋଲି ନଦୀ କୁଳର ଗୋଟିଏ ଘର ଭୁଶୁଡ଼ିଛି। ଆଉକୁଛି ଘର ଭୁଶୁଡିବା ଭୟ ରହିଛି। ବର୍ଷା ଜାରି ଥିବା କାରଣରୁ ନଦୀ କୁଳିଆ ବସିନ୍ଦାଙ୍କ ଚିନ୍ତା ବଢୁଛି। ଦୁଇ ଦିନର ପ୍ରବଳ ଲଗାଣ ବର୍ଷାରେ ଧୋଇ ନେଇଛି ଆପ୍ରୋଚ୍ ରୋଡ୍ । ତରାଭଟା ଛକରୁ କୁମୁଲି ମଧ୍ୟରେ ଥିବା ନାଳ ଉପରେ ଚାଲିଛି ବ୍ରିଜ୍ ନିର୍ମାଣ । ହେଲେ ବ୍ରିଜ୍ ନିର୍ମାଣ ପୂର୍ବରୁ ଆପ୍ରୋଚ୍ ରୋଡ୍ ନିର୍ମାଣ କରିଥିବା ବେଳେ ଲଗାଣ ବର୍ଷାରେ ବାରମ୍ବାର ତାହା ଧୋଇ ନେଇଛି। ଗତ ଦୁଇ ଦିନ ହେବ ରାସ୍ତା ଉପରେ ପ୍ରାୟ ୩ ଫୁଟ୍‌ରୁ ଅଧିକ ପାଣି ଚାଲୁଥିବାରୁ ଚାରିଚକିଆ ଯାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଛି। ଫଳରେ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ଏହି ରାସ୍ତା ଉପରେ ଥିବା ନାଳ ଉପରେ ବ୍ରିଜ୍ ନିର୍ମାଣ କାମ ଆରମ୍ଭ ହୋଇଛି ହେଲେ ବର୍ଷା ଋତୁରେ ନିର୍ମାଣ କାମ ଆରମ୍ଭ ହେବାରୁ ଏବେ ଦେଖାଦେଇଛି ସମସ୍ୟା। ପ୍ରବଳ ବର୍ଷାରେ ନିର୍ମାଣ



କରାଯାଇଥିବା ଆପ୍ରୋଚ୍ ରୋଡ୍ ବାରମ୍ବାର ବର୍ଷା ପାଣି ରେ ଧୋଇଯାଇଥିବା ବେଳେ ଗତ ଦୁଇ ଦିନ ହେବ ରାସ୍ତା ଉପରେ ପ୍ରାୟ ୩ ଫୁଟ୍ ପାଣି ଚାଲୁଛି। ଲଗାଣ ବର୍ଷା ଜାରି ରହିଲେ ପାଣି ଆହୁରି ବଢ଼ିବା ଆଶଙ୍କା ରହିଛି। ବ୍ରିଜ୍ ନିର୍ମାଣ ସ୍ଥାନ ମଧ୍ୟ ପାଣିରେ ବୁଡ଼ିଯାଇଛି। ରାସ୍ତା ଉପରେ ଜେସିବି ମେସିନ୍ ଓ ଶ୍ରମିକମାନଙ୍କ ରହିବା ସ୍ଥାନ ମଧ୍ୟ ପାଣି ଘେରରେ ରହିଛି। ଏହି ରାସ୍ତା ଦେଇ ନରସିଂହ ମହାବିଦ୍ୟାଳୟ, କିଶୋର ଚନ୍ଦ୍ର ଡିଗ୍ରୀ କଲେଜ୍ ଓ ବୋରିଗୁମ୍ମା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶହ ଶହ ଲୋକ ଯାତାୟାତ କରନ୍ତି। କିନ୍ତୁ ଦୁଇ ଦିନ ହେବ ଯାତାୟାତ ଠପ୍ ହୋଇପଡ଼ିଛି। ସବୁଠାରୁ ବଡ଼ କଥା ହେଉଛି, ବ୍ରିଜ୍ ନିର୍ମାଣ କରୁଥିବା ଠିକା ସଂସ୍ଥା ପକ୍ଷରୁ ଏଠାରେ କୌଣସି ବିପଦସୂଚକ ଫଳକ ଲଗାଯାଇନାହିଁ। ନା ରହିଛନ୍ତି କୌଣସି ସୁରକ୍ଷା କର୍ମଚାରୀ। ରାସ୍ତା ଉପରେ ପାଣି ଚାଲୁଥିବା ସତ୍ତ୍ୱେ କେହି ଯଦି ଆପ୍ରୋଚ୍ ରୋଡ୍ ଭିତରକୁ ପ୍ରବେଶ କରନ୍ତି, ତାଙ୍କୁ ରୋକିବା କିମ୍ବା ଯାନବାହନର ତଦାରଖ କରିବା ପାଇଁ ମଧ୍ୟ କୌଣସି ବ୍ୟବସ୍ଥା ନାହିଁ। ଏହି ରାସ୍ତା ଉପରେ ପାଣି ବଢ଼ିବା ଯୋଗୁଁ କୁମୁଲି ଓ ମୁଞ୍ଜା ପଞ୍ଚାୟତର ଅନେକ ଗାଁର ଲୋକ ବୋରିଗୁମ୍ମା, ଜୟପୁର ଓ କୋରାପୁଟ ଯିବାରେ ସମସ୍ୟା ଭୋଗୁଥିବା ଲକ୍ଷ୍ୟ କରାଯାଇଛି।




## ପରମାନନ୍ଦ ପାଣ୍ଡେ ସ୍ମାରକୀ କପ୍

# ପ୍ରଥମ ଅଲ୍ ଓଡ଼ିଶା ଜେକେଏ କରାଟେ ଚାମ୍ପିୟନ୍‌ସିପ୍-୨୦୨୬ ସମ୍ପନ୍ନ




**ବଡବିଲ (ଅମୃତ ମିଡିଆ) :** ଜେକେଏଡବ୍ଲୁଏଫ୍ ଇଣ୍ଡିଆ ଓଡିଶା ପକ୍ଷରୁ ଆୟୋଜିତ ପରମାନନ୍ଦ ପାଣ୍ଡେ ସ୍ମାରକୀ କପ୍-ପ୍ରଥମ ଅଲ୍ ଓଡିଶା ଜେକେଏ କରାଟେ ଚମ୍ପିୟନ୍‌ସିପ୍-୨୦୨୬ ବଡବିଲସ୍ଥିତ ସେଣ୍ଟ ମେରୀଜ୍ ସ୍କୁଲଠାରେ ସଫଳତାର ସହ ସମ୍ପନ୍ନ ହୋଇଯାଇଛି । ଏହି ଦୁଇଦିନିଆ ଚମ୍ପିୟନ୍‌ସିପ୍‌ରେ ଓଡିଶାର ବିଭିନ୍ନ ଅଞ୍ଚଳରୁ କରାଟେ ପ୍ରତିଯୋଗୀମାନେ ଯୋଗଦେଇ ନିଜର ପ୍ରତିଭା ଓ କ୍ରୀଡା ଦକ୍ଷତା ପ୍ରଦର୍ଶନ କରିଥିଲେ । ଚମ୍ପିୟନ୍‌ସିପ୍‌ରେ ବରିଷ୍ଠ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ବେଲ୍ଟ ପରୀକ୍ଷା ଏବଂ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା । ଅଭିଜ୍ଞ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ପ୍ରଶିକ୍ଷକ ଶିବିରରେ ଅଂଶଗ୍ରହଣକାରୀମାନେ ଜେକେଏ କରାଟେର ବିଭିନ୍ନ କୌଶଳ ଓ ପ୍ରାୟୋଗିକ ଜ୍ଞାନ ହାସଲ କରିଥିଲେ । ବେଲ୍ଟ ପରୀକ୍ଷାରେ ସେମାନଙ୍କର ପ୍ରାୟୋଗିକ ଦକ୍ଷତା ଓ ଜ୍ଞାନର ମୂଲ୍ୟାଙ୍କନ କରାଯାଇଥିଲା । ବିଭିନ୍ନ ବୟସ ଓ ଦକ୍ଷତା ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଯୁବ କରାଟେ ପ୍ରତିଭାମାନେ ଉତ୍ସାହର ସହ ଭାଗ ନେଇ ନିଜର ଶୃଙ୍ଖଳା, ଆତ୍ମବିଶ୍ୱାସ, ନିଷ୍ଠା ଓ କ୍ରୀଡା ମନୋଭାବ ପ୍ରଦର୍ଶନ କରିଥିଲେ । ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଆଦିବାସୀ ବିକାଶ ସମିତିର ପ୍ରତିଷ୍ଠାତା ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଯୋଗଦେଇଥିଲେ । ଏଥି ସହିତ ବଡବିଲ ତହସିଲଦାର ରାକେଶ କୁମାର ପଣ୍ଡା, ବଡବିଲ ସେଣ୍ଟ ମେରୀଜ୍ ସ୍କୁଲର ଉପାଧକ୍ଷ ସିଷ୍ଟର ଅର୍ଚ୍ଚନା ଏବଂ ବିଜେପି ରାଜ୍ୟ ଓବିସି ମୋର୍ଚ୍ଚାର ଆବାହକ ଚନ୍ଦ୍ରଗୁପ୍ତ ପ୍ରସାଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ସମାପନୀ ସମାରୋହରେ ଦେବେନ୍ଦ୍ର ନାଥ ପିଙ୍ଗୁଆ, ସବ୍-ଡିଭିଜନାଲ ପୋଲିସ ଅଫିସର(ଏସ୍‌ଡିପିଓ),ବଡବିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ପ୍ରବେଶ ପାଣ୍ଡେ, ଆର୍ଯ୍ୟ ଆଇରନ୍ ଆଣ୍ଡ୍ ଷ୍ଟିଲ୍ କମ୍ପାନୀ, ନିମ୍ଳାନୀ ମହାନ୍ତ, ସଭାପତି, ରିଙ୍ଗ ଫାଇଟ୍ ଫେଡେରେସନ୍ ଓଡିଶା ଏବଂ ସାଂସଦ ପ୍ରତିନିଧି, ବଡବିଲ-ସମ୍ମାନୀତ ଅତିଥି, ଗଣେଶ୍ୱର ଭୂୟାଁ, ସିନିୟର ମ୍ୟାନେଜର, ଓଡିଶା ମାଇନିଂ କର୍ପୋରେସନ(ଓଏମ୍‌ସି), ଜିଲିଙ୍ଗ, ଆସ୍ଥଲା ସ୍ୱାମୀ ବାର୍ଲା ପ୍ଲାଣ୍ଟ ହେଡ୍, ବ୍ରାହ୍ମଣୀ ରିଭର ପେଲେଟ୍ସ ପ୍ରା. ଲି. ଏବଂ ସଚ୍ଚିଦାନନ୍ଦ ପାଣ୍ଡେ, ସ୍ୱର୍ଗତଃ ପରମାନନ୍ଦ ପାଣ୍ଡେଙ୍କ ସାନ ଭାଇ ଉପସ୍ଥିତ ଥିଲେ । ସ୍ୱର୍ଗତଃ ପରମାନନ୍ଦ ପାଣ୍ଡେଙ୍କ ସ୍ମୃତିରେ ଆୟୋଜିତ ଏହି ଚମ୍ପିୟନ୍‌ସିପ୍‌ର ଉଦ୍ଦେଶ୍ୟ ଥିଲା ଯୁବପୀଢିଙ୍କ ମଧ୍ୟରେ ଜେକେଏ କରାଟେର ପ୍ରଚାର ପ୍ରସାର ସହିତ ଶୃଙ୍ଖଳା, ଶାରିରୀକ ସୁସ୍ଥତା, ଅଧ୍ୟବସାୟ, ଆତ୍ମବିଶ୍ୱାସ ଓ କ୍ରୀଡା ମନୋଭାବର ବିକାଶ କରିବା । ଏହି ଅବସରରେ ସୋମନାଥ ପାଲ ଚୌଧୁରୀ, ଚେୟାରମ୍ୟାନ୍, ଜେକେଏଡବ୍ଲୁଏଫ୍ ଇଣ୍ଡିଆ, ଅରିନ୍ଦମ ସିକଦାର ସେନ୍ସେଇ, ସଦସ୍ୟ, ଜେକେଏଡବ୍ଲୁଏଫ୍ ଇଣ୍ଡିଆ ଟେକ୍ନିକାଲ କମିଟି, ଅନିଲ କୁମାର ସିଂହ, ସଭାପତି, ଜେକେଏଡବ୍ଲୁଏଫ୍ ଇଣ୍ଡିଆ ଓଡିଶା ଏବଂ ସନ୍ଦୀପ ଗୁପ୍ତା, ଉପ-ସଭାପତି, ଜେକେଏଡବ୍ଲୁଏଫ୍ ଇଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ । ଧର୍ମାଂଶୁ ପାଣ୍ଡେ, ସଚିବ, ଜେକେଏଡବ୍ଲୁଏଫ୍ ଇଣ୍ଡିଆ ଓଡିଶା, ଓଡିଶା ଟିମ୍ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ଚମ୍ପିୟନ୍‌ସିପ୍‌ର ଆୟୋଜନ ଓ ସମନ୍ୱୟର ନେତୃତ୍ୱ ନେଇଥିଲେ । ଏହି ସଫଳ ଆୟୋଜନ ଓଡିଶାର ଉଦୀୟମାନ କରାଟେ ପ୍ରତିଭାମାନଙ୍କ ପାଇଁ ଏକ ଉତ୍ତମ ମଞ୍ଚ ସୃଷ୍ଟି କରିବା ସହିତ ରାଜ୍ୟରେ ଜେକେଏ କରାଟେର ବିକାଶକୁ ଆହୁରି ସୁଦୃଢ କରିପାରିଛି ।

# ଟିପିସିଓଡିଏଲ୍ ସୋଲାର ରଥକୁ ଶୁଭାରମ୍ଭ କଲେ ଜିଲ୍ଲାପାଳ



**ଜଗତସିଂହପୁର (ଅମୃତ ମିଡିଆ) :** ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା' ଅଧୀନରେ ରୁଫଟପ୍ ସୋଲାର ସମ୍ପର୍କରେ ସଚେତନତା ବୃଦ୍ଧି ତଥା ଏହାର ବ୍ୟବହାରକୁ ତ୍ୱରାନ୍ୱିତ କରିବା ପାଇଁ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ 'ସୋଲାର ରଥ'ର ଶୁଭାରମ୍ଭ କରାଯାଇଛି । ଟିପିସିଓଡିଏଲ୍‌ର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଜଗତସିଂହପୁର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଜେ. ସୋନାଲ୍ (ଆଇଏଏସ୍) ଏହି ସୋଲାର ରଥକୁ ଉଦ୍ ?ଘାଟନ କରିଥିଲେ । ଏହି ସୋଲାର ରଥ, ଚୟନ କରାଯାଇଥିବା ମଡେଲ ସୋଲାର ଗ୍ରାମଗୁଡ଼ିକ ସମେତ ସମଗ୍ର ଜିଲ୍ଲା ପରିକ୍ରମା କରି ଲୋକମାନଙ୍କୁ ରୁଫଟପ୍ ସୋଲାର, ସରକାରୀ ସବସିଡି, ଯୋଗ୍ୟତା ମାନଦଣ୍ଡ ଏବଂ ସ୍ଥାପନ ପ୍ରକ୍ରିୟା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସୋଲାର ସାଙ୍ଗ ଟିମ ଉପଭୋକ୍ତାମାନଙ୍କ ସହ ସିଧାସଳଖ ଆଲୋଚନା କରି ଘଟଣାସ୍ଥଳରେ ହିଁ ଆବଶ୍ୟକୀୟ ମାର୍ଗଦର୍ଶନ ପ୍ରଦାନ କରିବେ । ପୂର୍ବରୁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଗଠିତ ଜିଲ୍ଲା ସ୍ତରୀୟ କମିଟି ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧୀନରେ ମଡେଲ ସୋଲାର ଗ୍ରାମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ୧୦ଟି ଗ୍ରାମକୁ ଚୟନ କରିଥିଲେ । ଏହି ଗ୍ରାମଗୁଡ଼ିକ ୯୦ ଦିନ ମଧ୍ୟରେ ସର୍ବାଧିକ ସଂଖ୍ୟକ ରୁଫଟପ୍ ସୋଲାର ସ୍ଥାପନ କରିବା ପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିବେ ଏବଂ ବିଜୟୀ ହେଉଥିବା ଗ୍ରାମ ଅକ୍ଷୟ ଶକ୍ତି ବିକାଶ ଅନୁଦାନ ଭାବରେ ୧ କୋଟି ଟଙ୍କାର କେନ୍ଦ୍ରୀୟ ଆର୍ଥିକ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବ । ଏହି ଅବସରରେ ଜେ. ସୋନାଲ୍ (ଆଇଏଏସ୍) କହିଛନ୍ତି ଯେ, "ଏହି ସୋଲାର ରଥ ରୁଫଟପ୍ ସୋଲାର ସମ୍ପର୍କିତ ସଚେତନତାକୁ ସିଧାସଳଖ ଲୋକଙ୍କ ପାଖରେ ପହଞ୍ଚାଇବ ଏବଂ ଅଧିକରୁ ଅଧିକ ପରିବାରକୁ 'ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା'ର ଲାଭ ଉଠାଇବାରେ ସକ୍ଷମ କରିବ । ଏହି ପଦକ୍ଷେପ ଜଗତସିଂହପୁରରେ ଅକ୍ଷୟ ଶକ୍ତିର ବ୍ୟବହାରକୁ ସୁଦୃଢ଼ କରିବା ସହ ନିରନ୍ତର ବିକାଶରେ ସହାୟକ ହେବ । 'ମୋ ଛାତ, ମୋ ସଞ୍ଚୟ', ଗ୍ରାମସଭା ସଚେତନତା କାର୍ଯ୍ୟକ୍ରମ ଏବଂ ସୋଲାର ରଥ ଅଭିଯାନ ଭଳି ପଦକ୍ଷେପ ମାଧ୍ୟମରେ ଟିପିସିଓଡିଏଲ୍ ନିଜର ସେବା ଯୋଗାଣ ଅଞ୍ଚଳରେ ଥିବା ପ୍ରତ୍ୟେକ ପରିବାର ନିକଟରେ ସ୍ୱଚ୍ଛ, ସୁଲଭ ତଥା ଦୀର୍ଘସ୍ଥାୟୀ ସୌର ଶକ୍ତି ସୁବିଧା ପହଞ୍ଚାଇବା କାର୍ଯ୍ୟ ଜାରି ରଖିଛି ।

# ନିଗମ କର୍ମଚାରୀ ମହାସଂଘର ମୁଖପତ୍ର 'ରୌପ୍ୟ ସ୍ମୃତି' ଉନ୍ମୋଚିତ



ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶା ରାଜ୍ୟ ନିଗମ କର୍ମଚାରୀ ମହାସଂଘର ରଜତ ଜୟନ୍ତୀ ଅବସରରେ ପ୍ରକାଶିତ ମୁଖପତ୍ର 'ରୌପ୍ୟ ସ୍ମୃତି'କୁ ଆଜି ଲୋକସେବା ଭବନ ପରିସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ନିଗମ, ସମବାୟ ସଂସ୍ଥା ସ୍ୱୟଂଶାସିତ ଅନୁଷ୍ଠାନ, ଉନ୍ନୟନ କର୍ତ୍ତୃପକ୍ଷ ଓ ବୋର୍ଡ ଆଦିରେ କାର୍ଯ୍ୟରତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା, ସେମାନଙ୍କ ନ୍ୟାୟସଙ୍ଗତ ଦାବି ଏବଂ ଦୀର୍ଘଦିନ ଧରି କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀମାନଙ୍କୁ ସ୍ଥାୟୀ କରିବା ଦାବୀ ସମ୍ପର୍କର ସମବେଦନା ପ୍ରକାଶ କରିଥିଲେ । ମହାସଂଘର ମୁଖ୍ୟ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଶ୍ରୀ ପ୍ରିୟଦର୍ଶୀ ମିଶ୍ର ଏବଂ ମହାସଂଘର ସଭାପତି ଡ଼. ସରୋଜ କାନ୍ତ ମଲ୍ଲିକ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟାର ଶୀଘ୍ର ସମାଧାନ ଏବଂ ନ୍ୟାୟସଙ୍ଗତ ଦାବିଗୁଡ଼ିକ ପ୍ରତି ସକାରାତ୍ମକ ବିଚାର କରିବାକୁ ଅନୁରୋଧ କରିଥିଲେ । ମହାସଂଘର ରଜତ ଜୟନ୍ତୀ ଅବସରରେ ପ୍ରକାଶିତ 'ରୌପ୍ୟ ସ୍ମୃତି' ମୁଖପତ୍ର ମାଧ୍ୟମରେ ନିଗମ ଓ ବିଭିନ୍ନ ସ୍ୱୟଂଶାସିତ ସଂସ୍ଥାର କର୍ମଚାରୀମାନଙ୍କ ଅଧିକାର, ସମସ୍ୟା ଓ ଦାବିଗୁଡ଼ିକୁ ଲୋକଲୋଚନକୁ ଆଣିବା ସହ ସଂଗଠନର ଦୀର୍ଘ ୨୫ ବର୍ଷର ସଂଘର୍ଷ ଓ ସଫଳତାର ସ୍ମୃତିକୁ ସଂରକ୍ଷିତ କରାଯାଇଛି । ମହାସଂଘର ଏହି ପଦକ୍ଷେପକୁ କର୍ମଚାରୀ ମହଲରେ ସ୍ୱାଗତ କରାଯାଇଛି ।

# ସହଜ ଓ ଦ୍ରୁତତର ହେଲା ମୋଟରଯାନ କ୍ଲେମ୍‌ସ

## ପଲିସ୍‌ବଜାର୍‌ର ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ପଲିସୀଧାରକଙ୍କୁ ଆଶ୍ୱସ୍ତି ପ୍ରଦାନ କରୁଛି

**ଭୁବନେଶ୍ୱର (ବ୍ୟୁରୋ) :** ବିଳମ୍ବଜନିତ ଅସୁବିଧା, ବାରମ୍ବାର ଅନୁସରଣ, ସୂଚନାର ଅଭାବ ଏବଂ ମୋଟର ଯାନ ବୀମା ଦାବି (କ୍ଲେମ୍‌ସ୍) ସମୟରେ ଗ୍ୟାରେଜଗୁଡିକୁ ବାରମ୍ବାର ଗସ୍ତ କରିବା ଅସୁବିଧା ଦୂର କରିବାକୁ ପଲିସୀବଜାର ଆସୋର୍ଡ ଡେଲିଭରୀ ପ୍ରୋଗ୍ରାମ (ନିଶ୍ଚିତ ଯୋଗାଣ କାର୍ଯ୍ୟକ୍ରମ) ପ୍ରଚଳନ କରିଛି । ଏହି ସେବା ଅଧୀନରେ ପଲିସୀଧାରକମାନେ ଦାବି ପ୍ରକ୍ରିୟାକରଣ ସମୟରେ ଏକ ଉତ୍ସର୍ଗୀକୃତ ଯୋଗାଯୋଗକାରୀ ବ୍ୟକ୍ତିଙ୍କ ନିକଟରୁ ସହାୟତା, ଯାନବାହନ ମରାମତିର ସମୟବଦ୍ଧ ସମ୍ପୂର୍ଣ୍ଣ ହେବା ଗ୍ୟାରେଣ୍ଟି, ନଗଦ ଅର୍ଥ ବିହୀନ ଦାବି ସମାଧାନ, ମାଗଣା ପିକ୍-ଆଣ୍ଡ-ଡ୍ରପ୍ ସେବା ଏବଂ ମରାମତିର ଅଗ୍ରଗତି ସମ୍ପର୍କରେ ନିୟମିତ ତାଜା ତଥ୍ୟ ଗୋଟିଏ ସ୍ଥାନରେ ପାଉଛନ୍ତି । ଏଥିସହିତ ୫୦,୦୦୦ ଟଙ୍କାରୁ କମ୍ ମାମୁଲି ମରାମତିଗୁଡିକ ସାତଦିନ ମଧ୍ୟରେ ସମ୍ପୂର୍ଣ୍ଣ କରାଯାଉଛି ଏବଂ ମରାମତି କରାଯାଇଥିବା ସମସ୍ତ ବୈଦ୍ୟୁତିକ (ଇଲେକ୍‌ଟ୍ରିକାଲ) ଏବଂ ଯାନ୍ତ୍ରିକ (ମେକାନିକାଲ) ଯନ୍ତ୍ରାଂଶ ଉପରେ ୱାରେଣ୍ଟି ଯୋଗାଇ ଦିଆଯାଉଛି; ଯାହା ସମୁଦାୟ ଦାବି ପ୍ରକ୍ରିୟାକୁ ଦ୍ରୁତତର, ଅଧିକ ସହଜ ଓ ଚାପ-ମୁକ୍ତ କରୁଛି । ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ପ୍ରାୟ ୨୦,୦୦୦ ଗ୍ରାହକଙ୍କୁ ଏକ ଉଚ୍ଚତର ଏବଂ ଭରସାଯୋଗ୍ୟ ଦାବି ସମାଧାନ ଅନୁଭୂତି ଯୋଗାଇ ଦେଇସାରିଛି । ଏହାର ସଫଳତା ଆଧାରରେ ପଲିସୀବଜାର ଏହି ସେବାର ପହଞ୍ଚ ୨୦୨୬ ଜାନୁଆରୀ ଶେଷ ସୁଦ୍ଧା ୨୦୦ ସହରକୁ ସମ୍ପ୍ରସାରିତ କରିଛି । କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମଗ୍ର ଦେଶରେ ପଲିସୀଧାରକମାନେ ଏବେ ସେମାନଙ୍କର ମୋଟର ବୀମା ଦାବିଗୁଡିକ ବିନା ବାଧା ଅଥବା ଅନିଶ୍ଚିତତାରେ ସମାଧାନ କରିବାକୁ ସକ୍ଷମ ହେବେ । ମୋଟର ବୀମା ଦାବିଗୁଡିକର ସମାଧାନ ଅଧିକ ସରଳ, ଅଧିକ ସ୍ୱଚ୍ଛ ଏବଂ ଗ୍ରାହକ-କୈନ୍ଦ୍ରିକ କରି ଗଢିତୋଳିବାକୁ କମ୍ପାନୀ ଏହି ପ୍ରୟାସକୁ ୨୦୨୪ରେ ଆରମ୍ଭ କରିଥିଲା । ଏହି କାର୍ଯ୍ୟକ୍ରମର ସର୍ବବୃହତ ବୈଶିଷ୍ଟ୍ୟ ହେଉଛି ଯେ, ପଲିସୀବଜାର ଜରିଆରେ ମୋଟର ବୀମା କ୍ରୟ କରୁଥିବା ଗ୍ରାହକମାନେ ଦାବି ସମାଧାନ ପ୍ରକ୍ରିୟା ସମୟରେ ଗ୍ୟାରେଜରେ ଜଣେ ଉତ୍ସର୍ଗୀକୃତ ବ୍ୟକ୍ତିଙ୍କ ନିକଟରୁ ସହାୟତା ପ୍ରାପ୍ତ କରିବେ । ଏହି ବ୍ୟକ୍ତି ଗାଡି ପିକ୍‌ଅପ୍ ଠାରୁ ନେଇ ମରାମତି ସମ୍ପୂର୍ଣ୍ଣ ହେବା ଏବଂ ଦାବି ସମାଧାନର ଔପଚାରିକତା ଆଦି ସମୁଦାୟ ପ୍ରକ୍ରିୟା ସମୟରେ ଗ୍ରାହକଙ୍କ ସହିତ ରହିଥାନ୍ତି । ଗ୍ରାହକ ମଧ୍ୟ ମରାମତିର ଅଗ୍ରଗତି ଏବଂ ଦାବିର ସ୍ଥିତାବସ୍ଥା ସମ୍ପର୍କରେ ନିୟମିତ ତାଜା ତଥ୍ୟ ପାଇଥାନ୍ତି । ଯୋଗ୍ୟ ପଲିସୀଧାରକମାନେ ମଧ୍ୟ ଏହି କାର୍ଯ୍ୟକ୍ରମ ଅଧୀନରେ ମାଗଣା ପିକ୍-ଆଣ୍ଡ-ଡ୍ରପ୍ ସେବା ପାଇଥାନ୍ତି । ଏହା ଅର୍ଥ ଏକ ଦାବି କ୍ଷେତ୍ରରେ ଗାଡିକୁ ଗ୍ରାହକଙ୍କ ବାସଭବନ ଅଥବା କୌଣସି ନିର୍ଦ୍ଦିଷ୍ଟ ସ୍ଥାନରୁ ନିଆଯିବା ସହିତ ମରାମତି ପରେ ନିରାପଦରେ ହସ୍ତାନ୍ତର କରାଯାଏ, ଏବଂ ଏହାଦ୍ୱାରା ଗ୍ରାହକମାନେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନହେବେ ତାହା ସୁନିଶ୍ଚିତ କରାଯାଇଥାଏ । ପଲିସୀବଜାର ଜରିଆରେ ମୋଟର ଯାନ ବୀମା କ୍ରୟ କରିଥିବା ଗ୍ରାହକମାନଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମ ସ୍ୱତନ୍ତ୍ର ଭାବରେ ଉଦ୍ଦିଷ୍ଟ । ସ୍ୱଳ୍ପ କାଳ ମଧ୍ୟରେ ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ନିଜକୁ ଏକ ସୁଗମ, ନିର୍ଭରଯୋଗ୍ୟ ଏବଂ ସ୍ୱଚ୍ଛ ଦାବି ସମାଧାନର ମାନକ (ବେଞ୍ଚମାର୍କ) ଭାବରେ ପ୍ରତିଷ୍ଠିତ କରାଇଛି । ସନ୍ଦୀପ ସରାଫ, ବିଜିନେସ୍ ହେଡ, ମୋଟର ଇନ୍‌ସ୍ୟୁରାନ୍ସ ରିନିୱାଲ ଆଣ୍ଡ କଷ୍ଟମର୍ ଏକ୍ସପେରିଏନ୍ସ, ପଲିସୀବଜାର ଡଟ୍ କମ୍ କହିଥିଲେ, "ଆସ୍ୟୋର୍ଡ ଡେଲିଭରୀ ପ୍ରୋଗ୍ରାମ ୨୦୦ ସହରକୁ ସମ୍ପ୍ରସାରିତ କରାଯିବା ମୋଟର ଯାନ ବୀମା ଦାବି ସମାଧାନକୁ ସରଳ କରିବା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି । ଏହି ସେବା ମରାମତିରେ ବିଳମ୍ବ ଏବଂ ତାଜା ତଥ୍ୟର ଅଭାବ ଭଳି ସାଧାରଣ ସମସ୍ୟାଗୁଡିକ ପ୍ରତି ଦୃଷ୍ଟିଦେବା ନିମନ୍ତେ ଡିଜାଇନ କରାଯାଇଛି । ସମୟବଦ୍ଧ ମରାମତି, ନଗଦ ଅର୍ଥ ବିହୀନ ଦାବି ଏବଂ ସମୁଦାୟ ପ୍ରକ୍ରିୟା କାଳରେ ନିରନ୍ତର ସମର୍ଥନ ଗ୍ରାହକ ଅନୁଭୂତିକୁ ପରିବର୍ଦ୍ଧିତ କରୁଛି ।

# ଆଜି ଓୟୁଏଟିର ୬୫ତମ ପ୍ରତିଷ୍ଠା ଦିବସ




**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶାର ଏକମାତ୍ର କୃଷି ବିଶ୍ୱବିଦ୍ୟାଳୟ ଭାବେ ୧୯୬୨ ମସିହାରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ଶିକ୍ଷା, ଗବେଷଣା, ସମ୍ପ୍ରସାରଣ, ଦକ୍ଷତା ବିକାଶ ସହିତ ଓଡ଼ିଶାର କୃଷି ଓ କୃଷକଙ୍କ ସେବାରେ ନିୟୋଜିତ ହେବା ପାଇଁ ପ୍ରତିବଦ୍ଧ । ୬୫ତମ ପ୍ରତିଷ୍ଠା ଦିବସ ଅବସରରେ କୃଷକମାନଙ୍କ ଉନ୍ନତି ସହିତ ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ସାମଗ୍ରିକ ବିକାଶ ପାଇଁ ପ୍ରଯୁକ୍ତି ଭିତ୍ତିକ ପଦକ୍ଷେପକୁ ଆହୁରି ସୁଦୃଢ଼ କରିବାକୁ ବିଶ୍ୱବିଦ୍ୟାଳୟ ସର୍ବଦା ଚେଷ୍ଟିତ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମିଳନୀରେ ଓୟୁଏଟିର ପି କେ ରାଉଳ ସୂଚନା ଦେଇଛନ୍ତି । ସେ କହିଛନ୍ତି ମିଳିତ ଜାତିସଂଘ ପକ୍ଷରୁ ୨୦୨୬ ବର୍ଷକୁ 'ଆନ୍ତର୍ଜାତୀୟ ମହିଳା କୃଷକ ବର୍ଷ' ଭାବେ ପାଳନ କରାଯାଉଥିବା ପରିପ୍ରେକ୍ଷୀରେ ଚଳିତ ବର୍ଷ ଓୟୁଏଟି ପ୍ରତିଷ୍ଠା ଦିବସର ମୁଖ୍ୟ ବିଷୟବସ୍ତୁ ରହିଛି "ସଶକ୍ତ ମହିଳା କୃଷକ ଓ ସ୍ଥାୟୀ କୃଷି-ଖାଦ୍ୟ ପ୍ରଣାଳୀ । ରାଜ୍ୟର ଏକକ କୃଷି ବିଶ୍ୱବିଦ୍ୟାଳୟର ୬୫ତମ ପ୍ରତିଷ୍ଠା ଦିବସ ଅବସରରେ ବିଶ୍ୱବିଦ୍ୟାଳୟ ହାସଲ କରିଥିବା କେତୋଟି ଆଖି ଦୃଶିଆ ସଫଳତା ନିମ୍ନମତେ ଦର୍ଶାଯାଇଛି । ୧. ଶିକ୍ଷା କ୍ଷେତ୍ରରେ ପ୍ରସାର ରାଜ୍ୟରେ କୃଷି ଓ ଆନୁଷଙ୍ଗିକ ଶିକ୍ଷାର ପରିସର ବୃଦ୍ଧି ପାଇଁ ଅଧୀନରେ ୪ଟି ନୂତନ ମହାବିଦ୍ୟାଳୟ ପ୍ରତିଷ୍ଠାକୁ ସରକାର ଅନୁମୋଦନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଓ ବଲାଙ୍ଗିର ଜିଲ୍ଲାରେ ଦୁଇଟି କୃଷି ମହାବିଦ୍ୟାଳୟ, ସମ୍ବଲପୁରର ଚିପିଲିମାଠାରେ ପଶୁଚିକିତ୍ସା ପଶୁପାଳନ ମହାବିଦ୍ୟାଳୟ ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ସ୍ଥାପନ କରାଯିବ । ମୟୂରଭଞ୍ଜ କୃଷି ମହାବିଦ୍ୟାଳୟ ପାଇଁ ୨୪ଟି ଶିକ୍ଷକ ଓ ୫୩ଟି ଅଣଶିକ୍ଷକ ପଦବୀ ଅନୁମୋଦିତ ହୋଇଛି ଏବଂ ଏହି ମହାବିଦ୍ୟାଳୟର ସମସ୍ତ ୬୦ଟି ସିଟରେ ନାମଲେଖା ସରିଛି ସେହିପରି ବିଶ୍ୱବିଦ୍ୟାଳୟର ଆଗାମୀ କାର୍ଯ୍ୟକ୍ରମ ବିଷୟରେ କୁଳପତି ରାଉଳ ସୂଚନା ଦେଇଥିଲେ ।

## ଏମ୍‌ଏମ୍‌ଡିଆର୍ ଆଇନରେ ସଂଶୋଧନ ପ୍ରସଙ୍ଗ

# କଂଗ୍ରେସ ଓ ବିଜେଡି ମିଳିମିଶି ନାଟକ କରୁଛନ୍ତି : ବିରଞ୍ଚି

ଭୁବନେଶ୍ୱର (ବ୍ୟୁରୋ) : ଓଡ଼ିଶାରେ କିଛି ବିରୋଧୀ ଦଳର ନେତାଙ୍କଠାରୁ ଆରମ୍ଭ କରି ଅନ୍ୟ ରାଜନୈତିକ ଦଳର ନେତାମାନେ ବିଭିନ୍ନ ପ୍ରକାର ମିଥ୍ୟା ତଥ୍ୟ ଦେଇ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଏମ୍‌ଏମ୍‌ଡିଆର୍ ୧୯୫୭ ମସିହାରୁ ଯାହା ଚାଲିଆସିଛି, ସେଥିରେ କିଛି ସଂଶୋଧନ କରିବା ପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ସଂସଦରେ ବିଲ୍ ଆଗତ କରାଯାଇଥିଲା, ଯାହା ଅଗଷ୍ଟ ୧୨ ଏବଂ ୧୩ ତାରିଖ ଦିନ ପ୍ରଥମେ ଲୋକସଭା ଏବଂ ପରବର୍ତ୍ତୀ ଅବସ୍ଥାରେ ରାଜ୍ୟସଭାରେ ଗୃହିତ ହେଇସାରିଛି ଏବଂ ମହାମହିମ ରାଷ୍ଟ୍ରପତି ଦସ୍ତଖତ କରିବା ପରେ ବହୁଶୀଘ୍ର ତାହା ଆଇନ୍‌ରେ କାର୍ଯ୍ୟକାରୀ ହେବ । ଖଣି ହେଉଛି ଜାତୀୟ ସମ୍ପତି ଏହାର ସୁବିନିଯୋଗ କରିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଲକ୍ଷ୍ୟ ରଖିଛନ୍ତି । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଢ଼ିବା ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ । ସେହି ବିକଶିତ ଭାରତରେ ଖଣିଜ ସମ୍ପଦର ସଦୁପଯୋଗ ସହ ଭାଲ୍ୟୁ ଆଡେଡ୍ କରିବା ପାଇଁ ଏହି ଚମତ୍କାର ଆଇନ୍ ଅଣାଯାଇଛି । ପୂର୍ବରୁ ଖଣି କର ବ୍ୟବସ୍ଥାରେ ଯେଉଁ ବ୍ୟବସ୍ଥା ଥିଲା ତାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଏହି ଆଇନ ଅଣାଯାଇଛି । ଏହାଦ୍ୱାରା ଓଡ଼ିଶା ସମେତ ସମସ୍ତ ଖଣିଜ ସମ୍ପଦ ପୂର୍ଣ୍ଣ ରାଜ୍ୟ ଏବଂ ସର୍ବୋପରି ଦେଶ ଲାଭବାନ ହେବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ବିରଚି ନାରାୟଣ



ତ୍ରିପାଠୀ କହିଛନ୍ତି । ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ବିରୋଧୀ ଓଡ଼ିଶାକୁ ମିଳୁଥିବା ଲାଭ ବିଷୟରେ ନକହି ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତକର ତଥ୍ୟ ଦେଉଛନ୍ତି । ଜିଏସ୍‌ଟି ଲାଗୁ ସମୟରେ ମଧ ବିରୋଧୀ ଏହି ପ୍ରକାର ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିଲେ । ୨୦୧୬ ମସିହାରେ ଓଡ଼ିଶା ଟ୍ୟାକ୍ସ ଆକାରରେ ପାଖାପାଖି ୧୫,୦୦୦ କୋଟି ଟଙ୍କା ପାଉଥିଲାବେଳେ ଜିଏସ୍‌ଟି ଲାଗୁ କାରଣରୁ ଚଳିତ ବର୍ଷ ୬୦,୯୨୮ କୋଟି ଟଙ୍କା ପାଇଛନ୍ତି । ଏବେ ଏମ୍‌ଏମ୍‌ଡିଆର ଆଇନ୍‌ରେ ହୋଇଥିବା ସଂଶୋଧନ ଉପରେ ମଧ ସେଭଳି ଅପପ୍ରଚାର କରୁଛନ୍ତି । ୨୦୧୪ ମସିହାରେ କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଭାରତୀୟ ଜନତା ପାର୍ଟିର ସରକାର ଆସିବା ପୂର୍ବରୁ ଖଣି ଟିକସ ବାବଦରେ ଓଡ଼ିଶା ସରକାରଙ୍କୁ ପାଖାପାଖି ୫,୦୦୦ କୋଟି ଟଙ୍କା ମିଳୁଥିଲା । କିନ୍ତୁ ୨୦୧୫ରେ ଏମ୍‌ଏମ୍‌ଡିଆର୍ ଆଇନ୍ ସଂଶୋଧନ ହେବା ପରେ ଖଣି ନିଲାମ ଏବଂ ଅନ୍ୟାନ୍ୟ ସୂତ୍ରରୁ ଓଡ଼ିଶା ସରକାର ପାଖାପାଖି ୧୦ ଗୁଣା ଅର୍ଥାତ୍ ୫୦,୦୦୦ କୋଟି ଟଙ୍କା ରାଜସ୍ୱ ଆକାରରେ ପାଉଛନ୍ତି । ୨୦୧୪-୧୫ରେ ଯେତେବେଳେ ଏହି ଆଇନ୍‌ରେ ସଂଶୋଧନ ହୋଇଥିଲା, ସେତେବେଳେ ତତ୍କାଳୀନ ଓଡ଼ିଶା ସରକାର ଏହାକୁ ଘୋର ବିରୋଧ କରିଥଲେ । ଓଡ଼ିଶାର କ୍ଷତି ହେଇଯିବ ବୋଲି ପ୍ରଚାର କରିଥିଲେ । କିନ୍ତୁ ଫଳ ଓଡ଼ିଶା ସପକ୍ଷରେ ଗଲା । ଯେବେଠାରୁ କେନ୍ଦ୍ରରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ଦେଶର ଦାୟିତ୍ୱ ନେଇଛନ୍ତି, ସେବେଠାରୁ କୌଣସି ରାଜ୍ୟର କ୍ଷତି ହେବାକୁ ସେ ଦେଇନାହାନ୍ତି । ବିଶେଷ କରି ପୂର୍ବ ଭାରତ ଏବଂ ଓଡ଼ିଶା ତାଙ୍କ ସମୟରେ ଆର୍ଥିକ ଦୃଷ୍ଟିରୁ ଏବଂ ଅନ୍ୟାନ୍ୟ ସବୁ କ୍ଷେତ୍ରରେ ସବୁଠାରୁ ଅଧିକ ଲାଭବାନ ହୋଇଛି । ଅପରପକ୍ଷେ ବିଜେଡି ସରକାର ଶାସନ ବ୍ୟବସ୍ଥାରେ ଥିଲାବେଳେ ଓଡ଼ିଶାରେ ସବୁଠାରୁ ମହାଦୁର୍ନୀତି ଖଣି ଦୁର୍ନୀତି ହେଇଥିଲା । ଏକଥା ସୁପ୍ରିମକୋର୍ଟର ମାନ୍ୟବର ବିଚାରପତି ଜଷ୍ଟିସ୍ ମଦନ ବି. ଲୋକୁର, ୨୦୧୭ ମସିହାରେ କେସ୍ ନଂ. ଡବଲ୍ୟୁପିସି ୧୧୪/୨୦୧୪, କମ୍‌ନ କଜ୍ ବନାମ୍ ଗର୍ଭରମେଂଟ ଅଫ୍ ଇଣ୍ଡିଆର ଶୁଣାଣି ବେଳେ କହିଥିଲେ । ଆଉ ଆଜି କ'ଣ ପାଇଁ ତତ୍କଳୀନ ମୁଖ୍ୟମନ୍ତ୍ରୀ ଭଦ୍ରଲୋକି ଦେଖେଇ ହେଉଛନ୍ତି ? ଶାହା କମିଶନର ରିପୋର୍ଟ ଅନୁଯାୟୀ ଖଣି ଦୁର୍ନୀତି ଯୋଗୁ ଓଡ଼ିଶା ଯେଉଁ ବ୍ୟାପକ କ୍ଷତିଗ୍ରସ୍ତ ହେଲା ସେଥିପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ନେତୃତ୍ୱାଧୀନ ସରକାର କ'ଣ କରିଛନ୍ତି ତାର ଉତର ଦିଅନ୍ତୁ? ପୂର୍ବରୁ ବିଭିନ୍ନ ରାଜ୍ୟର ସରକାରମାନେ ଟିକସ ନାଁରେ ଅନେକ ପ୍ରକାର କର ଲଗାଉଥିଲେ । ଏହି କରରେ କୌଣସି ସମାନତା ନଥିଲା । ଦେଶରେ ଏହି କର ଉପରେ ଗୋଟିଏ ପ୍ରକାର ସମାନତା ଆଣିବା ପାଇଁ ମୋଦି ସରକାର ଏହି ଆଇନକୁ ସଂଶୋଧନ କରିଛନ୍ତି । ପୂର୍ବରୁ ରାଜ୍ୟମାନେ କର ବାବଦରେ ଯେଉଁ ପ୍ରକାର ସିଧାସଳଖ ୯୦ ପ୍ରତିଶତ ଖଣିଜ ସମ୍ପଦରୁ ପାଇପାରୁଥିଲେ, ଏବେ ମଧ ସେହି ପ୍ରକାର ପାଇପାରିବେ । ଅନ୍ୟାନ୍ୟ ହିସାବକୁ ଦେଖିଲେ ପାଖାପାଖି ୯୬ ପ୍ରତିଶତ ଅର୍ଥ ରାଜ୍ୟମାନେ ପାଇବେ । କେନ୍ଦ୍ର ମାତ୍ର ୪ ପ୍ରତିଶତ ଅର୍ଥ ଯାହା ଆଗରୁ ପାଉଥିଲା ସେଇ ପ୍ରତିଶତ ପାଇବ । ଏହି ଶୃଙ୍ଖଳିତ କର ବ୍ୟବସ୍ଥା ହେଲେ କିଛି ଲୋକଙ୍କର କାହିଁକି ଅସୁବିଧା ହେଉଛି ତାହା ଓଡ଼ିଶାବାସୀ ଜାଣିବାକୁ ଚାହୁଁଛନ୍ତି । ଖଣିଜ ପଦାର୍ଥ ଥିବା ଜମିର ବାର୍ଷିକ ମୂଲ୍ୟ ଉପରେ ୨୦ ପ୍ରତିଶତ ଟିକସ ଆଦାୟ ପାଇଁ ତତ୍କାଳୀନ ବିଜେଡି ସରକାର ୨୦୦୪ ମସିହାରେ ଓରିସେଡ୍ ଆକ୍ଟ ଆଣିଥିଲେ, ୨୦୦୫ ଡିସେମ୍ବର ମାସ ୫ ତାରିଖରେ ଓଡ଼ିଶା ହାଇକୋର୍ଟ ତାକୁ ରଦ୍ଦ କରିଦେଲେ, ସେମାନେ ତା' ପରବର୍ତୀ ଅବସ୍ଥାରେ ପାଖାପାଖି ୧୮ ବର୍ଷ ଧରି କ୍ଷମତାରେ ରହିଲେ ଏବଂ କେବଳ କେସ୍‌କୁ ଗଡ଼େଇ ଚାଲିଲେ ମାତ୍ର ଜିତିବାକୁ ଉଦ୍ୟମ କଲେ ନାହିଁ । ଆଜି ମଧ ସେହି କେସ୍ ଚାଲିଛି । ସେ ସମୟରେ କେନ୍ଦ୍ରରେ କଂଗ୍ରେସର ସରକାର ଥିଲା ଏବଂ କେନ୍ଦ୍ର ସରକାରଙ୍କ ଏକ ପିଏସ୍‌ୟୁ ଏହି କେସ୍ କରିଥିଲା । ଆଜି ସେଇ କଂଗ୍ରେସ ସହ ମିଶି ବିଜେଡି ଯେଉଁ ପ୍ରକାର ନାଟକ କରୁଛି, ଯାହାକୁ ଓଡ଼ିଶାବାସୀ ଗ୍ରହଣ କରିବେ ନାହିଁ । ଏମ୍‌ଏମ୍‌ଡିଆର୍ ଆଇନ୍ ଦ୍ୱାରା ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବରଂ ଲାଭ ହେବ । ଓଡ଼ିଶାରେ ନିବେଶ ଆସିବ । ଖଣିକୁ ଆଧାର କରି ଗଢ଼ିଉଠୁଥିବା ବିଭିନ୍ନ ଶିଳ୍ପ ମଧ ଓଡ଼ିଶାରେ ବିକଶିତ ହେବ, ଯାହାର ଲାଭ ଓଡ଼ିଶାର ଯୁବକମାନେ ପାଇବେ ଓଡ଼ିଶା ସରକାର ମଧ ବିଭିନ୍ନ ପ୍ରକାର କର ଆକାରରେ ଲାଭବାନ ହେବ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ ।

# ବୋଲବମ୍ ଉତ୍ସବ ଅବସରରେ ବାଟମଙ୍ଗଳା ଠାରେ ଆଧାତ୍ମିକ ଭଜନ ସମାରୋହ






















ଅମୃତ ଦୁନିଆ
The Amruta Dunia
RNI No. ODIODI / 2014 / 56157 www.amrutadunia.org

Vol.13, Issue.125, Monday, 24 August 2026, Puri, Pages - 23, Rs. 9/-
ତ୍ରୟୋଦଶ ବର୍ଷ, ସଂଖ୍ୟା-୧୨୫, ସୋମବାର, ୨୪ ଅଗଷ୍ଟ ୨୦୨୬, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

